ISSN-0971-8397

# ଯୋଜନା

ଜୁଲାଇ ୨୦୧୬ | ବିକାଶମୂଳକ ମାସିକ ପତ୍ରିକା | ୨୨/-ଟଙ୍କା

ବିଶେଷାଙ୍କ

## ଜଳ: ଏକ ଅମୂଲ୍ୟ ସମ୍ପଦ

ଅର୍ଥନୈତିକ ବିକାଶରେ ଜଳସମ୍ପଦ ପରିଚାଳନାର ଭୂମିକା

ସଚ୍ଚିଦାନନ୍ଦ ମୁଖାର୍ଜୀ

ଭାରତ ଜଳ ସମୃଦ୍ଧ ହେବାର ଉପାୟ

ଇନ୍ଦିରା ଖୁରାନା

ଜଳସେଚନରେ ସରକାରୀ ନିବେଶ

ସୀମା ବାଠଲା

ବନ୍ୟା ନିୟନ୍ତ୍ରଣପାଇଁ ନଦୀବନ୍ଧ

ଏମ୍.ଏସ୍. ମେନନ

**ଫୋକସ୍**

ସ୍ୱଚ୍ଛ ଗଙ୍ଗା : ପୂର୍ବ ପ୍ରୟାସ ଓ ଭବିଷ୍ୟତ ଯୋଜନା

ଡ. ଭାରତ ଆର. ଶର୍ମା

**ବିଶେଷ ପ୍ରବନ୍ଧ**

ନଦୀ ସଂଯୋଗୀକରଣ ଓ ଉନ୍ନତ ଜଳପରିଚାଳନା

ଡ. ଆର. କେ. ଶିବନାସ୍ନନ

# ବିକାଶର ରୋଡ଼ମ୍ୟାପ୍

## ସ୍ୱଚ୍ଛ 'ଯୁଗ'

ଗଙ୍ଗା ନଦୀ କୂଳରେ ଥିବା ସମସ୍ତ ଗ୍ରାମଗୁଡ଼ିକୁ ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ମୁକ୍ତ କରିବା ପ୍ରୟାସ ଆରମ୍ଭ ହୋଇଛି । ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ୫ଟି ରାଜ୍ୟର ୫୨ଟି ଜିଲ୍ଲାର ୧୯୫୧ଟି ଗ୍ରାମ ପଞ୍ଚାୟତ ଅଧିନରେ ଥିବା ୫୧୬୯ଟି ଗ୍ରାମକୁ ଏହି ପ୍ରୟାସର ବଳୟ ମଧ୍ୟରେ ରଖାଯାଇଛି । ଏଥିପାଇଁ ଏହି ୫ଟି ରାଜ୍ୟକୁ କେନ୍ଦ୍ର ପାନୀୟ ଜଳ ଓ ପରିଚ୍ଛନ୍ନତା ମନ୍ତ୍ରଣାଳୟ, ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଏବଂ ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନଃରୁଦ୍ଧାର ମନ୍ତ୍ରଣାଳୟ ସହାୟତା ଯୋଗାଉଛନ୍ତି ।

ସ୍ୱଚ୍ଛଭାରତ ମିଶନ ଓ ଯୁବଗୋଷ୍ଠୀ ('ଯୁ'ବ)ର ଭୂମିକା ଏବଂ ନମାମୀ ଗଙ୍ଗେ ('ଗ'ଂଗେ)ରୁ ଆନୀତ 'ଯୁ' ଏବଂ 'ଗ'କୁ ନେଇ ଏହି ପ୍ରୟାସକୁ ସ୍ୱଚ୍ଛ 'ଯୁଗ'ର ଆଖ୍ୟା ଦିଆଯାଇଛି ।

ଏହି ୫୨ଟି ଜିଲ୍ଲାରେ ଏଥିପ୍ରତି ଜନସଚେତନତା ସୃଷ୍ଟି ଓ ବ୍ୟବହାର ପରିବର୍ତ୍ତନ ପାଇଁ ଭାରତ ସ୍କାଉଟ୍ ଓ ଗାଇଡ୍, ନେହେରୁ ଯୁବ କେନ୍ଦ୍ର ଓ ଜାତୀୟ ସେବା ଯୋଜନାର ସ୍ୱେଚ୍ଛାସେବୀ ମାନଙ୍କୁ ନିୟୋଜିତ କରାଯାଇଛି । ଏଥିପାଇଁ ପ୍ରତ୍ୟେକ ଜିଲ୍ଲାରେ ଜଣେ ଜଣେ ନୋଡ଼ାଲ ଅଧିକାରୀ ନିଯୁକ୍ତ ହୋଇଛନ୍ତି । ଖୋଲାରେ ମଳତ୍ୟାଗ କରିବା ଅଭ୍ୟାସରୁ ନିବୃତ୍ତ ରହିବା ପାଇଁ ଲୋକଙ୍କୁ ପ୍ରବର୍ତ୍ତାଇବା ବ୍ୟତୀତ, ଗାଁରେ କଠିନ ଓ ତରଳ ବର୍ଜ୍ୟବସ୍ତୁ ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଉଛି । ଏଥିପାଇଁ ସ୍ଥାନୀୟ ପ୍ରଶିକ୍ଷକମାନଙ୍କୁ ଭରଚୁଆଲ ଶ୍ରେଣୀକକ୍ଷ ମାଧ୍ୟମରେ ପ୍ରଶିକ୍ଷିତ କରାଯାଉଛି ।

ପ୍ରଥମ ଏଭଳି ଶ୍ରେଣୀକକ୍ଷ ଆୟୋଜିତ ହୋଇଥିଲା ୨୦୧୬ ମସିହା ଜୁନ୍ ୭ ତାରିଖରେ । ଏଥିରେ ବିହାରର ୧୨ଟି ଜିଲ୍ଲାର ୫୦ଜଣ ସ୍ୱେଚ୍ଛାସେବୀଙ୍କୁ ୫ଦିନ ଧରି ପ୍ରଶିକ୍ଷିତ କରାଯାଇଥିଲା ।

## ଆଫଗାନ୍-ଭାରତ ବନ୍ଧୁତ୍ୱ ବନ୍ଧ

ଗତ ଜୁନ୍ ୪ ତାରିଖ ଦିନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଆଫଗାନିସ୍ଥାନ ରାଷ୍ଟ୍ରପତି ଡ. ଅସରଫ ଘନି, ଏହାକୁ ପଶ୍ଚିମ ଆଫଗାନିସ୍ଥାନର ହେରାଟ୍‌ଠାରେ ମିଳିତ ଭାବେ ଉଦ୍‌ଘାଟନ କରିଛନ୍ତି । ଏହି ପ୍ରକଳ୍ପ ଦ୍ୱାରା ୪୨ ମେଗାୱାଟ୍ ଶକ୍ତି ଉତ୍ପାଦନ ସମେତ ୭୫ ହଜାର ଜମିକୁ ଜଳସେଚିତ ମଧ୍ୟ କରାଯାଇପାରିବ । ଖ୍ରୀଷ୍ଟ-ଏ-ସରିଫ୍ ନଦୀ ଉପରେ ନିର୍ମିତ ଏହି 'ସାଲ୍‌ମା ବନ୍ଧ' ହେଉଛି ଆଫଗାନିସ୍ତାନରେ ଭାରତର ଏକ ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପ ।

# ଯୋଜନା

ତ୍ରୟୋବିଂଶ ବର୍ଷ : ଦଶମସଂଖ୍ୟା : ଜୁଲାଇ ୨୦୧୬

ମୁଖ୍ୟ ସଂପାଦକ ଓ ନିର୍ଦ୍ଦେଶକ: ଦୀପିକା କଛଲ
ସଂପାଦକ ଓ ସହ ନିର୍ଦ୍ଦେଶକ : ଡ. ଗିରୀଶ ଚନ୍ଦ୍ର ଦାଶ

ବ୍ୟବସାୟ ପରିଚାଳନା : ସୂର୍ଯ୍ୟକାନ୍ତ ଶର୍ମା
ଯୁଗ୍ମ ନିର୍ଦ୍ଦେଶକ (ଉତ୍ପାଦନ) : ଭି. କେ. ମିନା

## ଏ ସଂଖ୍ୟାରେ...


| କ୍ର.ସଂ. | ସୃଷ୍ଟି | ସ୍ରଷ୍ଟା | ପୃଷ୍ଠା |
|---|---|---|---|
| ୧. | **ସଂପାଦକୀୟ** | | ୪ |
| ୨. | ଅର୍ଥନୈତିକ ବିକାଶରେ ଜଳ ସଂପଦ ପରିଚାଳନାର ଭୂମିକା | ସଚ୍ଚିଦାନନ୍ଦ ମୁଖାର୍ଜୀ | ୫ |
| ୩. | ଭାରତ ଜଳସମୃଦ୍ଧ ହେବାର ଉପାୟ | ଇନ୍ଦିରା ଖୁରାନା | ୧୦ |
| ୪. | ଜଳସେଚନରେ ସରକାରୀ ନିବେଶ | ସୀମା ବାଠ୍ଲା | ୧୬ |
| ୫. | ବନ୍ୟା ନିୟନ୍ତ୍ରଣ ପାଇଁ ନଦୀବନ୍ଧ | ଏମ୍. ଏସ୍. ମେନନ | ୨୨ |
| ୬. | ପରିଷ୍କାର ଗଂଗା: ପୂର୍ବ ପ୍ରୟାସ ଓ ଭବିଷ୍ୟତ ଯୋଜନା | ଡଃ ଭାରତ ଆର୍. ଶର୍ମା | ୨୭ |
| ୭. | ନଦୀ ସଂଯୋଗକରଣ ଓ ଉନ୍ନତ ଜଳ ପରିଚାଳନା | ଡଃ .ଆର.କେ.ଶିବନାପ୍ପନ | ୩୨ |
| ୮. | ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିରାପଦ ଜଳ | ଏସ୍.କେ. ସରକାର | ୩୯ |
| ୯. | ମହିଳାଙ୍କ ଜଳଜାତନା | ବନ୍ଦନା ଶିବା | ୪୪ |
| ୧୦. | ଜଳ ପ୍ରଦୂଷଣ ଓ ତାର ନିରାକରଣ | ଡକ୍ଟର ଚିତ୍ତରଞ୍ଜନ ଦାସ | ୫୧ |
| ୧୧. | ଓଡ଼ିଶାରେ ବନ୍ୟା ସମସ୍ୟା ଓ ନଦୀ ସଂଯୋଗିକରଣ ଯୋଜନା | ପ୍ରଦୋଷ ପଟ୍ଟନାୟକ | ୫୫ |
| ୧୨. | ଓଡ଼ିଶାରେ ପାରମ୍ପରିକ ଜଳସେଚନ ପ୍ରଣାଳୀ | ଦିଲ୍ଲିପ ସୁବୁଦ୍ଧି | ୬୦ |
| ୧୩. | ଜଳସମ୍ପଦ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ | ଡଃ. ଶରଦ କେ. ଜୈନ | ୬୬ |
| ୧୪. | ଜଳ କ୍ରାନ୍ତି ଅଭିଯାନ | | ୭୦ |
| ୧୫ | ଆପଣ ଜାଣନ୍ତି କି ? | | ୭୨ |
| ୧୬ | ଜଳ ସୁରକ୍ଷା ଆଜିର ଆବଶ୍ୟକତା | | ୭୪ |


*Editor*
**YOJANA (ODIA)**
C/O : Assistant Director, (News)
Regional News Unit,
All India Radio,
Cantonment Road,
Cuttack-753001
Phone : 9437073438
Website : www.publicationsdivision.nic.in
Email : odiayojana@gmail.com
Subscription & Business Queries :
pdjucir@yahoo.co.in
Ph. : 011-26100207

**ଯୋଜନାରେ ପ୍ରକାଶିତ ପ୍ରବନ୍ଧରେ ବ୍ୟକ୍ତ ବିଚାର ଲେଖକଙ୍କ ନିଜସ୍ୱ ଅଟେ । 'ଯୋଜନା' ହେଉଛି ପରିକଳ୍ପନା ଓ ଉନ୍ନୟନର ମାସିକ ମୁଖପତ୍ର । ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ହେଉଥିଲେ ମଧ୍ୟ ଏହାର ପରିସର କେବଳ ସରକାରୀ ଦୃଷ୍ଟିକୋଣ ପ୍ରକାଶନରେ ସୀମାବଦ୍ଧ ନୁହେଁ ।**

## ସମ୍ପାଦକୀୟ

# ଜଳ-ପ୍ରକୃତିର ପ୍ରକୃତ ଶକ୍ତି

ପ୍ରାଚୀନ ଯୁଗରେ ମଧ୍ୟ ଭାରତୀୟମାନେ ଜାଣିଥିଲେ, ଜୀବନ ପାଇଁ ଜଳର ଅପରିହାର୍ଯ୍ୟତା । ପ୍ରାଚୀନ ବିଶ୍ୱାସ ଅନୁଯାୟୀ, ୫ଟି ମୌଳିକ ତତ୍ତ୍ୱକୁ ନେଇ ଏ ବ୍ରହ୍ମାଣ୍ଡର ସୃଷ୍ଟି । ସେଗୁଡ଼ିକ ହେଲା କ୍ଷିତ୍ (ମାଟି), ଆପାହ (ପାଣି), ତେଜ (ଆଲୋକ/ଉଷ୍ଣତା), ମରୁତ (ବାୟୁ) ଏବଂ ବ୍ୟୋମ (ଇଥର/ଶୂନ୍ୟ) । ଋଗ୍‌ବେଦ ଅନୁଯାୟୀ, ଜୀବର ସୃଷ୍ଟି ଜଳ (ଆପହ)ରୁ । ବିଶୁଦ୍ଧ ଜଳକୁ ଦିବ୍ୟଜଳ କୁହାଯାଉଥିଲା । ଏହା ପଛର କାରଣଗୁଡିକ ଥିଲା, ଜଳର ବିଭିନ୍ନ ଗୁଣାବଳୀ- ଶୀତଳ କରିବା (ଶୀତମ୍), ସ୍ୱଚ୍ଛ କରିବା (ସୁଚି), ଶିବମ୍ (ପୌଷ୍ଟିକତତ୍ତ୍ୱରେ ଭରପୁର), ଇଷ୍ଟମ୍ (ସ୍ଫଟିକ) ଏବଂ ବିମଳମ୍ ଲହୁ ସଦ୍‌ଗୁଣମ୍ (କ୍ଷାରୀୟ ସମତୁଲତା) । ଏତଦ୍‌ବ୍ୟତୀତ, ଜଳର ବହୁ ଔଷଧୀୟ ଗୁଣାବଳୀ ମଧ୍ୟ ରହିଛି ବୋଲି ଉଲ୍ଲେଖ ଅଛି । ଭୂପୃଷ୍ଠର ଦୁଇ ତୃତୀୟାଂଶ ଜଳ ଦ୍ୱାରା ଆଚ୍ଛାଦିତ ହୋଇଥିବାବେଳେ, ମାନବ ଶରୀରର ୭୫ଭାଗ ମଧ୍ୟ ଜଳ । ଏଥିରୁ ସୁସ୍ପଷ୍ଟ ଯେ ଜୀବନ ଧାରଣ ପାଇଁ ଜଳ କେତେ ଅପରିହାର୍ଯ୍ୟ । ମାନବ ଜାତିର ଆରମ୍ଭରୁ ହିଁ ଜଳକୁ ନେଇ ସଭ୍ୟତାର ବିକାଶ ହୋଇଛି । ଜଳ ଉତ୍ସକୁ ନେଇ ବସତି ସ୍ଥାପନ ହୋଇଛି - କୃଷି କାର୍ଯ୍ୟ ହୋଇଛି ।

ଏହି ଅମୂଲ୍ୟ ସମ୍ପଦ ବର୍ତ୍ତମାନ ଆମ ଅର୍ଥନୀତିର ଏକ ଗୁରୁତ୍ୱପୂର୍ଣ୍ଣ ଉପାଦାନ ସାଜିଛି । କୃଷି, ଉଦ୍ୟୋଗ ଓ ଗମନାଗମନ ବ୍ୟତିରେକ, ଜଙ୍ଗଲ ଓ ପରିବେଶ ପାଇଁ ମଧ୍ୟ ଜଳ ଗୁରୁତ୍ୱପୂର୍ଣ୍ଣ । ବର୍ତ୍ତମାନ ମଣିଷ ସେମିତି କରୁନାହିଁ । ନଦୀ, ସମୁଦ୍ର ଓ ମହାସମୁଦ୍ରଗୁଡ଼ିକୁ ଶୋଷଣ କରାଯାଉଛି, ପ୍ରଦୂଷିତ କରାଯାଉଛି । ଫଳସ୍ୱରୂପ, ପୃଥିବୀର ବିଭିନ୍ନ ସ୍ଥାନରେ ଏହା ଏକ ବିରଳ ପଦାର୍ଥ ଭାବେ ବିବେଚିତ ହେଉଛି । ଗ୍ରାମାଞ୍ଚଳରେ ଜଳ ସନ୍ଧାନ ଓ ସଂଗ୍ରହ ପାଇଁ ଅନେକ ପୁରୁଷ କାର୍ଯ୍ୟଦିବସ, ବରଂ ମହିଳା କାର୍ଯ୍ୟାଦିବସର ଅପଚୟ ହେଉଛି । ସହରାଞ୍ଚଳରେ ମଧ୍ୟ ଜଳକୁ ନେଇ ବିବାଦ ଦେଖାଦେଉଛି । ଜଳାଭାବରେ କୃଷିକାର୍ଯ୍ୟ ବ୍ୟାହତ ହେବା ସହିତ, ଚାଷୀ ଆତ୍ମହତ୍ୟା ଘଟଣାମାନ ଘଟୁଛି । ଅନ୍ୟପକ୍ଷରେ, ବର୍ଷ ପରେ ବର୍ଷ ଅତିବୃଷ୍ଟି ଯୋଗୁଁ ବନ୍ୟା ହୋଇ ବହୁ ଧନଜୀବନ ନଷ୍ଟ ହେଉଛି । ଆମ ଅର୍ଥନୀତିର ଏହା ହେଉଛି ଦୁଇ ବିପରାର୍ଥବୋଧକ ଗୁଣ । ତେବେ, ଏଭଳି ସମସ୍ୟାର ଗୁରୁତ୍ୱ ଉପଲବ୍ଧି କରି ବିଶ୍ୱର ବହୁ ବିଶେଷଜ୍ଞ ଜଳ ସଂରକ୍ଷଣର ନୂଆ ନୂଆ ଉପାୟ ଚିନ୍ତା କରୁଛନ୍ତି । ସରକାରମାନେ ଜଳ ନୀତି ପ୍ରଣୟନ କରୁଛନ୍ତି । ଜନସାଧାରଣ ଓ ଚାଷୀମାନଙ୍କୁ ବନ୍ୟା ଓ ମରୁଡ଼ିରୁ ରକ୍ଷା କରିବା ପାଇଁ ଭାରତ ସରକାର ନାନାବିଧ ପଦକ୍ଷେପ ନେଉଛନ୍ତି । ପ୍ରଧାନମନ୍ତ୍ରୀ ସିଂଚାଇ ଯୋଜନା ଭଳି କାର୍ଯ୍ୟକ୍ରମ ମାଧ୍ୟମରେ, ଉନ୍ନତ ଜଳସେଚନ ପଦ୍ଧତି ସମ୍ପର୍କରେ ଚାଷୀଙ୍କୁ ସଚେତନ କରାଯାଉଛି । ବର୍ଷାଜଳ ଅମଳ ଓ ବନ୍ୟାଜଳ ପରିଚାଳନା ଉପରେ ମଧ୍ୟ ଗୁରୁତ୍ୱ ପ୍ରଦାନ କରାଯାଉଛି । ଏସବୁ ମୂଳରେ ରହିଛି ଅବଶ୍ୟମ୍ଭାବୀ ଜଳ ସଙ୍କଟର ମୁକାବିଲା ।

ବୃହତ୍ତର ଦୃଷ୍ଟିରୁ, ନଦୀ ସଂଯୋଗୀକରଣ ଦ୍ୱାରା ଜଳର ସୁଷମ ବଣ୍ଟନ ଓ ବନ୍ୟା ଜଳ ସଂରକ୍ଷଣ ସମେତ ବିଦ୍ୟୁତ୍ ଉତ୍ପାଦନ ଓ ଜଳ ସେଚନ ଆଦି କାର୍ଯ୍ୟ ପାଇଁ ନଦୀବନ୍ଧ ନିର୍ମାଣ ହେଉଛି ସମୟୋଚିତ ପଦକ୍ଷେପ । 'ନମାମୀ ଗଙ୍ଗେ' ଏବଂ ଯମୁନା କାର୍ଯ୍ୟ ଯୋଜନା ଭଳି ପ୍ରକଳ୍ପ ଦ୍ୱାରା କ୍ଷୟ ପ୍ରାୟ ଓ ଅବଲୁପ୍ତ ପ୍ରାୟ ନଦୀ ଗୁଡ଼ିକର ପୁନରୁଦ୍ଧାର ପାଇଁ ପ୍ରଚେଷ୍ଟା ଚାଲିଛି । ଏସବୁ ଦୃଷ୍ଟିରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତା ହେଉଛି ସମୟର ଆହ୍ୱାନ ।

ହିନ୍ଦିରେ ଗୋଟିଏ କଥା ଅଛି :- **'ଜଲ୍ ହେ, ତୋ କଲ୍ ହେ ।'** ଅର୍ଥାତ୍ ଜଳକୁ ନେଇ ହିଁ ଆମର ଭବିଷ୍ୟତ । ତଥାପି, ପ୍ରକୃତିର ଅବଦାନ ଏହି ଜଳକୁ ମଣିଷ ନିର୍ଦ୍ଦୟ ଭାବରେ ଅପବ୍ୟବହାର କରିଚାଲିଛି । ସମୟ ଆସିଛି ସମସ୍ତଙ୍କୁ ସଚେତନ କରିବା ପାଇଁ ଯେ ଜଳଚକ୍ର ଓ ଜୀବନଚକ୍ର ଏକ ଏବଂ ଅଭିନ୍ନ । ତେଣୁ, ଆମକୁ ପ୍ରତ୍ୟେକ ଜଳବିନ୍ଦୁର ସଂରକ୍ଷଣ କରିବା ଆବଶ୍ୟକ ।

# ଅର୍ଥନୈତିକ ବିକାଶରେ ଜଳ ସଂପଦ ପରିଚାଳନାର ଭୂମିକା

**ସଚ୍ଚିଦାନନ୍ଦ ମୁଖାର୍ଜୀ**

**ଭାରତ ଭଳି ଦେଶରେ ଯେଉଁଠି ଏବେ ମଧ୍ୟ ଅଧିକାଂଶ ଲୋକ ଜୀବିକା ଉପାର୍ଜନ ପାଇଁ କୃଷି, ପଶୁପାଳନ, ମାଛଚାଷ ଆଦି ମୌଳିକ ବେଉସା ଉପରେ ନିର୍ଭରଶୀଳ ସେଠାରେ ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଶିଳ୍ପାୟନ ଜନିତ ଅଭିବୃଦ୍ଧି ଏବଂ ବିକାଶ ଦ୍ୱାରା ଲୋକଙ୍କର କୌଣସି ଲାଭ ହେବ ନାହିଁ। ଆର୍ଥିକ ବିକାଶ ନାମରେ ପରିବେଶ ଓ ଜଳସମୂହକୁ ନଷ୍ଟ କରି ଏଭଳି ବିକାଶ କରିବା ଅର୍ଥହୀନ। ବର୍ଦ୍ଧିତ ଜନସଂଖ୍ୟା ସହିତ ବିଭିନ୍ନ ସାମଗ୍ରୀ ଓ ଉପଯୋଗ ପାଇଁ ଲୋକଙ୍କ ଚାହିଦା ଦୃଷ୍ଟିରୁ ଉତ୍ପାଦନ ବଢ଼ାଇବା ବେଳେ ପ୍ରାକୃତିକ ସମ୍ବଳ ଓ ପରିବେଶର ସ୍ୱାସ୍ଥ୍ୟ ପ୍ରତି ନଜର ଦେବାକୁ ପଡ଼ିବ।**

୨୦୦୨-୦୩ ଆର୍ଥିକ ବର୍ଷରୁ ଭାରତ ୭.୨୮ ଶତାଂଶର ଏକ ଉଚ୍ଚ ବାର୍ଷିକ ଅର୍ଥନୈତିକ ଅଭିବୃଦ୍ଧି ହାର ହାସଲ କରିଆସୁଛି। ଏହି ଅଭିବୃଦ୍ଧି ସହ ମନୁଷ୍ୟକୃତ ପୁଂଜି /ସଂବଳ ତଥା ପ୍ରାକୃତିକ ସମ୍ବଳର ଉପଯୋଗ ମଧ୍ୟ ତାଳମିଳାଇ ବଢ଼ିଛି। ସାମଗ୍ରୀ ଓ ସେବା ବ୍ୟତୀତ ଉତ୍ପାଦନ ଓ ଉପଯୋଗ ପ୍ରକ୍ରିୟା ମଧ୍ୟ ବିପୁଳ ଆବର୍ଜନା ଓ ପ୍ରଦୂଷଣ ସୃଷ୍ଟି କରୁଛି ଯାହା ପାଣି, ପବନ ଓ ମାଟିରେ ମିଶି ପରିବେଶକୁ ବିଗାଡୁଛି। ପରିବେଶ ସିଧାସଳଖ ଉପଯୋଗର ମାଧ୍ୟମ ହୋଇଥିବା ବେଳେ ଏହା ମଧ୍ୟ ବର୍ଯ୍ୟବସ୍ତୁ ଓ ପ୍ରଦୂଷଣର କ୍ଷେତ୍ର ପାଲଟିଛି। ପ୍ରଦୂଷଣ ବୋଝର ମାତ୍ରା ଏତେ ବଢ଼ିଯାଇଛି ଯେ ପୃଥିବୀ ତାହାକୁ ଆଉ ପ୍ରାକୃତିକ ପ୍ରକ୍ରିୟାରେ ନିଃଶେଷ କରିବା ଅବସ୍ଥାରେ ନାହିଁ। ଅତଏବେ ଏହି ପ୍ରଦୂଷଣର ପ୍ରଭାବ ସିଧାସଳଖ ଜଳ, ବାୟୁ, ମୃତ୍ତିକା ଓ ସମଗ୍ର ପରିବେଶ ଉପରେ ପଡୁଛି। ଉତ୍ପାଦନ କ୍ଷେତ୍ରରେ ଜାତୀୟ ସ୍ତରରେ ଏବେ ଯେଉଁ ହିସାବ ବ୍ୟବସ୍ଥା ଚାଲିଛି ସେଥିରେ ପରିବେଶଗତ କ୍ଷତିକୁ ବିଚାରକୁ ନିଆଯାଏ ନାହିଁ। ଅତଏବ ଅଭିବୃଦ୍ଧି ପ୍ରକ୍ରିୟାରେ ଭାରତୀୟ ଅର୍ଥନୀତିରେ ପରିବେଶଗତ ଋଣଭାର କେତେ ତାହା ନିର୍ଣ୍ଣୟ କରିବା କଷ୍ଟ। ଅନ୍ୟ କଥାରେ ସାମଗ୍ରିକ ଘରୋଇ ଉତ୍ପାଦନ ବା ଜିଡିପିରେ ପରିବେଶଗତ କ୍ଷୟକ୍ଷତିର ପରିମାଣକୁ ହିସାବକୁ ନିଆଯାଏନାହିଁ। ଏହି ଢଙ୍ଗରେ ଚାଲିଲେ ପାଣି ଓ ପର୍ଯ୍ୟାବରଣ ବିଷୟକ ଉପଯୋଗ ଶେଷରେ ଏମିତି ଏକ ସଂକଟଜନକ ସ୍ଥିତିରେ ପହଞ୍ଚିବ ଯେତେବେଳେ ଉଚ୍ଚ ଅଭିବୃଦ୍ଧି ହାର ହାସଲ କରିବା ସମ୍ଭବ ହେବନାହିଁ। ତେଣୁ ଉତ୍ପାଦନ ସହ ପରିବେଶର ସୁରକ୍ଷା ଓ ଜନସାଧାରଣଙ୍କ ସ୍ୱାସ୍ଥ୍ୟ ମଧ୍ୟରେ ସମନ୍ୱୟ ରକ୍ଷା ଜରୁରୀ। ଉତ୍ପାଦନ ଅନୁସାରେ ପରିବେଶର ସୁରକ୍ଷା ପ୍ରତି ଧ୍ୟାନ ଦିଆ ନଗଲେ ସବୁଠୁ ଅଧିକ କ୍ଷତିଗ୍ରସ୍ତ ହେବ ଜଳ ସଂପଦ। ଜଳ ପ୍ରଦୂଷଣର ସିଧା ପ୍ରଭାବ ସମାଜ ଓ ଜନସ୍ୱାସ୍ଥ୍ୟ ଉପରେ ପଡ଼ିବ ଯାହାର ପରିଣାମ ଅତି ଭୟଙ୍କର ହୋଇପାରେ। ଏଥିରେ ଲୋକେ ବିଭିନ୍ନ ବ୍ୟାଧିରେ ମରିବେ, ପଙ୍ଗୁ ଅବା ଅଥର୍ବ ହେବେ ଏବଂ ପରିବେଶର ଅବକ୍ଷୟ ଘଟି ଲୋକେ ଜୀବିକା ହରାଇବେ। ଅତଏବ ଭାରତ ଭଳି ଦେଶରେ ଯେଉଁଠି ଏବେ ମଧ୍ୟ ଅଧିକାଂଶ ଲୋକ ଜୀବିକା ଉପାର୍ଜନ ପାଇଁ କୃଷି, ପଶୁପାଳନ, ମାଛଚାଷ ଆଦି ମୌଳିକ ବେଉସା ଉପରେ ନିର୍ଭରଶୀଳ ସେଠାରେ ଲୋକଙ୍କ ସ୍ୱାର୍ଥକୁ ଅଗ୍ରାଧିକାର ଦେବା ଆବଶ୍ୟକ। ଶିଳ୍ପାୟନ ଜନିତ ଅଭିବୃଦ୍ଧି ଏବଂ ବିକାଶ ଦ୍ୱାରା ଲୋକଙ୍କର କୌଣସି ଲାଭ ହେବ ନାହିଁ। ଆର୍ଥିକ ବିକାଶ ନାମରେ ପରିବେଶ ଓ ଜଳସମୂହକୁ ନଷ୍ଟ କରି ଏଭଳି ବିକାଶ କରିବା ଅର୍ଥହୀନ। ବର୍ଦ୍ଧିତ ଜନସଂଖ୍ୟା ସହିତ ବିଭିନ୍ନ ସାମଗ୍ରୀ ଓ ଉପଯୋଗ ପାଇଁ ଲୋକଙ୍କ ଚାହିଦା ଦୃଷ୍ଟିରୁ ଉତ୍ପାଦନ ବଢ଼ାଇବା ବେଳେ ପ୍ରାକୃତିକ ସମ୍ବଳ ଓ ପରିବେଶର ସ୍ୱାସ୍ଥ୍ୟ ପ୍ରତି ନଜର

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଦେବାକୁ ପଡ଼ିବ। ଏବେ ଜଳବାୟୁ ପରିବର୍ତ୍ତନ କାରଣରୁ ଭାରତର ଉପକୂଳବର୍ତ୍ତୀ ପ୍ରଦେଶମାନଙ୍କରେ ବସବାସ କରୁଥିବା ପ୍ରାୟ ୩୦ କୋଟି ଲୋକ ସାମୁଦ୍ରିକ ପ୍ଲାବନର ସମ୍ଭାବ୍ୟ ବିପଦ ମଧ୍ୟରେ ଅଛନ୍ତି। ମୌସୁମୀ ବାୟୁର ଅନିୟମିତତା, ଅତିବୃଷ୍ଟି ଓ ଅନାବୃଷ୍ଟି, ତୁଷାର ସ୍ତର ତରଳିବା ଆଦି ଘଟଣା ଆମ ପାଇଁ ଏବେ ନୂଆ ଆହ୍ୱାନ ସୃଷ୍ଟି କରିଛି।

ଜଳ ନିରାପତ୍ତା ଅର୍ଥନୈତିକ ବିକାଶକୁ ପ୍ରଭାବିତ କରିବା ସହ ମଣିଷର ବିକାଶରେ ସହାୟକ ହୋଇଥାଏ। ଏହା ମଧ୍ୟ ବିଭିନ୍ନ କ୍ଷେତ୍ର ଓ ଉଦ୍ୟୋଗ ପାଇଁ ଏକ ସମନ୍ୱିତ ବିକାଶର ଆଧାର ଯୋଗାଏ। ଅତଏବ ସବୁ କ୍ଷେତ୍ରରେ ଜଳ ନିରାପତ୍ତା ତଥା ପରିବେଶ ସୁରକ୍ଷା ପାଇଁ କାର୍ଯ୍ୟକ୍ରମ, ଅର୍ଥନିବେଶର ଅବଶ୍ୟକତା ରହିଛି। ଜଳ କିଛି ଲୋକଙ୍କ ଏକଚାଟିଆ ଅଧିକାରଭୁକ୍ତ ବିଷୟ ନହୋଇ ସାର୍ବଜନୀନ ବ୍ୟବହାର ପାଇଁ ଉଦ୍ଦିଷ୍ଟ ହୋଇ ରହିବା ଆବଶ୍ୟକ। ଏଥିପାଇଁ ଆଇନଗତ ବ୍ୟବସ୍ଥା ମଧ୍ୟ ଜରୁରୀ। ଆହୁରି ମଧ୍ୟ ଅନୁଧ୍ୟାନରୁ ଜଣାପଡ଼ିଛି ଯେ ଆର୍ଥିକ ଅଭିବୃଦ୍ଧି ପାଇଁ ଜଳ ଜନିତ ସମସ୍ୟାର ସମାଧାନ ଏକ ପ୍ରାକ୍ ଆବଶ୍ୟକତା ଭାବେ ଗ୍ରହଣ କରାଯାଉନାହିଁ। ଏହା ଠିକ୍ ନୁହେଁ। ବିକାଶମୂଳକ ଯୋଜନା କାର୍ଯ୍ୟକାରୀ କରିବା ପୂର୍ବରୁ ଦେଶ ସମୂହ ପ୍ରଥମେ ଜଳ ଭିତ୍ତିଭୂମିକୁ ମଜବୁତ୍ କରିବା ପାଇଁ ଆବଶ୍ୟକ ସଂରଚନାଗତ ଓ ଆଇନଗତ ପଦକ୍ଷେପ ନେବା ଉଚିତ। ଏହାଦ୍ୱାରା ଆର୍ଥିକ ବିକାଶରେ ନିରନ୍ତରତା ରକ୍ଷା କରାଯାଇପାରିବ। କ୍ରାନ୍ତୀୟ ଓ ଶୁଷ୍କ ଅଞ୍ଚଳରେ ଅବସ୍ଥିତ ଦେଶମାନେ ଅର୍ଥନୈତିକ ବିକାଶ କାର୍ଯ୍ୟକ୍ରମ ହାତକୁ ନେବା ପୂର୍ବରୁ ପ୍ରଥମେ ଜଳସଂପଦର ବିକାଶ ଏବଂ ପରିଚାଳନା ଉପରେ ଅଗ୍ରାଧିକାର ଦେଉଛନ୍ତି। ଏ କ୍ଷେତ୍ରରେ ବିପୁଳ ଅର୍ଥ ବିନିଯୋଗ, ଆର୍ଥିକ ବିକାଶ ଏବଂ ଜନସ୍ୱାସ୍ଥ୍ୟ ସୁରକ୍ଷାକୁ ପ୍ରୋତ୍ସାହିତ କରୁଛି। ଏହା ଫଳରେ ଅପପୁଷ୍ଟି ଏବଂ ଶିଶୁ ମୃତ୍ୟୁହାର ମଧ୍ୟ ହ୍ରାସ ପାଉଛି।

୨୦୧୬ର ଗ୍ଲୋବାଲ ରିସ୍କ ରିପୋର୍ଟ ଓ ବିଶ୍ୱ ଅର୍ଥନୈତିକ ଫୋରମ ରିପୋର୍ଟ ଅନୁସାରେ ଜଳ ସଂକଟ ବିଶ୍ୱ ପାଇଁ ସବୁଠୁ ବଡ଼ ବିପଦ। ଏହାର ବିପର୍ଯ୍ୟୟ ସୃଷ୍ଟିକାରୀ ବ୍ୟାପକତା ବହୁତ ଅଧିକ। ଜଳାଭାବର ବିଭିନ୍ନ ଦିଗ ରହିଛି। ଭୌତିକ, ଆର୍ଥିକ ଓ ପରିବେଶଗତ କୋଣରୁ ଏହାକୁ ଦେଖାଯାଇପାରେ। ଜନସଂଖ୍ୟା ବୃଦ୍ଧି, କ୍ରମବର୍ଦ୍ଧିଷ୍ଣୁ ସହରାଞ୍ଚଳ, ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି, ଉପଭୋଗ ବା ବ୍ୟାବହାରିକ ଶୈଳୀରେ ପରିବର୍ତ୍ତନ, ଜୀବନଧାରଣର ମାନ ବୃଦ୍ଧି, ଜଳବାୟୁର ଅସ୍ଥିରତା, ଜଳସେଚନରେ ସଂପ୍ରସାରଣ ଓ ପରିବର୍ତ୍ତିତ କୃଷି ପଦ୍ଧତିରେ ଅଧିକ ପାଣିର ବ୍ୟବହାର ଆଦି କାରଣ ଯୋଗୁଁ ଜଳ ସଂପଦ ଉପରେ ଚାପ ଯଥେଷ୍ଟ ବଢ଼ିଯାଇଛି। ମଧୁର ଜଳ ଉତ୍ସ ସୀମିତ। ଏହା ଉପରେ ଅତ୍ୟଧିକ ଚାପ ଏବଂ ଅସଂଯତ ଉପଯୋଗ ଫଳରେ ଜଳାଭାବ କ୍ରମଶଃ ବଡ଼ ସଂକଟ ରୂପ ନେବାରେ ଆଶ୍ଚର୍ଯ୍ୟ ହେବାର କିଛିନାହିଁ। ତେଣୁ ଜଳାଭାବକୁ ସାମାଜିକ, ଆର୍ଥିକ ଓ ପରିବେଶଗତ ବିଚାରରୁ ହିସାବକୁ ନେଇ କାମ କରିବାକୁ ପଡ଼ିବ।

ଭାରତର ଗାଙ୍ଗେୟ ଉପତ୍ୟକାରେ ଜଳର ଉପଲବ୍ଧତା ଓ ବ୍ୟବହାର ମଧ୍ୟରେ ବଡ଼ଧରଣର ବ୍ୟତିକ୍ରମ ରହିଛି। ଏଠାରେ ଜଳର ଉପଲବ୍ଧତା କମ୍ ଥିବାବେଳେ ବ୍ୟବହାର ସର୍ବାଧିକ। ୧୯୯୬ରୁ ୨୦୦୫ମଧ୍ୟରେ ମିଳିଥିବା ତଥ୍ୟ ଅନୁସାରେ ସମଗ୍ର ବିଶ୍ୱରେ ପ୍ରତିବର୍ଷ ଚାରିଶହ କୋଟି ଲୋକ ଅତିକମ୍‌ରେ ଏକମାସ ପ୍ରଚଣ୍ଡ ଜଳକଷ୍ଟ ଭୋଗନ୍ତି। ସେଥିମଧ୍ୟରୁ ଏକଶହ କୋଟି ଭାରତୀୟ। ଆହୁରି ମଧ୍ୟ ସମଗ୍ର ବିଶ୍ୱରେ ୫୦କୋଟି ଲୋକ ବର୍ଷ ତମାମ୍ ଉତ୍କଟ ଜଳକଷ୍ଟର ସମ୍ମୁଖୀନ ହୁଅନ୍ତି। ସେଥିମଧ୍ୟରୁ ୧୮କୋଟି

**୨୦୧୬ର ଗ୍ଲୋବାଲ ରିସ୍କ ରିପୋର୍ଟ ଓ ବିଶ୍ୱ ଅର୍ଥନୈତିକ ଫୋରମ ରିପୋର୍ଟ ଅନୁସାରେ ଜଳ ସଂକଟ ବିଶ୍ୱ ପାଇଁ ସବୁଠୁ ବଡ଼ ବିପଦ। ଏହାର ବିପର୍ଯ୍ୟୟ ସୃଷ୍ଟିକାରୀ ବ୍ୟାପକତା ବହୁତ ଅଧିକ। ଜଳାଭାବର ବିଭିନ୍ନ ଦିଗ ରହିଛି। ଭୌତିକ, ଆର୍ଥିକ ଓ ପରିବେଶଗତ କୋଣରୁ ଏହାକୁ ଦେଖାଯାଇପାରେ। ଜନସଂଖ୍ୟା ବୃଦ୍ଧି, କ୍ରମବର୍ଦ୍ଧିଷ୍ଣୁ ସହରାଞ୍ଚଳ, ଆର୍ଥିକ କାର୍ଯ୍ୟକଳାପ ବୃଦ୍ଧି, ଉପଭୋଗ ବା ବ୍ୟାବହାରିକ ଶୈଳୀରେ ପରିବର୍ତ୍ତନ, ଜୀବନଧାରଣର ମାନ ବୃଦ୍ଧି, ଜଳବାୟୁର ଅସ୍ଥିରତା, ଜଳସେଚନରେ ସଂପ୍ରସାରଣ ଓ ପରିବର୍ତ୍ତିତ କୃଷି ପଦ୍ଧତିରେ ଅଧିକ ପାଣିର ବ୍ୟବହାର ଆଦି କାରଣ ଯୋଗୁଁ ଜଳ ସଂପଦ ଉପରେ ଚାପ ଯଥେଷ୍ଟ ବଢ଼ିଯାଇଛି। ମଧୁର ଜଳ ଉତ୍ସ ସୀମିତ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ମିଳିତ ଜାତିସଂଘର ବିକାଶ ଲକ୍ଷ୍ୟ (୨୦୦୬)ରେ ମଣିଷର ସୁଖସ୍ୱାଛନ୍ଦ୍ୟ ପାଇଁ ସମସ୍ତଙ୍କୁ ନିରାପଦ ପାନୀୟଜଳ ଯୋଗାଣର ସୁବିଧା ଦେବାକୁ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ୨୦୩୦ ସୁଦ୍ଧା ସମସ୍ତଙ୍କୁ ନିରାପଦ ପାନୀୟ ଜଳ ଓ ପରିଚ୍ଛନ୍ନ ପରିବେଶ ଯୋଗାଣର ଲକ୍ଷ୍ୟ ରହିଛି । ପ୍ରଦୂଷିତ ଜଳ ବ୍ୟବହାର କରିବା ଦ୍ୱାରା ଲୋକେ ନାନା ବ୍ୟାଧିରେ ପୀଡ଼ିତ ହେବାର ଆଶଙ୍କା ଥିବାରୁ ଜଳ ଉତ୍ସକୁ ପ୍ରଦୂଷଣମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଗରିବ ଓ ଦୁର୍ବଳ ବର୍ଗର ଲୋକ ଜଳପ୍ରଦୂଷଣ ଓ ଅପରିଚ୍ଛନ୍ନ ପରିବେଶ ଯୋଗୁଁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ସେଥିପାଇଁ ସରକାର ନାନାବିଧ କାର୍ଯ୍ୟକ୍ରମ ଗ୍ରହଣ କରି ଲୋକଙ୍କୁ ନିରାପଦ ପାନୀୟଜଳ ଯୋଗାଇଦେବା ସହ ପରିମଳ ବ୍ୟବସ୍ଥା ଓ ଉତ୍ତମ ଆବାସିକ ପରିବେଶ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି ।**

ଭାରତରେ ବସବାସ କରନ୍ତି । ଏଥିରୁ ଜଳାଭାବର ଭୟାବହତା ସହଜେ ଅନୁମେୟ । କୃଷି କ୍ଷେତ୍ରରେ ଜଳର ବ୍ୟବହାର ସର୍ବାଧିକ । ଅତଏବ ଜଳାଭାବର ପ୍ରଭାବ ଏହି କ୍ଷେତ୍ରରେ ସବୁଠୁ ଅଧିକ ଅନୁଭୂତ ହେବା ସ୍ୱାଭାବିକ । ପାଣି ମିଳିବାର ମାତ୍ରା ବା ପରିମାଣ ଉପରେ କୃଷି ଉତ୍ପାଦନ ନିର୍ଭର କରେ । ଜଳାଭାବ ଯୋଗୁଁ ଫସଲ ଉତ୍ପାଦନ କମିଲେ ଚାଷୀଙ୍କ ଜୀବନ ଜୀବିକା ପ୍ରଭାବିତ ହୋଇଥାଏ । ତେବେ ଏହି ସମସ୍ୟା ସବୁ ଚାଷୀଙ୍କ ପାଇଁ ସମାନ ନୁହେଁ । ଚାଷୀର ଆର୍ଥିକ, ସାମାଜିକ ସ୍ଥିତି, ଜଳଉତ୍ସର ଉପଲବ୍ଧତା ଓ ତାହାର ଉପଯୋଗ, ଚିରୋଟ ସମୟ ପାଇଁ ଜଳ ସଂରକ୍ଷଣର ବ୍ୟବସ୍ଥା ଆଦି ଅନୁସାରେ ଏହି ପ୍ରଭାବ କମ୍ ଅବା ବେଶୀ ଅନୁଭୂତ ହୋଇଥାଏ ।

ଶୁଷ୍କ ତଥା ଜଳାଭାବ ଅଞ୍ଚଳରେ କିପ୍ରକାର ଫସଲ ଚାଷ ପାଇଁ ବଛାଯିବା ଉଚିତ ତାହା ସବୁଠୁ ଗୁରୁତ୍ୱପୂର୍ଣ୍ଣ । ତେଣୁ ବୁଣାବୁଣି ପୂର୍ବରୁ ପାଣିପାଗର ସମ୍ଭାବ୍ୟ ସ୍ଥିତି ସଂପର୍କରେ ଚାଷୀଙ୍କୁ ଆଗୁଆ ସୂଚନା ମିଳିଲେ ସେମାନେ ପାଗପାଳକ ଅନୁସାରେ ଫସଲ ବାଛିବେ । ଏହାଦ୍ୱାରା ଜଳାଭାବ ପରିସ୍ଥିତିର ପ୍ରକୋପ ଚାଷକୁ ଏତେ ବାଧିବ ନାହିଁ । ସବୁଠୁ ବଡ଼କଥା ହେଲା ଲୋକଙ୍କୁ ଜୀବିକାର ଏକାଧିକ ବିକଳ୍ପ ଦେବା । ଯେଉଁମାନେ ଚାଷ ଉପରେ ସଂପୂର୍ଣ୍ଣ ନିର୍ଭର କରୁନାହାନ୍ତି ସେମାନେ ସ୍ୱଳ୍ପ ପାଣି ବା ମରୁଡ଼ିଆ ପାଗ ପାଳକରେ ଭିନ୍ନ କିସମର ଜୀବିକା ଆପଣେଇପାରିବେ ।

କୃଷିକ୍ଷେତ୍ରରୁ ଆୟ କମିଲେ ତାହାର ପ୍ରଭାବ ଅର୍ଥନୀତିର ପ୍ରାୟ ସମସ୍ତ ବିଭାଗକୁ ପ୍ରଭାବିତ କରେ । ଯଦି ମରୁଡ଼ି ପ୍ରଭାବ ଉତ୍କଟ ହେଲା ତା'ହେଲେ ମୁଦ୍ରାସ୍ଫୀତି ବଢ଼ିବା ସହ ଖାଦ୍ୟଶସ୍ୟର ଦାମ ବଢ଼ିଯାଏ । ତେଣୁ ଜଳାଭାବ ଆୟ ବିସମତା ସୃଷ୍ଟି କରିବା ସହ ସେବା ଓ ପ୍ରସ୍ତୁତ ସାମଗ୍ରୀର ଚାହିଦା କମାଏ । ପରିଶେଷରେ ଏହା ଆର୍ଥିକ ମାନ୍ଦାବସ୍ଥା ସୃଷ୍ଟିର କାରଣ ହୁଏ ।

ମାନୁଫାକଚରିଙ୍ଗ ଓ ସର୍ଭିସ ସେକ୍ଟର ଉପରେ ଜଳାଭାବର ପ୍ରଭାବ ସେମାନଙ୍କ ଜଳ ବ୍ୟବହାର ଅନୁପାତ ନେଇ ଭିନ୍ନଭିନ୍ନ ହେବ । ବୟନ ଶିଳ୍ପର ବ୍ଲିଚିଂ ଓ ଡାଇଂ, ଚମଡ଼ା ପ୍ରକ୍ରିୟାକରଣ, ଖାଦ୍ୟ ପ୍ରକ୍ରିୟାକରଣ, ମଣ୍ଡ ଓ ପାନୀୟ ଦ୍ରବ୍ୟ ତଥା କାଗଜ ଭଳି ମାନୁଫାକଚରିଙ୍ଗ ଶିଳ୍ପରେ ଜଳ ଅଧିକ ବ୍ୟବହାର ହୋଇଥାଏ । ଜଳାଭାବ ଜନିତ ସ୍ଥିତିରେ ଏସବୁ ଶିଳ୍ପସଂସ୍ଥା ଅଧିକ ପ୍ରଭାବିତ ହୋଇଥାନ୍ତି । ସେବା ବା ସର୍ଭିସ ସେକ୍ଟର, ଆତିଥ୍ୟ, ଉଦ୍ୟୋଗ (ହୋଟେଲ ଓ ରେସ୍ତୋରାଁ), ମେଡିକାଲ ସେବା (ହସ୍‌ପିଟାଲ), ନିର୍ମାଣ ଉଦ୍ୟୋଗ, ରିୟଲ ଇଷ୍ଟେଟ ଭଳି ଅଧିକ ଜଳ ବ୍ୟବହାର କରୁଥିବା ଉଦ୍ୟୋଗ ଜଳାଭାବ ପରିସ୍ଥିତିରେ ମଧ୍ୟ ବେଶୀ କ୍ଷତିଗ୍ରସ୍ତ ହୋଇଥାନ୍ତି । ଦକ୍ଷିଣଭାରତର ଲୁଗା ଓ ବୟନ ଶିଳ୍ପରେ ଜଳାଭାବ ଯୋଗୁଁ ସଂପୃକ୍ତ ସଂସ୍ଥା ପକ୍ଷରୁ ଏବେ ଟ୍ୟାଙ୍କର ଯୋଗେ ପାଣି ଅନ୍ୟସ୍ଥାନରୁ ଅଣାଯାଇ କାମ କରାଯାଉଛି ।

ଯଦିଓ କୃଷି ତୁଳନାରେ ଶିଳ୍ପ କ୍ଷେତ୍ରରେ ଜଳର ବ୍ୟବହାର ଯଥେଷ୍ଟ କମ୍ ତଥାପି କଳ କାରଖାନାରୁ ନିର୍ଗତ ଦୂଷିତ ପାଣି ଓ ଆବର୍ଜନା ଯୋଗୁଁ ଜଳଉତ୍ସ ଅଧିକ ପ୍ରଦୂଷିତ ହୋଇଥାଏ । ଫଳରେ ଏହା ବ୍ୟବହାର ଉପଯୋଗୀ ହୋଇ ନଥାଏ । ଏଭଳି ପ୍ରଦୂଷଣ ରୋକିବା ଦିଗରେ କୌଣସି ଅର୍ଥ ଖର୍ଚ୍ଚ ନ'କରି ସଂପୃକ୍ତ ଶିଳ୍ପ ସଂସ୍ଥା ସେବା ବାବଦ ମୂଲ୍ୟକୁ ସମାଜ ବା ଜନସାଧାରଣଙ୍କ ଉପରକୁ ଗଡ଼େଇଦିଅନ୍ତି । ପରିଣାମରେ ଜନସାଧାରଣ ଓ ସମାଜ ପ୍ରଦୂଷଣଜନିତ ସମସ୍ୟା ଭୋଗନ୍ତି ।

ମିଳିତ ଜାତିସଂଘର ବିକାଶ ଲକ୍ଷ୍ୟ

(୨୦୦୬)ରେ ମଣିଷର ସୁଖସ୍ୱାଚ୍ଛନ୍ଦ୍ୟ ପାଇଁ ସମସ୍ତଙ୍କୁ ନିରାପଦ ପାନୀୟଜଳ ଯୋଗାଣର ସୁବିଧା ଦେବାକୁ ଗୁରୁତ୍ୱ ଦିଆଯାଇଛି । ସେଥିପାଇଁ ୨୦୩୦ ସୁଦ୍ଧା ସମସ୍ତଙ୍କୁ ନିରାପଦ ପାନୀୟ ଜଳ ଓ ପରିଚ୍ଛନ୍ନ ପରିବେଶ ଯୋଗାଣର ଲକ୍ଷ୍ୟ ରହିଛି । ପ୍ରଦୂଷିତ ଜଳ ବ୍ୟବହାର କରିବା ଦ୍ୱାରା ଲୋକେ ନାନା ବ୍ୟାଧିରେ ପୀଡ଼ିତ ହେବାର ଆଶଙ୍କା ଥିବାରୁ ଜଳ ଉତ୍ସକୁ ପ୍ରଦୂଷଣମୁକ୍ତ କରିବା ଉପରେ ଗୁରୁତ୍ୱ ଦିଆଯାଉଛି । ଗରିବ ଓ ଦୁର୍ବଳ ବର୍ଗର ଲୋକ ଜଳପ୍ରଦୂଷଣ ଓ ଅପରିଚ୍ଛନ୍ନ ପରିବେଶ ଯୋଗୁଁ ଅଧିକ କ୍ଷତିଗ୍ରସ୍ତ ହୋଇଥାନ୍ତି । ସେଥିପାଇଁ ସରକାର ନାନାବିଧ କାର୍ଯ୍ୟକ୍ରମ ଗ୍ରହଣ କରି ଲୋକଙ୍କୁ ନିରାପଦ ପାନୀୟଜଳ ଯୋଗାଇଦେବା ସହ ପରିମଳ ବ୍ୟବସ୍ଥା ଓ ଉତ୍ତମ ଆବାସିକ ପରିବେଶ ପ୍ରତି ଅଧିକ ଧ୍ୟାନ ଦେଉଛନ୍ତି ।

ଉପରମୁଣ୍ଡରେ ବନ୍ଧ ପକାଯିବା ଓ ଅଧିକ ଜଳଉତ୍ତୋଳନ କରାଯିବା ଫଳରେ ଏବେ ପ୍ରାୟ ସବୁ ନଦୀର ତଳମୁଣ୍ଡକୁ ଯଥେଷ୍ଟ ପାଣି ପହଞ୍ଚୁନାହିଁ । ଏଥିପାଇଁ ଅନେକ ଚିରସ୍ରୋତା ନଦୀ ମଧ୍ୟ ଶୁଖିଗଲେଣି । ପରିଣାମ ସ୍ୱରୂପ ତଳମୁଣ୍ଡରେ ଭୂତଳ ଜଳସ୍ତରର ପୁନଃଭରଣା ହେଉନାହିଁ କିମ୍ବା ଲୋକଙ୍କୁ ନଦୀ ପାଣି ମିଳୁନି । ନଦୀଶଯ୍ୟା ଅଳିଆଗଦା ପାଲଟି ପ୍ରଦୂଷଣ ବଢ଼ାଉଛି । ଭୂତଳ ଜଳସ୍ତର ମଧ୍ୟ ହ୍ରାସ ପାଉଛି । ଚାଷ ପାଇଁ ମଧ୍ୟ ନଦୀ ଓ ଭୂମିତଳୁ ପ୍ରଚୁର ଜଳ ଉଠାଯିବା ଫଳରେ ଜଳସଂକଟ ସୃଷ୍ଟି ହେଉଛି । ଅଳ୍ପ ପାଣି ଦରକାର କରୁଥିବା ଫସଲ ଚାଷ, ପାଣିର ଅପଚୟ ବନ୍ଦ ଏବଂ କେନାଲରେ ନିୟନ୍ତ୍ରିତ ପରିମାଣର ପାଣି ଛାଡ଼ିବା ସହ ପ୍ରଦୂଷଣବିରୋଧୀ କାର୍ଯ୍ୟକୁ କଡ଼ାକଡ଼ି କାର୍ଯ୍ୟକାରୀ କରିବା ଆବଶ୍ୟକ । ଏ କ୍ଷେତ୍ରରେ ରାଜନୈତିକ ବିରୋଧ ବା ହସ୍ତକ୍ଷେପକୁ ନିରୁତ୍ସାହିତ କରାଯିବା ଆବଶ୍ୟକ । ଜଳପରିଚାଳନା କ୍ଷେତ୍ରରେ କେତେକ ତ୍ରୁଟିପୂର୍ଣ୍ଣ ନୀତି ରହିଛି । ଭୂପୃଷ୍ଠଜଳର ଉପଯୋଗ କରି କୃଷି କ୍ଷେତ୍ରକୁ ଯୋଗାଇଦେବା ପାଇଁ ବିଭିନ୍ନ ପ୍ରକଳ୍ପରେ ସରକାରୀ ଅର୍ଥ ବିନିଯୋଗ ନ'କରିବା, ଭୂତଳ ଜଳର ମନଇଚ୍ଛା ଉତ୍ତୋଳନ ତଥା ଏଥିପାଇଁ ମାଗଣା ବିଦ୍ୟୁତ୍ ଯୋଗାଣ ଓ ଅଧିକ ଜଳ ଲୋଡୁଥିବା ଫସଲ ଚାଷ ଆଦି ସେଥିମଧ୍ୟରୁ ଅନ୍ୟତମ ।

ଆମେ ଏବେ ପ୍ରଚୁର ପରିମାଣର ଧାନ, ଗହମ, ଆଖୁ ଆଦି ଅତ୍ୟଧିକ ଜଳ ଲୋଡୁଥିବା ଫସଲ ଅମଳ କରୁଛୁ । ଆବଶ୍ୟକତାଠାରୁ ଅଧିକ ଅମଳ ଫଳରେ ସେଗୁଡ଼ିକୁ ଅମଳ କରି ଘରେ ସାଇତି ରଖିବାକୁ ବେଳେବେଳେ ଯାଗା ମିଳୁନି । ଫସଲ ଜମି, ଖଳାରେ ପଡ଼ି ନଷ୍ଟ ହେଉଛି ଅଥବା ଅଦର ଦରରେ ବିକ୍ରି ହେଉଛି । ଜଳାଭାବ ପରିସ୍ଥିତିରେ ଏସବୁ ଫସଲ ଚାଷ କରିବାର ଆବଶ୍ୟକତା କ'ଣ ତାହା ବିଚାର କରି ପଦକ୍ଷେପ ନେବାର ସମୟ ଆସିଛି । ଭାରତରେ ଜଳ ବ୍ୟବହାର ଓ ବିନିଯୋଗରେ ସଂଯମ ନଥାଏ । ଏଠି ଜଳର ଅପଚୟ ବେଶୀ ଓ ଉପଯୋଗ କମ୍ । ଏକ ଘନମିଟର ଜଳ ଉତ୍ତୋଳନ କରିବା ପାଇଁ ଭାରତରେ ଯେତେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ ତାହା ବିଶ୍ୱ ହାରାହାରିଠାରୁ କମ୍; କିନ୍ତୁ ଏହି ପାଣିର ଉତ୍ପାଦିକା ଶକ୍ତି ମଧ୍ୟ ଯଥେଷ୍ଟ କମ୍ । ତେଣୁ ଜଳର ବ୍ୟବହାରରେ ଏପରି ଅବିବେକି ଆଭିମୁଖ୍ୟକୁ ନହଟାଇଲେ ଜଳର ପ୍ରକୃତ ମୂଲ୍ୟ ଆମେ ବୁଝିବା ନାହିଁ ଓ ଜଳ ସଂକଟର ସମ୍ମୁଖୀନ ଅବଶ୍ୟ ହେବା ।

ଜଳାଭାବ ପରି ଜଳ ପ୍ରାବଲ୍ୟ ବା ବନ୍ୟାର ମଧ୍ୟ ଅର୍ଥନୈତିକ ପ୍ରଭାବ ରହିଛି । ଏହା କେବଳ ଧନଜୀବନ ନଷ୍ଟ କରେନାହିଁ ଅର୍ଥନୀତିକୁ ମଧ୍ୟ ପଙ୍ଗୁ କରିଦିଏ । ଏ ପର୍ଯ୍ୟନ୍ତ ଭାରତର କୌଣସି ନଦୀ ଉପତ୍ୟକାରେ ବିଧିବଦ୍ଧ ଓ ବିଜ୍ଞାନଭିତ୍ତିକ ବନ୍ୟା ପୂର୍ବାଭାସ ଓ ନିୟନ୍ତ୍ରଣ ଅନୁଧ୍ୟାନ ହୋଇନାହିଁ । ଅର୍ଥନୀତି ଉପରେ ବନ୍ୟାର କୁପ୍ରଭାବ ସଂପର୍କରେ ମଧ୍ୟ ଯଥେଷ୍ଟ ଗବେଷଣା ହୋଇପାରିନାହିଁ । ବନ୍ୟା ନିୟନ୍ତ୍ରଣ ଭିତ୍ତିଭୂମି ବାବଦ ଖର୍ଚ୍ଚ ବନ୍ୟାର ଅର୍ଥନୈତିକ, ସାମାଜିକ ଓ ପରିବେଶଗତ ଖର୍ଚ୍ଚଠାରୁ ଅଧିକ ହୋଇନପାରେ ।

**ଭାରତରେ ଜଳ ବ୍ୟବହାର ଓ ବିନିଯୋଗରେ ସଂଯମ ନଥାଏ । ଏଠି ଜଳର ଅପଚୟ ବେଶୀ ଓ ଉପଯୋଗ କମ୍ । ଏକ ଘନମିଟର ଜଳ ଉତ୍ତୋଳନ କରିବା ପାଇଁ ଭାରତରେ ଯେତେ ଟଙ୍କା ଖର୍ଚ୍ଚ କରିବାକୁ ପଡ଼େ ତାହା ବିଶ୍ୱ ହାରାହାରିଠାରୁ କମ୍; କିନ୍ତୁ ଏହି ପାଣିର ଉତ୍ପାଦିକା ଶକ୍ତି ମଧ୍ୟ ଯଥେଷ୍ଟ କମ୍ । ତେଣୁ ଜଳର ବ୍ୟବହାରରେ ଏପରି ଅବିବେକି ଆଭିମୁଖ୍ୟକୁ ନହଟାଇଲେ ଜଳର ପ୍ରକୃତ ମୂଲ୍ୟ ଆମେ ବୁଝିବା ନାହିଁ ଓ ଜଳ ସଂକଟର ସମ୍ମୁଖୀନ ଅବଶ୍ୟ ହେବା ।**

## ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଜଳଭଣ୍ଡାରର ସୀମିତ ପରିସର, ପାଣିପାଗରେ ପରିବର୍ତ୍ତନ, ବର୍ଷାଦିନେ ଅଧିକ ବର୍ଷା ଆଦି କାରଣରୁ ବନ୍ୟା ବିପ୍ରାତ ସୃଷ୍ଟି ହେଉଛି। ସହରାଞ୍ଚଳରେ ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥାର ଅଭାବ, ସଂକୀର୍ଣ୍ଣ ଏବଂ ଆବର୍ଜନାପୂର୍ଣ୍ଣ ନାଳନର୍ଦ୍ଦମା ଯୋଗୁଁ ଦେଶର ସହର ଓ ନଗରୀଗୁଡ଼ିକରେ ଏବେ ବନ୍ୟା ଏକ ସାଧାରଣ ଘଟଣା ପାଲଟିଲାଣି। ଜଳନିଷ୍କାସନ ବ୍ୟବସ୍ଥା ଓ ବର୍ଷାପାଣି ପରିଚାଳନାରେ ବିଭ୍ରାଟ ଏହାର ମୁଖ୍ୟ କାରଣ। ଏଥିପାଇଁ ଯେଉଁ ଯୋଜନା କାର୍ଯ୍ୟକାରୀ ହେବା କଥା ତାହା ଠିକଣାଭାବେ ହେଉନାହିଁ। ଅନେକ ସମୟରେ ସହରକୁ ଜଳଯୋଗାଣର ପ୍ରମୁଖ ଉତ୍ସ ଓ କେନାଲ ଆଦିକୁ ଲୋକେ ପ୍ରତିବାଦରେ ଅବରୋଧ କଲେ ଜଳସଂକଟ ଦେଖାଦେଉଛି। ପ୍ରତ୍ୟେକ ସହରର ଜଳ ଆବଶ୍ୟକତା, ତାହାର ଉତ୍ସ ଏବଂ ପରିଚାଳନା ନେଇ ଆବଶ୍ୟକ ଅନୁଧ୍ୟାନ କରାଯାଉନାହିଁ। ଏସବୁ ପ୍ରତି ସ୍ୱତନ୍ତ୍ର ଦୃଷ୍ଟି ଦେବାର ସମୟ ଆସିଛି। ସେଥିପାଇଁ ନୀତି ପ୍ରଣୟନ ମଧ୍ୟ ଜରୁରୀ ହୋଇପଡ଼ିଛି।

ଭାରତରେ ଜଳର ଆବଶ୍ୟକତା ଓ ତାହାର ନିୟନ୍ତ୍ରଣ ବଜାୟ ରଖିବା ପାଇଁ ସମୁଚିତ ପୂର୍ଣ୍ଣାଙ୍ଗ ଉଦ୍ୟମ ଲୋଡ଼ା। ବିଭିନ୍ନ କ୍ଷେତ୍ର ପାଇଁ ଆବଶ୍ୟକ ପଡୁଥିବା ଜଳ ଯୋଗାଣ ନିମନ୍ତେ ଆନ୍ତଃବିଭାଗୀୟ ସହଯୋଗ ଓ ସମନ୍ୱୟ, ପାରମ୍ପରିକ ଜଳ ଉତ୍ସର ପୁନରୁଦ୍ଧାର ଓ ସୁରକ୍ଷା, ଜଳବଣ୍ଟନ ନୀତି ପ୍ରଣୟନ, ଜଳବିବାଦର ସମାଧାନ, ପ୍ରାକୃତିକ ପରିବେଶର ସୁରକ୍ଷା, ପ୍ରଦୂଷଣ ଓ ଜଳ ଅପଚୟକୁ ରୋକିବା, ନଦୀ ଉପତ୍ୟକାର ପରିଚାଳନା ଭଳି ପ୍ରସଙ୍ଗକୁ ଅଗ୍ରାଧିକାର ଦେଇ ଯୋଜନା ମୁତାବକ କାର୍ଯ୍ୟ କରିବା ଆବଶ୍ୟକ। ଏସବୁ ଦିଗ ପ୍ରତି ଆବଶ୍ୟକ ଧ୍ୟାନ ଦେଇ କାର୍ଯ୍ୟ କଲେ ଜଳସଂପଦର ସୁପରିଚାଳନା କରାଯାଇପାରିବ ଏବଂ ଜଳାଭାବଜନିତ ପରିସ୍ଥିତି ଲାଘବ ହେବା ସହ ଅର୍ଥନୀତି ଉପରେ ମଧ୍ୟ ଭଲ ପ୍ରଭାବ ପଡ଼ିବ।

ସହଯୋଗୀ ପ୍ରଫେସର, ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ୍ ପବ୍ଲିକ ଫାଇନାନ୍ସ ଆଣ୍ଡ ପଲିସୀ, ନୂଆଦିଲ୍ଲୀ।

*****

## କ୍ଷୁଦ୍ର କ୍ଷେତ୍ରରୁ ତୈଳ ଉତ୍ପାଦନ

ଦେଶରେ ଘରୋଇ ତୈଳ ଓ ଗ୍ୟାସ୍ ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରଣାଳୟ ତରଫରୁ ଆବିଷ୍କୃତ କ୍ଷୁଦ୍ର କ୍ଷେତ୍ରଗୁଡ଼ିକରେ ଉତ୍ପାଦନ ପାଇଁ ଦେଶ ବିଦେଶର ପୁଂଜି ନିବେଶକଙ୍କ ପାଇଁ ଆକର୍ଷଣୀୟ । ଯୋଜନା ପ୍ରସ୍ତୁତ କରାଯାଇଥିବା ବିଭାଗୀୟ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ନୂଆଦିଲ୍ଲୀଠାରେ ଘୋଷଣା କରିଛନ୍ତି।

ଦେଶର ୪୬ଟି ସ୍ଥାନରେ ୬୭ଟି କ୍ଷୁଦ୍ର ଫିଲଡ଼ ଏ ପର୍ଯ୍ୟନ୍ତ ଆବିଷ୍କୃତ ହୋଇଥିଲେ ମଧ୍ୟେ ଏଗୁଡ଼ିକରୁ ବ୍ୟବସାୟିକ ଭାବେ ତୈଳ ବା ଗ୍ୟାସ୍ ଉତ୍ପାଦନ କରାଯାଇ ନାହିଁ। ବର୍ତ୍ତମାନ ଭାରତ ସରକାର ତୈଳ ଓ ଗ୍ୟାସ୍ କ୍ଷେତ୍ରରେ ଘରୋଇ ଉତ୍ପାଦନକୁ ଗୁରୁତ୍ୱ ଦେଉଥିବା କାରଣରୁ ଏହି କ୍ଷୁଦ୍ର ଫିଲ୍ଡଗୁଡ଼ିକରୁ ଉତ୍ପାଦନ ପାଇଁ ପଦକ୍ଷେପ ନିଆଯାଇଥିବା ମନ୍ତ୍ରୀ ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି।

ମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଏହି କ୍ଷୁଦ୍ର ପିଲ୍ଡମାନଙ୍କରେ ୬୨୫ ମିଲିୟନ ବ୍ୟାରେଲ୍ ତୈଳ ଓ ସମ ପରିମାଣର ଗ୍ୟାସ୍ ମହଜୁଦ ଥିବା ଆକଳନ କରାଯାଇଛି। ଏହି ଫିଲ୍ଡଗୁଡ଼ିକ ୧୫ଶହ ବର୍ଗ କିମି ଭୂମି, ଅଳ୍ପ ଗଭୀର ଜଳ ଓ ଗଭୀର ଜଳ ମଧ୍ୟରେ ରହିଥିବା ଆକଳନ କରାଯାଇଛି।

# ଭାରତ ଜଳସମୃଦ୍ଧ ହେବାର ଉପାୟ

**ଇନ୍ଦିରା ଖୁରାନା**

**ଦେଶର ବିଭିନ୍ନ ରାଜ୍ୟରେ ଏଭଳି ଜଳାଭାବ ଯୋଗୁଁ ଶସ୍ୟହାନି, ଆତ୍ମହତ୍ୟା, ପେଟପାଟଣା ପାଇଁ ଲୋକେ ବାଧ୍ୟବାଧକତାରେ ବହୁ ସଂଖ୍ୟାରେ ଭିଟାମାଟି ଛାଡ଼ିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ବ୍ୟବସ୍ଥାମାନ ବନ୍ଦ ହୋଇଛି । ଏହାର କୁପ୍ରଭାବ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ପଡ଼ିଛି । ଭାରତ ଭଳି ଏକ ଦେଶରେ ୧୪ଟି ବୃହତ୍, ୫୫ଟି ମଧ୍ୟମ ଏବଂ ୭୦୦ କ୍ଷୁଦ୍ର ନଦୀ ରହିଛି । ଏଠାରେ ବାର୍ଷିକ ହାରାହାରି ବୃଷ୍ଟିପାତ ୧୧୭୦ ମିଲିମିଟର ଏବଂ ବର୍ଷାଜଳ ସଂରକ୍ଷଣର ପାରମ୍ପରିକ ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଭାରତରେ ଜଳାଭାବ ସ୍ଥିତି ଦେଖା ଦେବାର ଅର୍ଥ ଜଳ ପରିଚାଳନାର ଅଭାବ ।**

ସମଗ୍ର ବିଶ୍ୱ ଆସନ୍ନ ଜଳାଭାବ ବିପଦର ସମ୍ମୁଖୀନ । ଏହା ବିଶ୍ୱଶାନ୍ତି, ନ୍ୟାୟ ଓ ସ୍ଥିରତାକୁ ପ୍ରଭାବିତ କରିପାରେ । ଜଳାଭାବ ସାମାଜିକ-ଆର୍ଥିକ ଅଭିବୃଦ୍ଧିକୁ ପ୍ରଭାବିତ କରେ । ବିଶ୍ୱ ଅର୍ଥନୈତିକ ମଞ୍ଚ-୨୦୧୬ର ବିଶ୍ୱ ଆପଦ ରିପୋର୍ଟରେ ଜଳସଂକଟକୁ ପୃଥିବୀର ତୃତୀୟ ସର୍ବାଧିକ ବିପର୍ଯ୍ୟୟଭାବେ ତାଲିକାଭୁକ୍ତ କରାଯାଇଛି । ବିଭିନ୍ନ ବିପଦ ଓ ସଂକଟର ପ୍ରଭାବ ଏବଂ କ୍ଷୟକ୍ଷତିର ସମ୍ଭାବନାକୁ ହିସାବକୁ ନେଇ ଏହି ରିପୋର୍ଟରେ ୧୦ଟି ବିପଦ ସ୍ଥାନିତ ହୋଇଛି । ନିକଟରେ ପ୍ରକାଶ ପାଇଥିବା ବିଶ୍ୱ ବ୍ୟାଙ୍କ ରିପୋର୍ଟରେ ନିଶ୍ଚିତ କରି ଦିଆଯାଇଛି ଯେ ଜଳବାୟୁ ପରିବର୍ତ୍ତନ ପରିସ୍ଥିତି ଜଳ-ଜନିତ ସମସ୍ୟାକୁ ଅଧିକ ଜଟିଳ କରିବ ଏବଂ ଅଧିକ ଜଳବ୍ୟବହାର ଜନିତ ଧାରା ବ୍ୟାହତ ହେବ ।

ହିସାବ ଅନୁସାରେ ବିଶ୍ୱ ଜନସଂଖ୍ୟାର ଦୁଇତୃତୀୟାଂଶ ବା ୪୦୦କୋଟି ଲୋକ ପ୍ରତିବର୍ଷ ଅତିକମ୍‌ରେ ଏକମାସ ଉତ୍କଟ ଜଳକଷ୍ଟ ଭୋଗିଥାନ୍ତି । ଜଳାଭାବ ଯୋଗୁଁ ଉତ୍ପାଦନ ହ୍ରାସ, ଫସଲ ହାନି, ଖାଦ୍ୟାଭାବ, ମୂଲ୍ୟବୃଦ୍ଧି ଏବଂ ଶେଷରେ କ୍ଷୁଧା ସମସ୍ୟା ସୃଷ୍ଟି ହୁଏ । ଜାତିସଂଘର ଲକ୍ଷ୍ୟ ଅନୁସାରେ ୨୦୫୦ ସୁଦ୍ଧା ବିଶ୍ୱର ୯୦୦କୋଟି ଲୋକଙ୍କୁ ଖାଇବାକୁ ଦେବା ପାଇଁ ହେଲେ ଖାଦ୍ୟ ଶସ୍ୟ ଉତ୍ପାଦନ ୬୦ ଶତାଂଶ ହାରରେ ବଢ଼ିବା ଆବଶ୍ୟକ । ଅଧିକ ଖାଦ୍ୟ ଶସ୍ୟ ଉତ୍ପାଦନ ପାଇଁ ଜଳ ଓ ଶକ୍ତି ଉପଯୋଗ ଅଧିକ ପରିମାଣରେ କରିବାକୁ ହେବ । ଫଳରେ ଏହା ଯୋଗୁଁ ପରସ୍ପର ବିରୋଧୀ ସମସ୍ୟାମାନ ସୃଷ୍ଟି ହେବା ନିଶ୍ଚିତ । ୨୦୩୦ ସୁଦ୍ଧା ସମଗ୍ର ବିଶ୍ୱ ୪୦ ଭାଗ ଜଳାଭାବ ସମସ୍ୟାର ସମ୍ମୁଖୀନ ହେବ । ଏବେ କୃଷିକ୍ଷେତ୍ରରେ ବିଶ୍ୱର ମୋଟ ମଧୁର ଜଳର ୭୦ ଶତାଂଶ ବିନିଯୋଗ କରାଯାଉଛି । ଅତଏବ ଖାଦ୍ୟ ଉତ୍ପାଦନ ବଢ଼ିଲେ ଜଳାଭାବ ପରିସ୍ଥିତି ଅଧିକ ଗୁରୁତର ଆକାର ଧାରଣ କରିବ । ୨୦୫୦ ସୁଦ୍ଧା କୃଷିକ୍ଷେତ୍ର ପାଇଁ ଜଳ ଆବଶ୍ୟକତା ଛ ଶତାଂଶ ବୃଦ୍ଧି ପାଇବ ବୋଲି ହିସାବ କରାଯାଇଛି ।

ମିଳିତ ଜାତିସଂଘ ପକ୍ଷରୁ ୨୦୧୫ ସେପ୍ଟେମ୍ବରରେ ୨୦୩୦ ପର୍ଯ୍ୟନ୍ତ ଏକ ପନ୍ଦର ବର୍ଷିଆ ନିରନ୍ତର ବିକାଶ ଲକ୍ଷ୍ୟ (ସସ୍‌ଟେନେବଲ ଡେଭେଲପମେଣ୍ଟ ଗୋଲ) ଅନୁମୋଦିତ ହୋଇଥିଲା । ଏଥିରେ ୧୭ଟି କ୍ଷେତ୍ରରେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା । ଏହି ତାଲିକାର ଷଷ୍ଠ ଲକ୍ଷ୍ୟ ଜଳ ବିଷୟକ । ଏଥିରେ ସମସ୍ତଙ୍କୁ ଜଳ ଓ ପରିମଳ ଯୋଗାଣ ଲକ୍ଷ୍ୟ ବିଷୟରେ ବିଭିନ୍ନ ପ୍ରସ୍ତାବ ରହିଛି । ଭାରତ ପରିପ୍ରେକ୍ଷୀରେ ଏହି ଲକ୍ଷ୍ୟ ହାସଲ କରିବା ଜଟିଳ ହୋଇଥିଲେ ହେଁ ଅସମ୍ଭବ ନୁହେଁ । ସେଥିପାଇଁ କେତେକ ପଦକ୍ଷେପ ଯଥାଶୀଘ୍ର ଆରମ୍ଭ କରିବାର ଆବଶ୍ୟକତା ରହିଛି ।

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ଭାରତର ସାଂପ୍ରତିକ ଜଳସଂକଟ :** (୨୦୧୬ ସ୍ଥିତି ଅନୁସାରେ)

- ଦେଶର ସମସ୍ତ ଜିଲ୍ଲା ମଧ୍ୟରୁ ଏକ ତୃତୀୟାଂଶ ମରୁଡ଼ିଦ୍ୱାରା ଆକ୍ରାନ୍ତ; ଫଳରେ ୧୦ଟି ରାଜ୍ୟର ୨୫୬ଟି ଜିଲ୍ଲାରେ ୩୩କୋଟି ଲୋକ ପ୍ରଭାବିତ ।

- ୨୦୧୬ ମାର୍ଚ୍ଚ ସୁଦ୍ଧା ଦେଶର ପ୍ରମୁଖ ଜଳଭଣ୍ଡାରଗୁଡ଼ିକରେ ମାତ୍ର ୨୪ ଶତାଂଶ ଜଳ ଗଚ୍ଛିତ ଥିଲା ।

- ୨୦୧୫ ଜାନୁୟାରୀଠାରୁ କର୍ଣ୍ଣାଟକରେ ପ୍ରାୟ ଏକ ହଜାର ଚାଷୀ ମରୁଡ଼ି ଓ ଋଣ ଭାର ଯୋଗୁଁ ଆତ୍ମହତ୍ୟା କରିଛନ୍ତି ।

- ଗୁଜରାଟର ଆଠଟି ଜିଲ୍ଲାର ପ୍ରାୟ ଏକ ହଜାର ଗ୍ରାମ ଉତ୍କଟ ପାନୀୟ ଜଳ କଷ୍ଟର ସମ୍ମୁଖୀନ ।

- ମିରାଜପୁରରୁ ଟ୍ରେନ୍ ଯୋଗେ ପାଣି ନିଆଯାଇ ମହାରାଷ୍ଟ୍ରର ଜଳକ୍ଲିଷ୍ଟ ଲାଟୁର ଅଞ୍ଚଳରେ ବଣ୍ଟାଯାଉଛି । ପାଣି ପାଇଁ ଦଙ୍ଗାଗୋଳର ଆଶଙ୍କା ଥିବାରୁ ଜଳଉତ୍ସ ନିକଟରେ ଲୋକ ଗହଳିକୁ ନିଷିଦ୍ଧ କରାଯାଇଛି । ମୌସୁମି ଆଗମନ ପର୍ଯ୍ୟନ୍ତ କୂପ, ପାଣି ଟାଙ୍କି ଓ ସାଧାରଣ ଜଳଉତ୍ସ ନିକଟରେ ଏକ ସମୟରେ ପାଞ୍ଚଜଣରୁ ଅଧିକ ଲୋକ ଏକତ୍ର ହୋଇପାରିବେ ନାହିଁ ବୋଲି ମହାରାଷ୍ଟ୍ର ସରକାର ନିଷେଧାଜ୍ଞା ଜାରି କରିଛନ୍ତି ।

- ଉତ୍ତରପ୍ରଦେଶ ଓ ମଧ୍ୟପ୍ରଦେଶର ବୁନ୍ଦେଲଖଣ୍ଡ ଅଞ୍ଚଳରେ ଏବର୍ଷ କ୍ରମାଗତ ତୃତୀୟ ଥର ପାଇଁ ମରୁଡ଼ି ପଡ଼ିଛି । ସେହି ଅଞ୍ଚଳର ପ୍ରାୟ ୫୦ ଶତାଂଶ ଜଳଉତ୍ସ ସମ୍ପୂର୍ଣ୍ଣ ଶୁଖିଯାଇଛି । ପିଇବା ପାଣି ସଂଗ୍ରହ କରିବାକୁ ମହିଳାଙ୍କୁ ବହୁଦୂର ଯିବାକୁ ପଡୁଛି । ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଥିବାରୁ କ୍ଷୁଧା ଓ ଦାରିଦ୍ର୍ୟ ପ୍ରପୀଡ଼ିତ ବହୁ ସଂଖ୍ୟକ ଲୋକ ଭିଟାମାଟି ଛାଡ଼ି ଅନ୍ୟତ୍ର ଜୀବିକା ଉପାର୍ଜନ ଉଦ୍ଦେଶ୍ୟରେ ପଳାଇଯାଇଛନ୍ତି ।

- ହାଇଦରାବାଦ ନଗରୀକୁ ଜଳଯୋଗାଉଥିବା ଚାରିଟି ବଡ଼ ଜଳଭଣ୍ଡାର ଶୁଖିଯାଇଛି ।

- ହିମାଚଳ ପ୍ରଦେଶର ରାଜଧାନୀ ତଥା ପାହାଡ଼ି ସହର ଶିମଳାରେ ଉତ୍କଟ ଜଳାଭାବ । ଦୂଷିତ ଜଳ ଯୋଗାଣ ଫଳରେ ସହରରେ ଜଣ୍ଡିସ ବ୍ୟାପିଲା । ଦୈନିକ ୧୪ ନିୟୁତ ଲିଟର ଜଳାଭାବ ଯୋଗୁଁ ସହରର ୮୦-୮୫ ଶତାଂଶ ଲୋକ ପ୍ରଭାବିତ ।

- ପୁଣେ ନଗରୀରେ ଜଳାଭାବ ସମସ୍ୟାର ମୁକାବିଲା ପାଇଁ ମହାରାଷ୍ଟ୍ର ସରକାର ସେଠାକୁ ଟ୍ୟାଙ୍କର ଯୋଗେ ପାଣି ପଠାଉଛନ୍ତି ।

- ଜଳାଭାବ ଯୋଗୁଁ ତାଜୋଲା ଶିଳ୍ପ ନଗରୀରେ ସପ୍ତାହକୁ କ୍ରମାଗତ ଦୁଇ ଦିନ ଉତ୍ପାଦନ ବନ୍ଦ ରଖାଯାଉଥିବାବେଳେ ସେଠାରେ ଥିବା ଅଧିକ ଜଳ ବ୍ୟବହାରକାରୀ ଶିଳ୍ପ ସଂସ୍ଥା ଯଥା ସାର, ଧାତୁ, ରାସାୟନିକ, ଔଷଧପତ୍ର, ମୃଦୁ ପାନୀୟ ଆଦି ଶିଳ୍ପର ଉତ୍ପାଦନକୁ ହ୍ରାସ କରାଯାଇଛି ।

- ସୋଲାପୁର ଓ ମରାଠାୱାଡ଼ାର ୧୩ଟି ଚିନି କଳକୁ ବନ୍ଦ କରିଦିଆଯାଇଛି । ଜଳାଭାବ ଦୃଷ୍ଟିରୁ ବୟନ ଓ ଲୁଗା ରଙ୍ଗ କରିବା କାରଖାନା ଆଦିର ଉତ୍ପାଦନକୁ ଯଥେଷ୍ଟ ହ୍ରାସ କରାଯାଇଛି ।

- ଜଳାଭାବ ଯୋଗୁଁ ପଶ୍ଚିମବଙ୍ଗର ଫରାକ୍କା ତାପଜ ବିଦ୍ୟୁତ୍ କେନ୍ଦ୍ରର ଉତ୍ପାଦନ ବ୍ୟାହତ ହୋଇଛି ।

ଦେଶର ବିଭିନ୍ନ ରାଜ୍ୟରେ ଏଭଳି ଜଳାଭାବ ଯୋଗୁଁ ଶସ୍ୟହାନି, ଆତ୍ମହତ୍ୟା, ପେଟପାଟଣା ପାଇଁ ଲୋକେ ବାଧ୍ୟବାଧକତାରେ ବହୁ ସଂଖ୍ୟାରେ ଭିଟାମାଟି ଛାଡ଼ିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ବ୍ୟବସ୍ଥାମାନ ବନ୍ଦ ହୋଇଛି । ଏହାର କୁପ୍ରଭାବ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ପଡ଼ିଛି । ଭାରତ ଭଳି ଏକ ଦେଶରେ ୧୪ଟି ବୃହତ୍, ୫୫ଟି ମଧ୍ୟମ ଏବଂ ୭୦୦ କ୍ଷୁଦ୍ର ନଦୀ ରହିଛି । ଏଠାରେ ବାର୍ଷିକ ହାରାହାରି ବୃଷ୍ଟିପାତ ୧୧୭୦ ମିଲିମିଟର ଏବଂ ବର୍ଷାଜଳ ସଂରକ୍ଷଣର ପାରମ୍ପରିକ ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଭାରତରେ ଜଳାଭାବ ସ୍ଥିତି

**ଦେଶର ବିଭିନ୍ନ ରାଜ୍ୟରେ ଏଭଳି ଜଳାଭାବ ଯୋଗୁଁ ଶସ୍ୟହାନି, ଆତ୍ମହତ୍ୟା, ପେଟପାଟଣା ପାଇଁ ଲୋକେ ବାଧ୍ୟବାଧକତାରେ ବହୁ ସଂଖ୍ୟାରେ ଭିଟାମାଟି ଛାଡ଼ିବା, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବା ପ୍ରଦାନକାରୀ ବ୍ୟବସ୍ଥାମାନ ବନ୍ଦ ହୋଇଛି । ଏହାର କୁପ୍ରଭାବ ମହିଳା ଏବଂ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ଅଧିକ ପଡ଼ିଛି । ଭାରତ ଭଳି ଏକ ଦେଶରେ ୧୪ଟି ବୃହତ୍, ୫୫ଟି ମଧ୍ୟମ ଏବଂ ୭୦୦ କ୍ଷୁଦ୍ର ନଦୀ ରହିଛି । ଏଠାରେ ବାର୍ଷିକ ହାରାହାରି ବୃଷ୍ଟିପାତ ୧୧୭୦ ମିଲିମିଟର ଏବଂ ବର୍ଷାଜଳ ସଂରକ୍ଷଣର ପାରମ୍ପରିକ ବ୍ୟବସ୍ଥା ରହିଛି । ଏହା ସତ୍ତ୍ୱେ ଭାରତରେ ଜଳାଭାବ ସ୍ଥିତି ଦେଖାଦେବାର ଅର୍ଥ ଜଳ ପରିଚାଳନାର ଅଭାବ ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଦେଖାଦେବାର ଅର୍ଥ ଜଳ ପରିଚାଳନାର ଅଭାବ ।

**ଧାରା ବଦଳାଇବାର ଆବଶ୍ୟକତା :** ଜଳସଂକଟର ଅବସାନ ଘଟାଇ ଏକ ଜଳ ପ୍ରାଚୁର୍ଯ୍ୟର ସ୍ଥିତି ସୃଷ୍ଟି କରିବା ନିମନ୍ତେ ଏକନିଷ୍ଠ ନିରନ୍ତର ଉଦ୍ୟମ ଓ ଲକ୍ଷ୍ୟ ଲୋଡ଼ା । ଏହାଦ୍ୱାରା ଜଳବାୟୁ ପରିବର୍ତ୍ତନ ଜନିତ ପରିସ୍ଥିତିର ମଧ୍ୟ ମୁକାବିଲା କରାଯାଇପାରିବ । ଏ ଦିଗରେ ସମସ୍ତ ସଂପୃକ୍ତ ପକ୍ଷଙ୍କ ସହଯୋଗ ଅପରିହାର୍ଯ୍ୟ । ଏ କ୍ଷେତ୍ରରେ ପ୍ରଥମ ପଦକ୍ଷେପ ହେଲା ଜନତା ଓ ଜଳ ମଧ୍ୟରେ ସମ୍ପର୍କ ପୁନଃସ୍ଥାପନର ଅଭିଯାନ । ଜଳ ଏକ ଦୁର୍ମୂଲ୍ୟ ପଦାର୍ଥ ଏବଂ ଏହାର ଅପଚୟ ନ' କରି ସଂରକ୍ଷଣ ତଥା ଉଚିତ ବ୍ୟବହାର କଲେ ଜଳସଂକଟ ସୃଷ୍ଟି ହେବ ନାହିଁ ଏ ଧାରଣା ଓ ବାର୍ତ୍ତା ସମସ୍ତଙ୍କ ପାଖରେ ପହଞ୍ଚିବା ଦରକାର । ଲୋକେ ଜଳର ଆବଶ୍ୟକତା ଭଲଭାବେ ବୁଝିଲେ ଆପଣାଛାଏଁ ଏହାର ସଂରକ୍ଷଣ ଓ ସୁବିନିଯୋଗ ଦିଗରେ କାମ କରିବେ ।

ଜଳାଭାବରୁ ଜଳବହୁଳତା ସ୍ଥିତି ସୃଷ୍ଟି ପାଇଁ ଉଭୟ ସ୍ୱଳ୍ପ ଓ ଦୀର୍ଘ ମିଆଦି ପଦକ୍ଷେପର ଆବଶ୍ୟକତା ରହିଛି । ସେଥିପାଇଁ ଜଳବ୍ୟାଙ୍କ ସୃଷ୍ଟି, ପାଣି ଚାହିଦାକୁ କମାଇବା, ଜଳ ବୁନ୍ଦାର ସର୍ବାଧିକ ଉପଯୋଗ ଏବଂ ନୂଆ ଜ୍ଞାନକୌଶଳର ଉପଯୋଗ ଆଦି ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ । ସାଂପ୍ରତିକ ପରିସ୍ଥିତିର ମୁକାବିଲା ପାଇଁ ନିମ୍ନଲିଖିତ ପଦକ୍ଷେପମାନ ତୁରନ୍ତ ଗ୍ରହଣ କରାଯିବା ଆବଶ୍ୟକ ।

**ତତ୍‌କାଳ ପଦକ୍ଷେପ :**

– ଗ୍ରାମରେ ମରୁଡ଼ିର ମୁକାବିଲା କମିଟି ଗଠନ କରି ବିଭିନ୍ନ ପଦକ୍ଷେପ ଗ୍ରହଣ ଓ ମରୁଡ଼ି ପ୍ରଭାବ ହ୍ରାସ କରିବା ସହ ସୃଷ୍ଟ ସ୍ଥିତିର ମୁକାବିଲା କରାଯିବା ଆବଶ୍ୟକ । ପଞ୍ଚାୟତର ସଦସ୍ୟ ଓ ପ୍ରତିନିଧିମାନଙ୍କୁ ନେଇ କମିଟି ଗଠନ କରାଯିବା ଉଚିତ । ଏହା ସବୁ ବର୍ଗର ପ୍ରତିନିଧିତ୍ୱ କରିବା ଆବଶ୍ୟକ ।

– ବିଶେଷ ପ୍ରଭାବିତ ଗ୍ରାମର ଲୋକଙ୍କ ମନରେ ବିଶ୍ୱାସ ଦେବାକୁ ହେବ ଯେ ଉତ୍କଟ ମରୁଡ଼ି କାଳରେ ସେମାନେ ଏକା ନୁହଁନ୍ତି । ସେମାନଙ୍କ ସହ ଅନ୍ୟମାନେ ଅଛନ୍ତି । ଏହି ମନୋଭାବ ରଖି କାର୍ଯ୍ୟ କଲେ କୃଷକ ଆତ୍ମହତ୍ୟାଜନିତ ପରିସ୍ଥିତିର ମୁକାବିଲା ଅନେକାଂଶରେ କରିହେବ ।

– ଜଳାଭାବ ଥିବା ଗ୍ରାମ ବା ଅଞ୍ଚଳକୁ ଟ୍ୟାଙ୍କର ଯୋଗେ ନିରାପଦ ଜଳ ପ୍ରେରଣ । ଏଥିପାଇଁ ପାନୀୟ ଜଳ ଓ ପରିମଳ ମନ୍ତ୍ରଣାଳୟର ସୁବିଧା ସୁଯୋଗକୁ ଉପଯୋଗ କରାଯିବା ଉଚିତ ।

– ମରୁଡ଼ି ପ୍ରଭାବିତ ଗ୍ରାମର ପଶୁ ସମ୍ପଦଙ୍କୁ ଅସ୍ଥାୟୀ ଆଶ୍ରୟ ଶିବିରରେ ରଖିବା ସହ ସେମାନଙ୍କୁ ଖାଦ୍ୟ ଓ ପାନୀୟ ଯୋଗାଣର ବ୍ୟବସ୍ଥା । ଅଭାବ ଓ ଦୁର୍ବିପାକ ଯୋଗୁଁ ଲୋକେ ନିଜ ଗୃହପାଳିତ ପଶୁପକ୍ଷୀଙ୍କୁ ଅଦର ଦରରେ ବିକି ଦେଇଥାନ୍ତି । ତାହାକୁ ବନ୍ଦ କରିବାକୁ ହେବ ।

– ମରୁଡ଼ି ଅଞ୍ଚଳରେ ଯୋଗାଣ ବ୍ୟବସ୍ଥାକୁ ଅଧିକ କ୍ରିୟାଶୀଳ କରିବା ସହ ଖାଦ୍ୟ ନିରାପତ୍ତା ବ୍ୟବସ୍ଥା ଲାଗୁ କରି ଲୋକଙ୍କୁ ଖାଦ୍ୟ ପଦାର୍ଥ ଅଗ୍ରାଧିକାର ଭିତ୍ତିରେ ଯୋଗାଣ । ଏଥିପାଇଁ ସର୍ବୋଚ୍ଚ ଅଦାଲତ ମଧ୍ୟ ନିର୍ଦ୍ଦେଶ ଦେଇଛନ୍ତି ।

– ଅଧିକରୁ ଅଧିକ ଜଳ ସଂରକ୍ଷଣ ବ୍ୟବସ୍ଥା କରିବା ସହ ପୁରୁଣା ଉତ୍ସଗୁଡ଼ିକର ପୁନରୁଦ୍ଧାର ଲୋଡ଼ା । ମୌସୁମୀ ବର୍ଷା ପାଣି ଯେପରି ଅକାରଣ ନଯାଇ ସଂରକ୍ଷିତ ରହେ ଓ ଚାଷ ଜମିରେ ପହଞ୍ଚେ ସେଥିପାଇଁ ଉଦ୍ୟମ କରାଯିବା ଆବଶ୍ୟକ ।

– ସବୁ ଗ୍ରାମରେ ପୋଖରୀ, ଗାଡ଼ିଆ, କୂଅ ଓ ଜଳସଂରକ୍ଷଣ ପାଇଁ ନିର୍ଦ୍ଦିଷ୍ଟ ବ୍ୟବସ୍ଥା ଗ୍ରହଣ । ଏସବୁ କାମ ଦେଖିବା ଏବଂ ଆବଶ୍ୟକ ରକ୍ଷଣାବେକ୍ଷଣ ପାଇଁ ଗ୍ରାମ୍ୟ କମିଟି ଉପରେ ଦାୟିତ୍ୱ ନ୍ୟସ୍ତ ।

– ବର୍ଷା ଜଳ ସଂରକ୍ଷଣ ପାଇଁ ନୂଆ ନୂଆ ପୋଖରୀ, କଟା ଓ ଗାଡ଼ିଆ ଖୋଳିବା । ଗ୍ରାମ ବା ଜନବସତି ପାଖରେ ଯେଉଁଠି ଖୋଲାରେ ବର୍ଷା ଜଳ ଅଧିକ ଦିନ ଜମି ରହୁଛି ସେ ଯାଗାକୁ ଚିହ୍ନଟ କରି ଭବିଷ୍ୟତରେ ଏହାକୁ ଏକ ଜଳାଶୟ ବା ପୋଖରୀରେ ପରିଣତ କରିହେବ । ଫଳରେ ଅଧିକ ଜଳ ସଂରକ୍ଷଣ ସମ୍ଭବ ହେବ । ଜଳସଂରକ୍ଷଣ ଓ ଅମଳ ପ୍ରକଳ୍ପର ଭିତ୍ତିଭୂମି ନିମନ୍ତେ ଏମଜିନରେଗା ପାଣ୍ଠିର ଉପଯୁକ୍ତ ବିନିଯୋଗ କରାଯିବା ଆବଶ୍ୟକ । ଏଥିପାଇଁ ମଧ୍ୟ ଏମପି ଲ୍ୟାଡ୍‌ଫଣ୍ଡ ଓ ଅନ୍ୟାନ୍ୟ ସରକାରୀ ସହାୟତାକୁ କାମରେ ଲଗାଇହେବ ।

**ଦୀର୍ଘ ମିଆଦି ପଦକ୍ଷେପ :**

ଭାରତରେ ବାର୍ଷିକ ୧୧୦୦ ମିଲିମିଟରରୁ ଅଧିକ ବୃଷ୍ଟିପାତ ହୁଏ । ତାହା ପୁଣି ସମୁଦାୟ ଏକଶହ ଘଣ୍ଟାର ସମୟ ମଧ୍ୟରେ ହୋଇଥାଏ । ଏଥିଯୋଗୁଁ ବନ୍ୟା ଆସେ ଓ ଅଧିକାଂଶ ମୂଲ୍ୟବାନ ପାଣି ସଂଗୃହୀତ ନହୋଇ ଗଡ଼ିଯାଏ । ତେଣୁ ବର୍ଷା ପାଣିକୁ ସାଇତି ରଖିବା ପାଇଁ ଆବଶ୍ୟକ ଭିତ୍ତିଭୂମି ପର୍ଯ୍ୟାପ୍ତ ଭାବେ ସୃଷ୍ଟି କରିବାକୁ ହେବ । ପାଣିକୁ ସଂଗୃହୀତ କରି ରଖି ଠିକ୍‌ ସମୟରେ ଉପଯୋଗ କରିବା (ଜଳବ୍ୟାଙ୍କ)

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ବର୍ଷା ଜଳ ସଂରକ୍ଷଣ ପାଇଁ ନୂଆ ନୂଆ ପୋଖରୀ, କଟା ଓ ଗାଡ଼ିଆ ଖୋଳିବା। ଗ୍ରାମ ବା ଜନବସତି ପାଖରେ ଯେଉଁଠି ଖୋଲାରେ ବର୍ଷା ଜଳ ଅଧିକ ଦିନ ଜମି ରହୁଛି ସେ ଯାଗାକୁ ଚିହ୍ନଟ କରି ଭବିଷ୍ୟତରେ ଏହାକୁ ଏକ ଜଳାଶୟ ବା ପୋଖରୀରେ ପରିଣତ କରିହେବ। ଫଳରେ ଅଧିକ ଜଳ ସଂରକ୍ଷଣ ସମ୍ଭବ ହେବ। ଜଳସଂରକ୍ଷଣ ଓ ଅମଳ ପ୍ରକଳ୍ପର ଭିତ୍ତିଭୂମି ନିମନ୍ତେ ଏମଜିନରେଗା ପାଣ୍ଠିର ଉପଯୁକ୍ତ ବିନିଯୋଗ କରାଯିବା ଆବଶ୍ୟକ। ଏଥିପାଇଁ ମଧ ଏମପି ଲ୍ୟାଡ୍‌ଫଣ୍ଡ ଓ ଅନ୍ୟାନ୍ୟ ସରକାରୀ ସହାୟତାକୁ କାମରେ ଲଗାଇହେବ।**

ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଜଳସଂରକ୍ଷଣ ପ୍ରୟାସରେ ସାରା ଦେଶରେ ଗୋଷ୍ଠୀଗତ ପ୍ରୟାସ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଜଳକ୍ଲିଷ୍ଟ ବୁନ୍ଦେଲଖଣ୍ଡ ଓ ପରମାର୍ଥ ଅଞ୍ଚଳରେ ଏକ ବେସରକାରୀ ସଂଗଠନ ବର୍ଷାଜଳ ସଂରକ୍ଷଣ ଓ ବିଭିନ୍ନ ମରୁଡ଼ି ବିରୋଧୀ ପ୍ରୟାସ ଆରମ୍ଭ କରିଛି। ଏହି ସଂସ୍ଥା ଲୋକଙ୍କୁ ସ୍ଥାୟୀ ପଦକ୍ଷେପ ପାଇଁ ଆବଶ୍ୟକ ସହାୟତା ଯୋଗାଉଛି। ସେହି ସଂସ୍ଥା ଓ ସେଠାକାର ସଫଳତାକୁ ଅନ୍ୟତ୍ର ଉପଯୋଗ କରାଯାଇପାରେ। ଜଳ ସହେଲି (ଜଳବନ୍ଧୁ) କାର୍ଯ୍ୟକ୍ରମ ନାମରେ ପରିଚିତ ଏହି ଯୋଜନା ବେଶ ଲୋକପ୍ରିୟ।

ସେହିଭଳି ଆନ୍ଧ୍ରପ୍ରଦେଶର ସାତଟି ମରୁଡ଼ି ପ୍ରବଣ ଜିଲ୍ଲାରେ ଚାଷୀମାନେ ଭୂତଳ ଜଳର ସୁପରିଚାଳନା କରି ମରୁଡ଼ିର ମୁକାବିଲା କରିପାରୁଛନ୍ତି। ସେମାନେ ଏହି ପ୍ରକଳ୍ପର ସଫଳ ପରିଚାଳନା କରି ଲାଭବାନ ହେଉଥିବାରୁ ଏହାର ସଫଳତା ଅନ୍ୟ ମରୁଡ଼ିପ୍ରବଣ ଅଞ୍ଚଳରେ କରାଯାଇପାରେ।

ସେହିଭଳି ଗୁଜରାଟର ରାଜ ସମଧିଆଲ ଗାଁର ଚାଷୀମାନେ ବର୍ଷାଜଳ ଅମଳ କରି ବର୍ଷକୁ ତିନିଟି ଫସଲ ଉତ୍ପାଦନ କରିପାରୁଛନ୍ତି। ସେମାନଙ୍କ ସଫଳତା ଅନ୍ୟତ୍ର ଅନୁକରଣୀୟ। ମହାରାଷ୍ଟ୍ରର ଅହମ୍ମଦନଗର ଜିଲ୍ଲା ହିୱାରେ ବଜାର ଅଞ୍ଚଳର ଚାଷୀ ଓ ଲୋକେ ଶ୍ରମ ଦାନ ଓ ଜଳ ବଜେଟିଂ ବ୍ୟବସ୍ଥା କରି ଜଳ ପରିଚାଳନା ଏବଂ ମରୁଡ଼ି ମୁକାବିଲା କ୍ଷେତ୍ରରେ ଏକ ନୂଆ ଦିଗନ୍ତ ସୃଷ୍ଟି କରିଛନ୍ତି। ରାଜସ୍ଥାନର ମରୁଡ଼ି ପ୍ରବଣ ଲାପୋରିଆ ଗାଁର ଲୋକେ ବର୍ଷାପାଣିକୁ ଅଟକାଇ ରଖିବା ପାଇଁ ଆଡ଼ିବନ୍ଧମାନ ପକାଇ ଛୋଟ ଛୋଟ ଚୋଉକା ବା ଗାତ ତିଆରି କରିଛନ୍ତି। ଏହା ଜଳ ଅମଳରେ ସହାୟକ ହେବା ସହ ଭୂତଳ ଜଳ ସ୍ତରକୁ ପୁନଃଭରଣା କରୁଛି।

**ଜଳସ୍ତର ପୁନଃଭରଣା :** ଭୂତଳ ଜଳସ୍ତରର ପୁନଃଭରଣ ଦୁଇଗୁଣ ହାରରେ ହେବା ଆବଶ୍ୟକ। ଉଭୟ ପ୍ରାକୃତିକ ଓ କୃତ୍ରିମ ଉପାୟରେ ଏହା କରାଯାଇପାରିବ। ଭୂତଳରେ ଥିବା ଜଳଉତ୍ସ ମଧ୍ୟକୁ ଭୂପୃଷ୍ଠର ଉଦ୍‌ବୃତ ଜଳକୁ ମୁହାଁଇ ଦେବାର ବ୍ୟବସ୍ଥା କରାଇଲେ ତାହା ମାଟିତଳ ପାଣିର ସ୍ତରକୁ ବଢ଼ାଇବାରେ ସହାୟକ ହେବ। ଆବଶ୍ୟକ ସମୟରେ ଭୂତଳରେ ସଂଚିତ ଜଳରାଶୀକୁ ଉତ୍ତୋଳିତ କରାଯାଇପାରିବ। ପହାଡ଼ିଆ ଇଲାକା ଓ ସହରାଞ୍ଚଳରେ ବର୍ଷାଜଳ ଅମଳ କରି ଏହାକୁ ଅଧିକରୁ ଅଧିକ ଭୂତଳକୁ ଛଡ଼ାଯିବା ଆବଶ୍ୟକ।

ଭୂତଳ ଜଳ ଭୂପୃଷ୍ଠ ଜଳ ଅପେକ୍ଷା ଅଧିକ ନିରାପଦ ଓ ଜୀବାଣୁ ରହିତ। ନଦୀଜଳ ଭଳି ଭୂପୃଷ୍ଠ ଜଳଉତ୍ସ କମିଗଲେ ସେହି ସମୟରେ ଭୂତଳ ଜଳକୁ ଏକ ଜରୁରୀକାଳିନ ଆବଶ୍ୟକତା ଭାବେ ଉପଯୋଗ କରିହେବ। ଭୂତଳ ଜଳସ୍ତରକୁ ବଢ଼ାଇବାରେ ନଦୀ ଶଯ୍ୟା ସର୍ବାଧିକ ସହାୟକ ହୋଇଥାଏ। ନଈପାଣି ପ୍ରାକୃତିକ ପ୍ରକ୍ରିୟାରେ ମାଟିରେ ସିପି ସିପି ଭୂପୃଷ୍ଠ ଭିତରକୁ ଯାଇ ସେଠାକାର ଜଳଉତ୍ସରେ ମିଶେ। ତେଣୁ ନଦୀ ଶଯ୍ୟାକୁ ଶୁଖିଲା ରଖିବା ଅନୁଚିତ।

**କ୍ଷେତ୍ରଓ୍ୱାରୀ ପଦକ୍ଷେପ :** ବିଭିନ୍ନ କ୍ଷେତ୍ରରେ ଜଳର ଉପଯୋଗ ଏବଂ ପରିଚାଳନା କ୍ଷେତ୍ରରେ ଆବଶ୍ୟକ ସୁରକ୍ଷାବାଦୀ ପଦକ୍ଷେପ ଗ୍ରହଣ କରାଯିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଏହି ଦୁର୍ମୂଲ୍ୟ ପ୍ରାକୃତିକ ସଂପଦର ଅପଚୟ ରୋକାଯାଇପାରିବ।

**କୃଷି :** କୃଷି କ୍ଷେତ୍ରରେ ସର୍ବାଧିକ ମଧୁରଜଳ ବିନିଯୋଗ ହୋଇଥାଏ। ମାତ୍ର ଏହି ଜଳ ବ୍ୟବହାରରେ ନାନା ସମସ୍ୟା ରହିଛି। ଜଳ ବ୍ୟବହାରରେ ସ୍ୱଳ୍ପ ଦକ୍ଷତା ସେଥିମଧ୍ୟରୁ ଅନ୍ୟତମ। କୃଷି ପାଇଁ ୩୮-୪୦ ଶତାଂଶ କେନାଲ ପାଣି, ୬୦ ଶତାଂଶ ଭୂତଳ ଜଳ ଉତ୍ତୋଳନ, ଜଳର ଉପଲବ୍ଧତା ହ୍ରାସ, ଲୋକସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଅଧିକ ଫସଲ ଉତ୍ପାଦନର ଆବଶ୍ୟକତା; ପରିବର୍ତ୍ତିତ ଖାଦ୍ୟାଭ୍ୟାସ, ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ଲୋକଙ୍କୁ ଖାଦ୍ୟ ଯୋଗାଣର ଅଙ୍ଗୀକାର ଏସବୁର ପ୍ରତ୍ୟେକ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ପ୍ରତିଯୋଗିତାମୂଳକ ପ୍ରଭାବ ଶେଷରେ ପାଣି ଉପରେ ପ୍ରତିଫଳିତ ହେଉଛି । କାରଣ ପାଣି ବିନା ଏସବୁ କିଛି ହୋଇପାରିବ ନାହିଁ; ତେଣୁ ଜଳର ସୁରକ୍ଷା ଓ ସୁବିନିଯୋଗ ସର୍ବପ୍ରଥମ ଆବଶ୍ୟକତା ।

କୃଷି କ୍ଷେତ୍ରରେ ଜଳର ଉପଯୋଗ ଜନିତ ଦକ୍ଷତା ବୃଦ୍ଧି ପାଇଁ ନିମ୍ନଲିଖିତ ପଦକ୍ଷେପ ଗ୍ରହଣ କରାଯାଇପାରେ ।

୧) ଯେଉଁ ଫସଲ ଉପଲବ୍ଧ ଜଳରାଶି ମଧ୍ୟରେ ଅମଳ ହୋଇପାରୁଥିବ ତାହାକୁ ଚାଷ କରିବା ଉଚିତ । ଏହା ହେଲେ ଅତିରିକ୍ତ ଜଳର ଆବଶ୍ୟକତା ପଡ଼ିବ ନାହିଁ । ଆଖୁ ଓ ଧାନ ଅଧିକ ପାଣି ଲୋଡ଼େ । ତେଣୁ ଯେଉଁଠି ପ୍ରଚୁର ପାଣି ମିଳୁଛି ସେଠାରେ ଏ ଫସଲ ଚାଷ କରାଯିବା ଆବଶ୍ୟକ । ସ୍ଥାନୀୟ ଭାବେ ମିଳୁଥିବା ଫସଲ କିସମ ଚାଷ କରିବା ସହ ଏଥିପାଇଁ ସର୍ବନିମ୍ନ ମୂଲ୍ୟ / ବଜାର ଓ ବିପଣନ ବ୍ୟବସ୍ଥା କରିବାକୁ ହେବ ।

୨) କ୍ଷୁଦ୍ର ଜଳସେଚନ ଉପରେ ଅଧିକ ନିର୍ଭର କରି ବୁନ୍ଦା ବା ସିଞ୍ଚନ ସେଚ ବ୍ୟବସ୍ଥା ଆପଣେଇଲେ ଫସଲ ଆବଶ୍ୟକ ପରିମାଣର ପାଣି ପାଇବା ସହ ଜଳ ଅପଚୟ ରୋକିହୁଏ । ଏହାଦ୍ୱାରା ୪୦-୮୦ ଭାଗ ଜଳ ସଂଚୟ କରିହେବ । ଜମିର ବତର ରକ୍ଷା, ସାର ଓ ଔଷଧ ପ୍ରୟୋଗ ଆଦି ଅନୁମୋଦିତ ବ୍ୟବସ୍ଥା ମଧ୍ୟରେ କଲେ କମ୍ ପାଣିରେ ଅଧିକ ଅମଳ ସମ୍ଭବ ।

୩) ଜଳ ଓ ଜମି ପରିଚାଳନା କୃଷିର ସବୁଠୁ ବଡ଼ ଗୁରୁତ୍ୱପୂର୍ଣ୍ଣ ଦିଗ । ଜମି ସମତୁଲ କରି ସେଚ ବ୍ୟବସ୍ଥା କଲେ ପାଣି ନଷ୍ଟ ହୁଏନା । ଉଦ୍‌ବୃତ୍ତ ଜଳ ନଷ୍ଟ ନହୋଇ କିପରି ପୁନଃ ବ୍ୟବହୃତ ହୋଇପାରିବ ସେଥିପ୍ରତି ନଜର ରଖିବାକୁ ହେବ । ଜମିରେ ବତର ଯେପରି ଅଧିକ ଦିନ ରହି ପାରିବ ସେଥିପାଇଁ ବିଶେଷଜ୍ଞଙ୍କ ପରାମର୍ଶ ଅନୁସାରେ ହଳ କରି ଫସଲ ଚାଷ କରାଯିବା ଦରକାର । ଏହାଦ୍ୱାରା ୨୦ ରୁ ୩୦ ଶତାଂଶ ଜଳ ବଞ୍ଚାଇ ହେବ ।

୪) ସଘନ ଧାନଚାଷ ବା ଶ୍ରୀ ପଦ୍ଧତିର ଉପଯୋଗ ଦ୍ୱାରା ଧାନ ଫସଲ ଭଲ ହେବା ସହ ଅଧିକ ଉତ୍ପାଦନ ଦେଇଥାଏ । ଏହାଦ୍ୱାରା ପାଣିର ବ୍ୟବହାର ୨୯ ଶତାଂଶ କମ୍ ହୁଏ ତଥା ଅମଳ ସମୟ ପ୍ରାୟ ଦୁଇ ସପ୍ତାହ କମିଯାଏ । ଏହାଦ୍ୱାରା ଧାନର ଜଳଭିତ୍ତିକ ଉତ୍ପାଦକ ଶକ୍ତି ବଢ଼େ । ଆଖୁ ଚାଷରେ ମଧ୍ୟ ଏହି ପଦ୍ଧତି ଉପଯୋଗ କରିହେବ ।

**କୃଷି ପାଇଁ ୩୮-୪୦ ଶତାଂଶ କେନାଲ ପାଣି, ୬୦ ଶତାଂଶ ଭୂତଳ ଜଳ ଉତ୍ତୋଳନ, ଜଳର ଉପଲବ୍ଧତା ହ୍ରାସ, ଲୋକସଂଖ୍ୟା ବୃଦ୍ଧି ଦୃଷ୍ଟିରୁ ଅଧିକ ଫସଲ ଉତ୍ପାଦନର ଆବଶ୍ୟକତା; ପରିବର୍ତ୍ତିତ ଖାଦ୍ୟାଭ୍ୟାସ, ଖାଦ୍ୟ ସୁରକ୍ଷା ଆଇନ ଅନୁସାରେ ଲୋକଙ୍କୁ ଖାଦ୍ୟ ଯୋଗାଣର ଅଙ୍ଗୀକାର ଏସବୁର ପ୍ରତ୍ୟେକ୍ଷ ପ୍ରତିଯୋଗିତାମୂଳକ ପ୍ରଭାବ ଶେଷରେ ପାଣି ଉପରେ ପ୍ରତିଫଳିତ ହେଉଛି । କାରଣ ପାଣି ବିନା ଏସବୁ କିଛି ହୋଇପାରିବ ନାହିଁ; ତେଣୁ ଜଳର ସୁରକ୍ଷା ଓ ସୁବିନିଯୋଗ ସର୍ବପ୍ରଥମ ଆବଶ୍ୟକତା ।**

**ଶିଳ୍ପ ସଂସ୍ଥା :** ଦେଶର ଅର୍ଥନୀତିରେ ଶିଳ୍ପର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବାରୁ ଏହା ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି । ଫଳରେ ଏହି କ୍ଷେତ୍ରରେ ପାଣିର ବ୍ୟବହାର କ୍ରମଶଃ ବୃଦ୍ଧି ପାଉଛି । ଶିଳ୍ପ କ୍ଷେତ୍ରରେ ପ୍ରଚୁର ଜଳ ବ୍ୟବହାର ଯୋଗୁଁ ଏହାର ଅପଚୟ ଘଟିବା ସହ ପ୍ରଦୂଷଣ ମଧ୍ୟ ବଢୁଛି । ଫଳରେ ଜଳାଭାବ ଘଟିବା ସହ ଜଳର ମାନ ମଧ୍ୟ ଖରାପ ହେଉଛି ।

ପାଣି ଆଉ ସହଜଲବ୍ଧ କିମ୍ବା ଶସ୍ତା ପ୍ରାକୃତିକ ଜିନିଷ ହୋଇରହିନାହିଁ । ମଣିଷଠାରୁ ଜୀବଜଗତ ନିଜର ଦୈନନ୍ଦିନ ମୌଳିକ ଆବଶ୍ୟକତା ପାଇଁ ପାଣି ଉପରେ ଏବେ ନିର୍ଭରଶୀଳ । ପାଣି ଉପରେ ଚାପ ବଢୁଥିବା ସମୟରେ ଏଥିରୁ ଶିଳ୍ପ ସଂସ୍ଥା ଭାଗ ବସାଇବା ଫଳରେ ଏହା କ୍ରମଶଃ ଚାପର ସମ୍ମୁଖୀନ ହେଉଛି । ଏଥିଯୋଗୁଁ ମାନବାଧିକାର ମଧ୍ୟ ପ୍ରଭାବିତ ହେଲାଣି । ଅତଏବ କମ୍ପାନୀ ଓ ଶିଳ୍ପ ସଂସ୍ଥାମାନଙ୍କୁ କମ୍ ଜଳ ବ୍ୟବହାର କରି ଉତ୍ପାଦନ ବଢ଼ାଇବା ପ୍ରକ୍ରିୟା ହାତକୁ ନେବାକୁ ପଡ଼ିବ । ଏଥିପାଇଁ ଅବଶ୍ୟ ଶିଳ୍ପ ସଂସ୍ଥାମାନେ ଆଗ୍ରହ ପ୍ରକାଶ କଲେଣି । ସେମାନେ ନିଜର ଜଳବ୍ୟବହାରକୁ ନିୟନ୍ତ୍ରିତ କରିବାକୁ କର୍ତ୍ତୃପକ୍ଷଙ୍କୁ ମୁଚାଲିକା ମଧ୍ୟ ଦେଲେଣି । ଶିଳ୍ପ କ୍ଷେତ୍ରରେ ୨୫ ରୁ ୫୦ ଶତାଂଶ ଜଳବ୍ୟବହାର ହ୍ରାସ କରିବା ପାଇଁ ନୂଆ ନୂଆ ଜ୍ଞାନକୌଶଳ ବାହାରିଲାଣି । ଶିଳ୍ପୋଦ୍ୟୋଗୀମାନେ ଏହାକୁ ବ୍ୟବହାର କରିବା ଆବଶ୍ୟକ । ଏହାଛଡ଼ା ଦୂଷିତ ଜଳକୁ ବିଶୋଧନ କରି ତାହାକୁ ପୁନଃ ବ୍ୟବହାର କରିବା, ବର୍ଷାଜଳକୁ ସଂଗ୍ରହ କରି କାମରେ ଲଗାଇବା ଭଳି ଜ୍ଞାନ କୌଶଳର ବ୍ୟାପକ ଉପଯୋଗ ହେବା ଆବଶ୍ୟକ ।

## ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ଜୀବନଚକ୍ର ଅନୁଶୀଳନ :** ଏବେ ଶିଳ୍ପକ୍ଷେତ୍ରରେ ଜୀବନଚକ୍ର ଅନୁଶୀଳନ ବା ଲାଇଫ୍ ସାଇକଲ ଆନାଲିସିସ୍ ତତ୍ତ୍ୱକୁ ଗୁରୁତ୍ୱ ଦିଆଯାଉଛି । ଏଥିରେ ପ୍ରତ୍ୟେକ ସାମଗ୍ରୀର ପ୍ରସ୍ତୁତି ଓ ଉପଯୋଗ (କଞ୍ଚାମାଲ ଉତ୍ତୋଳନରୁ ସାମଗ୍ରୀର ପ୍ରସ୍ତୁତି, ବ୍ୟବହାର ଓ ନଷ୍ଟ ପର୍ଯ୍ୟନ୍ତ) ଦ୍ୱାରା ପରିବେଶ ଉପରେ କିପ୍ରକାର ପ୍ରଭାବ ପଡୁଛି ତାହାକୁ ଟିକିନିଖି ଅନୁଶୀଳନ କରାଯାଉଛି । ଏହି ପ୍ରକ୍ରିୟାରେ ପ୍ରତ୍ୟେକ ସ୍ତରରେ କେତେ ଜଳର ଆବଶ୍ୟକତା ପଡୁଛି ତାହା ମଧ୍ୟ ହିସାବ କରାଯାଉଛି । ତଦନୁସାରେ ଜଳର ଆବଶ୍ୟକତା ଓ ଯଥାର୍ଥତାକୁ ବିଚାରକୁ ନେଇ କାମ କରିବାକୁ ପଡ଼ିବ ।

ଜଳଯୋଗାଣ ଓ ପରିଚାଳନା, ଶିଳ୍ପ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ତେଣୁ ଏହା ଯେପରି ଅପଚୟ ନହୁଏ ସେଥିପାଇଁ ଯୋଗାଣ ବ୍ୟବସ୍ଥାକୁ ଉପଯୁକ୍ତ କରିବାକୁ ହେବ । ଏଥିରେ ଜଳଉତ୍ସର ସୁରକ୍ଷା, ବିକାଶ, ସ୍ଥାନୀୟ ଲୋକଙ୍କ ସହଯୋଗ, ସ୍ଥାନୀୟ ଆବଶ୍ୟକତାକୁ ଅଗ୍ରାଧିକାର ଆଦି ବିଷୟ ରହିଛି । ସରକାରୀ ଓ ବେସରକାରୀ ସଂସ୍ଥାଙ୍କ ସହ ଏ କ୍ଷେତ୍ରରେ ମିଶି ମଧ୍ୟ କାମ କରାଯାଇପାରିବ ।

ଉନ୍ନତ ଓ ଦକ୍ଷ ବ୍ୟବସ୍ଥା ଗ୍ରହଣ ସତ୍ତ୍ୱେ ଯେଉଁ କ୍ଷେତ୍ରରେ ଜଳବ୍ୟବହାର ହ୍ରାସ କରାଯାଇପାରିବ ନାହିଁ ସେଠାରେ ବ୍ୟବହୃତ ଜଳର ପୁନଃ ବ୍ୟବହାର କିମ୍ବା ପୁନଃ ପ୍ରକ୍ରିୟାକରଣ କରିବାକୁ ପଡ଼ିବ । ଏଥିପାଇଁ ଆବଶ୍ୟକ ଭିତ୍ତିଭୂମି ଓ ବ୍ୟବସ୍ଥା ନିମନ୍ତେ ନିବେଶର ଆବଶ୍ୟକତା ରହିଛି । ଏହାକୁ ୱାଟର ଅଫସେଟ୍ ବ୍ୟବସ୍ଥା କୁହାଯାଉଛି । କୃତ୍ରିମ ଜଙ୍ଗଲ ସୃଷ୍ଟି, ଜଳବିଭାଜିକା ନିର୍ମାଣ ଆଦି ଏହି ବ୍ୟବସ୍ଥାର ଅନ୍ତର୍ଭୁକ୍ତ ।

**ଉପସଂହାର :** ଏବେ ଭାରତରେ ଯେଉଁ ଜଳାଭାବ ସମସ୍ୟା ସୃଷ୍ଟି ହୋଇଛି ସେ ସ୍ଥିତିକୁ ବଦଳାଇ ଦେଶକୁ ପୁନର୍ବାର ଜଳ ସମୃଦ୍ଧ କରିବା ଅସମ୍ଭବ ନୁହେଁ । ଉପର ବର୍ଣ୍ଣିତ ପଦକ୍ଷେପମାନ ଗ୍ରହଣ କରାଗଲେ ଏହା ସମ୍ଭବ ହେବ । ଭାରତରେ କେତେ ବୃଷ୍ଟିପାତ ହେଉଛି ତାହା ଏବେ ବଡ଼ କଥା ନୁହେଁ, ବଡ଼କଥା ହେଉଛି ହେଉଥିବା ବର୍ଷାରୁ ଆମେ କେତେ ଜଳ ଆମର ବ୍ୟବହାରରେ ଲଗାଇ ପାରୁଛୁ ଓ କେତେ ଭବିଷ୍ୟତ ପାଇଁ ସଂରକ୍ଷିତ କରିପାରୁଛୁ ।

ଏକ ଆର୍ନ୍ତଜାତିକ ସାମାଜିକ ବିକାଶ ପରାମର୍ଶଦାତା ସଂସ୍ଥାରେ ଲେଖିକା କାର୍ଯରତ ।

*****

## ଜାତୀୟ ପୁଂଜିନିବେଶ ଓ ବିନିର୍ମାଣ ଜୋନ୍

ଓଡ଼ିଶାର ଯାଜପୁରର କଳିଙ୍ଗନଗରଠାରେ ଜାତୀୟ ପୁଂଜିନିବେଶ ଓ ବିନିର୍ମାଣ ଜୋନ୍ ପ୍ରତିଷ୍ଠା ପାଇଁ କେନ୍ଦ୍ର ବାଣିଜ୍ୟ ମନ୍ତ୍ରଣାଳୟ ତରଫରୁ ଚୂଡ଼ାନ୍ତ ଅନୁମତି ପ୍ରଦାନ କରାଯାଇଥିବା କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି ।

୪୨୪୧ କୋଟି ଟଙ୍କା ବ୍ୟୟରେ ଏହି ପ୍ରକଳ୍ପ ପାଇଁ ବ୍ୟୟ ବରାଦ କରାଯାଇଛି । ଏହି ପ୍ରକଳ୍ପର ପ୍ରଥମ ଚରଣ ୩୮୧୬ କୋଟି ଟଙ୍କା ବ୍ୟୟରେ ୨୦୨୦ ସୁଦ୍ଧା ସଂପୂର୍ଣ୍ଣ ହେବ ବୋଲି ଶ୍ରୀ ପ୍ରଧାନ ସୂଚନା ଦେଇଛନ୍ତି । ଏହି ପ୍ରକଳ୍ପରେ ୧.୫ ଲକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ ବୋଲି ବାଣିଜ୍ୟ ମନ୍ତ୍ରଣାଳୟ ତରଫରୁ ଆକଳନ କରାଯାଇଥିବା ଶ୍ରୀ ପ୍ରଧାନ କହିଛନ୍ତି ।

# ଜଳସେଚନରେ ସରକାରୀ ନିବେଶ

ସୀମା ବାଠ୍‌ଲା

**ବର୍ଷାଭାବ ଓ ଉତ୍ତାପ ବୃଦ୍ଧି ଜନିତ କାରଣରୁ କୃଷି କ୍ଷେତ୍ର ଉପରେ ପ୍ରଭାବ ପଡ଼ି ଉତ୍ପାଦନ କମୁଛି ଏବଂ ଖାଦ୍ୟ ନିରାପତ୍ତା ବିପନ୍ନ ହେଉଛି। ଏଭଳି ପରିସ୍ଥିତିରେ କୃଷି ଉପରେ ମୁଖ୍ୟତଃ ନିର୍ଭରଶୀଳ ଦେଶର ମୋଟ ଜନସଂଖ୍ୟାର ଏକ ବଡ଼ଭାଗ ପ୍ରଭାବିତ ହେବା ସହ ସେମାନଙ୍କ ଜୀବିକା ବିପନ୍ନ ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇ କ୍ଷୁଦ୍ର ଓ ବୃହତ୍ ଜଳସେଚନ ଯୋଜନାରେ ପୁଞ୍ଜି ଲଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ମାଧ୍ୟମରେ ବିପୁଳ ସରକାରୀ ଅର୍ଥ ବିନିଯୋଗ କରି ଅଧିକରୁ ଅଧିକ ଜମିକୁ ସ୍ଥାୟୀ ସେଚ ସୁବିଧା ଯୋଗାଣ ସହିତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲ ହୋଇପାରିବ କି ନାହିଁ ତାହା ବିଚାର କରିବା ଗୁରୁତ୍ୱପୂର୍ଣ୍ଣ।**

ଭାରତ ଏବେ ଏକ ଉତ୍କଟ ଜଳସଂକଟର ସମ୍ମୁଖୀନ। ଦେଶର ୫୦ ଶତାଂଶରୁ ଅଧିକ ଜିଲ୍ଲାରେ ମରୁଡ଼ିର ପ୍ରଭାବ ପଡ଼ିଛି। ସବୁଠୁ ଖରାପ ଅବସ୍ଥା ମହାରାଷ୍ଟ୍ର, କର୍ଣ୍ଣାଟକ, ଝାଡ଼ଖଣ୍ଡ ଓ ତେଲେଙ୍ଗାନା ର। ମରୁଡ଼ି ଯୋଗୁଁ ଏସବୁ ରାଜ୍ୟ ସର୍ବାଧିକ କ୍ଷତିଗ୍ରସ୍ତ। ରାଜ୍ୟ-ରାଜ୍ୟ ଏବଂ ଅଞ୍ଚଳ-ଅଞ୍ଚଳ ମଧ୍ୟରେ ଜଳାଭାବର ମାତ୍ରା ଏବଂ ବ୍ୟାପକତା ଭିନ୍ନ ହୋଇଥିଲେ ହେଁ ମରୁଡ଼ିର ପ୍ରଭାବ ଫସଲ, ପଶୁ ସଂପଦ ଏବଂ ପ୍ରାକୃତିକ ସଂପଦ ଉପରେ ଅଳ୍ପ ବହୁତେ ସ୍ପଷ୍ଟ ପ୍ରତୀୟମାନ। ଏଥର ମରୁଡ଼ି ଯୋଗୁଁ ଦେଶର ୩୩କୋଟି ଲୋକ ପ୍ରଭାବିତ ହୋଇଛନ୍ତି। ତେଣୁ ଏଭଳି ପରିସ୍ଥିତିର ମୁକାବିଲା ପାଇଁ ସମଗ୍ର ରାଷ୍ଟ୍ର ଚିନ୍ତାକରିବାର ସମୟ ଆସିଛି। କେନ୍ଦ୍ର ସରକାର ଫସଲ କ୍ଷତି ଜନିତ ସ୍ଥିତିର ଭରଣା ପାଇଁ ରିଲିଫ ଯୋଗାଣ ପ୍ରୟାସ ଆରମ୍ଭ କରିଛନ୍ତି। ଉତ୍କଟ ଜଳାଭାବର ସମ୍ମୁଖୀନ ହୋଇଥିବା ଇଲାକାକୁ ଟ୍ରେନ ଯୋଗେ ପାଣି ପଠାଇବାର ବ୍ୟବସ୍ଥା କରିଛନ୍ତି ଏବଂ ଭୂତଳ ଜଳଉତ୍ସର ଉଚିତ ବିନିଯୋଗ ପାଇଁ ପଦକ୍ଷେପମାନ ହାତକୁ ନେଇଛନ୍ତି। ମରୁଡ଼ି ପରିସ୍ଥିତିର ମୁକାବିଲା ପାଇଁ ରାଜ୍ୟ ସରକାରଗୁଡ଼ିକୁ କେନ୍ଦ୍ର ସରକାରଙ୍କ ପକ୍ଷରୁ ମଧ୍ୟ ଆର୍ଥିକ ସହାୟତା ଯୋଗାଇ ଦିଆଯାଉଛି।

ଏହା ସତ୍ତ୍ୱେ ଦେଶରେ ମରୁଡ଼ି ଏବେ ଏକ ଅଲଂଘନୀୟ ସମସ୍ୟା ଭାବେ ମୁଣ୍ଡ ଟେକିଛି ଏବଂ ବାରମ୍ୱାର ଦେଖାଦେଉଛି। ଏହାର କାରଣ ହେଲା ଦେଶରେ ଉପଲବ୍ଧ ସମୁଦାୟ ମଧୁର ଜଳଉତ୍ସର ୭୫ ଶତାଂଶ କୃଷି କାର୍ଯ୍ୟରେ ବ୍ୟବହୃତ ହେଉଛି। ବର୍ଷାଭାବ ଓ ଉତ୍ତାପ ବୃଦ୍ଧି ଜନିତ କାରଣରୁ କୃଷି କ୍ଷେତ୍ର ଉପରେ ପ୍ରଭାବ ପଡ଼ି ଉତ୍ପାଦନ କମୁଛି ଏବଂ ଖାଦ୍ୟ ନିରାପତ୍ତା ବିପନ୍ନ ହେଉଛି। ଏଭଳି ପରିସ୍ଥିତିରେ କୃଷି ଉପରେ ମୁଖ୍ୟତଃ ନିର୍ଭରଶୀଳ ଦେଶର ମୋଟ ଜନସଂଖ୍ୟାର ଏକ ବଡ଼ଭାଗ ପ୍ରଭାବିତ ହେବା ସହ ସେମାନଙ୍କ ଜୀବିକା ବିପନ୍ନ ହେଉଛି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ସରକାରୀ ସ୍ତରରେ ବିଭିନ୍ନ ପ୍ରସ୍ତାବ ଗ୍ରହଣ କରାଯାଇ କ୍ଷୁଦ୍ର ଓ ବୃହତ୍ ଜଳସେଚନ ଯୋଜନାରେ ପୁଞ୍ଜି ଲଗାଣ ଉପରେ ଗୁରୁତ୍ୱ ଦିଆଯାଇଛି। ଏହି ଉଦ୍ଦେଶ୍ୟରେ ପ୍ରଧାନମନ୍ତ୍ରୀ କୃଷି ସିଁଚାଇ ଯୋଜନା ପ୍ରସ୍ତୁତ କରାଯାଇଛି। ଏହି ଯୋଜନା ମାଧ୍ୟମରେ ବିପୁଳ ସରକାରୀ ଅର୍ଥ ବିନିଯୋଗ କରି ଅଧିକରୁ ଅଧିକ ଜମିକୁ ସ୍ଥାୟୀ ସେଚ ସୁବିଧା ଯୋଗାଣ ସହିତ ଖାଦ୍ୟଶସ୍ୟ ଉତ୍ପାଦନ ବୃଦ୍ଧି ଲକ୍ଷ୍ୟ ହାସଲ ହୋଇପାରିବ କି ନାହିଁ ତାହା ବିଚାର କରିବା ଗୁରୁତ୍ୱପୂର୍ଣ୍ଣ। ଯଦି ଏହି ଯୋଜନା ତାହାର ଲକ୍ଷ୍ୟ ସାଧନରେ ବିଫଳ ହେବାର ଆଶଙ୍କା ଦେଖାଦିଏ ତେବେ ସେଥିରେ ଅଧିକ ମନୋନିବେଶ ନ'କରି କୌଶଳ ପରିବର୍ତ୍ତନ କରିବାର ଯଥାର୍ଥତା ରହିଛି। ମଧ୍ୟମ ଓ ବୃହତ୍ ସେଚ ପ୍ରକଳ୍ପ ପରିବର୍ତ୍ତେ କ୍ଷୁଦ୍ର ଓ ଅତି କ୍ଷୁଦ୍ର ସେଚ ଯୋଜନା ଉପରେ ଗୁରୁତ୍ୱ ଦେବା ସହ ନୂତନ ପ୍ରଯୁକ୍ତି ଓ ଜ୍ଞାନକୌଶଳର ବିନିଯୋଗକୁ ଅଗ୍ରାଧିକାର ଦେଇ ଜଳସଂରକ୍ଷଣ ଓ ଉତ୍ତମ ଉପଯୋଗ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ସମ୍ପର୍କରେ ବିଚାର କରାଯିବା ଆବଶ୍ୟକ। ଏଥିପାଇଁ କେନାଲ ପାଣି ଓ ଭୂତଳ ଜଳର ବ୍ୟବହାର, ଏବାବଦରେ ଚାଷୀଙ୍କୁ ରିଆତି ପ୍ରଦାନ, ଏକ୍ଷେତ୍ରରେ ପୁଂଜି ଲଗାଣ ଆଦି ଯେଉଁସବୁ ମୌଳିକ ପ୍ରସଙ୍ଗ ରହୁଛି ସେଥି ପାଇଁ ସରକାରୀ ସ୍ତରରେ ନୂଆ ନୀତି ପ୍ରସ୍ତୁତିର ଆବଶ୍ୟକତା ରହିଛି। ସେ ବିଷୟରେ ଚିନ୍ତା କରାଯିବା ଆବଶ୍ୟକ। ଜଳସଂକଟ ଜନିତ ପରିସ୍ଥିତିର ମୁକାବିଲା କ୍ଷେତ୍ରରେ ପ୍ରଚଳିତ ବ୍ୟବସ୍ଥା, ସମ୍ଭାବ୍ୟ ନୀତିଗତ ନିଷ୍ପତ୍ତି ନିର୍ଦ୍ଧାରଣ ଏବଂ ବିଭିନ୍ନ ଯୋଜନାରେ ପୁଂଜି ଲଗାଣର ବିଭିନ୍ନ ଦିଗ ସଂପର୍କରେ ଏହି ଲେଖାରେ ଆଲୋକପାତ କରାଯାଇଛି। କୃଷି ଓ ଜଳସେଚନ ରାଜ୍ୟ ତାଲିକାଭୁକ୍ତ ବିଷୟ ଏବଂ ଏଥିରେ କେନ୍ଦ୍ର ଅପେକ୍ଷା ରାଜ୍ୟ ସରକାରଙ୍କ ଭୂମିକା ଅଧିକ। ତେବେ ୧୯୮୧-୮୨ ରୁ ୨୦୧୩-୧୪ ମଧ୍ୟରେ ଜଳସେଚନ ଉପରେ ହୋଇଥିବା ଏକ ଅନୁଧ୍ୟାନ ଅନୁସାରେ କୃଷି ଓ ଜଳସେଚନର ବିକାଶ ପାଇଁ ବିଭିନ୍ନ ରାଜ୍ୟ ସରକାର ଗ୍ରହଣ କରିଥିବା ପଦକ୍ଷେପରେ ବ୍ୟାପକ ତାରତମ୍ୟ ରହିଛି। ଫଳରେ କୃଷି ଓ ଜଳସେଚନର ଏକ ସମତୁଲ ବିକାଶ ଦେଶବ୍ୟାପୀ ସମ୍ଭବ ହୋଇପାରିନି। ଆର୍ଥିକ ହିସାବ, କେନ୍ଦ୍ର ସରକାରଙ୍କ କୃଷି ପରିସଂଖ୍ୟାନ ଆଦିରୁ ମିଳିଥିବା ତଥ୍ୟ ଅନୁସାରେ କୃଷି ଓ ଜଳସେଚନ କ୍ଷେତ୍ରରେ ନିବେଶ ହେଉଥିବା ଅର୍ଥ, ସବ୍‌ସିଡି ବାବଦ ଦେୟ, ରକ୍ଷଣାବେକ୍ଷଣ ଓ ପରିଚାଳନାଗତ ବ୍ୟୟ, ସୁଧବାବଦ ଦେୟ, ମିଳୁଥିବା ମୋଟ ରାଜସ୍ୱ ଏବଂ କୃଷି କ୍ଷେତ୍ରର ମୋଟ ଉତ୍ପାଦନର ମୂଲ୍ୟକୁ ହିସାବକୁ ନେଲେ ଏହା ନୈରାଶ୍ୟଜନକ ଚିତ୍ର ପ୍ରଦାନ କରେ।

ଆନ୍ତଃ-ରାଜ୍ୟ ପାର୍ଥକ୍ୟ : ସବୁ ବିକାଶଶୀଳ ଦେଶରେ ଉଲ୍ଲେଖନୀୟ କୃଷି ଉତ୍ପାଦନ ବୃଦ୍ଧି ପାଇଁ ସରକାରୀ ପ୍ରୋତ୍ସାହନ ଓ ଅର୍ଥ ବିନିଯୋଗକୁ ଏକ ଗୁରୁତ୍ୱପୂର୍ଣ୍ଣ ନୀତି ଭାବେ ଗ୍ରହଣ କରାଯାଇଥାଏ। କୃଷିକ୍ଷେତ୍ରର ଅଭିବୃଦ୍ଧି ଓ ଅଧିକ ଉତ୍ପାଦନ ମଧ୍ୟ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ପଥ ଭାବେ ପରିଗଣିତ ହୁଏ। କୃଷି ଉପରେ ସର୍ବାଧିକ ଲୋକ ଜୀବିକାର୍ଜନ ପାଇଁ ନିର୍ଭର କରିଥାନ୍ତି ଏବଂ ସେମାନେ ମୁଖ୍ୟତଃ ଗରିବ ଓ ଗ୍ରାମାଞ୍ଚଳ ବାସୀନ୍ଦା। ଅତଏବ ସେମାନଙ୍କ ରାଜ୍ୟର ଉନ୍ନତି ସହ କୃଷି କ୍ଷେତ୍ରରେ ବିକାଶ ସଂଯୁକ୍ତ। ସେଥିପାଇଁ ସବୁ ଦେଶ ନିମନ୍ତେ କୃଷି କ୍ଷେତ୍ରରେ ପୁଞ୍ଜିନିବେଶ, ବ୍ୟୟ, ସବ୍‌ସିଡି, କୃଷି ଲଗାଣ, ଉତ୍ପାଦନ ଏବଂ ଦାରିଦ୍ର୍ୟ ଦୂରୀକରଣ ଉପରେ ଏହାର ପ୍ରଭାବ ସଂକ୍ରାନ୍ତ ମଡେଲ ବା ନୀତି ପ୍ରଣିତ ହୋଇଛି। ଭାରତ ପରିପ୍ରେକ୍ଷୀରେ ଏହି ତଥ୍ୟରୁ ଜଣାପଡ଼େ ଯେ ୧୯୭୦ ଓ ୮୦ ଦଶକରେ ବୃହତ୍-ମଧ୍ୟମ ଜଳସେଚନ ବ୍ୟବସ୍ଥା, ଗବେଷଣା ଓ ଉନ୍ନୟନ; କୃଷି କ୍ଷେତ୍ରରେ ପୁଂଜି ବିନିଯୋଗରେ ସରକାରୀ ରିଆତି ବାବଦରେ ସର୍ବାଧିକ ଅର୍ଥ ଯୋଗାଇ ଦିଆଯାଇଥିଲା।

ସବୁଜ ବିପ୍ଳବ ସମୟରେ ଅଧିକ ଅମଳକ୍ଷମ ବିହନର ବ୍ୟବହାର, ସାର ଓ କୀଟନାଶକର ପ୍ରଚଳନ ତଥା ଅଧିକ ଉତ୍ପାଦନ ଭିତ୍ତିକ କୃଷି ବ୍ୟବସ୍ଥା ଗ୍ରହଣ କରାଯିବାରୁ ଏ କ୍ଷେତ୍ରରେ ଘରୋଇ ନିବେଶ ବଢ଼ିଥିଲା। ଏହା ଫଳରେ ଖାଦ୍ୟ ଶସ୍ୟ ଉତ୍ପାଦନ ବୃଦ୍ଧି ପାଇବା ସହ ଭାରତ ଖାଦ୍ୟ ନିଅଣ୍ଟିଆରୁ ଏକ ବଳକା ରାଷ୍ଟ୍ରର ମାନ୍ୟତା ହାସଲ କଲା। ଉତ୍ପାଦନ ବୃଦ୍ଧି ଓ ଦାରିଦ୍ର୍ୟ ଦୂରୀକରଣରେ ଜଳସେଚନର ଶକ୍ତିଶାଳୀ ପ୍ରଭାବ ପରିଲକ୍ଷିତ ହେବା ପରେ ଯୋଗାଯୋଗ ଓ ଶିକ୍ଷା ଉପରେ ୧୯୯୦ ଦଶକରେ ଗୁରୁତ୍ୱ ଦିଆଗଲା। ସେଥିରେ ସବ୍‌ସିଡି ଓ ପୁଂଜିନିବେଶ ଅଗ୍ରାଧିକାର ପାଇଲା। କ୍ରମଶଃ ସବ୍‌ସିଡି ଉପରୁ ନିବେଶ ଉପରେ ଅଧିକ ଧ୍ୟାନ କେନ୍ଦ୍ରୀତ ହେଲା ଓ ନିବେଶ ବଢ଼ିଲା।

**କୃଷିକ୍ଷେତ୍ରର ଅଭିବୃଦ୍ଧି ଓ ଅଧିକ ଉତ୍ପାଦନ ମଧ୍ୟ ଦାରିଦ୍ର୍ୟ ଦୂରୀକରଣର ଏକ ପ୍ରମୁଖ ପଥ ଭାବେ ପରିଗଣିତ ହୁଏ। କୃଷି ଉପରେ ସର୍ବାଧିକ ଲୋକ ଜୀବିକାର୍ଜନ ପାଇଁ ନିର୍ଭର କରିଥାନ୍ତି ଏବଂ ସେମାନେ ମୁଖ୍ୟତଃ ଗରିବ ଓ ଗ୍ରାମାଞ୍ଚଳ ବାସୀନ୍ଦା। ଅତଏବ ସେମାନଙ୍କ ରାଜ୍ୟର ଉନ୍ନତି ସହ କୃଷି କ୍ଷେତ୍ରରେ ବିକାଶ ସଂଯୁକ୍ତ। ସେଥିପାଇଁ ସବୁ ଦେଶ ନିମନ୍ତେ କୃଷି କ୍ଷେତ୍ରରେ ପୁଞ୍ଜିନିବେଶ, ବ୍ୟୟ, ସବ୍‌ସିଡି, କୃଷି ଲଗାଣ, ଉତ୍ପାଦନ ଏବଂ ଦାରିଦ୍ର୍ୟ ଦୂରୀକରଣ ଉପରେ ଏହାର ପ୍ରଭାବ ସଂକ୍ରାନ୍ତ ମଡେଲ ବା ନୀତି ପ୍ରଣିତ ହୋଇଛି। ଭାରତ ପରିପ୍ରେକ୍ଷୀରେ ଏହି ତଥ୍ୟରୁ ଜଣାପଡ଼େ ଯେ ୧୯୭୦ ଓ ୮୦ ଦଶକରେ ବୃହତ୍-ମଧ୍ୟମ ଜଳସେଚନ ବ୍ୟବସ୍ଥା, ଗବେଷଣା ଓ ଉନ୍ନୟନ; କୃଷି କ୍ଷେତ୍ରରେ ପୁଂଜି ବିନିଯୋଗରେ ସରକାରୀ ରିଆତି ବାବଦରେ ସର୍ବାଧିକ ଅର୍ଥ ଯୋଗାଇ ଦିଆଯାଇଥିଲା।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ଜଳସେଚନ କ୍ଷେତ୍ରରେ ପୁଂଜିନିବେଶର ହାର ଉଲ୍ଲେଖନୀୟ ହୋଇଥିଲେ ହେଁ ପ୍ରତ୍ୟେକ ରାଜ୍ୟର ଏ କ୍ଷେତ୍ରରେ ନିବେଶ ଓ ବ୍ୟୟ (ପୁଂଜି + ରାଜସ୍ୱ)ର ହାର ନୈରାଶ୍ୟଜନକ। ଦେଶର ୧୭ଟି ବଡ଼ ରାଜ୍ୟରେ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ସରକାରୀ ନିବେଶ ଅଶୀଦଶକରେ ମୋଟ ପୁଂଜିନିବେଶର ୫୦ ଶତାଂଶ ମଧ୍ୟରେ ସୀମିତ ଥିଲା। ନବେ ଦଶକରେ ଏହା ୪୧% ଏବଂ ଚଳିତ ଶତାବ୍ଦୀର ପ୍ରଥମ ଦଶକରେ ୩୨ ଶତାଂଶକୁ କମିଆସିଥିଲା। ମୋଟ ଖର୍ଚ୍ଚ ହିସାବରେ ସରକାରୀ ନିବେଶ ଅଂଶ ଏହି ସମୟରେ ୬.୯ ରୁ ୪.୨ ଶତାଂଶକୁ ହ୍ରାସ ପାଇଥିଲା। ଏଥିରୁ ସ୍ୱଷ୍ଟ ହୁଏ ଯେ ଜଳସେଚନର ବିକାଶ ପାଇଁ ରାଜ୍ୟମାନେ ଅପେକ୍ଷାକୃତ କମ୍ ଅଗ୍ରାଧିକାର ଦେଇଛନ୍ତି। ଏହି କାରଣରୁ କୃଷି କ୍ଷେତ୍ରରେ ମାନ୍ଦାବସ୍ଥା ସୃଷ୍ଟି ହେବା ସହ ଉତ୍ପାଦନ ମଧ୍ୟ କମିଛି।**

ତେବେ ସେ ଯା'ହେଉ ଚଳିତ ଶତାବ୍ଦୀର ପ୍ରଥମ ଦଶକରେ ଜଳସେଚନ ଉପରେ ଅଧିକ ଗୁରୁତ୍ୱ ଦିଆଯାଇ ନିବେଶ ବୃଦ୍ଧି ହେଲା। ଲକ୍ଷ୍ୟ ଥିଲା କୃଷି ଉତ୍ପାଦନ ବୃଦ୍ଧି। ୧୯୮୦-୯୦ ଦଶକରେ ଏବାବଦ ପୁଂଜି ନିବେଶ ମୋଟ ୯୪୪୦ କୋଟି ଟଙ୍କା ଥିବା ବେଳେ ଏକବିଂଶ ଶତାବ୍ଦିର ପ୍ରଥମ ଦଶ ବର୍ଷରେ ଏହା ୨୪୦୪୦ କୋଟି ଟଙ୍କାକୁ (ବାସ୍ତବ ମୂଲ୍ୟରେ) ବୃଦ୍ଧି ପାଇଲା। ଗୁଜରାଟ, କର୍ଣ୍ଣାଟକ, ମହାରାଷ୍ଟ୍ର, ଅବିଭକ୍ତ ଆନ୍ଧ୍ରପ୍ରଦେଶ, ମଧ୍ୟପ୍ରଦେଶ ଓ ବିହାରରେ ଏହି ଅଭିବୃଦ୍ଧି ହାର ଅଧିକ ଥିଲା। ପୁରୁଣା ନୀତିକୁ କାର୍ଯ୍ୟକାରୀ କରି ଖର୍ଚ୍ଚର ଏକ ବୃହତ୍ ଅଂଶ ବା ୮୧ ଶତାଂଶ ମାଧ୍ୟମରେ, ୧୩ ଶତାଂଶ କ୍ଷୁଦ୍ର ସେଚ ଯୋଜନାରେ, ଏକ ଶତାଂଶ ସେଚାଞ୍ଚଳ ବିକାଶ, ୫ ଶତାଂଶ ବନ୍ୟା ନିୟନ୍ତ୍ରଣ ଏବଂ ଅଳ୍ପ କିଛି କେନାଲ ଜଳସେଚନରେ ସବ୍‌ସିଡି ଆକାରରେ ବ୍ୟୟ କରାଗଲା। ୨୦୦୫-୨୦୦୬ଠାରୁ ଉତ୍ତରାଞ୍ଚଳ ରାଜ୍ୟ ସମୂହ ସହିତ ମଧ୍ୟପ୍ରଦେଶ, କେରଳ ଏବଂ ଓଡ଼ିଶା ବୃହତ୍ ସେଚ ପ୍ରକଳ୍ପରେ ଅଧିକ ଅର୍ଥ ବିନିଯୋଗ କଲେ। ଏହାର ଫଳ ସ୍ୱରୂପ ମଧ୍ୟମ ସେଚ ଯୋଜନାରେ ହାରାହାରି ପୁଂଜି ବ୍ୟୟ ଅନୁପାତ ୬୨ ଶତାଂଶକୁ ହ୍ରାସ ପାଇଲା। ଅପରପକ୍ଷରେ ବୃହତ୍ ପ୍ରକଳ୍ପରେ ଏହି ଅନୁପାତ ୧୯ ଶତାଂଶ ବଢ଼ିଗଲା। ଉଭୟ କ୍ଷୁଦ୍ର ଓ ମଧ୍ୟମ ପ୍ରକଳ୍ପରେ ପୁଂଜି ବିନିଯୋଗ ସମୁଦାୟ ୩ ଗୁଣ ବଢ଼ିବା ବେଳେ କ୍ଷୁଦ୍ର ପ୍ରକଳ୍ପରେ ଏହା ଥିଲା ୨.୫ ଗୁଣ ଅଧିକ। ବୃହତ୍ ଓ ମଧ୍ୟମ ଜଳସେଚନ ପ୍ରକଳ୍ପରେ ପୁଂଜିନିବେଶର ବାର୍ଷିକ ଅଭିବୃଦ୍ଧି ହାର କ୍ଷୁଦ୍ର ସେଚ ପ୍ରକଳ୍ପଠାରୁ ନିଶ୍ଚିତ ଅଧିକ ଥିଲା।

ମଧ୍ୟମ ସେଚ ପ୍ରକଳ୍ପଠାରୁ କ୍ଷୁଦ୍ର ସେଚ ପ୍ରକଳ୍ପରେ ସରକାରୀ ପୁଂଜି ନିବେଶ ଅପେକ୍ଷାକୃତ ସ୍ୱଳ୍ପ ଥିଲେ ମଧ୍ୟ ସରକାରଙ୍କୁ କ୍ଷୁଦ୍ର ସେଚ ପ୍ରକଳ୍ପ ପାଇଁ ବିପୁଳ ବ୍ୟୟ ବହନ କରିବାକୁ ପଡୁଥିଲା। ଏସବୁ ପ୍ରକଳ୍ପରୁ ଭୂତଳ ଜଳ ଉତ୍ତୋଳନ କରିବା ପାଇଁ ଚାଷୀଙ୍କୁ ସରକାର ବ୍ୟୟ ଉପରେ ସବ୍‌ସିଡି ଦେଉଥିଲେ। ଆହୁରି ମଧ୍ୟ ଏସବୁ ପ୍ରକଳ୍ପରେ ରାଜ୍ୟ ସରକାରମାନେ ବିଶେଷ ବ୍ୟୟ ବା ପ୍ରତ୍ୟେକ୍ଷ ନିବେଶ କରୁ ନଥିଲେ। ସେମାନେ କେବଳ ମୂଳଧନ ପୁଂଜି ଉପରେ ଚାଷୀଙ୍କୁ ରିହାତି ପ୍ରଦାନ କରୁଥିଲେ।

ଜଳସେଚନ କ୍ଷେତ୍ରରେ ପୁଂଜିନିବେଶର ହାର ଉଲ୍ଲେଖନୀୟ ହୋଇଥିଲେ ହେଁ ପ୍ରତ୍ୟେକ ରାଜ୍ୟର ଏ କ୍ଷେତ୍ରରେ ନିବେଶ ଓ ବ୍ୟୟ (ପୁଂଜି + ରାଜସ୍ୱ)ର ହାର ନୈରାଶ୍ୟଜନକ। ଦେଶର ୧୭ଟି ବଡ଼ ରାଜ୍ୟରେ ଜଳସେଚନ ଓ ବନ୍ୟା ନିୟନ୍ତ୍ରଣ କ୍ଷେତ୍ରରେ ସରକାରୀ ନିବେଶ ଅଶୀଦଶକରେ ମୋଟ ପୁଂଜିନିବେଶର ୫୦ ଶତାଂଶ ମଧ୍ୟରେ ସୀମିତ ଥିଲା। ନବେ ଦଶକରେ ଏହା ୪୧% ଏବଂ ଚଳିତ ଶତାବ୍ଦୀର ପ୍ରଥମ ଦଶକରେ ୩୨ ଶତାଂଶକୁ କମିଆସିଥିଲା। ମୋଟ ଖର୍ଚ୍ଚ ହିସାବରେ ସରକାରୀ ନିବେଶ ଅଂଶ ଏହି ସମୟରେ ୬.୯ ରୁ ୪.୨ ଶତାଂଶକୁ ହ୍ରାସ ପାଇଥିଲା। ଏଥିରୁ ସ୍ୱଷ୍ଟ ହୁଏ ଯେ ଜଳସେଚନର ବିକାଶ ପାଇଁ ରାଜ୍ୟମାନେ ଅପେକ୍ଷାକୃତ କମ୍ ଅଗ୍ରାଧିକାର ଦେଇଛନ୍ତି। ଏହି କାରଣରୁ କୃଷି କ୍ଷେତ୍ରରେ ମାନ୍ଦାବସ୍ଥା ସୃଷ୍ଟି ହେବା ସହ ଉତ୍ପାଦନ ମଧ୍ୟ କମିଛି।

ଜଳସେଚନ କ୍ଷେତ୍ରରେ ରାଜ୍ୟ ରାଜ୍ୟ ମଧ୍ୟରେ ବଡ଼ଧରଣର ଅସମତା ନୈରାଶ୍ୟଜନକ ବିଷୟ। ଆନ୍ଧ୍ରପ୍ରଦେଶ, ଗୁଜରାଟ, କର୍ଣ୍ଣାଟକ ଓ ମହାରାଷ୍ଟ୍ର ଭଳି ରାଜ୍ୟ ଜଳସେଚନ ପାଇଁ ହେକ୍ଟର ପିଛା ୨୦୦୦ ଟଙ୍କା ବ୍ୟୟ କରୁଥିବାବେଳେ ସ୍ୱଳ୍ପ ଆୟକାରୀ ତଥା କୃଷି ପ୍ରଧାନ ରାଜ୍ୟ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ବିହାର, ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ, ରାଜସ୍ଥାନ ଏବଂ ଓଡ଼ିଶା ଆଦି ରାଜ୍ୟ ଏ କ୍ଷେତ୍ରରେ ଅତି କମ୍ ଖର୍ଚ୍ଚ କରୁଛନ୍ତି। ହରିୟାଣା, ଜମ୍ମୁ-କାଶ୍ମୀର, କେରଳ ଓ ପଂଜାବ ଭଳି ରାଜ୍ୟକୁ ଛାଡ଼ି ଦେଲେ ଅନ୍ୟାନ୍ୟ ଅନେକ ପ୍ରଦେଶରେ ହେକ୍ଟର ପିଛା ଜଳସେଚନ ପାଇଁ ୧୦୦୦ ଟଙ୍କାରୁ କମ୍ ସବ୍‌ସିଡି ଦିଆଯାଉଛି। ଆସାମ, ପଶ୍ଚିମବଙ୍ଗ ଓ ଉତ୍ତରପ୍ରଦେଶ ଆଦି ରାଜ୍ୟରେ ଜଳସେଚନ କ୍ଷେତ୍ରରେ ସରକାରଙ୍କ ଭୂମିକା ଅଧିକନ୍ତୁ ସବ୍‌ସିଡି ପ୍ରଦାନରେ ସୀମିତ ରହୁଛି; ଯାହା ଚିନ୍ତାର ବିଷୟ।

ଜଳସେଚନରେ ଅଧିକ ପୁଂଜି ବିନିଯୋଗ ଫଳରେ କେନାଲଦ୍ୱାରା ସେଚିତ ଚାଷ ଜମିର ପରିମାଣ ଓଡ଼ିଶା, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକରେ ନିକଟ ଅତୀତରେ ବୃଦ୍ଧି ପାଇଛି। ୨୦୦୧ରେ ଏବାବଦ ବ୍ୟୟ ୧୦୪ ବିଲିୟନ ଟଙ୍କା (ଏକ ବିଲିୟନ =୧୦୦ କୋଟି) ଥିବାବେଳେ ୨୦୧୩-୧୪ରେ ଏହା ୩୪୦ ବିଲିୟନ ଟଙ୍କାକୁ ବୃଦ୍ଧି ପାଇଥିଲା। ତେବେ ଖର୍ଚ୍ଚ ତୁଳନାରେ ଜଳସେଚିତ ଅଞ୍ଚଳର ପରିମାଣ ବୃଦ୍ଧି ସନ୍ତୋଷଜନକ ନୁହେଁ। ତା'ଛଡ଼ା ଚାଷୀ ଯେଉଁ ପରିମାଣରେ ବ୍ୟକ୍ତିଗତ ନଳକୂପ ବ୍ୟବହାର କରୁଛନ୍ତି ସେହି ହାରରେ କେନାଲ ଜଳ ବ୍ୟବହାର କରୁନାହାନ୍ତି। ସରକାରୀ ଆକଳନ ଅନୁସାରେ ଭାରତରେ ୧୩୯.୯ ନିୟୁତ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେଇହେବ। ସେଥିମଧ୍ୟରୁ ୫୪ ଶତାଂଶ ଭୂତଳ ଜଳ ଉତ୍ତୋଳନ ବ୍ୟବସ୍ଥା ଦ୍ୱାରା ସେଚିତ ହୋଇପାରିବ। ଏ ପର୍ଯ୍ୟନ୍ତ ମାତ୍ର ୬୩.୨୫ ନିୟୁତ ହେକ୍ଟର ଜମିକୁ ଜଳସେଚନର ସୁବିଧା କରାଯାଇ ପାରିଥିବାରୁ ଅବଶିଷ୍ଟ ଜମିକୁ ସେଚସୁବିଧା ଯୋଗାଣ ସମ୍ଭାବନା ସେତେ ସହଜ ମନେ ହୁଏନା। ବର୍ତ୍ତମାନ ଦେଶର ମୋଟ ଚାଷ ଜମିର ମାତ୍ର ୪୫.୫ ଶତାଂଶକୁ ସେଚ ବ୍ୟବସ୍ଥାରେ ଅନ୍ତର୍ଭୁକ୍ତ କରାଯାଇଛି। ନଳକୂପ ବା ଟ୍ୟୁବ୍‌ୱେଲ ଦ୍ୱାରା ଦେଶର ସର୍ବାଧିକ ୬୧.୭ ଶତାଂଶ ଚାଷ ଜମି ଏବେ ଜଳସେଚିତ। ଏ କ୍ଷେତ୍ରରେ କେନାଲର ଅବଦାନ ୨୬.୩ ଶତାଂଶ। ଅନ୍ୟାନ୍ୟ ବ୍ୟବସ୍ଥା ଦ୍ୱାରା ୯.୩ ଏବଂ ପୋଖରୀ ଦ୍ୱାରା ୨.୫୯ଭାଗ ଜମି ଜଳସେଚିତ ହେଉଛି। ସବୁଠୁ ଆଶ୍ଚର୍ଯ୍ୟଜନକ ବିଷୟ ହେଲା ଯେ ଜଳସେଚିତ ଜମିର ପରିମାଣ କେବଳ ଚଳିତ ଶତାବ୍ଦୀର ପ୍ରଥମ ୧୦ବର୍ଷ ମଧ୍ୟରେ ୫୫ ନିୟୁତ ହେକ୍ଟରରୁ ୬୩.୨୫ ନିୟୁତ ହେକ୍ଟରକୁ ବୃଦ୍ଧି ପାଇଛି। ଏହି ବୃଦ୍ଧି ପଛରେ କେନାଲ ଓ ଟ୍ୟୁବୱେଲ ପରିବର୍ତ୍ତେ ଅନ୍ୟାନ୍ୟ ସେଚ ବ୍ୟବସ୍ଥାର ପ୍ରାଧାନ୍ୟ ରହିଛି। କେନାଲଦ୍ୱାରା ଜଳସେଚିତ ଅଞ୍ଚଳର ସ୍ଥିତି ଯଥାପୂର୍ବଂ ତଥା ପରଂ ରହିବା ଅତ୍ୟନ୍ତ ବିପଜ୍ଜନକ। ଅଧିକାଂଶ କ୍ଷେତ୍ରରେ ଭୂତଳ ଜଳ ଉତ୍ସର ବ୍ୟବହାରକୁ ଗୁରୁତ୍ୱ ଦିଆଯାଉଛି ଏବଂ ଗରିବଗୁରୁବା ଏବେ କେନାଲ ପାଣି ଉପରେ ନିର୍ଭର କରୁଛନ୍ତି। ସ୍ୱଳ୍ପ ପୁଂଜି ଲଗାଣ ବ୍ୟତୀତ ପ୍ରମୁଖ ପ୍ରକଳ୍ପଗୁଡ଼ିକର କାର୍ଯ୍ୟ ସଂପୂର୍ଣ୍ଣ କରିବାରେ ବିଫଳତା ଜଳସେଚନ ବ୍ୟବସ୍ଥା ବୃଦ୍ଧିରେ ରାଜ୍ୟଗୁଡ଼ିକପାଇଁ ଅନ୍ତରାୟ ସୃଷ୍ଟି କରିଛି। ଅଶୀ ଦଶକରେ ଗୁଜରାଟ ଓ କେରଳକୁ ଛାଡ଼ି ଦେଲେ ଅନ୍ୟ କୌଣସି ରାଜ୍ୟ ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାରେ ଅଧିକ ଅର୍ଥ ବ୍ୟୟ କରିନାହାନ୍ତି; ବରଂ ବ୍ୟୟ କମିଛି। ଯା'ହେଉ ଏକବିଂଶ ଶତାବ୍ଦୀର ପ୍ରଥମ ୧୦ବର୍ଷରେ ଆନ୍ଧ୍ରପ୍ରଦେଶ, କର୍ଣ୍ଣାଟକ, କେରଳ, ମଧ୍ୟପ୍ରଦେଶ ଓ ଉତ୍ତରପ୍ରଦେଶରେ ଏବାବଦରେ ଉଲ୍ଲେଖନୀୟ ବ୍ୟୟବୃଦ୍ଧି ଘଟିଛି। ମହାରାଷ୍ଟ୍ର,

**ଜଳସେଚନରେ ଅଧିକ ପୁଂଜି ବିନିଯୋଗ ଫଳରେ କେନାଲଦ୍ୱାରା ସେଚିତ ଚାଷ ଜମିର ପରିମାଣ ଓଡ଼ିଶା, ରାଜସ୍ଥାନ, ଆନ୍ଧ୍ରପ୍ରଦେଶ, ଗୁଜରାଟ ଏବଂ କର୍ଣ୍ଣାଟକରେ ନିକଟ ଅତୀତରେ ବୃଦ୍ଧି ପାଇଛି। ୨୦୦୧ରେ ଏବାବଦ ବ୍ୟୟ ୧୦୪ ବିଲିୟନ ଟଙ୍କା (ଏକ ବିଲିୟନ =୧୦୦ କୋଟି) ଥିବାବେଳେ ୨୦୧୩-୧୪ରେ ଏହା ୩୪୦ ବିଲିୟନ ଟଙ୍କାକୁ ବୃଦ୍ଧି ପାଇଥିଲା। ତେବେ ଖର୍ଚ୍ଚ ତୁଳନାରେ ଜଳସେଚିତ ଅଞ୍ଚଳର ପରିମାଣ ବୃଦ୍ଧି ସନ୍ତୋଷଜନକ ନୁହେଁ। ତା'ଛଡ଼ା ଚାଷୀ ଯେଉଁ ପରିମାଣରେ ବ୍ୟକ୍ତିଗତ ନଳକୂପ ବ୍ୟବହାର କରୁଛନ୍ତି ସେହି ହାରରେ କେନାଲ ଜଳ ବ୍ୟବହାର କରୁନାହାନ୍ତି। ସରକାରୀ ଆକଳନ ଅନୁସାରେ ଭାରତରେ ୧୩୯.୯ ନିୟୁତ ହେକ୍ଟର ଜମିକୁ ଜଳସେଚନର ସୁବିଧା ଯୋଗାଇ ଦେଇହେବ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ହରିୟାଣା ଓ ପଂଜାବକୁ ଛାଡ଼ିଦେଲେ ଦେଶର ଅନ୍ୟ ପ୍ରମୁଖ ପ୍ରଦେଶଗୁଡ଼ିକରେ କ୍ଷୁଦ୍ର ଜଳସେଚନ ବ୍ୟବସ୍ଥାରେ ଅଧିକ ବ୍ୟୟ କରାଯିବା ସହିତ ଏ କ୍ଷେତ୍ରରେ ଉନ୍ନତି ଆସିଛି।

ପାଣିପାଗ ବିଭାଗ ତଥ୍ୟ ଅନୁସାରେ ଏ ବର୍ଷ ସମଗ୍ର ଦେଶରେ ଭଲ ମୌସୁମୀ ବର୍ଷା ହେବାର ସମ୍ଭାବନା ରହିଛି। ଭଲ ବୃଷ୍ଟିପାତ ଗତ ଦୁଇ ବର୍ଷର ମରୁଡ଼ିଜନିତ ସ୍ଥିତିରେ ଯଥେଷ୍ଟ ଉନ୍ନତି ଆଣିବ। ତେବେ ବୃଷ୍ଟିହିନତା ଓ ମରୁଡ଼ି ପରିସ୍ଥିତିର ସ୍ଥାୟୀ ମୁକାବିଲା ପାଇଁ ଦୀର୍ଘ ମିଆଦି ଯୋଜନା ଓ କାର୍ଯ୍ୟକ୍ରମର ଆବଶ୍ୟକତା ରହିଛି। ଏଥିପାଇଁ ସ୍ଥାୟୀ ସେଚ ବ୍ୟବସ୍ଥା ପ୍ରଥମ ବିକଳ୍ପ। ଯାହା ଦେଖାଯାଉଛି ବୃହତ୍ ଓ ମଧ୍ୟମ ଜଳସେଚନ ଯୋଜନାରେ ସରକାରୀ ଅର୍ଥ ଲଗାଣ ସତ୍ତ୍ୱେ ଆଶାନୁରୂପ ଫଳ ମିଳୁନାହିଁ। ତେଣୁ ଏସବୁ ପ୍ରକଳ୍ପରେ ଅର୍ଥନିବେଶ ଦକ୍ଷତା ବଢ଼ାଇବା ସହ ସଂପୃକ୍ତ ରାଜ୍ୟ ସରକାରମାନେ ପ୍ରକଳ୍ପ କାର୍ଯ୍ୟ ତୁରନ୍ତ ଶେଷ କରିବା ଉପରେ ଗୁରୁତ୍ୱ ଦେବା ଆବଶ୍ୟକ। ଆହୁରି ମଧ୍ୟ ଆବଶ୍ୟକସ୍ଥଳେ ବୃହତ୍ ଓ ମଧ୍ୟମ ସେଚପ୍ରକଳ୍ପ ବାବଦ ଉଦ୍ଦିଷ୍ଟ ଅର୍ଥକୁ କ୍ଷୁଦ୍ର ସେଚ ପ୍ରକଳ୍ପରେ ଖର୍ଚ୍ଚ କରିବାର ବ୍ୟବସ୍ଥା କରାଯିବା ଦରକାର। ଆଖୁ ଓ କଦଳୀ ଆଦି ଚାଷରେ ବୁନ୍ଦା କିମ୍ବା ସିଞ୍ଚନ ପଦ୍ଧତିରେ ଜଳସେଚନ ବ୍ୟବସ୍ଥା କଲେ କମ୍ ପାଣି ବ୍ୟବହାର ସହ ଫସଲକୁ ଆବଶ୍ୟକ ଜଳ ଯୋଗାଇ ଦେଇହେବ। ସେ ଦିଗରେ ମଧ୍ୟ ପ୍ରୟାସ ହେବା ଜରୁରୀ। ଅବଶ୍ୟ ଏ କ୍ଷେତ୍ରରେ ଅନେକ ରାଜ୍ୟ ଚାଷୀଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବିଭିନ୍ନ ପଦକ୍ଷେପ ନେବା ସହ ସବ୍‌ସିଡି ମଧ୍ୟ ପ୍ରଦାନ କରୁଛନ୍ତି।

**ଜଳସେଚନ ଓ ବିଦ୍ୟୁତ୍ ଶକ୍ତି ବ୍ୟବହାର କ୍ଷେତ୍ରରେ ଅତିରିକ୍ତ ସବ୍‌ସିଡି ପ୍ରଦାନ ଦ୍ୱାରା ଫସଲ ଉତ୍ପାଦନ ଜନିତ ସାମଗ୍ରିକ ଲାଭ ହ୍ରାସ ପାଇଥାଏ। ଏହା ମଧ୍ୟ ବାସ୍ତବରେ କୃଷି ଉତ୍ପାଦକତା ଉପରେ ପ୍ରଭାବ ପକାଏ। ମାତ୍ର ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଚାଷୀଙ୍କୁ ସବ୍‌ସିଡି ଆକାରରେ ଯୋଗାଇ ଦିଆଯାଉଥିବା ସରକାରୀ ଅର୍ଥକୁ ବନ୍ଦ କରିହେବ ନାହିଁ। କାରଣ ଏହାଦ୍ୱାରା ଚାଷୀଙ୍କୁ ଲାଭ ମିଳୁଛି। ଆହୁରି ମଧ୍ୟ ଏହି ସବ୍‌ସିଡି ବାବଦ ଅର୍ଥକୁ ଅନ୍ୟ ବାଟରେ ପୁଂଜିନିବେଶ ଆକାରରେ ମଧ୍ୟ ବିନିଯୋଗ କରିବା ସହଜ ନୁହେଁ।**

ମାତ୍ର ଏ କ୍ଷେତ୍ରରେ ଯାହା ହେବା କଥା ତାହା ଏଯାଏ ହୋଇପାରିନାହିଁ। ଦେଶର ମୋଟ ଚାଷ ଜମିର ମାତ୍ର ୫ ପ୍ରତିଶତରେ ନୂଆ ଜ୍ଞାନକୌଶଳରେ ସେଚ ବ୍ୟବସ୍ଥା କରି ପାଣି ବଞ୍ଚାଯାଇପାରୁଛି।

ଅନୁଧ୍ୟାନରୁ ଜଣା ପଡ଼ିଛି ଯେ କ୍ଷୁଦ୍ର ସେଚ ବ୍ୟବସ୍ଥା ଦ୍ୱାରା ଅଧିକ ଜଳ ସଂରକ୍ଷିତ ହେବା ସହ ଚାଷ ଖର୍ଚ୍ଚ କମେ ଏବଂ ଉତ୍ପାଦନ ବୃଦ୍ଧିପାଏ। ପାରମ୍ପରିକ ସେଚ ବ୍ୟବସ୍ଥା ଅପେକ୍ଷା ଡ୍ରିପ୍ ବା ବୁନ୍ଦା ଜଳସେଚନ ଦ୍ୱାରା ଏକ ଇଞ୍ଚ ଜଳ ଉପଯୋଗରୁ ୬୦ ରୁ ୮୦ ଭାଗ ଅଧିକ ଆୟ ମିଳେ। ମାତ୍ର ଅଧିକ ପ୍ରାରମ୍ଭିକ ଖର୍ଚ୍ଚ, ବିଭିନ୍ନ କିସମର ମୃତ୍ତିକା ତଥା ଏହି ବ୍ୟବସ୍ଥାର ଉପଯୋଗିତା ଜନିତ ପ୍ରସଙ୍ଗ ଆଦି କାରଣରୁ ବୁନ୍ଦା ଜଳସେଚନ ପ୍ରକଳ୍ପର ପ୍ରସାର ବିଶେଷ ହୋଇପାରୁନାହିଁ। ଠିକଣା ସମୟରେ ସବ୍‌ସିଡି ଯୋଗାଇ ଦିଆ ନ'ଯିବା ଏବଂ ସ୍ୱଚ୍ଛଳ ଚାଷୀ ସବ୍‌ସିଡି ବାବଦ ଅର୍ଥ ଅଧିକ ହାତେଇବା ଯୋଗୁଁ ସଂଖ୍ୟାଗରିଷ୍ଠ କ୍ଷୁଦ୍ର ଓ ସାଧାରଣ ଚାଷୀ ଏହି ବ୍ୟବସ୍ଥାର ସୁଫଳରୁ ବଂଚିତ ହୋଇପାରନ୍ତି। ଅତଏବ ଏଥିପ୍ରତି ସତର୍କତା ଅବଲମ୍ବନ କରିବାକୁ ହେବ। କ୍ଷୁଦ୍ର, ନାମମାତ୍ର ଓ ଗରିବ ଚାଷୀଙ୍କ ସ୍ୱାର୍ଥ ରକ୍ଷା ପାଇଁ କ୍ଷୁଦ୍ର ଜଳସେଚନ ସଂକ୍ରାନ୍ତ ଜାତୀୟ ମିଶନର କାର୍ଯ୍ୟକାରିତା ଉପରେ ଅଗ୍ରାଧିକାର ଦେବାକୁ ପଡ଼ିବ।

ବାସ୍ତବରେ ଜଳସେଚନ ଓ ବିଦ୍ୟୁତ୍ ଶକ୍ତି ବ୍ୟବହାର କ୍ଷେତ୍ରରେ ଅତିରିକ୍ତ ସବ୍‌ସିଡି ପ୍ରଦାନ ଦ୍ୱାରା ଫସଲ ଉତ୍ପାଦନ ଜନିତ ସାମଗ୍ରିକ ଲାଭ ହ୍ରାସ ପାଇଥାଏ। ଏହା ମଧ୍ୟ ବାସ୍ତବରେ କୃଷି ଉତ୍ପାଦକତା ଉପରେ ପ୍ରଭାବ ପକାଏ। ମାତ୍ର ଭାରତୀୟ ରାଜନୈତିକ ବ୍ୟବସ୍ଥାରେ ଚାଷୀଙ୍କୁ ସବ୍‌ସିଡି ଆକାରରେ ଯୋଗାଇ ଦିଆଯାଉଥିବା ସରକାରୀ ଅର୍ଥକୁ ବନ୍ଦ କରିହେବ ନାହିଁ। କାରଣ ଏହାଦ୍ୱାରା ଚାଷୀଙ୍କୁ ଲାଭ ମିଳୁଛି। ଆହୁରି ମଧ୍ୟ ଏହି ସବ୍‌ସିଡି ବାବଦ ଅର୍ଥକୁ ଅନ୍ୟ ବାଟରେ ପୁଂଜିନିବେଶ ଆକାରରେ ମଧ୍ୟ ବିନିଯୋଗ କରିବା ସହଜ ନୁହେଁ। କୃଷି ପ୍ରଧାନ କେତେକ ଗରିବ ରାଜ୍ୟ ଏହି ସବ୍‌ସିଡିକୁ ଏକ ଆକର୍ଷଣ ଭାବେ ବ୍ୟବହାର କରି କୃଷକଙ୍କୁ ଚାଷ ପ୍ରତି ଆକର୍ଷିତ କରିବାକୁ ସହଜ ପନ୍ଥାଭାବେ ଗ୍ରହଣ କରିନେଇଛନ୍ତି। ଯେଉଁ ରାଜ୍ୟର ଚାଷ ଓ ଚାଷୀ ପ୍ରକୃତରେ ଏଭଳି ସବ୍‌ସିଡି ଆବଶ୍ୟକ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

କରୁଛନ୍ତି ତାହାକୁ ଚିହ୍ନଟ କରି ସେମାନଙ୍କୁ ତାହା ଯୋଗାଇ ଅନ୍ୟମାନଙ୍କୁ ଏଥିରୁ ହଟାଇବାର ଆବଶ୍ୟକତା ରହିଛି । ଏହାଦ୍ୱାରା ମଧ୍ୟ କୃଷିରେ ଜଳସଂପଦର ମାତ୍ରାଧିକ ଓ ଅନାବଶ୍ୟକ ବ୍ୟବହାର ନିୟନ୍ତ୍ରିତ ହୋଇପାରିବ । ସବ୍‌ସିଡି ନମିଳିଲେ ଅନେକ ସ୍ୱଚ୍ଛଳ ଚାଷୀ ଅତିରିକ୍ତ ଚାଷ ପାଇଁ ଆଗ୍ରହ ପ୍ରକାଶ କରିବେ ନାହିଁ ।

କୃଷି କ୍ଷେତ୍ରରେ ଜଳ ଓ ଶକ୍ତିର ଠିକଣା ଉପଯୋଗ ପାଇଁ ବିଶେଷଜ୍ଞମାନେ ବିଭିନ୍ନ ସମୟରେ ନାନାବିଧ ପ୍ରସ୍ତାବ ସରକାରଙ୍କୁ ଦେଇଛନ୍ତି । ସେଥିମଧ୍ୟରେ କୃଷିକ୍ଷେତ୍ରରେ ବ୍ୟବହୃତ ବିଜୁଳି ପାଇଁ ମିଟର (ମାପକ) ବସାଇବା, ସେଚ ପାଇଁ ଦକ୍ଷ ଏବଂ କମ୍ ଶକ୍ତିରେ ଭଲ ପାଣି ଉଠାଉଥିବା ଆଧୁନିକ ପମ୍ପ ବ୍ୟବହାର କରିବା, କମ୍ ପାଣି ଲୋଡୁଥିବା ଫସଲ ଚାଷ କରିବା ଆଦି ଅନ୍ୟତମ । ଏକ ହିସାବ ଅନୁସାରେ କୃଷି କ୍ଷେତ୍ରରେ ଦକ୍ଷ ମୋଟରଯୁକ୍ତ ପମ୍ପ ବ୍ୟବହାର କରାଗଲେ ୩୦ ଶତାଂଶ ବିଜୁଳି ଶକ୍ତି ବଞ୍ଚାଯାଇ ପାରିବ । ଆହୁରି ମଧ୍ୟ ମରୁଡ଼ି ସହିପାରୁଥିବା ବିଭିନ୍ନ ପ୍ରକାରର ଫସଲ ଚାଷ ଦ୍ୱାରା ପାଣି ଅଧିକ ସଂରକ୍ଷିତ ହୋଇପାରିବ । ଏସବୁ ପ୍ରତି ଗୁରୁତ୍ୱ ଦିଆଯିବାର ଆବଶ୍ୟକତା ରହିଛି ।

ନବଗଠିତ ତେଲଙ୍ଗାନା ରାଜ୍ୟର ସରକାର 'କାକତୀୟ' ନାମରେ ଏକ ସେଚ ଯୋଜନା ରାଜ୍ୟରେ ଆରମ୍ଭ କରିଛନ୍ତି । ଏଥିରେ ପାରମ୍ପରିକ ହ୍ରଦ, ପୋଖରୀ ଓ ଜଳାଶୟଗୁଡ଼ିକର ପୁନରୁଦ୍ଧାର କରାଯାଇ ଜଳ ଅମଳ ଏବଂ ପରିଚାଳନାକୁ ଗୁରୁତ୍ୱ ଦିଆଯାଉଛି । ଏହା ଏକ ଭଲ ଉଦ୍ୟମ । ନିକଟରେ ଭାରତରେ 'ଜଳ ସପ୍ତାହ' ପାଳିତ ହୋଇଯାଇଛି । ଏହି ଅବସରରେ ଜଳ ଅମଳ ଓ ତାହାର ସୁବିନିଯୋଗ ପାଇଁ ଇସ୍ରାଏଲ ସହ ଭାରତ ମିଶି ଜଳ ସମ୍ପଦର ସଂରକ୍ଷଣ, ବିକାଶ ଓ ବିନିଯୋଗ ପାଇଁ କେତେକ ପଦକ୍ଷେପ ଆରମ୍ଭ କରିଛି । ଏହା ସଫଳ ହେଲେ ଦେଶରେ ଜଳ ଅମଳ, ସଂରକ୍ଷଣ, ଉପଯୋଗ ଏବଂ ଅଧିକ ଜମିକୁ ସେଚ ସୁବିଧା ଯୋଗାଣ କ୍ଷେତ୍ରରେ ଏକ ନୂଆ ଅଧ୍ୟାୟ ଆରମ୍ଭ ହେବ କହିଲେ ଅତ୍ୟୁକ୍ତି ହେବନାହିଁ । କୃଷି ଉତ୍ପାଦନ ବଢ଼ାଇବା ସହ ଚାଷୀଙ୍କ ଆୟ ଦୁଇଗୁଣ କରିବା ପାଇଁ ପ୍ରଧାନମନ୍ତ୍ରୀ ଯେଉଁ ଲକ୍ଷ୍ୟ ରଖିଛନ୍ତି ତାହାକୁ ପୂରଣ କରିବାରେ ଏହା ସହାୟକ ହେବ ବୋଲି ଆଶା କରାଯାଏ । ରାଜ୍ୟ ସରକାରମାନେ ଏ ଦିଗରେ ନୂଆ କୌଶଳ ଓ ବିଚାର ଆପଣାଇବା ସହ ଏହାର କାର୍ଯ୍ୟକାରିତାରେ ଅଙ୍ଗୀକୃତ ହେବା ବର୍ତ୍ତମାନ ସମୟର ସବୁଠୁ ବଡ଼ ଆବଶ୍ୟକତା ।

ଲେଖିକା ନୂଆଦିଲ୍ଲୀସ୍ଥିତ ଜବାହରଲାଲ ନେହେରୁ ବିଶ୍ୱବିଦ୍ୟାଳୟର ଆଞ୍ଚଳିକ ବିକାଶ ଅଧ୍ୟୟନ କେନ୍ଦ୍ରର ପ୍ରଫେସର ।

*****

## ଟିଟିଲାଗଡ଼ ଓ ବିଜୟନଗରମ୍ ମଧ୍ୟରେ ତୃତୀୟ ରେଳ ଲାଇନ୍

ଟିଟିଲାଗଡ଼ ଓ ବିଜୟନଗରମ୍ ମଧ୍ୟରେ ତୃତୀୟ ରେଳ ଲାଇନ୍ ନିର୍ମାଣ ପାଇଁ କେନ୍ଦ୍ର ସରକାର ୨୩୩୫.୬୮ କୋଟି ଟଙ୍କା ମଂଜୁର କରିଛନ୍ତି । ଗତ ମଇ ମାସରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର ଅର୍ଥ ସଂକ୍ରାନ୍ତୀୟ କ୍ୟାବିନେଟ୍ କମିଟି ଏହି ନିଷ୍ପତ୍ତି ନେଇଛନ୍ତି । ଏହି ରେଳ ଲାଇନ୍‌ର ନିର୍ମାଣ କାର୍ଯ୍ୟ ଆଗାମୀ ୫ ବର୍ଷ ମଧ୍ୟରେ ଶେଷ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ଏହାର ଦୈର୍ଘ୍ୟ ୨୬୪.୬ କିଲୋମିଟର ।

# ବନ୍ୟା ନିୟନ୍ତ୍ରଣ ପାଇଁ ନଦୀବନ୍ଧ

**ଏମ୍. ଏସ୍. ମେନନ୍**

> **ମୋଟାମୋଟି ଭାବରେ କହିବାକୁ ଗଲେ, ବର୍ଷର ସ୍ୱଳ୍ପ ସମୟ ପାଇଁ ହେଉଥିବା ବର୍ଷାଜଳର ସଂରକ୍ଷଣ କରାଯାଇ, ବର୍ଷର ଅନ୍ୟ ସମୟ ପାଇଁ ସାଇତି ରଖିବା ଯାହା, ପ୍ରଳୟଙ୍କାରୀ ବନ୍ୟା ଓ ମରୁଡ଼ି ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିପାରିବା ମଧ୍ୟ ତାହା ।ଦେଶର ଭୌଗୋଳିକ ବିବିଧତା ଓ ବିଶାଳତା ଦୃଷ୍ଟିରୁ, ଏଠାରେ ଜଳବାୟୁ ଓ ବୃଷ୍ଟିପାତରେ ମଧ୍ୟ ବୈଷମ୍ୟ ଦେଖାଯାଏ । ତେଣୁ ଏହା ସ୍ୱାଭାବିକ ଯେ, ଗୋଟିଏ ଅଞ୍ଚଳ ବନ୍ୟା ପ୍ରଭାବିତ ହେଉଥିବା ବେଳେ, ଅନ୍ୟ ଅଞ୍ଚଳଟି ଜଳାଭାବ ସମସ୍ୟାର ସମ୍ମୁଖୀନ ହୋଇଥାଏ । ଏଭଳି ପରିସ୍ଥିତି ଏପରିକି ଗୋଟିଏ ରାଜ୍ୟରେ ଗୋଟିଏ ବର୍ଷରେ ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ଭାରତର ଜଳ-ସମ୍ବଳର ଏକ ପ୍ରମୁଖ ବିଶେଷତ୍ୱ ହେଉଛି, ଏହାର ଅସମାନ ଆବଣ୍ଟନ ।**

ଭାରତରେ ବିଶ୍ୱ ଜନସଂଖ୍ୟାର ୧୬ ପ୍ରତିଶତ ବ୍ୟକ୍ତି ବସବାସ କରୁଥିବା ବେଳେ, ବିଶ୍ୱ ଜଳ ସମ୍ପଦର ୪ ପ୍ରତିଶତ ଓ ସମୁଦାୟ ସ୍ଥଳ ଭାଗର ୨.୪୫ ପ୍ରତିଶତ ଭାରତରେ ରହିଛି । ତେବେ ସ୍ଥାନ ଓ ସମୟ ଦୃଷ୍ଟିରୁ, ଦେଶ ଭିତରେ ଜଳ ଆବଣ୍ଟନକୁ ନେଇ ବିବିଧ ଅସମାନତା ରହିଛି । ଏହି ଦୃଷ୍ଟିରୁ ଦେଶରେ ଜଳ ପରିଚାଳନା କ୍ଷେତ୍ରରେ ଅନେକ ସମସ୍ୟା ଓ ଆହ୍ୱାନ ରହିଛି । ସେଗୁଡ଼ିକ ହେଉଛି:- ବର୍ଦ୍ଧିତ ଜନସଂଖ୍ୟାର ଆବଶ୍ୟକତା ପୂରଣ କରିବା, ଉନ୍ନତ ଜୀବନ ଧାରଣ ପାଇଁ ସେମାନଙ୍କ ଆଶା ପୂରଣ କରିବା, ଜନ ଓ ଧନ ନଷ୍ଟ କରୁଥିବା ବନ୍ୟା ଓ ମରୁଡି ନିୟନ୍ତ୍ରଣ ଏବଂ ସର୍ବୋପରି ପରିବେଶ ସହିତ ସାମଞ୍ଜସ୍ୟ ରକ୍ଷା କରି ବିକାଶ ପ୍ରକ୍ରିୟାକୁ ଧାରଣକ୍ଷମ କରିବା ।

**ବନ୍ୟା ଓ ମରୁଡ଼ି ସମସ୍ୟା:-** ଦେଶର ସ୍ଥଳଭାଗ ବାର୍ଷିକ ପ୍ରାୟ ଚାରିହଜାର ବିଲିୟନ ଘନମିଟର ବର୍ଷାଜଳ ପ୍ରାପ୍ତ ହୋଇଥାଏ । ଅନ୍ୟ ପକ୍ଷରେ, ନଦୀ ଗୁଡ଼ିକର ଜଳ ପ୍ରବାହ ବାର୍ଷିକ ହାରାହାରି ୧୯୫୩ ବିଲିୟନ୍ କ୍ୟୁବିକ୍ ମିଟର ହୋଇଥାଏ । ତେବେ, ବଳକା ଜଳ ତକ ବାଷ୍ପିଭୁତ ହୁଏ ନଚେତ୍ ମୃତ୍ତିକାର ଆର୍ଦ୍ରତା ବଢ଼ାଇଥାଏ । ଦେଶର ଜଳ ସମ୍ପଦର ଦୁଇ ତୃତୀୟାଂଶ ଆସିଥାଏ, ଗଙ୍ଗା-ବ୍ରହ୍ମପୁତ୍ର-ମେଘନା ନଦୀ ଅବବାହିକାରୁ ଯାହା ଦେଶର ଏକ ତୃତୀୟାଂଶ ପର୍ଯ୍ୟନ୍ତ ପରିବ୍ୟାପ୍ତ । ଫଳସ୍ୱରୂପ, ଦେଶର ଅବଶିଷ୍ଟ ଅଂଶର ଜଳ ଆବଶ୍ୟକତା ପୂରଣ ପାଇଁ ବଳକା ଜଳସମ୍ପଦ ଉପରେ ନିର୍ଭର କରିବାକୁ ପଡିଥାଏ । ଏତଦ୍‌ବ୍ୟତୀତ ଜୁନ୍‌ରୁ ସେପ୍ଟେମ୍ବର, ଏହି ଚାରିମାସରେ ନଦୀଗୁଡ଼ିକର ଜଳ ସ୍ରୋତର ୮୦ରୁ ୯୦ ପ୍ରତିଶତ ଜଳ ପ୍ରବାହିତ ହୋଇ ମୌସୁମୀବର୍ଷା ଜନିତ ବନ୍ୟା ସୃଷ୍ଟି ହୁଏ ଏବଂ ଗ୍ରୀଷ୍ମକାଳରେ ଜଳାଭାବ ସୃଷ୍ଟିହୁଏ । ତେଣୁ, ଏଭଳି ପରିବର୍ତ୍ତନଶୀଳ ଜଳ ଉପଲବ୍ଧତାର ସଫଳ ମୁକାବିଲା କରିବାକୁ ପଡ଼ିବ । ମୋଟାମୋଟି ଭାବରେ କହିବାକୁ ଗଲେ, ବର୍ଷର ସ୍ୱଳ୍ପ ସମୟ ପାଇଁ ହେଉଥିବା ବର୍ଷାଜଳର ସଂରକ୍ଷଣ କରାଯାଇ, ବର୍ଷର ଅନ୍ୟ ସମୟ ପାଇଁ ସାଇତି ରଖିବା ଯାହା, ପ୍ରଳୟଙ୍କାରୀ ବନ୍ୟା ଓ ମରୁଡ଼ି ମଧ୍ୟରେ ଥିବା ପାର୍ଥକ୍ୟକୁ ବୁଝିପାରିବା ମଧ୍ୟ ତାହା ।

ଦେଶର ଭୌଗୋଳିକ ବିବିଧତା ଓ ବିଶାଳତା ଦୃଷ୍ଟିରୁ, ଏଠାରେ ଜଳବାୟୁ ଓ ବୃଷ୍ଟିପାତରେ ମଧ୍ୟ ବୈଷମ୍ୟ ଦେଖାଯାଏ । ତେଣୁ ଏହା ସ୍ୱାଭାବିକ ଯେ, ଗୋଟିଏ ଅଞ୍ଚଳ ବନ୍ୟା ପ୍ରଭାବିତ ହେଉଥିବାବେଳେ, ଅନ୍ୟ ଅଞ୍ଚଳଟି ଜଳାଭାବ ସମସ୍ୟାର ସମ୍ମୁଖୀନ ହୋଇଥାଏ । ଏଭଳି ପରିସ୍ଥିତି ଏପରିକି ଗୋଟିଏ ରାଜ୍ୟରେ ଗୋଟିଏ ବର୍ଷରେ ମଧ୍ୟ ସୃଷ୍ଟି ହୋଇଥାଏ । ତେଣୁ ଭାରତର ଜଳ-ସମ୍ବଳର ଏକ ପ୍ରମୁଖ ବିଶେଷତ୍ୱ ହେଉଛି, ଏହାର ଅସମାନ ଆବଣ୍ଟନ । ଏଥିରୁ ହିଁ ସୃଷ୍ଟିହୁଏ ଜଳାଭାବ ଓ ଜଳ ବହୁଳତାର ସମସ୍ୟା ।

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ବନ୍ୟା ନିୟନ୍ତ୍ରଣ ପାଇଁ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ କମିଟିମାନ ଗଠନ କରାଗଲା । ପରିଶେଷରେ, ୧୯୭୬ ମସିହାରେ, ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ସମେତ ଜଳ ସମ୍ବଳ ପରିଚାଳନା ପାଇଁ ଭାରତ ସରକାର ଏକ ରାଷ୍ଟ୍ରୀୟ ବନ୍ୟା ଆୟୋଗ ଗଠନ କଲେ । ସେତେବେଳେ ଦଶ ନିୟୁତ ହେକ୍ଟର ଅଞ୍ଚଳକୁ ବନ୍ୟା ସୁରକ୍ଷା ଦିଆଯାଇ ସାରିଥିବାବେଳେ, ୩୪ ନିୟୁତ ହେକ୍ଟର ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଥିବା ଆକଳନ କରାଗଲା । ଏଥିରୁ ଅଧିକାଂଶ ଅଞ୍ଚଳ ଥିଲା ଗଙ୍ଗା-ବ୍ରହ୍ମପୁତ୍ର-ମେଘନା ଉପତ୍ୟକା ଏବଂ ଦକ୍ଷିଣ ଭାରତୀୟ ଉପକୂଳବର୍ତ୍ତୀ ତ୍ରିକୋଣଭୂମି ଅଞ୍ଚଳରେ । ଏଥି ଅନୁଯାୟୀ, ରାଷ୍ଟ୍ରୀୟ ବନ୍ୟା ଆୟୋଗ ସୁପାରିଶ କଲେ ଏହିସବୁ ବନ୍ୟା ଆଶଙ୍କା ଥିବା ଅଞ୍ଚଳକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରିବା ପାଇଁ, ଯଦ୍ଦ୍ୱାରା ବନ୍ୟା ପାଇଁ ମାନବୀୟ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇପାରିବ ।**

ଏଥିସହିତ ରହିଛି, ନଦୀ ଅବବାହିକାରେ ମାନବୀୟ ହସ୍ତକ୍ଷେପ, ଯାହାର କ୍ଷତିକାରକ ପରିମାଣ ପରିଦୃଶ୍ୟ ହୁଏ ବନ୍ୟାଜନିତ ପରିସ୍ଥିତିରେ । ଉଦାହରଣ ସ୍ୱରୂପ, ନଦୀର ଉପର ମୁଣ୍ଡରେ ଜଙ୍ଗଲ କ୍ଷୟ ଯୋଗୁଁ, କ୍ଷୟ ହେଉଥିବା ମୃତ୍ତିକା ନଦୀରେ ମିଶି, ତାହାର ଗଭୀରତା ହ୍ରାସ କରେ । ଏହାର ଭୟଙ୍କର ପରିମାଣ ଭୋଗିବାକୁ ହୁଏ, ନଦୀର ତଳମୁଣ୍ଡରେ ବସବାସ କରୁଥିବା ମଣିଷମାନଙ୍କୁ ।

ବାରମ୍ବାର ଘଟୁଥିବା ବନ୍ୟା ବା ମରୁଡ଼ି, ଜଳ ସମ୍ବଳର ସୁ-ପରିଚାଳନା କରିବାରେ ଆମର ବ୍ୟର୍ଥତା ପ୍ରତିପାଦିତ କରେ । କହିବା ବାହୁଲ୍ୟ ଯେ, ବନ୍ୟା କିମ୍ବା ମରୁଡ଼ି ପରିସ୍ଥିତିକୁ ବାଦ୍ ଦେଲେ, ଆମ ପର୍ଯ୍ୟାବରଣର ଅନ୍ୟତମ ପ୍ରମୁଖ ଉପାଦାନ 'ଜଳ' ପ୍ରତି ଯଥେଷ୍ଟ ଧ୍ୟାନ ଦିଆଯାଏ ନାହିଁ । ଏପରିକି ବନ୍ୟା ଓ ମରୁଡ଼ି ସମୟରେ ମଧ୍ୟ ପୂର୍ବ ଅଭିଜ୍ଞତାକୁ ପାଥେୟ ନକରି, କେବଳ ରିଲିଫ ବଣ୍ଟନରେ ସମସ୍ୟା ସମାଧାନର ପନ୍ଥା ଖୋଜାଯାଏ ।

**ବନ୍ୟା ନିୟନ୍ତ୍ରଣ :-** ୧୯୫୦ ଦଶକରେ, ବନ୍ୟା ନିୟନ୍ତ୍ରଣ ପାଇଁ ହୃଦ୍‌ବୋଧ ହେଲା । ୧୯୫୪ ମସିହାରେ ଏଥିପାଇଁ ଏକ ଜାତୀୟ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ କରାଗଲା । ସେତେବେଳେ, ପ୍ରାୟ ୬ ହଜାର କିଲୋମିଟର ଦୀର୍ଘ ନଦୀ ପାର୍ଶ୍ୱବନ୍ଧ ଯୋଗୁଁ ପ୍ରାୟ ତିନିନିୟୁତ ହେକ୍ଟର ଅଞ୍ଚଳକୁ ବନ୍ୟାରୁ ସୁରକ୍ଷା ପ୍ରଦାନ କରାଯାଇପାରୁଥିଲା । ୧୯୫୪ ମସିହାର ନୀତି ଅନୁଯାୟୀ, ଦେଶକୁ ବନ୍ୟା ଦାଉରୁ ମୁକ୍ତ କରିବା ପାଇଁ ଲକ୍ଷ୍ୟଧାର୍ଯ୍ୟ ହେଲା । ତେବେ ପରେ ଏହା ଜଣାପଡିଲା ଯେ, ବନ୍ୟା ଦାଉରୁ ସମ୍ପୂର୍ଣ୍ଣ ମୁକ୍ତି ସମ୍ଭବ ନୁହେଁ । ତେଣୁ ବୈଷୟିକ ଦୃଷ୍ଟିରୁ ଯଥାସମ୍ଭବ ପ୍ରଚେଷ୍ଟା ଓ ଆର୍ଥିକ ଦୃଷ୍ଟିରୁ ଯୁକ୍ତିଯୁକ୍ତ ପ୍ରୟାସ ଦ୍ୱାରା ବନ୍ୟା ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଗଲା । ଅନ୍ୟପକ୍ଷରେ, ବନ୍ୟାର ପୂର୍ବାନୁମାନ, ସତର୍କତା ଓ ବନ୍ୟା ପରିଚାଳନା ଆଦି ଉପରେ ଅଧିକ ଦୃଷ୍ଟି ଦିଆଗଲା ।

ବନ୍ୟା ନିୟନ୍ତ୍ରଣ ପାଇଁ ବହୁ ଜାତୀୟ ଓ ରାଜ୍ୟସ୍ତରୀୟ କମିଟିମାନ ଗଠନ କରାଗଲା । ପରିଶେଷରେ, ୧୯୭୬ ମସିହାରେ, ବନ୍ୟା ନିୟନ୍ତ୍ରଣ ବ୍ୟବସ୍ଥା ସମେତ ଜଳ ସମ୍ବଳ ପରିଚାଳନା ପାଇଁ ଭାରତ ସରକାର ଏକ ରାଷ୍ଟ୍ରୀୟ ବନ୍ୟା ଆୟୋଗ ଗଠନ କଲେ । ସେତେବେଳେ ଦଶ ନିୟୁତ ହେକ୍ଟର ଅଞ୍ଚଳକୁ ବନ୍ୟା ସୁରକ୍ଷା ଦିଆଯାଇ ସାରିଥିବାବେଳେ, ୩୪ ନିୟୁତ ହେକ୍ଟର ଅଞ୍ଚଳ ବନ୍ୟା ଦ୍ୱାରା ପ୍ରଭାବିତ ହେବାର ଆଶଙ୍କା ଥିବା ଆକଳନ କରାଗଲା । ଏଥିରୁ ଅଧିକାଂଶ ଅଞ୍ଚଳ ଥିଲା ଗଙ୍ଗା-ବ୍ରହ୍ମପୁତ୍ର-ମେଘନା ଉପତ୍ୟକା ଏବଂ ଦକ୍ଷିଣ ଭାରତୀୟ ଉପକୂଳବର୍ତ୍ତୀ ତ୍ରିକୋଣଭୂମି ଅଞ୍ଚଳରେ । ଏଥି ଅନୁଯାୟୀ, ରାଷ୍ଟ୍ରୀୟ ବନ୍ୟା ଆୟୋଗ ସୁପାରିଶ କଲେ ଏହିସବୁ ବନ୍ୟା ଆଶଙ୍କା ଥିବା ଅଞ୍ଚଳକୁ ବିଭିନ୍ନ ଜୋନ୍‌ରେ ବିଭକ୍ତ କରିବା ପାଇଁ, ଯଦ୍ଦ୍ୱାରା ବନ୍ୟା ପାଇଁ ମାନବୀୟ କାର୍ଯ୍ୟକଳାପକୁ ନିୟନ୍ତ୍ରଣ କରାଯାଇ ପାରିବ ।

ପରେ, ୧୯୯୬ ମସିହାରେ କେନ୍ଦ୍ର ସରକାର ବନ୍ୟା ଆୟୋଗଙ୍କ ସୁପାରିଶ ଗୁଡ଼ିକର ପ୍ରଭାବ ଆକଳନ ପାଇଁ ଆଞ୍ଚଳିକ କାର୍ଯ୍ୟଦଳ ଗଠନ କଲେ । ଏଗୁଡ଼ିକ ଦ୍ୱାରା ମଧ୍ୟ କେତେକ ସୁପାରିଶ କରାଗଲା, ଯେଉଁଥିରେ ଥିଲା ବନ୍ୟା ନିୟନ୍ତ୍ରଣ ପ୍ରକଳ୍ପ ନିର୍ମାଣ, ବିଶେଷ ଭାବରେ ଉତ୍ତର-ପୂର୍ବାଞ୍ଚଳରେ ଏବଂ ବନ୍ୟା ଆଶଙ୍କା ଥିବା ଅଞ୍ଚଳରେ ମାନବୀୟ ଅତିକ୍ରମଣ ପ୍ରତିହତ କରିବା ପାଇଁ ଆଇନ୍ ତିଆରି କରିବା । ୧୯୯୯ ମସିହାରେ, ଜଳସମ୍ପଦ ଜାତୀୟ ଆୟୋଗ ମଧ୍ୟ ମତ ଦେଇଥିଲେ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଯେ, ବନ୍ୟା ଆଶଙ୍କା ଥିବା ବିସ୍ତୀର୍ଣ୍ଣ ଅଞ୍ଚଳକୁ ବନ୍ୟା ସୁରକ୍ଷା ଦେବା ପାଇଁ ନଦୀବନ୍ଧ ଓ ଆଡ଼ିବନ୍ଧଗୁଡ଼ିକ ସକ୍ଷମ ।

୨୦୦୪ ମସିହାରେ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀରେ ଆସିଥିବା ଅଭୂତପୂର୍ବ ବନ୍ୟା ପରେ କେନ୍ଦ୍ର ସରକାର ଏକ କାର୍ଯ୍ୟଦଳ ଗଠନ କଲେ । ବନ୍ୟା ପରିଚାଳନାରେ କେନ୍ଦ୍ର ସରକାର ଅଧିକ ସଂଶ୍ଳିଷ୍ଟ ରୁହନ୍ତୁ ବୋଲି ଏହି ଦଳ ସୁପାରିଶ କଲା । ସେତେବେଳେ, ଯୋଜନା ଆୟୋଗର କାର୍ଯ୍ୟଦଳ ମଧ୍ୟ ଅନୁରୂପ ସୁପାରିଶ କରିଥିଲା ।

୨୦୧୨ ମସିହାରେ ଜାତୀୟ ଜଳ ନୀତି, ଜଳାଶୟ ପରିଚାଳନା ପ୍ରକ୍ରିୟା ଉପରେ ଗୁରୁତ୍ୱାରୋପ କଲେ । ଏହି ନୀତି ଅନୁଯାୟୀ, ଜଳଭଣ୍ଡାର ଗୁଡ଼ିକ ଦ୍ୱାରା ବନ୍ୟା ପ୍ରକୋପ ହ୍ରାସ କରିବା ଉପରେ ଜୋର୍ ଦିଆଗଲା । ଜଳବାୟୁ ପରିବର୍ତ୍ତନ ଜନିତ ପରିସ୍ଥିତି ସହିତ ଖାପଖାଇବା ଭଳି ରଣନୀତି ଉପରେ ମଧ୍ୟ ଏଥିରେ ଗୁରୁତ୍ୱାରୋପ କରାଗଲା ।

ନଦୀଜଳ ବନ୍ଧ ଟପିଲେ ବନ୍ୟା ସୃଷ୍ଟି ହୁଏ । ତେଣୁ ବନ୍ୟା ନିୟନ୍ତ୍ରଣ ପାଇଁ ଆବଶ୍ୟକ, ଜଳଭଣ୍ଡାର ଓ ଆଡ଼ିବନ୍ଧ ନିର୍ମାଣ । ଏତଦ୍‌ବ୍ୟତୀତ, ବନ୍ୟା ଆଶଙ୍କା ଥିବା ଅଞ୍ଚଳରେ ଜଳ ନିଷ୍କାସନ ଉପରେ ମଧ୍ୟ ଗୁରୁତ୍ୱ ଦିଆଯିବା ଉଚିତ୍ । ଯେଉଁଠି ଜଳ ନିଷ୍କାସନ ସମସ୍ୟା ପାଇଁ ଆଡ଼ିବନ୍ଧ ନିର୍ମାଣ ସମ୍ଭବ ନୁହେଁ, ସେଇଠି ସମ୍ପୃକ୍ତ ଗ୍ରାମଗୁଡ଼ିକ ପାଇଁ ଉପଯୁକ୍ତ ସଡ଼କ ଯୋଗାଯୋଗ ବ୍ୟବସ୍ଥା ପ୍ରତି ମଧ୍ୟ ଧ୍ୟାନ ଦିଆଯାଉଛି । ୧୯୫୪ ମସିହାରେ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ ହେବା ପରେ ବନ୍ୟା ନିୟନ୍ତ୍ରଣ ପାଇଁ ବିଭିନ୍ନ ପଦକ୍ଷେପ ନିଆଯାଉଛି । ସେହି ସମୟ ପରଠାରୁ, ୩୫ହଜାର କିଲୋମିଟର ଦୀର୍ଘ ଆଡ଼ିବନ୍ଧ ଓ ୩୯ ହଜାର କିଲୋମିଟର ଜଳନିଷ୍କାସନ ପଥ ନିର୍ମିତ ହୋଇସାରିଛି । ୭୦୦୦ ଗ୍ରାମର ଉଚ୍ଚତା ବୃଦ୍ଧି ସହିତ ପ୍ରାୟ ୨୭୦୦ ସହର / ଗ୍ରାମଗୁଡ଼ିକ ପାଇଁ ଅନୁରୂପ ବ୍ୟବସ୍ଥା କରାଯାଇଛି । ଏହାସହିତ ସର୍ବମୋଟ ପ୍ରାୟ ୨୫୦ ବିଲିୟନ ଘନମିଟର ଜଳ ଧାରଣ କ୍ଷମତା ବିଶିଷ୍ଟ ଜଳଭଣ୍ଡାର ନିର୍ମାଣ କରାଯାଇଛି ।

**ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଜଳଭଣ୍ଡାର ଗୁଡ଼ିକୁ ଏଭଳି ନିର୍ମାଣ କରାଯିବା ଉଚିତ୍ ଯେମିତି, ବନ୍ୟାଜଳକୁ ଏଥିରେ ସଂରକ୍ଷିତ କରାଯାଇପାରୁଥିବ । ବନ୍ୟା ସରିଗଲା ପରେ ଜଳଭଣ୍ଡାରର ଜଳସ୍ତରକୁ ତଳକୁ ଖସାଇ ଆଣି, ଏହାକୁ ପରବର୍ତ୍ତୀ ସମ୍ଭାବ୍ୟ ବନ୍ୟା ପାଇଁ ପ୍ରସ୍ତୁତ କରିବା ଉଚିତ୍ । ତେବେ, କେବଳ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଜଳ ଭଣ୍ଡାର ଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ଧାରଣକ୍ଷମ ନୁହନ୍ତି । ତେଣୁ, ଜଳସେଚନ ଓ ଶକ୍ତି ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ବହୁମୁଖୀ ଜଳଭଣ୍ଡାର ଗୁଡ଼ିକୁ ବନ୍ୟା ନିୟନ୍ତ୍ରଣ ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ । ଯଦି କେଣସି ଜଳଭଣ୍ଡାର କେବଳ ଜଳସେଚନ ଓ ଶକ୍ତି ଉତ୍ପାଦନ ପାଇଁ ଉଦ୍ଦିଷ୍ଟ, ତେବେ, ସେପ୍ଟେମ୍ବର ମାସ ସୁଦ୍ଧାସେଥିରେ କ୍ଷମତା ଅନୁରୂପ ଜଳ ସଂରକ୍ଷଣକରିବା ଉଚିତ୍ । ତେଣୁ, ଜଳଭଣ୍ଡାର ଗୁଡ଼ିକରେ ଜଳ ନିୟନ୍ତ୍ରଣ ଦ୍ୱାରା, ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ଶକ୍ତି ଉତ୍ପାଦନ ଭଳି ଅନେକ କାର୍ଯ୍ୟ ସାଧିତ ହୋଇପାରିବ ।**

ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଜଳଭଣ୍ଡାର ଗୁଡ଼ିକୁ ଏଭଳି ନିର୍ମାଣ କରାଯିବା ଉଚିତ୍ ଯେମିତି, ବନ୍ୟାଜଳକୁ ଏଥିରେ ସଂରକ୍ଷିତ କରାଯାଇପାରୁଥିବ । ବନ୍ୟା ସରିଗଲା ପରେ ଜଳଭଣ୍ଡାରର ଜଳସ୍ତରକୁ ତଳକୁ ଖସାଇ ଆଣି, ଏହାକୁ ପରବର୍ତ୍ତୀ ସମ୍ଭାବ୍ୟ ବନ୍ୟା ପାଇଁ ପ୍ରସ୍ତୁତ କରିବା ଉଚିତ୍ । ତେବେ, କେବଳ ବନ୍ୟା ନିୟନ୍ତ୍ରଣ ପାଇଁ ଉଦ୍ଦିଷ୍ଟ ଜଳ ଭଣ୍ଡାର ଗୁଡ଼ିକ ଆର୍ଥିକ ଦୃଷ୍ଟିରୁ ଧାରଣକ୍ଷମ ନୁହନ୍ତି । ତେଣୁ, ଜଳସେଚନ ଓ ଶକ୍ତି ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ବହୁମୁଖୀ ଜଳଭଣ୍ଡାର ଗୁଡ଼ିକୁ ବନ୍ୟା ନିୟନ୍ତ୍ରଣ ପାଇଁ ମଧ୍ୟ ଉପଯୋଗ କରାଯାଇପାରିବ । ଯଦି କେଣସି ଜଳଭଣ୍ଡାର କେବଳ ଜଳସେଚନ ଓ ଶକ୍ତି ଉତ୍ପାଦନ ପାଇଁ ଉଦ୍ଦିଷ୍ଟ, ତେବେ, ସେପ୍ଟେମ୍ବର ମାସ ସୁଦ୍ଧାସେଥିରେ କ୍ଷମତା ଅନୁରୂପ ଜଳ ସଂରକ୍ଷଣକରିବା ଉଚିତ୍ । ତେଣୁ, ଜଳଭଣ୍ଡାର ଗୁଡ଼ିକରେ ଜଳ ନିୟନ୍ତ୍ରଣ ଦ୍ୱାରା, ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ଶକ୍ତି ଉତ୍ପାଦନ ଭଳି ଅନେକ କାର୍ଯ୍ୟ ସାଧିତ ହୋଇପାରିବ ।

ତେବେ, ବହୁମୁଖୀ ନଦୀବନ୍ଧ ଗୁଡ଼ିକରେ ଜଳ ନିୟନ୍ତ୍ରଣ ଦିଗରେ ବିଭିନ୍ନ ସମସ୍ୟା ଥାଏ । ଉଦାହରଣ ସ୍ୱରୂପ, ଜଳଭଣ୍ଡାର ପୂର୍ଣ୍ଣହେବା ସମୟ ଶେଷ ଆଡ଼କୁ, ଯଦି ବନ୍ୟା ଆସେ ସେଥିପାଇଁ, ଜଳଭଣ୍ଡାରରୁ ଅଧିକ ଜଳ ନିଷ୍କାସନ କରିବାକୁ ପଡେ । ଏହାଦ୍ୱାରା ଜଳଭଣ୍ଡାରର

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଜଳସ୍ତର ନିମ୍ନକୁ ଚାଲିଯାଏ । ଫଳରେ, ଅନ୍ୟାନ୍ୟ ଉଦ୍ଦେଶ୍ୟ ସାଧିତ ହୋଇପାରେ ନାହିଁ । ଅନ୍ୟପକ୍ଷରେ, ସମ୍ଭାବିତ ବନ୍ୟା ଜଳକୁ ସ୍ଥାନ ଦେବାପାଇଁ ଯଦି ନଦୀବନ୍ଧରେ ସ୍ଥାନ ସୃଷ୍ଟି କରାନଯାଏ ଓ ବନ୍ୟା ପ୍ରକୃତରେ ଆସିଯାଏ, ତେବେ ମଧ୍ୟ ଜଳ ନିୟନ୍ତ୍ରଣକୁ ନେଇ କର୍ତ୍ତୃପକ୍ଷଙ୍କୁ ସମାଲୋଚନାର ଶରବ୍ୟ ହେବାକୁ ପଡେ । ଏ କ୍ଷେତ୍ରରେ, ବୃହତ୍ତ ନଦୀବନ୍ଧ ଯୋଜନାର ବିରୋଧି ଗୋଷ୍ଠୀ, ଏଭଳି ବନ୍ୟାକୁ ମଣିଷକୃତ୍ୟ ଭାବେ ଅବିହିତ କରିବାକୁ ପଛେଇନଥାନ୍ତି । ଅତୀତରେ ଏଭଳି ଅନେକ ଦୃଷ୍ଟାନ୍ତ ରହିଛି ।

ଏହା ଅନସ୍ୱିକାର୍ଯ୍ୟ ଯେ, ୧୯୫୪ ମସିହା ପରଠାରୁ, ଦେଶରେ ବନ୍ୟା ନିୟନ୍ତ୍ରଣ ପ୍ରୟାସ ବଢ଼ିଛି । ତଥାପି, ବର୍ତ୍ତମାନ ପରିପ୍ରେକ୍ଷୀରେ, ମୌସୁମୀ ଜନିତ ବାର୍ଷିକ ବର୍ଷାଜଳର ମାତ୍ର ୧୦ ପ୍ରତିଶତ ପରିମାଣକୁ ସଂରକ୍ଷିତ କରାଯାଇପାରୁଛି । ଅନ୍ୟପକ୍ଷରେ, ପରିବେଶଜନିତ, ସାମାଜିକ, ଅର୍ଥନୈତିକ ଓ ଅନ୍ୟାନ୍ୟ କାରଣ ଯୋଗୁଁ, ବିଭିନ୍ନ ଜଳସମ୍ପଦ ବିକାଶ ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକାରୀ ହୋଇପାରୁନାହିଁ । ଫଳସ୍ୱରୂପ, ବିଗତ କିଛି ଦଶନ୍ଧି ଧରି ଆମକୁ ବନ୍ୟା ଓ ମରୁଡି ପରିସ୍ଥିତିର ସାମ୍ନା କରିବାକୁ ପଡୁଛି ।

୧୯୫୮ ମସିହାରେ ଜାତୀୟ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ ହେଲା ପରେ କେତେଗୁଡ଼ିଏ ବୃହତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି । ସେଗୁଡ଼ିକ ମଧ୍ୟରେ ରହିଛି, ଦାମୋଦର ଭେଲି କରପୋରେସନ, ହୀରାକୁଦ ନଦୀବନ୍ଧ, ତାପି ନଦୀରେ ଉକାଇ ନଦୀବନ୍ଧ ଓ ସତ୍‌ଲେଜ ନଦୀରେ ଭାକ୍ରା ନଦୀବନ୍ଧ । ଏହି ନଦୀବନ୍ଧ ଗୁଡ଼ିକର କେତେକ ପ୍ରମୁଖ ଉଦ୍ଦେଶ୍ୟଭିତରେ ରହିଛି ବନ୍ୟା ନିୟନ୍ତ୍ରଣ । ତେବେ, ଅନିୟମିତ ବନ୍ୟା ଅର୍ଥାତ୍ ୨୫ ବର୍ଷରେ ଥରେ ଆସୁଥିବା ବନ୍ୟା ସମୟରେ ଏହି ନଦୀବନ୍ଧ ଗୁଡ଼ିକ ସତ୍ତ୍ୱେ, ଜନବସତି ଜଳାର୍ଣ୍ଣବ ହୋଇଥାଏ । କାରଣ, ନଦୀର ତଳମୁଣ୍ଡ ପାର୍ଶ୍ୱରେ ଅତିକ୍ରମଣ କରି ଜନବସତି ଗଢ଼ିଉଠେ । ଯେତେବେଳେ ଜଳଭଣ୍ଡାରରୁ ବନ୍ୟାଜଳ ନିଷ୍କାସନ କରାଯାଏ, ସେତେବେଳେ, ଏହି ଜନବସତି ଗୁଡ଼ିକ ହିଁ ପ୍ରଭାବିତ ହୋଇଥାନ୍ତି । ତେବେ ଏଭଳି ପରିସ୍ଥିତିରୁ ମୁକ୍ତି ପାଇଁ, ବନ୍ୟା ସମତଳ ସମ୍ପର୍କିତ ଆଇନ୍ ପ୍ରଣୟନ ହେଉଛି ଏକମାତ୍ର ଉପାୟ ।

**ହୀରାକୁଦ ନଦୀବନ୍ଧ :-** ମହାନଦୀ ଉପରେ ୧୯୫୭ ମସିହାରେ ନିର୍ମିତ ଏହି ବନ୍ଧ ହେଉଛି ମାଟି ଓ ପଥରରେ ତିଆରି । ଏହାର ଜଳଧାରଣ କ୍ଷମତା ହେଉଛି ୫୨୨୨ ନିୟୁତ ଘନମିଟର । ବନ୍ୟା ନିୟନ୍ତ୍ରଣ, ଜଳସେଚନ ଓ ଶକ୍ତି ଉତ୍ପାଦନ ପାଇଁ ଏହା ଉଦ୍ଦିଷ୍ଟ । ଏହି ବନ୍ଧ ନିର୍ମାଣ ପୂର୍ବରୁ, ମହାନଦୀ ତ୍ରିକୋଣଭୂମି ଅଞ୍ଚଳ ବାରମ୍ବାର ବନ୍ୟାପ୍ଲାବିତ ହେଉଥିଲା ।

**ଦାମୋଦର ଭେଲି କର୍ପୋରେସନ:-** ଦାମୋଦର ଓ ବାର୍‌କର୍ ନଦୀ ଉପରେ ୪ଟି ନଦୀବନ୍ଧ ନିର୍ମାଣ ହୋଇଛି । କୋନାର୍, ମାଇଥନ୍, ପଞ୍ଚେଟ୍ ଓ ତିଲାଇଆ ନାମକ ଏହି ଚାରୋଟିଯାକ ବନ୍ଧର ଜଳ ଧାରଣ କ୍ଷମତା ହେଉଛି ୧୯୦୩ ନିୟୁତ ଘନମିଟର । ୧୯୫୮ ମସିହାରେ ନିର୍ମିତ ଏହି ଡ୍ୟାମ୍‌ଗୁଡ଼ିକ ବନ୍ୟାନିୟନ୍ତ୍ରଣ, ଜଳସେଚନ ଓ ବିଜୁଳି ଶକ୍ତି ଉତ୍ପାଦନ ପାଇଁ ଉଦ୍ଦିଷ୍ଟ ।

**ଉକାଇ ନଦୀବନ୍ଧ:-** ତାପି ନଦୀ ଉପରେ ଏହି ନଦୀବନ୍ଧ ୧୯୭୭ ମସିହାରେ ନିର୍ମିତ ହୋଇଛି । ଏହାର ଜଳଧାରଣ କ୍ଷମତା ହେଉଛି ୬୬୧୫ ନିୟୁତ ଘନମିଟର । ତଳମୁଣ୍ଡରେ ହେଉଥିବା ବନ୍ୟାର ପ୍ରକୋପକୁ ଏହା ଅନେକ ମାତ୍ରାରେ ହ୍ରାସ କରିପାରିଛି । ଏହି ପ୍ରକଳ୍ପ ଦ୍ୱାରା ମଧ୍ୟ ଶକ୍ତି ଉତ୍ପାଦନ ଓ ଜଳସେଚନ ହୋଇପାରୁଛି ।

**ଭାକ୍ରା ନଦୀବନ୍ଧ :-** ସତ୍‌ଲେଜ୍ ନଦୀ ଉପରେ ଭାକ୍ରା ନଦୀବନ୍ଧ ନିର୍ମାଣ କରିବା ସମୟରେ ସଂପୃକ୍ତ ଅଞ୍ଚଳରେ ମରୁଡ଼ି

**୧୯୫୮ ମସିହାରେ ଜାତୀୟ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟକ୍ରମ ଆରମ୍ଭ ହେଲା ପରେ କେତେଗୁଡ଼ିଏ ବୃହତ୍ ପ୍ରକଳ୍ପ ନିର୍ମାଣ କରାଯାଇଛି । ସେଗୁଡ଼ିକ ମଧ୍ୟରେ ରହିଛି, ଦାମୋଦର ଭେଲି କରପୋରେସନ, ହୀରାକୁଦ ନଦୀବନ୍ଧ, ତାପି ନଦୀରେ ଉକାଇ ନଦୀବନ୍ଧ ଓ ସତ୍‌ଲେଜ ନଦୀରେ ଭାକ୍ରା ନଦୀବନ୍ଧ । ଏହି ନଦୀବନ୍ଧ ଗୁଡ଼ିକର କେତେକ ପ୍ରମୁଖ ଉଦ୍ଦେଶ୍ୟଭିତରେ ରହିଛି ବନ୍ୟା ନିୟନ୍ତ୍ରଣ । ତେବେ, ଅନିୟମିତ ବନ୍ୟା ଅର୍ଥାତ୍ ୨୫ ବର୍ଷରେ ଥରେ ଆସୁଥିବା ବନ୍ୟା ସମୟରେ ଏହି ନଦୀବନ୍ଧ ଗୁଡ଼ିକ ସତ୍ତ୍ୱେ, ଜନବସତି ଜଳାର୍ଣ୍ଣବ ହୋଇଥାଏ । କାରଣ, ନଦୀର ତଳମୁଣ୍ଡ ପାର୍ଶ୍ୱରେ ଅତିକ୍ରମଣ କରି ଜନବସତି ଗଢ଼ିଉଠେ ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ମୁକାବିଲା ଉପରେ ଧ୍ୟାନ ଦିଆଗଲା। ସେତେବେଳେ ବନ୍ୟା ନିୟନ୍ତ୍ରଣ ଉପରେ ଗୁରତ୍ୱ ଦିଆଯାଇନଥିଲା । ତଥାପି, ୭୧୯୦ ନିୟୁତ ଘନମିଟର ଜଳଧାରଣ କ୍ଷମତା ବିଶିଷ୍ଟ ଏହି ନଦୀବନ୍ଧ ଦ୍ୱାରା ମଧ୍ୟ ବନ୍ୟା ନିୟନ୍ତ୍ରଣ ହୋଇପାରୁଛି । ୧୯୬୩ ମସିହାରେ ଏହି ନଦୀବନ୍ଧ କାର୍ଯ୍ୟକ୍ଷମ ହେବାପରେ, ପ୍ରଥମ କିଛି ବର୍ଷ ପାଇଁ ବନ୍ୟା ନିୟନ୍ତ୍ରଣ କାର୍ଯ୍ୟ ଭଲଭାବେ କରାଯାଇପାରିଲା । ତେବେ ଏହି ନଦୀର ଜଳଗ୍ରହଣ ଅଞ୍ଚଳର ୬୫ ପ୍ରତିଶତ ତିବ୍ବତ୍ (ଚିନ୍)ରେ ଥିବା ଦୃଷ୍ଟିରୁ, ଅନେକ ସମୟରେ ନଦୀର ତଳମୁଣ୍ଡରେ ବନ୍ୟା ଆସିବା ସୂଚନା ମିଳିପାରେ ନାହିଁ । ଏହିଭଳି ଏକ ଭୀଷଣ ବନ୍ୟା ଆସିଥିଲା ୨୦୦୦ ମସିହାରେ । ସେତେବେଳେ, ତିବ୍ବତ୍‌ରେ ବାଦଲଫଟା ବର୍ଷା ଓ ନଦୀ ପ୍ରବାହ ଅବରୋଧ ଯୋଗୁଁ, ସତ୍‌ଲେଜ୍ ନଦୀର ଜଳସ୍ତର ୧୫ ମିଟର ଉଚ୍ଚତାକୁ ଛୁଇଁଥିଲା। ତଥାପି, ଭାକ୍ରା ନଦୀବନ୍ଧ ଉପରମୁଣ୍ଡରେ ବନ୍ୟାର ପ୍ରକୋପ ଦେଖିବାକୁ ମିଳିଥିଲାବେଳେ, ତଳମୁଣ୍ଡ କିନ୍ତୁ ସୁରକ୍ଷିତ ରହିଥିଲା ।

ନିକଟ ଅତୀତରେ ଭାଗୀରଥୀ ନଦୀର ତେହରୀ ଜଳପ୍ରକଳ୍ପ, ରିଷିକେଶ୍ ଓ ହରିଦ୍ୱାର ଅଞ୍ଚଳରେ ଅଚାନକ ଆସିଥିବା ବନ୍ୟା ନିୟନ୍ତ୍ରଣରେ ସହାୟକ ହୋଇଥିଲା। ଏହି ନଦୀବନ୍ଧ, ୨.୫ ଲକ୍ଷ କ୍ୟୁସେକ ଜଳକୁ ଅଟକାଇ କେବଳ ୭ ପ୍ରତିଶତ ଜଳ ତଳମୁଣ୍ଡକୁ ଛାଡିଥିଲା । ସେହିପରି ବନ୍ୟା ନିୟନ୍ତ୍ରଣରେ ସର୍ଦ୍ଦାର ସରୋବର ପ୍ରକଳ୍ପ ମଧ୍ୟ ବେଶ୍ ଉପଯୋଗୀ ସାବ୍ୟସ୍ତ ହୋଇଛି ।

ଏହି ପରିପ୍ରେକ୍ଷୀରେ, ଭାରତୀୟ ନଦୀ ସଂଯୋଗୀକରଣ ପ୍ରକଳ୍ପ ହେଉଛି ବନ୍ୟାଓ ମରୁଡ଼ି ନିୟନ୍ତ୍ରଣର ଏକ ସୁଚିନ୍ତିତ ବିକଳ୍ପ । ଏହାଦ୍ୱାରା, ବ୍ରହ୍ମପୁତ୍ର ନଦୀର ବନ୍ୟାଜଳକୁ ବିଭିନ୍ନ ଚ୍ୟାନେଲ୍ ମାଧ୍ୟମରେ, ଜଳକ୍ଲିଷ୍ଟ ଅଞ୍ଚଳକୁ ପ୍ରେରଣ କରାଯାଇ, ମରୁଡ଼ିର ମୁକାବିଲା କରାଯାଇପାରିବ ।

**ଉପସଂହାର :-** ଏହା ସତ୍ୟ ଯେ, ଦେଶର ବଡ ବଡ ନଦୀ ଉପରେ ନଦୀବନ୍ଧ ନିର୍ମାଣ କରି ଏକ ନିର୍ଦ୍ଦିଷ୍ଟ ସ୍ତର ପର୍ଯ୍ୟନ୍ତ ବନ୍ୟା ନିୟନ୍ତ୍ରଣ କରାଯାଇପାରିବ। ସେହିପରି ନଦୀ ସଂଯୋଗୀକରଣ ଯୋଜନା ମଧ୍ୟ ଏଥିରେ ସହାୟକ ହୋଇପାରିବ । ତେବେ, ବନ୍ୟା ଦାଉରୁ ସମ୍ପୂର୍ଣ୍ଣ ମୁକ୍ତି ପାଇଁ କୌଣସି ନିର୍ଦ୍ଦିଷ୍ଟ ଉପାୟ ନାହିଁ । ତେଣୁ, ଜଳଭଣ୍ଡାର ନିର୍ମାଣ ବ୍ୟତୀତ, ବନ୍ୟା ଆଶଙ୍କା ଥିବା ଅଞ୍ଚଳର ଉତ୍ତମ ପରିଚାଳନା, ବନ୍ୟା ପ୍ରଶମନ ଉପାୟ, ବିପର୍ଯ୍ୟୟ ପରିଚାଳନା ଓ ପ୍ରସ୍ତୁତି, ବନ୍ୟା ସମ୍ପର୍କିତ ଆଗୁଆ ଓ ସତର୍କ ସୂଚନା ସମେତ ରିଲିଫ୍ ବଣ୍ଟନ, ବନ୍ୟା ବୀମା ଆଦି ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଗଲେ, ବହୁ ପ୍ରକାର ବନ୍ୟାଜନୀତ ଦୁଃଖ, ଦୁର୍ଦ୍ଦଶାକୁ ଦୂରୀଭୁତ କରାଯାଇପାରିବ ।

ଯୋଜନା ଆୟୋଗ ଅଧିନରେ ଜଳ ସଂପଦ ସମ୍ପର୍କୀୟ ଜାତୀୟ ଆୟୋଗରେ ଲେଖକ ପରାମର୍ଶଦାତା ଭାବେ କାର୍ଯ୍ୟ କରିଛନ୍ତି ।

*****



# ପରିଷ୍କାର ଗଂଗା: ପୂର୍ବ ପ୍ରୟାସ ଓ ଭବିଷ୍ୟତ ଯୋଜନା

**ଡଃ ଭାରତ ଆର୍. ଶର୍ମା**

'ଗଂଗା' ନାଁଟି ମନକୁ ଆସିବା ମାତ୍ରେ, ମନ ଭିତରେ ବିରୋଧାଭାଷ ଉଦ୍ରେକ କରିଥାଏ । ଏକ ପକ୍ଷରେ ପବିତ୍ରତା ଓ ଅନ୍ୟ ପକ୍ଷରେ ପ୍ରଦୂଷିତ ଜଳ । ବହୁଳ ପ୍ରଦୂଷଣ, ଜଳସେଚନ ପାଇଁ ଅତ୍ୟଧିକ ଜଳ ନିଷ୍କାସନ ସମେତ ଏହାର ମୁଖ୍ୟ ସ୍ରୋତ ଓ ଉପନଦୀଗୁଡ଼ିକର ପଥରେ ଅନ୍ତରାୟ , ଗଂଗା ନଦୀର ସ୍ୱାସ୍ଥ୍ୟ ଉପରେ ବହୁ ପ୍ରତିକୂଳ ପ୍ରଭାବ ପକାଇଛି । ଏହା ଦ୍ୱାରା ମଧ୍ୟ ଗଂଗା ଲକ୍ଷଲକ୍ଷ ଲୋକଙ୍କ ପାଇଁ ଉପଯୋଗୀ ହେବାର ସାମର୍ଥ୍ୟ ହରାଇଛି । ଆଶ୍ଚର୍ଯ୍ୟ ହେବାକୁ ହୁଏ, ବିଶ୍ୱର ଅନ୍ୟତମ ବୃହତ୍ ନଦୀ ଗଂଗା ଆଜି କେମିତି ଏକ ଅଳିଆ ଗଦା ସାଜିଛି । ଗଙ୍ଗାନଦୀ ସହିତ ସଂଶ୍ଳିଷ୍ଟ ରହିଛି ଅନେକ ବିଷୟ, ଯାହା ସହଜ ସରଳ ମଧ୍ୟ ନୁହେଁ । ଉଦ୍ୟୋଗ ଓ ଜନବସତିଠାରୁ ଆରମ୍ଭ କରି, ଏହାର ସ୍ରୋତ କ୍ଷୀଣ ହେବା ଏବଂ ଭୂତଳ ଜଳର ଲଗାମଛଡ଼ା ଉପଯୋଗ ଆଦି ବିଭିନ୍ନ ବିଷୟ ରହିଛି ।

ଏକ ଅଦ୍ୱିତୀୟ ଧାର୍ମିକ ଓ ସାଂସ୍କୃତିକ ମହତ୍ତ୍ୱ ସହିତ ଦେଶର ସର୍ବାଧିକ ପବିତ୍ର ନଦୀ ଭାବେ ଗଂଗା ସମସ୍ତ ଭାରତୀୟଙ୍କ ହୃଦୟରେ ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ । ଏହାର ଉତ୍ପତ୍ତିସ୍ଥଳ ହିମାଳୟର ଗଂଗୋତ୍ରୀ ହିମଖଣ୍ଡରୁ ଆରମ୍ଭ କରି ବାଂଲାଦେଶର ସୁନ୍ଦରବନ ତ୍ରିକୋଣଭୂମି ପର୍ଯ୍ୟନ୍ତ ପ୍ରାୟ ୨୫୦୦ କିଲୋମିଟର ଦୀର୍ଘ ପଥ ଦେଇ ଅତିକ୍ରମ କଲାବେଳେ, ଲକ୍ଷଲକ୍ଷ ଲୋକ ଏହା ଦ୍ୱାରା ଉପକୃତ ହୁଅନ୍ତି । ଦେଶର ସକଳ ଘରୋଇ ଉତ୍ପାଦନର ପ୍ରାୟ ୪୦ ପ୍ରତିଶତ ହେଉଛି ଗଙ୍ଗା ଅବବାହିକାର ଅବଦାନ । ଏହା ମଧ୍ୟ ଦେଶ ପାଇଁ ଏକ ବହୁମୂଲ୍ୟ ପାରିବେଶିକ ଓ ଅର୍ଥନୈତିକ ସମ୍ବଳ । ଏହାର ସୁଦୀର୍ଘ ଗତିପଥରେ ଗଂଗା ନଦୀ ଏକ ବିଶାଳ ଭୂଖଣ୍ଡର ଜଳ ଆବଶ୍ୟକତା ପୂରଣ କରିବା ସହିତ ୫୦ରୁ ଊର୍ଦ୍ଧ୍ୱ ଛୋଟବଡ଼ ସହରର ସାହାରା ସାଜିଥାଏ। ଏହାର ଉପରମୁଣ୍ଡରେ ଥିବା ବହୁ ଉପନଦୀଗୁଡ଼ିକରୁ ପର୍ଯ୍ୟାପ୍ତ ଶକ୍ତି ଉତ୍ପାଦନ କରିବାର ସମ୍ଭାବନା ଥିବା ବେଳେ, ତଳମୁଣ୍ଡ ପଟେ ଏହାକୁ ଏକ ଜଳପଥ ଭାବେ ବ୍ୟବହାର କରାଯାଇପାରେ । ଦେଶର ଏହା ହେଉଛି ବଳକା ଜଳ ଧାରଣ କରିପାରୁଥିବା ଏକମାତ୍ର ନଦୀ ।

ତେବେ ଦୁର୍ଭାଗ୍ୟର ବିଷୟ ଯେ ଏହି ବିଶାଳ ନଦୀ, ଦଶନ୍ଧୀ ଦଶନ୍ଧୀ ଧରି ଅବହେଳା ଏବଂ ଅପଚୟର ଶିକାର ହୋଇଛି । ଫଳସ୍ୱରୂପ 'ଗଂଗା' ନାଁଟି ମନକୁ ଆସିବା ମାତ୍ରେ, ମନ ଭିତରେ ବିରୋଧାଭାଷ ଉଦ୍ରେକ କରିଥାଏ । ଏକ ପକ୍ଷରେ ପବିତ୍ରତା ଓ ଅନ୍ୟ ପକ୍ଷରେ ପ୍ରଦୂଷିତ ଜଳ । ବହୁଳ ପ୍ରଦୂଷଣ, ଜଳସେଚନ ପାଇଁ ଅତ୍ୟଧିକ ଜଳ ନିଷ୍କାସନ ସମେତ ଏହାର ମୁଖ୍ୟ ସ୍ରୋତ ଓ ଉପନଦୀଗୁଡ଼ିକର ପଥରେ ଅନ୍ତରାୟ ।, ଗଂଗା ନଦୀର ସ୍ୱାସ୍ଥ୍ୟ ଉପରେ ବହୁ ପ୍ରତିକୂଳ ପ୍ରଭାବ ପକାଇଛି । ଏହା ଦ୍ୱାରା ମଧ୍ୟ ଗଂଗା ଲକ୍ଷଲକ୍ଷ ଲୋକଙ୍କ ପାଇଁ ଉପଯୋଗୀ ହେବାର ସାମର୍ଥ୍ୟ ହରାଇଛି । ଆଶ୍ଚର୍ଯ୍ୟ ହେବାକୁ ହୁଏ, ବିଶ୍ୱର ଅନ୍ୟତମ ବୃହତ୍ ନଦୀ ଗଂଗା ଆଜି କେମିତି ଏକ ଅଳିଆ ଗଦା ସାଜିଛି ।

ଗଙ୍ଗାନଦୀ ସହିତ ସଂଶ୍ଳିଷ୍ଟ ରହିଛି ଅନେକ ବିଷୟ, ଯାହା ସହଜ ସରଳ ମଧ୍ୟ ନୁହେଁ । ଉଦ୍ୟୋଗ ଓ ଜନବସତିଠାରୁ ଆରମ୍ଭ କରି, ଏହାର ସ୍ରୋତ କ୍ଷୀଣ ହେବା ଏବଂ ଭୂତଳ ଜଳର ଲଗାମଛଡ଼ା ଉପଯୋଗ ଆଦି ବିଭିନ୍ନ ବିଷୟ ରହିଛି । ଏହା ସହିତ ରହିଛି ଅନ୍ୟାନ୍ୟ ପୂଜା ସମ୍ବନ୍ଧୀୟ ଆବର୍ଜନା ଓ ମୂର୍ତ୍ତି ବିସର୍ଜନର ବିଷୟ ।

'ଗଂଗା'ର ଏପରି ପ୍ରଦୂଷିତ ଜଳ ଦ୍ୱାରା ଲକ୍ଷଲକ୍ଷ ଲୋକ ପ୍ରତିକୂଳ ଭାବେ ପ୍ରଭାବିତ ମଧ୍ୟ ହେଉଛନ୍ତି । ଏତଦ୍‌ବ୍ୟତୀତ, ଏହି ନଦୀ ଅବବାହିକାରେ ବନ୍ୟା ବାତ୍ୟାତ ସୃଷ୍ଟି ହୋଇ ବହୁ ଧନ, ଜୀବନ, ପଶୁଧନ ଓ ଭିତ୍ତିଭୂମି ଆଦି ନଷ୍ଟ ହୋଇଥାଏ । ବିଶାଳ ହିମଖଣ୍ଡର କ୍ରମ ଅପସାରଣ, ସମୟ ପୂର୍ବରୁ ବରଫ ତରଳିବା ଓ ଶୀତଦିନରେ ଅଧିକ ଜଳ ନଦୀ ମଧ୍ୟକୁ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ପ୍ରବେଶ କରିବା ଆଦି ଘଟଣାରୁ ସୁସ୍ପଷ୍ଟ ଯେ, ହିମାଳୟରେ ଥିବା ବରଫସ୍ତର ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ପଡ଼ିଛି ଯାହା ଏହି ନଦୀ ପାଇଁ ଶୁଭଙ୍କର ନୁହେଁ ।

ଗଂଗା ପ୍ରତି ବିଭିନ୍ନ ପର୍ଯ୍ୟାୟରେ ଭିନ୍ନଭିନ୍ନ ବିପଦ ରହିଛି । ପ୍ରଥମ ପର୍ଯ୍ୟାୟରେ ଗଂଗୋତ୍ରୀଠାରୁ ଋଷିକେଶ ପର୍ଯ୍ୟନ୍ତ, ଗଂଗାରେ ମିଶିଥିବା ଗୁଡ଼ାଏ ପ୍ରଖର ଉପନଦୀଗୁଡ଼ିକର ଜଳ ଅପେକ୍ଷାକୃତ କମ୍ ପ୍ରଦୂଷିତ। ତେବେ, ଏହି ଅଂଚଳରେ ଜଳବିଦ୍ୟୁତ୍ ପ୍ରକଳ୍ପଗୁଡ଼ିକର ନିର୍ମାଣ ଦ୍ୱାରା, ସଂପୃକ୍ତ ଅଂଚଳର କ୍ଷଣଭଂଗୁର ପରିବେଶ ଓ ଜୈବ ବିବିଧତା ପ୍ରତି ବିପଦ ସୃଷ୍ଟି ହୋଇଛି । ଦ୍ୱିତୀୟ ପର୍ଯ୍ୟାୟରେ, ଋଷିକେଶଠାରୁ କାନ୍‌ପୁର, ଆହ୍ଲାବାଦ, ପାଟଣା ଓ 'ରକ୍ସା ପର୍ଯ୍ୟନ୍ତ ଗଂଗାର ଜଳ ଯେତିକି ଅଧିକ ମାତ୍ରାରେ ବ୍ୟବହୃତ, ସେତିକି ମଧ୍ୟ ପ୍ରଦୂଷିତ। ଏହାର କାରଣ ହେଉଛି ଘରୋଇ ଔଦ୍ୟୋଗିକ, ପୌର ଓ କୃଷିସମ୍ବନ୍ଧୀୟ କାର୍ଯ୍ୟକଳାପ ଦ୍ୱାରା ଉଦ୍‌ବୃତ୍ତ ପ୍ରଦୂଷିତ ଜଳ। ଏହା ଦ୍ୱାରା ମଧ୍ୟ ପୂର୍ବ ଉତ୍ତର ପ୍ରଦେଶ ଓ ଉତ୍ତର ବିହାର ସମତଳ ଅଂଚଳରେ ବନ୍ୟା ସୃଷ୍ଟି ହୋଇଥାଏ । ତୃତୀୟ ତଥା ଶେଷ ପର୍ଯ୍ୟାୟରେ ଗଂଗା ନଦୀ, ବିଶ୍ୱର ସର୍ବବୃହତ ଓ ସକ୍ରିୟ ତ୍ରିକୋଣ ଭୂମିର ଏକ ଅଂଶରେ ପରିଣତ ହୁଏ । ତେବେ ଏଠାରେ ମଧ୍ୟ, ସାମୁଦ୍ରିକ ଜୁଆର ଓ ତ୍ରିକୋଣଭୂମି ଅଂଚଳ ଜଳର ଲବଣାଂଶ ଆଦି ପ୍ରଭାବିତ ହୋଇଛି । ଗଂଗାନଦୀର ଜଳ ଆବଣ୍ଟନକୁ ନେଇ ମଧ୍ୟ ସଂଲଗ୍ନ ଦେଶଗୁଡ଼ିକ ମଧ୍ୟରେ ବିବାଦ ରହିଛି ।

**ଗଂଗା ପ୍ରଦୂଷଣର ପ୍ରମୁଖ କାରଣ:** ଗଂଗା ନଦୀ ଅବବାହିକା ହେଉଛି ବିଶ୍ୱର ସର୍ବବୃହତ୍ ଜନବସତି ଅଂଚଳ । ଏଠାରେ ପ୍ରାୟ ୬୦ କୋଟି ବା ଦେଶର ଜନସଂଖ୍ୟାର ପ୍ରାୟ ଅଧା ଲୋକ ବସବାସ କରନ୍ତି । ଏଠାରେ ଯଦିଓ କୃଷିକାର୍ଯ୍ୟର ପ୍ରାଧାନ୍ୟ ରହିଛି, ତଥାପି ଏହି ଅଂଚଳରେ ଅନେକ ଛୋଟବଡ଼ ଅନିୟନ୍ତ୍ରିତ ଉଦ୍ୟୋଗ ଓ ଧାର୍ମିକ ସ୍ଥଳଗୁଡ଼ିକ ମଧ୍ୟ ରହିଛି । ତେଣୁ, ମୋଟାମୋଟି ଭାବେ ଅସନା ପାଣି, ଉଦ୍ୟୋଗରୁ ନିର୍ଗତ ଜଳ, ଶୌଚ ଓ କଠିଣ ବର୍ଜ୍ୟବସ୍ତୁ ଓ କୃଷିରେ ବ୍ୟବହୃତ ରାସାୟନିକ ସାର ଓ କୀଟନାଶକ ଆଦି ଦ୍ୱାରା ଗଂଗା ନଦୀର ଜଳ ବିଶେଷ ଭାବେ ପ୍ରଦୂଷିତ ହୋଇଥାଏ । ଏଗୁଡ଼ିକ ସମ୍ବନ୍ଧରେ ସମ୍ୟକ ଆଲୋଚନା ଆବଶ୍ୟକ ।

**(କ) ଶୌଚ ଓ ଆବର୍ଜନାଯୁକ୍ତ ପାଣି:** ୩୬ଟି ପ୍ରଥମ ଶ୍ରେଣୀ ସହର, (ଜନସଂଖ୍ୟା –ଏକଲକ୍ଷରୁ ଊର୍ଦ୍ଧ୍ୱ), ୧୪ଟି ଦ୍ୱିତୀୟ ଶ୍ରେଣୀ ସହର (ଜନସଂଖ୍ୟା – ୫୦ ହଜାରରୁ ଏକଲକ୍ଷ) ଏବଂ ୨୦ ହଜାରରୁ ଊର୍ଦ୍ଧ୍ୱ ଜନସଂଖ୍ୟା ବିଶିଷ୍ଟ ୫୦ଟି ଛୋଟଛୋଟ ସହର ଦେଇ ଗଂଗାନଦୀର ମୁଖ୍ୟସ୍ରୋତ ପ୍ରବାହିତ । ଭାରତର କେନ୍ଦ୍ର ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ତଥ୍ୟ ଅନୁଯାୟୀ, ଏହି ସହରଗୁଡ଼ିକରୁ ଦୈନିକ ୨.୭ ବିଲିୟନ୍ ଲିଟର ମଇଳା ପାଣି ବାହାରିଥାଏ । ନଦୀରେ ମିଶିବା ପୂର୍ବରୁ ଏହାର ମାତ୍ର କିଛି ଅଂଶକୁ ହିଁ ବିଶୋଧନ କରାଯାଇଥାଏ । ପରିଷଦର ଏକ ଆକଳନ ଅନୁଯାୟୀ ଗଂଗା ତଟବର୍ତ୍ତୀ ଅଂଚଳରେ ବ୍ୟବହୃତ ପାଣିର ମାତ୍ର ୨୬ ପ୍ରତିଶତ ପ୍ରକ୍ରିୟାକରଣ ହୋଇଥାଏ । ତେଣୁ ମଇଳା ବା ଅପରିଷ୍କାର ଜଳ ପ୍ରାୟତଃ ନଦୀ ଜଳରେ ସିଧାସଳଖ ମିଶିଥାଏ । ରାମଗଂଗା, ଗୋମତୀ, କାଳି, ଯମୁନା ଭଳି ଗଂଗା ନଦୀର ଉପନଦୀଗୁଡ଼ିକର ଜଳ ଅଧିକ ପ୍ରଦୂଷିତ ହୋଇଥିବାରୁ ମୁଖ୍ୟନଦୀର ଜଳ ମଧ୍ୟ ଅଧିକ ପ୍ରଦୂଷିତ ହୋଇଥାଏ । ଗଂଗାନଦୀକୁ ସିଧାସଳଖ ସଂଯୋଗ କରୁଥିବା ୧୩୮ଟି ବୃହତ ନାଳ ଦେଇ ୬ଶହ କୋଟି ଲିଟର ଅତି ପ୍ରଦୂଷିତ ପାଣି ଗଂଗାରେ ପ୍ରବେଶ କରିଥାଏ । ଅନ୍ୟପକ୍ଷରେ ଶୌଚ ସମ୍ବନ୍ଧୀୟ ବର୍ଜ୍ୟବସ୍ତୁ ଓ ଆବର୍ଜନାଯୁକ୍ତ ପାଣି ମଧ୍ୟ ଗଂଗାରେ ମିଶିଥାଏ । ଉତ୍ତରାଖଣ୍ଡ, ଉତ୍ତରପ୍ରଦେଶ, ବିହାର, ଝାରଖଣ୍ଡ ଓ ପଶ୍ଚିମବଙ୍ଗ ଭଳି ଗଂଗାନଦୀ ଅବବାହିକା ଅଂଚଳ ରାଜ୍ୟଗୁଡ଼ିକରେ ଶୌଚାଳୟ ଭିତ୍ତିଭୂମି ଅତି ନିମ୍ନମାନର । ୨୦୧୧ ଜନଗଣନା ଅନୁଯାୟୀ, ଯଦିଓ ୪୫ରୁ ୫୩ ପ୍ରତିଶତ ପର୍ଯ୍ୟନ୍ତ ସହରୀ ଘରଗୁଡ଼ିକରେ ସେପ୍ଟିକ୍ ଟାଂକି ବ୍ୟବହାର ହୁଏ, ତଥାପି ଏଗୁଡ଼ିକର ସୁପରିଚାଳନା ହୁଏ ନାହିଁ । ବରଂ ଏହି ଟାଂକିଗୁଡ଼ିକର ମଇଳା ଜଳକୁ ଖୋଲାସ୍ଥାନ କିମ୍ବା ନାଳ ନର୍ଦ୍ଦମାରେ ଛାଡ଼ି ଦିଆଯାଇଥାଏ । ଏହା ମଧ୍ୟ ପରିଶେଷରେ ଗଂଗାନଦୀର ପ୍ରଦୂଷଣର ସ୍ତର ବଢ଼ାଇଥାଏ । ଏହା ସହିତ ରହିଛି ପ୍ରାୟ ୨୫ ପ୍ରତିଶତ ବ୍ୟକ୍ତିଙ୍କ ଦ୍ୱାରା ଖୋଲାରେ ମଳତ୍ୟାଗ କରିବାର ଅଭ୍ୟାସ । ସେହିଭଳି ବହୁ ଗାଁ ଓ ସହରର ପ୍ଲାଷ୍ଟିକ୍, କାଚ, ପଶୁମାନଙ୍କ ଶବ ଓ ଅନ୍ୟାନ୍ୟ କଠିନ ବର୍ଜ୍ୟବସ୍ତୁ ପରିଚାଳନା ପାଇଁ କୌଣସି ବ୍ୟବସ୍ଥା ନଥିବାରୁ ଏଗୁଡ଼ିକ ମଧ୍ୟ ଗଂଗା ଜଳକୁ ପ୍ରଦୂଷିତ କରିଥାନ୍ତି ଓ ଜଳ ପ୍ରବାହକୁ ବାଧିତ କରିଥାନ୍ତି ।

**(ଖ) ଧାର୍ମିକ ନୈବେଦ୍ୟ :** ଗଂଗା ହେଉଛି ଦେଶର ସବୁଠାରୁ ପବିତ୍ର ନଦୀ । ଏହା ସହିତ ଯୋଡ଼ି ହୋଇ ରହିଛି ଅନେକ

ପୌରାଣିକ ଗାଥା ଓ ପରମ୍ପରା । ଲକ୍ଷଲକ୍ଷ ଭକ୍ତଙ୍କ ଦ୍ୱାରା ଗଂଗାନଦୀକୁ ଦୈନିକ ବିଭିନ୍ନ ପ୍ରକାରର ଦ୍ରବ୍ୟ ଓ ପଦାର୍ଥ, ନୈବେଦ୍ୟ ଆକାରରେ ଅର୍ପଣ କରାଯାଏ । ଧାର୍ମିକ ଉତ୍ସବ ସମୟରେ ଲକ୍ଷଲକ୍ଷ ଲୋକ ନିଜ ଦେହର ମଇଳା ଓ ଲୁଗାପଟାର ମଇଳା ମଧ୍ୟ ନଦୀରେ ଛାଡ଼ିଥାନ୍ତି । ଗାଢ଼ରଂଗଯୁକ୍ତ ଦେବାଦେବୀଙ୍କ ମୂର୍ତ୍ତି ବିସର୍ଜନ ମଧ୍ୟ ଏହି ନଦୀ ପାଇଁ ଏକ ବିପଦ । ଏସବୁ କାର୍ଯ୍ୟକଳାପ ଦ୍ୱାରା ଗଂଗାନଦୀ ଜଳ ପ୍ରଦୂଷିତ ହୁଏ ଏବଂ ଏହାର ପ୍ରବାହ ମଧ୍ୟ ବାଧିତ ହୋଇଥାଏ । ଦରପୋଡ଼ା, ଅଧାପୋଡ଼ା କିମ୍ବା ସଂପୂର୍ଣ୍ଣ ମଣିଷ ଶବ ଗଂଗାନଦୀରେ ଭସାଇ ଦିଆଯାଇଥାଏ ।

**(ଗ) ଉଦ୍ୟୋଗ ଦ୍ୱାରା ପରିତ୍ୟକ୍ତ ଜଳ:** ବଡ଼ବଡ଼ ସହର ଅର୍ଥ ଛୋଟ ବଡ଼ ଅନେକ ଉଦ୍ୟୋଗ। କାଗଜଠାରୁ ମଦ, ରସାୟନ, ଖାଦ୍ୟ, ଚିନି, ବସ୍ତ୍ର ଓ ଚମଡ଼ା ଶିଳ୍ପଗୁଡ଼ିକର ବ୍ୟବହୃତ ତଥା ଅପରିଷ୍କାର ଓ ବିଷାକ୍ତ ଜଳ ଗଂଗାରେ ମିଶି ଜଳ ପ୍ରଦୂଷିତ କରୁଥିବା ବେଳେ, ଏଥିରେ ବହୁ ଜଳଚର ଜୀବ ମଧ୍ୟ ସଂକଟରେ ପଡ଼ିଥାନ୍ତି ।

କେତେକ ବୃହତ ଔଦ୍ୟୋଗିକ ପ୍ରତିଷ୍ଠାନ ଦ୍ୱାରା ବ୍ୟବହୃତ ହେଉଥିବା ନିର୍ମଳ ଜଳ ଓ ସେମାନଙ୍କ ଦ୍ୱାରା ନିଷ୍କାସିତ ହେଉଥିବା ପ୍ରଦୂଷିତ ଜଳ ପରିମାଣ ସଂପର୍କିତ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ଏକ ରିପୋର୍ଟ (୨୦୧୩) ଅନୁଯାୟୀ ୭୬୪ଟି ରାସାୟନିକ, ଚିନି, ଚମଡ଼ା, କାଗଜ ଓ ବସ୍ତ୍ର ଶିଳ୍ପ ଭଳି ପ୍ରତିଷ୍ଠାନ ଦୈନିକ ୧୧୨୩ ନିୟୁତ ଲିଟର ପରିଷ୍କାର ଜଳ ବ୍ୟବହାର କରୁଥିବା ବେଳେ, ୫୦୧ ନିୟୁତ ଲିଟର ପ୍ରଦୂଷିତ ଜଳ ସୃଷ୍ଟି କରିଥାନ୍ତି ।

ଏଭଳି ପ୍ରଦୂଷିତ ଜଳ ସୃଷ୍ଟିକାରୀ ଉଦ୍ୟୋଗଗୁଡ଼ିକ ମଧ୍ୟରୁ ଅନେକ ଘରୋଇ କ୍ଷେତ୍ର ଅନ୍ତର୍ଭୁକ୍ତ ହୋଇଥିବାରୁ, ଏଗୁଡ଼ିକର ନିୟନ୍ତ୍ରଣ ଠିକ୍ ଭାବେ କରାଯାଇ ପାରେ ନାହିଁ । ଅପରନ୍ତୁ, ସେମାନେ ନିଜେନିଜେ ମଧ୍ୟ ଆତ୍ମସଂଯମ ଅବଲମ୍ବନ କରନ୍ତି ନାହିଁ ।

**(ଘ) କୃଷିକ୍ଷେତ୍ର :** ଔଦ୍ୟୋଗିକ ଓ ପୌରପାଳିକା କାର୍ଯ୍ୟକଳାପରୁ ନିର୍ଗତ ପ୍ରଦୂଷିତ ଜଳ ଯଦିଓ କୃଷିକ୍ଷେତ୍ରରୁ ନିର୍ଗତ ଜଳଠାରୁ ଅଧିକ ବିଷାକ୍ତ, ତଥାପି ସଘନ କୃଷିରେ ବ୍ୟବହାର ହେଉଥିବା ରାସାୟନିକ ସାର ଓ କୀଟନାଶକ ଆଦି ଦ୍ୱାରା ଗଂଗାନଦୀର ଜଳ ପ୍ରଦୂଷିତ ହୋଇଥାଏ । ଏହା ଦ୍ୱାରା ନିଜକୁ ସୁରକ୍ଷିତ ରଖିବା ପାଇଁ ନଦୀର ନିଜସ୍ୱ ବ୍ୟବସ୍ଥା ମଧ୍ୟ ଅକାମୀ ହୋଇଥାଏ । ଅର୍ଥାତ୍ ନଦୀକୁ ନିଜର ଜୀବନରେଖା ଭଳି ବ୍ୟବହାର କରୁଥିବା ଜଳଚର ପ୍ରାଣୀ ଓ ଉଦ୍ଭିଦ ଆଦି ଲୋପ ପାଇଯାଆନ୍ତି ।

**(ଙ) ପରିବେଶ ଓ ଏହାର ପ୍ରଭାବ:** ଏକ ସୁସ୍ଥ ନଦୀର ସଂଜ୍ଞା ହେଉଛି ଯେ ଏହା ଉପରେ ନିର୍ଭରଶୀଳ ଯାବତୀୟ ଶ୍ରେଣୀର ବ୍ୟକ୍ତିବିଶେଷଙ୍କ ସବୁ ଆବଶ୍ୟକତା ପୂରଣ କଲା ପରେ ମଧ୍ୟ ଏଥିରେ ବର୍ଷସାରା ଉଚ୍ଚଗୁଣବତ୍ତା ସଂପନ୍ନ ଜଳ ପ୍ରବାହିତ ହେଉଥିବ । କୌଣସି ସମୟରେ ବା ନଦୀର କୌଣସି ଏକ ନିର୍ଦ୍ଦିଷ୍ଟ ଅଂଚଳରେ ଜଳାଭାବ ରହୁନଥିବ । ତେବେ ପାର୍ଶ୍ୱ ପରିବେଶରୁ ନିରନ୍ତର ନଦୀକୁ ପ୍ରବାହିତ ହେଉଥିବା ଜଳର ପରିମାଣ ଓ ଗୁଣବତ୍ତା କ୍ରମଶଃ ମଣିଷର ସ୍ୱାର୍ଥ ଆଗରେ ମୁଣ୍ଡ ନୁଆଁଇଦିଏ । ନଦୀଜଳକୁ ଅନେକ କେନାଲ ଜରିଆରେ ଅନ୍ୟତ୍ର ସ୍ଥାନାନ୍ତର କରିବା ଓ ନଦୀ ଆଖପାଖ ଅଞ୍ଚଳରେ ପମ୍ପ ସାହାଯ୍ୟରେ ଭୂତଳ ଜଳ ଉତ୍ତୋଳନ ଆଦି ଦ୍ୱାରା ମଧ୍ୟ ନଦୀ ପ୍ରବାହ ବାଧାପ୍ରାପ୍ତ ହୁଏ । କୃଷିକାର୍ଯ୍ୟ ପାଇଁ ଜଳର ଏଭଳି ବ୍ୟବହାରର ପ୍ରଭାବ ଦେଖିବାକୁ ମିଳେ ହରିଦ୍ୱାରଠାରୁ ବାରଣାସୀ ପର୍ଯ୍ୟନ୍ତ ପ୍ରାୟ ୧୦୮୦ କିଲୋମିଟର ନଦୀପଥରେ । ଗଂଗାର ଏତିକି ଦୈର୍ଘ୍ୟ ମଧ୍ୟରେ କେବଳ ଯେ ଜଳର ମାତ୍ରାଧିକ ବ୍ୟବହାର ହୁଏ ତା' ନୁହେଁ, ବରଂ ଏହାର ଜଳ ଅଧିକ ପ୍ରଦୂଷିତ ମଧ୍ୟ ହୁଏ । ହରିଦ୍ୱାର, ବିଜ୍‌ନୋର ଓ ନରୋରା ଆଦି ସ୍ଥାନମାନଙ୍କରେ କେନାଲ୍ ମାଧ୍ୟମରେ ଗଂଗାନଦୀର ଜଳ ନିଷ୍କାସନ ପରେ, ଗଂଗାରେ ଆଉ ପର୍ଯ୍ୟାପ୍ତ ପାଣି ରହେନାହିଁ । ଫଳରେ ସେହି ଅଂଚଳରୁ ଏହି ନଦୀରେ ମିଶୁଥିବା ପ୍ରଦୂଷିତ ପାଣିର ଭାର ଏହି ନଦୀ ସହ୍ୟ କରିପାରେ ନାହିଁ ।

**ସ୍ୱଚ୍ଛ ଗଂଗା ପାଇଁ ପୂର୍ବ ପ୍ରୟାସ :** ଗଙ୍ଗାନଦୀ ଉପକୂଳ ଓ ଅବବାହିକାରେ ବସବାସ କରୁଥିବା ପ୍ରାୟ ୨୦ କୋଟି ଲୋକ ହେଉଛନ୍ତି ଅତ୍ୟନ୍ତ ଗରିବ । ଏହାର କାରଣ ହେଉଛି ଗଂଗାନଦୀ ସଂପର୍କିତ ସାମାଜିକ, ସାଂସ୍କୃତିକ ଓ ପାରିବେଷିକ କାର୍ଯ୍ୟକଳାପରେ ଅବନତି । ଉତ୍ତର ପ୍ରଦେଶ, ବିହାର ଓ ପଶ୍ଚିମବଂଗରେ ପରିବ୍ୟାପ୍ତ ଦାରିଦ୍ର୍ୟର ସଂପର୍କ ଗଂଗାନଦୀର ଜଳାଭାବ ସହିତ ନିବିଡ଼ ଭାବରେ ରହିଛି । ଶୌଚରେ ବ୍ୟବହାର ଜଳ ଓ ମଳ ଆଦି ଗଂଗାରେ ମିଶି ଏହାର ସ୍ୱାସ୍ଥ୍ୟ ପ୍ରତି ଏକ ବିରାଟ ବିପଦ ସୃଷ୍ଟି କରୁଛି । ନଦୀର ଅଧିକାଂଶ ଅଂଚଳରେ କଲିଫର୍ମ ସ୍ତର ଅଧିକ ରହୁଥିବାରୁ ଏହାର ଜଳ ଏପରିକି ସ୍ନାନ ପାଇଁ ମଧ୍ୟ ଅନୁପଯୁକ୍ତ । ୧୯୯୬ ରୁ ୨୦୧୦

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ମଧ୍ୟରେ ଗଂଗାନଦୀର ବିଭିନ୍ନ ସ୍ଥାନରେ ଏହି କଲିଫର୍ମ ସ୍ତର କମିବା ପରିବର୍ତ୍ତେ ବେଶ୍ ବୃଦ୍ଧି ପାଇଛି । କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦର ତଥ୍ୟ (୨୦୦୯) ଅନୁଯାୟୀ ପାର୍ଶ୍ୱବର୍ତ୍ତୀ ପ୍ରଥମଶ୍ରେଣୀ ସହରଗୁଡ଼ିକରୁ ଆସୁଥିବା ପ୍ରଦୂଷିତ ଜଳର ୪୪ ପ୍ରତିଶତ ପର୍ଯ୍ୟନ୍ତ ଜଳକୁ ସଫା କରିବାର କ୍ଷମତା ଗଂଗା ଅବବାହିକାର ରହିଛି । ତେବେ ଦ୍ୱିତୀୟ ଶ୍ରେଣୀ ସହର କ୍ଷେତ୍ରରେ ଏହା ମାତ୍ର ଆଠ ପ୍ରତିଶତ ଓ ଛୋଟଛୋଟ ସହରଗୁଡ଼ିକରେ ଏହା ଶୂନ ପ୍ରତିଶତ। ସହରାଞ୍ଚଳର ବହୁସ୍ଥାନରେ ଦୂଷିତ ଜଳ ବିଶୋଧନ ପ୍ରକଳ୍ପ ନାହିଁ କିମ୍ବା ଥିଲେ ମଧ୍ୟ ସେଗୁଡ଼ିକ ସଂପୂର୍ଣ୍ଣ କାର୍ଯ୍ୟକ୍ଷମ ନଥିବାରୁ ବହୁ ପରିମାଣର ଦୂଷିତ ଜଳ ଗଂଗାରେ ମିଶୁଛି ।

ଗଂଗାନଦୀର ୭୦ଟି ସ୍ଥାନରେ ଥିବା ୫ ବର୍ଷର ହାରାହାରି କୋଲିଫର୍ମ ସ୍ତର ଉଦ୍ୟୋଗ, କୃଷି ବା ସହରର ଦୂଷିତ ବା ବ୍ୟବହୃତ ଜଳରେ ରୋଗ ସୃଷ୍ଟିକାରୀ ଜୀବାଣୁ ଓ ରାସାୟନିକ ପଦାର୍ଥଗୁଡ଼ିକ ଥାନ୍ତି । ଗଂଗାନଦୀରେ ମିଶିଲା ପରେ ସେଠି ଏଗୁଡ଼ିକ ଜମା ହୋଇ ମଣିଷ ସ୍ୱାସ୍ଥ୍ୟ ପ୍ରତି ବିପଦ ସୃଷ୍ଟି କରନ୍ତି । ମଣିଷର ପରିବେଶ ଓ କାର୍ଯ୍ୟଦକ୍ଷତା ଉପରେ ଏହାର ପ୍ରତିକୂଳ ପ୍ରଭାବ ପଡ଼େ । ନଦୀରେ ଥିବା ପ୍ରାଣୀ ଜଗତ ମଧ୍ୟ ପ୍ରଭାବିତ ହୁଅନ୍ତି । ଗଂଗାନଦୀର ମଧ୍ୟଭାଗ ଅଂଚଳରେ, ଔଦ୍ୟୋଗିକ ପ୍ରଦୂଷଣର କୁପ୍ରଭାବ ଏହି ପ୍ରାଣୀଙ୍କ ଉପରେ ଅଧିକ ପଡୁଛି । ନଦୀର ଏହି ଇଲାକାରୁ ଧରାଯାଉଥିବା ମାଛମାନଙ୍କଠାରେ, ଭାରୀ ଧାତୁ ରହିଥିବାର ପ୍ରମାଣ ମିଳିଛି । ସେହିଭଳି ଆହ୍ଲାବାଦ ଅଂଚଳରେ ଏହି ନଦୀରେ ମିଳୁଥିବା ବିଭିନ୍ନ ପ୍ରଜାତିର ମାଛମାନଙ୍କ ସଂଖ୍ୟାରେ କ୍ରମଶଃ ହ୍ରାସ ଘଟିଛି । ଏକ ଗବେଷଣା ଅନୁଯାୟୀ, ୧୯୫୦ ମସିହାରେ ଗଂଗାନଦୀରେ କିଲୋମିଟର ପିଛା ୧୩୪୪ କେଜି ମାଛ ଧରାଯାଉଥିବା ବେଳେ ୨୦୧୦ରେ ତାହା ୩୦୦ କେଜିକୁ ଖସିଆସିଛି ।

୧୯୮୨ ଓ ୧୯୮୪ ମସିହାରେ କେନ୍ଦ୍ରୀୟ ପ୍ରଦୂଷଣ ନିୟନ୍ତ୍ରଣ ପରିଷଦ ତରଫରୁ ଗଂଗାନଦୀର ପ୍ରଦୂଷଣକୁ ନେଇ ଗୁରୁତ୍ୱପୂର୍ଣ୍ଣ ଗବେଷଣା କରାଯାଇଥିଲା । ଏଥିରୁ ଜଣାପଡ଼ିଲା ଯେ ଉତ୍ତରପ୍ରଦେଶ, ବିହାର ଓ ପଶ୍ଚିମବଙ୍ଗର ୨୫ଟି ସହରରୁ ଅଧିକ ପ୍ରଦୂଷିତ ଜଳ ଗଂଗାରେ ମିଶୁଛି । ୧୯୮୫ ମସିହାରେ ଆରମ୍ଭ ହୋଇଥିବା ଗଂଗା ଏକ୍ସନ ପ୍ଲାନ୍ ବା ଗଂଗା କାର୍ଯ୍ୟ ଯୋଜନାର ମୂଳରେ ଥିଲା ଏହି ଗବେଷଣାଲବ୍ଧ ତଥ୍ୟ । ତେଣୁ, ଏହି ୨୫ଟି ସହରରୁ ନିର୍ଗତ ପ୍ରଦୂଷିତ ଜଳର ବିଶୋଧନ ଉପରେ ଏହି ଯୋଜନାରେ ଗୁରୁତ୍ୱ ଦିଆଗଲା । ତେବେ ଅନେକ ବର୍ଷ ପରେ ମଧ୍ୟ ଗଂଗା ନଦୀ ଜଳର ଗୁଣବତ୍ତାରେ ଉନ୍ନତି ଆସିଲା ନାହିଁ। ତେଣୁ ୧୯୯୩ ମସିହାରେ ଏହାର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହେଲା । ଉତ୍ତରପ୍ରଦେଶ, ଉତ୍ତରାଖଣ୍ଡ, ବିହାର, ଝାରଖଣ୍ଡ ଓ ପଶ୍ଚିମବଙ୍ଗରେ ଏହା ଏବେ ମଧ୍ୟ କାର୍ଯ୍ୟକ୍ଷମ ।

ଗଙ୍ଗା କାର୍ଯ୍ୟଯୋଜନାର ଉଭୟ ପର୍ଯ୍ୟାୟରେ ୩୭ଟି ସହରର ଦୂଷିତ ଜଳର ବିଶୋଧନ ଓ ଅନ୍ୟତ୍ର ସ୍ଥାନାନ୍ତରଣ କରିବା ଭଳି ବ୍ୟବସ୍ଥା କରାଗଲା। ଏହି ଯୋଜନା ଅଧୀନରେ ମାତ୍ରାଧିକ ପ୍ରଦୂଷଣ ସୃଷ୍ଟିକାରୀ ଉଦ୍ୟୋଗ ଚିହ୍ନଟ କରାଗଲା ଏବଂ ଉଦ୍‌ବୃତ୍ତ ଜଳ ବିଶୋଧନ ପାଇଁ ଉପଯୁକ୍ତ ବ୍ୟବସ୍ଥା କରିବାକୁ ସେଗୁଡ଼ିକୁ ବାଧ୍ୟ କରାଗଲା। କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟର ଏକ ରିପୋର୍ଟ ଅନୁଯାୟୀ ଏହି କାର୍ଯ୍ୟଯୋଜନା ଅଧୀନରେ ୨୦୧୧ ମସିହା ପର୍ଯ୍ୟନ୍ତ ୧୬୧୨.୩୮ କୋଟି ଟଙ୍କା ବ୍ୟୟ କରାଯାଇଥିଲା। ଯଦିଓ ଏହି କାର୍ଯ୍ୟଯୋଜନା ଦ୍ୱାରା ଗଙ୍ଗା ପ୍ରଦୂଷଣର ବ୍ୟାପକତା ଲୋକଲୋଚନକୁ ଆସିଲା ଏବଂ ଏ ଦିଗରେ ଅନେକଟା ପଦକ୍ଷେପ ନିଆଗଲା, ତଥାପି ଏହାର କାର୍ଯ୍ୟକାରିତାରେ ବିଭିନ୍ନ ପ୍ରତିବନ୍ଧକ ଥିଲା। ସେଗୁଡ଼ିକ ହେଲା – ପ୍ରଦୂଷଣର ସୀମିତ ପ୍ରସଙ୍ଗଗୁଡ଼ିକୁ କେବଳ ବିଚାରକୁ ନେବା, କାର୍ଯ୍ୟ କରିବାରେ ବିଳମ୍ବ ଏବଂ ସହରାଞ୍ଚଳ ପୌର ସଂସ୍ଥାଗୁଡ଼ିକର ଅଙ୍ଗୀକାରବଦ୍ଧତାର ଅଭାବ। ଏତଦ୍ ବ୍ୟତୀତ, ଏହି ଯୋଜନା ଅଧୀନରେ ସୃଷ୍ଟ ସଂଶାଧନଗୁଡ଼ିକର ରକ୍ଷଣାବେକ୍ଷଣର ଅଭାବ ବା କାର୍ଯ୍ୟଦକ୍ଷତାର ଅଭାବ ମଧ୍ୟ ଅନ୍ତରାୟ ହେଲା।

**ବର୍ତ୍ତମାନ ଓ ଭବିଷ୍ୟତ ଯୋଜନା :** ଅଦାଲତଙ୍କ ନିର୍ଦ୍ଦେଶ, ସଚେତନ ନାଗରିକ ସମାଜର ଦାବୀ ଓ ସର୍ବୋପରି କେନ୍ଦ୍ରର ନୂତନ ସରକାରଙ୍କ ପ୍ରତିବଦ୍ଧତା ଯୋଗୁଁ, ଗଙ୍ଗା ନଦୀର ସ୍ୱଚ୍ଛତା ଫେରାଇ ଆଣିବାପାଇଁ ଅନେକ ଅର୍ଥପୂର୍ଣ୍ଣ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ସେଗୁଡ଼ିକ ମଧ୍ୟରୁ କେତେକ ହେଲା :

**(କ) ଗଙ୍ଗା ସଫେଇ ପାଇଁ ଜାତୀୟ ମିଶନ ସ୍ଥାପନ :** ୧୮୬୦ ମସିହା ସୋସାଇଟିଜ୍ ପଞ୍ଜୀକରଣ ଅଧିନିୟମ ଅଧୀନରେ କେନ୍ଦ୍ର ଜଳସମ୍ପଦ, ନଦୀ ବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟ ଅନ୍ତର୍ଗତ ଏହି ମିଶନର ଉଦ୍ଦେଶ୍ୟ ହେଉଛି, ବିଶ୍ୱ ବ୍ୟାଙ୍କ୍

ସହାୟତାପ୍ରାପ୍ତ ଜାତୀୟ ଗଙ୍ଗାନଦୀ ଅବବାହିକା ପ୍ରକଳ୍ପର କାର୍ଯ୍ୟାନ୍ୱୟନ କରିବା। କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ଗଙ୍ଗାନଦୀ ସଫେଇ କାର୍ଯ୍ୟକ୍ରମଗୁଡ଼ିକୁ ହାତକୁ ନେଇ ସମନ୍ୱୟ ସ୍ଥାପନ କରିବା ସହିତ ଏ ସମ୍ପର୍କିତ ଯୋଜନା ପ୍ରଣୟନ, ଅର୍ଥ ଯୋଗାଣ ଓ ତଦାରଖ ଆଦି କାର୍ଯ୍ୟ ଏହି ମିଶନ୍ ଉପରେ ନ୍ୟସ୍ତ କରାଯାଇଛି।

**(ଖ) ମନ୍ତ୍ରଣାଳୟର ନୂତନ ନାମକରଣ :** ଗଙ୍ଗା ସଫେଇ କାର୍ଯ୍ୟକୁ କେନ୍ଦ୍ରର ନୂତନ ସରକାର ଅଧିକ ମହତ୍ତ୍ୱ ପ୍ରଦାନ କରୁଛନ୍ତି। ଏ ସମ୍ପର୍କିତ କାର୍ଯ୍ୟର ତଦାରଖ, କ୍ୟାବିନେଟ୍ ସଚିବାଳୟ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟଦ୍ୱାରା ନିୟମିତ ଭାବେ କରାଯାଉଛି। ଏ ସମ୍ପର୍କିତ ଅଧିକାଂଶ କାର୍ଯ୍ୟ ଓ ଦାୟିତ୍ୱ କେନ୍ଦ୍ର ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟଠାରୁ ଆଣି କେନ୍ଦ୍ର ଜଳ ସମ୍ପଦ ମନ୍ତ୍ରଣାଳୟକୁ ପ୍ରଦାନ କରାଯାଇଛି। ଏହି ମନ୍ତ୍ରଣାଳୟର ନାମକରଣ ପରିବର୍ତ୍ତନ କରି ଜଳସମ୍ପଦ, ନଦୀବିକାଶ ଓ ଗଙ୍ଗା ପୁନରୁଦ୍ଧାର ମନ୍ତ୍ରଣାଳୟ ରଖାଯାଇଛି। ଜାପାନ, ଫ୍ରାନ୍ସ, ଇସ୍ରାଏଲ୍, ଇଂଲଣ୍ଡ, ସିଙ୍ଗାପୁର ଓ ଅଷ୍ଟ୍ରେଲିଆ ଭଳି ଦେଶ ଏବଂ ଥେମ୍ସ୍ ଅଥରିଟି, ମୁରେ-ଡାର୍ଲିଂ ଅଥରିଟି ଭଳି ବିଭିନ୍ନ ସଂସ୍ଥାଗୁଡ଼ିକରୁ ସାହାଯ୍ୟ ମଧ୍ୟ ମଗାଯାଇଛି।

**(ଗ) ନମାମି ଗଙ୍ଗେ :** ୨୦୧୫ ମସିହାରେ କେନ୍ଦ୍ର ସରକାର ନମାମି ଗଙ୍ଗେ କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି। ବୃହତ୍ ଭାବରେ ଗଙ୍ଗାନଦୀର ସ୍ୱଚ୍ଛତା ସମ୍ପର୍କିତ କାର୍ଯ୍ୟକ୍ରମଗୁଡ଼ିକୁ ସମ୍ମିଳିତ କରି ଏହି କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ପରବର୍ତ୍ତୀ ପଞ୍ଚବାର୍ଷିକ ଯୋଜନାପାଇଁ ୨୦୦ ନିୟୁତ ଟଙ୍କା ଆବଣ୍ଟିତ କରାଯାଇଛି। ଏହି ଯୋଜନାରେ ଗଙ୍ଗା କାର୍ଯ୍ୟଯୋଜନାକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି ଯୋଜନା ଅଧୀନରେ ଜୈବ-ଉପଚାରଦ୍ୱାରା ନାଳନର୍ଦ୍ଦମାର ଜଳ ବିଶୋଧନ, ନୂତନ ଓ ଅଭିନବ ପ୍ରଯୁକ୍ତିବିଦ୍ୟାର ପ୍ରୟୋଗ, ଉଦ୍ୟୋଗରୁ ଉଦ୍‌ବୃତ୍ତ ଜଳ ବିଶୋଧନ ପ୍ରକଳ୍ପ ସ୍ଥାପନ ଓ ବନ୍ଦ ପଡ଼ିଥିବା ପ୍ରକଳ୍ପଗୁଡ଼ିକୁ ପୁନଃ ତଥା ପୂର୍ଣ୍ଣମାତ୍ରାରେ କାର୍ଯ୍ୟକ୍ଷମ କରିବା ଭଳି ପଦକ୍ଷେପମାନ ନିଆଯାଉଛି।

**(ଘ) ଗଙ୍ଗା ନଦୀ ଅବବାହିକା ପରିଚାଳନା ଯୋଜନା :** ଏହି ଯୋଜନା ୭ଟି ଆଇ.ଆଇ.ଟି. ମିଶି ପ୍ରସ୍ତୁତ କରିଛନ୍ତି। ଏହା ଗଙ୍ଗାନଦୀ ଅବବାହିକା କର୍ତ୍ତୃପକ୍ଷଙ୍କୁ ପ୍ରଦାନ କରିଛନ୍ତି। ଏଥିରେ ଆଠଟି ମିଶନ୍ ଗଠନପାଇଁ ପ୍ରସ୍ତାବ ରହିଛି। ଅବିରଳ୍ ଧାରା, ନିର୍ମଳ ଧାରା, ପରିବେଶ ପୁନରୁଦ୍ଧାର, ଧାରଣକ୍ଷମ କୃଷି, ଭୌଗୋଳିକ ସୁରକ୍ଷା, ବିପର୍ଯ୍ୟୟରୁ ଅବବାହିକାର ସୁରକ୍ଷା, ନଦୀ ବିପର୍ଯ୍ୟୟ ପରିଚାଳନା ଏବଂ ପରିବେଶ ଜ୍ଞାନ ଓ ସଚେତନତା। ଏହାର ଅନ୍ୟତମ ପ୍ରମୁଖ ପ୍ରସ୍ତାବ ହେଉଛି - ପ୍ରଦୂଷଣ ସୃଷ୍ଟିକାରୀ ଉଦ୍ୟୋଗଗୁଡ଼ିକ ପାଇଁ "ଶୂନ୍ ନିଷ୍କାସନ" ନୀତି ଆପଣେଇବା। ଏହିସବୁ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକ୍ଷମ କରିବାକୁ ହେଲେ ଆଗାମୀ ୨୫ ବର୍ଷପାଇଁ ୧୦୦ ବିଲିୟନ୍ ୟୁ.ଏସ୍. ଡଲାର ଖର୍ଚ୍ଚ ଅଟକଳ କରାଯାଇଛି।

**ଉପସଂହାର :** ସମୟ ଥିଲା, ବିଶ୍ୱର ଅନ୍ୟତମ ବଡ଼ ବଡ଼ ନଦୀ ଯଥା – ଡାନୁବେ, ଥେମ୍ସ, ରାଇନ, ନାଇଲ୍ ଏବଂ ଏଲ୍‌ବେ ଆଦି ମଧ୍ୟ ଗଙ୍ଗା ଭଳି କିମ୍ବା ଯାଠାରୁ ଅଧିକ ପ୍ରଦୂଷିତ ଥିଲା। ତେବେ ପ୍ରଦୂଷଣର କାରଣ ଚିହ୍ନଟୀକରଣ, ସଚେତନତା, ପୁଞ୍ଜିନିବେଶ, ଉପଯୁକ୍ତ ନୀତି ଆଦି ମାଧ୍ୟମରେ ଏହି ନଦୀଗୁଡ଼ିକୁ ସ୍ୱଚ୍ଛ କରାଯାଇପାରିଛି। ଭାରତରେ ଏପର୍ଯ୍ୟନ୍ତ ନଦୀ ପ୍ରଦୂଷଣ ରୋକିବାପାଇଁ କେବଳ ଆବର୍ଜନାଯୁକ୍ତ ଅସନା ଜଳ ବିଶୋଧନ ଓ ତତ୍ ସମ୍ବନ୍ଧୀୟ ପ୍ରକଳ୍ପ ସ୍ଥାପନ ଉପରେ ଗୁରୁତ୍ୱ ଦିଆଯାଇଛି। ଏବେ ମଧ୍ୟ ଶୌଚ ସମ୍ବନ୍ଧୀୟ ଆବର୍ଜନା ଓ ଜଳ, ନାଳଦ୍ୱାରା ସଂଯୋଗ ହୋଇ ନ ଥିବା ଅଞ୍ଚଳର ପ୍ରଦୂଷିତ ଜଳ ଏବଂ କୃଷି ତଥା ପଶୁପାଳନ ସହ ଜଡ଼ିତ କାର୍ଯ୍ୟକଳାପରୁ ନିର୍ଗତ ଜଳର ପରିଚାଳନାପାଇଁ ଏପର୍ଯ୍ୟନ୍ତ ଧ୍ୟାନ ଦିଆଯାଇ ନାହିଁ। ଏ ସମସ୍ତ ବିଷୟକୁ ସମାହିତ କରି କାର୍ଯ୍ୟ କଲେ ଗଙ୍ଗାନଦୀର ସ୍ୱଚ୍ଛତା ତଥା ପ୍ରବାହକୁ ପୁନଶ୍ଚ ଫେରାଇ ଆଣିହେବ।

ଲେଖକ ନୂଆଦିଲ୍ଲୀସ୍ଥିତ ଆନ୍ତର୍ଜାତିକ ଜଳ ପରିଚାଳନା ସଂସ୍ଥାରେ ସାଇଣ୍ଟିଷ୍ଟ ଏମେରିଟସ୍ ଭାବେ କାର୍ଯ୍ୟରତ।

*****

# ନଦୀ ସଂଯୋଗକରଣ ଓ ଉନ୍ନତ ଜଳ ପରିଚାଳନା

**ଡଃ .ଆର.କେ.ଶିବନାପ୍ପନ୍**

> **ଜଳ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ। ଏହା ମାନବ ସ୍ୱାସ୍ଥ୍ୟ ଓ ସଂପୃକ୍ତ ଅଞ୍ଚଳର ବିକାଶ ଉପରେ ପ୍ରଭାବ ପକାଇଥାଏ। ଏକ ଆକଳନ ଅନୁଯାୟୀ, ମୁଣ୍ଡପିଛା ବାର୍ଷିକ ଜଳ ଉପଲବ୍ଧତା ୧୦୦୦ ଘନମିଟରରୁ ୧୭୦୦ ଘନ ମିଟର ମଧ୍ୟରେ ରହିଲେ ଜଳାଭାବ ସମସ୍ୟାକୁ ସ୍ଥାନୀୟ ବୋଲି ବିବେଚନା କରାଯାଏ। ତେବେ ଏହା ଯଦି ଏକହଜାର ଘନମିଟରରୁ ତଳକୁ ଖସେ, ତେବେ ଏହା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ଓ ଆର୍ଥିକ ବିକାଶ ବାଧାପ୍ରାପ୍ତ ହୁଏ । ୫୦୦ ଘନ ମିଟରରୁ କମ୍ ଜଳ ଉପଲବ୍ଧତା ରହିଲେ ଜଳାଭାବ ସମସ୍ୟା ଦେଖାଦିଏ । ତେଣୁ, ମୁଣ୍ଡପିଛା ବାର୍ଷିକ ଜଳ ଉପଲବ୍ଧତା ପରିମାଣ ଭାବେ ଏକ ହଜାର ଘନମିଟର ଜଳକୁ ବିଶ୍ୱବ୍ୟାଙ୍କ ଦ୍ୱାରା ଜଳାଭାବର ଏକ ମାନକ ଭାବେ ଗ୍ରହଣ କରାଯାଇଛି ।**

ଭାରତରେ ପର୍ଯ୍ୟାପ୍ତ ଜଳ ଓ ଜମି ସଂମ୍ପଦ ରହିଛି । ଏହାର ସ୍ଥଳଭାଗ ସମଗ୍ର ବିଶ୍ୱର ୨.୫ ପ୍ରତିଶତ ହୋଇଥିବା ବେଳେ ଜନସଂଖ୍ୟା ହେଉଛି ୧୭ ପ୍ରତିଶତ ଓ ଜଳ ସମ୍ପଦ ହେଉଛି ୪ ପ୍ରତିଶତ । ଦେଶର ୧୬୫ ନିୟୁତ ହେକ୍ଟର ଜମି ପରିମାଣ ହେଉଛି ସମଗ୍ର ବିଶ୍ୱରେ ଦ୍ୱିତୀୟ । ଜନସଂଖ୍ୟାରେ ମଧ୍ୟ ବିଶ୍ୱରେ ଭାରତର ସ୍ଥାନ ଦ୍ୱିତୀୟ । ୧୯୯୦ ଦଶକରେ ଦେଶର ୬୫ ପ୍ରତିଶତ ଜନସଂଖ୍ୟା କୃଷି କ୍ଷେତ୍ର ସହିତ ଜଡିତ ଥିଲା । ଏହାର ଅର୍ଥ ହେଉଛି ଜମି ଓ ଜଳ ଉପରେ ଭାରତୀୟଙ୍କ ନିର୍ଭରଶୀଳତା । ତେଣୁ ସାମାଜିକ ଓ ଅର୍ଥନୈତିକ ବିକାଶ ପାଇଁ ଜଳ ସମ୍ପଦ ବିକାଶକୁ ପ୍ରଥମରୁ ହିଁ ଗୁରୁତ୍ୱ ଦିଆଯାଇ ଆସୁଛି ।

ଯଦିଓ ଦେଶରେ ଜଳ ସମ୍ପଦର ଅଭାବ ନାହିଁ ତଥାପି କେତେକ ଅଞ୍ଚଳରେ ଜଳ ଜନୀତ ସମସ୍ୟା ବହୁତ ତୀବ୍ର । ଚଳିତ ବର୍ଷ (୨୦୧୬) ମହାରାଷ୍ଟ୍ର,ରାଜସ୍ଥାନ, କର୍ଣ୍ଣାଟକ, ତେଲେଙ୍ଗାନା, ଆନ୍ଧ୍ରପ୍ରଦେଶ ଓ ମଧ୍ୟପ୍ରଦେଶ ଆଦି ଅନ୍ତତଃ ୧୦ଟି ରାଜ୍ୟରେ ଜଳାଭାବ ସମସ୍ୟା ଦେଖାଦେଇଛି । ଫଳ ସ୍ୱରୂପ ପ୍ରାୟ ୩୨ କୋଟି ଲୋକ ପାନୀୟ ଜଳ ମଧ୍ୟପାଇବାରେ ସମସ୍ୟା ଭୋଗିଛନ୍ତି । ଏ କ୍ଷେତ୍ରରେ ଜଣେ ଅଭିଜ୍ଞ ବୈଜ୍ଞାନିକ ଭାବରେ ଗତ ୩୦-୪୦ ବର୍ଷ ଧରି ମୁଁ କହିଆସୁଛି ଯେ ଭାରତର ଜଳ ସମସ୍ୟା ପ୍ରକୃତିଦତ୍ତନୁହଁ ବରଂ ମଣିଷ କୃତ । ବିଶ୍ୱସ୍ତରରେ ହାରାହାରି ବାର୍ଷିକ ବୃଷ୍ଟିପାତ ୮୪୦ ମିଲିମିଟର ହୋଇଥିବା ବେଳେ ଇସ୍ରାଏଲ୍‌ରେ ଏହା ୪୦୦ ମିଲିମିଟର ଓ ଭାରତରେ ୧୧୫୦ ମିଲିମିଟର । ଇସ୍ରାଏଲ୍ ଏହି ଜଳର ସୁ-ପରିଚାଳନା କରୁଥିବାବେଳେ ବାର୍ଷିକ ପ୍ରାୟ ୧୧ ହଜାର ମିଲିମିଟର ବର୍ଷା ହେଉଥିବା ଚେରାପୁଞ୍ଜି ଭଳି ସ୍ଥାନରେ ମୌସୁମୀ ପୂର୍ବ ଦୁଇ ତିନି ମାସ ଜଳ ସମସ୍ୟା ଦେଖା ଦେଇଥାଏ ।

ଜଳ ହେଉଛି ଏକ ଗୁରୁତ୍ୱପୂର୍ଣ୍ଣ ପ୍ରାକୃତିକ ସମ୍ପଦ । ଏହା ମାନବ ସ୍ୱାସ୍ଥ୍ୟ ଓ ସଂପୃକ୍ତ ଅଞ୍ଚଳର ବିକାଶଉପରେ ପ୍ରଭାବ ପକାଇଥାଏ । ଏକ ଆକଳନ ଅନୁଯାୟୀ, ମୁଣ୍ଡପିଛା ବାର୍ଷିକ ଜଳ ଉପଲବ୍ଧତା ୧୦୦୦ ଘନମିଟରରୁ ୧୭୦୦ ଘନ ମିଟର ମଧ୍ୟରେ ରହିଲେ ଜଳାଭାବ ସମସ୍ୟାକୁ ସ୍ଥାନୀୟ ବୋଲି ବିବେଚନା କରାଯାଏ । ତେବେ ଏହା ଯଦି ଏକହଜାର ଘନମିଟରରୁ ତଳକୁ ଖସେ,ତେବେ ଏହା ଦ୍ୱାରା ମଣିଷର ସ୍ୱାସ୍ଥ୍ୟ ଓ ଆର୍ଥିକ ବିକାଶ ବାଧାପ୍ରାପ୍ତ ହୁଏ । ୫୦୦ ଘନ ମିଟରରୁ କମ୍ ଜଳ ଉପଲବ୍ଧତା ରହିଲେ ଜଳାଭାବ ସମସ୍ୟା ଦେଖାଦିଏ । ତେଣୁ ,ମୁଣ୍ଡପିଛା ବାର୍ଷିକ ଜଳ ଉପଲବ୍ଧତା ପରିମାଣ ଭାବେ ଏକ ହଜାର ଘନମିଟର ଜଳକୁ ବିଶ୍ୱବ୍ୟାଙ୍କ ଦ୍ୱାରା ଜଳାଭାବର ଏକ ମାନକ ଭାବେ ଗ୍ରହଣ କରାଯାଇଛି ।

**ଜଳସମ୍ପଦ-** ବିଶ୍ୱରେ ମଧ୍ୟ ଜଳ ସମ୍ପଦର ପ୍ରାଚୁର୍ଯ୍ୟ ରହିଛି । ବିଶ୍ୱ ଜନସଂଖ୍ୟା ପ୍ରାୟ ୨୫ ବିଲିୟନ ହେଲେ ମଧ୍ୟ ଏହି ଜଳ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ମଣିଷର ଆବଶ୍ୟକତା ପୂରଣ ପାଇଁ ପର୍ଯ୍ୟାପ୍ତ ଭାରତରେ ଉପଲବ୍ଧ ଜଳ, ୧୬୫ କୋଟି ଜନତାଙ୍କ ଆବଶ୍ୟକତା ପୂରଣ କରିପାରିବ। (ବାର୍ଷିକ ମୁଣ୍ଡପିଛା ୧୫୦୦ ଘନମିଟର ଜଳ ଉପଲବ୍ଧତା ହାରରେ)

ଜଳସମ୍ପଦର ଉପଲବ୍ଧତା ପାଇଁ ନଦୀ ଅବବାହିକାକୁ ଏକକ ଭାବେ ଗ୍ରହଣ କରାଯାଏ । ତଦନୁଯାୟୀ ଦେଶକୁ ୨୦ ଟି ଅବବାହିକା ଅଞ୍ଚଳରେ ବିଭକ୍ତ କରାଯାଇଛି। ଏଥିରେ ୨୦ ହଜାର ବର୍ଗ କି.ମି ଜଳ ଗ୍ରହଣ ଅଞ୍ଚଳ ଥିବା ୧୨ଟି ବୃହତ୍ ନଦୀ ଅବବାହିକା ରହିଛି । ଅବଶିଷ୍ଟ ଅବବାହିକା ଗୁଡିକ କ୍ଷୁଦ୍ର ଓ ମଧ୍ୟମ ଧରଣର ।

୧୯୯୯ ମସିହାରେ ଜାତୀୟ ସମନ୍ୱିତ ଜଳସମ୍ପଦ ବିକାଶ ଯୋଜନା ଅନୁଯାୟୀ ଭାରତରେ ୧୯୫.୨୯ ଏମ୍.ଏଚ୍.ଏମ୍ ଜଳ ସମ୍ପଦ ଥିଲା । ସେହିପରି କେନ୍ଦ୍ରୀୟ ଜଳ ଆୟୋଗ ଅନୁସାରେ ୨୦ ଟି ଯାକ ନଦୀ ଅବବାହିକାର ବ୍ୟବହାର ଉପଯୋଗୀ ଜଳର ପରିମାଣ ହେଉଛି ୬୯ ଏମ୍.ଏଚ୍.ଏମ୍ । ଏହା ହେଉଛି ସମଗ୍ର ଭୂପୃଷ୍ଠ ଜଳର ୩୫ ଭାଗ । ଏତିକି ଜଳ ସମ୍ପଦ ଦ୍ୱାରା ୭୬ ନିୟୁତ ହେକ୍ଟର ଜମିକୁ ଚାଷ ପାଇଁ ପାଣି ଯୋଗାଇ ଦେଇ ହେବ । ଜାତୀୟ ଜଳ ସମ୍ପଦ ବିକାଶ କର୍ତ୍ତୃପକ୍ଷଙ୍କ ଆକଳନ ଅନୁଯାୟୀ ଆନ୍ତଃ ଅବବାହିକା ଜଳ ସ୍ଥାନାନ୍ତରୀକରଣ ଜରୀଆରେ ଅତିରକ୍ତ ୨୦-୨୫ ଏମ୍.ଏଚ୍.ଏମ୍ ଜଳ ବ୍ୟବହାର କରାଯାଇପାରିବ । ଅନ୍ୟ ଏକ ପ୍ରାଥମିକ ଆକଳନ ଅନୁଯାୟୀ କୃତ୍ରିମ ଉପାୟରେ ଭୂତଳ ଜଳ ସଂରକ୍ଷଣ କରାଯାଇ ପ୍ରାୟ ୧୬ ଏମ୍.ଏଚ୍.ଏମ୍ ଜଳ ଉପଯୋଗ କରାଯାଇପାରିବ ।

କେନ୍ଦ୍ରୀୟ ଭୂପୃଷ୍ଠ ଜଳବୋର୍ଡ ଦ୍ୱାରା ୧୯୯୪-୯୫ ମସିହାପାଇଁ ଭରଣଯୋଗ୍ୟ ଜଳ ପରିମାଣ ୪୩.୨୦ ଏମ୍.ଏଚ୍. ଏମ୍ ବୋଲି ଆକଳନ କରାଯାଇଛି । ସେହିଭଳି ଉପଯୋଗ କରାଯାଇ ପାରୁଥିବା ଜଳ ପରିମାଣ ୩୯.୫୬ ଏମ୍ .ଏଚ୍.ଏମ୍ ବୋଲି ଆକଳନ କରାଯାଇଛି, ଯାହା ୬୪ ନିୟୁତ ହେକ୍ଟର ଜମିକୁ ଜଳ ସେଚନ କରିପାରିବ। ଆକଳନ କରାଯାଇଥିବା ସର୍ବମୋଟ ଜଳ ଓ ବ୍ୟବହାର ଉପଯୋଗୀ ଜଳ ର ପରିମାଣ ହେଉଛି –

ବ୍ୟବହାର ଉପଯୋଗୀ ଜଳ ସମ୍ପଦ
ନଦୀପ୍ରବାହ ଓ ଭୂପୃଷ୍ଠ ଜଳ =୧୯୫.୨୯+୪୩.୨୦=୨୩୮.୪୯ ଏମ୍.ଏଚ୍.ଏମ୍
ଉପେଯାଗୀ ଜଳ =୬୯.୦୦+୩୯.୫୬=୧୦୮.୫୬ ଏମ୍.ଏଚ୍.ଏମ୍

ବାର୍ଷିକ ମୁଣ୍ଡପିଛା ପରିମାଣ ନର୍ମଦା ଅବବାହିକାରେ ୩୦୨୦ ଘନ ମିଟର ହୋଇଥିବାବେଳେ ସାବରମତୀ ଅବବାହିକାରେ ୧୮୦ ଘନମିଟର । ୨୦ଟି ନଦୀ ଅବବାହିକା ମଧ୍ୟରୁ ୪ଟିରେ ବାର୍ଷିକ ମୁଣ୍ଡପିଛା ବ୍ୟବହାରଯୋଗ୍ୟ ଜଳ ପରିମାଣ ୧୭୦୦ ଘନମିଟର ହୋଇଥିବାବେଳେ ୯ଟିରେ ଏହି ପରିମାଣ ହେଉଛି ୫୦୦-୧୦୦୦ ଘନମିଟର ଏବଂ ଅନ୍ୟ ଦୁଇଟି ରେ ଏହା ହେଉଛି ୫୦୦ ଘନମିଟର ରୁ କମ୍ । ସେତେବେଳେ ୧୯୯୧ ମସିହାରେ ଭାରତର ଜନସଂଖ୍ୟା ଥିଲା ୮୫୧ ନିୟୁତ। ୨୦୫୦ ମସିହା ସୁଦ୍ଧା ଦେଶର ଜନସଂଖ୍ୟା ୧୬୫୦ ନିୟୁତ ପହଞ୍ଚିବାର ଅଶା କରାଯାଏ । ସେତେବେଳେ ଖାଦ୍ୟଶସ୍ୟ ଆବଶ୍ୟକତା ୫୫୦ -୬୦୦ ମେଟ୍ରିକ୍ ଟନ୍ ହେବ ।

୧୯୯୫ ମସିହା ସୁଦ୍ଧା ଦେଶର ସମଗ୍ର ଅବବାହିକାର ସଂରକ୍ଷିତ ଜଳ ସମ୍ପଦ ପରିମାଣ ପ୍ରାୟ ୧୭.୩୭ ଏମ୍.ଏଚ୍.ଏମ୍ ରହିଥିଲା । ଅନ୍ୟାନ୍ୟ ଛୋଟ ଓ ମଧ୍ୟମ ଧରଣର ନଦୀବନ୍ଧ ଗୁଡିକରେ ସଂରକ୍ଷିତ ଜଳ ପରିମାଣ ଯଥାକ୍ରମେ ୭.୫୪ ଏମ୍.ଏଚ୍.ଏମ୍ ଓ ୧୩.୨୩ ଏମ୍.ଏଚ୍.ଏମ୍ ହେବ । ଏହି ପରି ସର୍ବମୋଟ ସଂରକ୍ଷିତ ଜଳ ପରିମାଣ ହେଉଛି ୩୮.୧୫ ଏମ୍.ଏଚ୍.ଏମ୍ । ଏଥି ସହିତ ଛୋଟ ଛୋଟ ଟ୍ୟାଂକ୍ ଓ ଗାଡିଆ ଭଳି ଜଳାଶୟରେ ସଂରକ୍ଷିତ ପ୍ରାୟ ୪ ଏମ୍.ଏଚ୍.ଏମ୍ ଜଳକୁ ବିଚାରକୁ ନେଲେ ସମୁଦାୟ ଜଳ ସମ୍ପଦ ପରିମାଣ ୪୨ ଏମ୍.ଏଚ୍.ଏମ୍ ହେବ । ଏହାର ଅର୍ଥ ଦେଶରେ ମୁଣ୍ଡପିଛା ଜଳ ଉପଲବ୍ଧତା ହେଉଛି ୩୫୦ ଘନମିଟର । ତୁଳନାତ୍ମକଭାବେ ଆମେରିକାରେ ଏହା ୫୯୬୧ ଘନମିଟର ହୋଇଥିବାଲେ ଚିନ୍‌ରେ ୨୪୮୬ ଘନମିଟର । ଏଠାରେ ଉଲ୍ଲେଖନୀୟ ଯେ ବିଶ୍ୱର ସମୁଦାୟ ୪୫ ହଜାର ବୃହତ୍ ନଦୀବନ୍ଧ ଗୁଡିକ ମଧ୍ୟରୁ ଚିନରେ ୪୬ ପ୍ରତିଶତ ଓ ଆମେରିକାରେ ୧୪ ପ୍ରତିଶତ ଥିବାବେଳେ ଭାରତରେ ରହିଛି କେବଳ ୯ ପ୍ରତିଶତ ଜାପାନରେ ୬ପ୍ରତିଶତ ଓ ସ୍ପେନରେ ୩ ପ୍ରତିଶତ । ଏହା ସୂଚୀତ କରୁଛି ଯେ ତୁଳନାତ୍ମକ ଭାବେ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ସାରଣୀ-୧**

## ବିଭିନ୍ନ ନଦୀର ହାରାହାରି ଜଳ ପ୍ରବାହ

| କ୍ର:ସଂ | ନଦୀ ଅବବାହିକା | ହାରାହାରି ପ୍ରବାହ ନଦୀ ପୃଷ୍ଠ ପ୍ରବାହ ବିଲିୟନ କ୍ୟୁବିକ ମିଟର | ବ୍ୟବହାରକ୍ଷମ ପ୍ରବାହ ନଦୀପୃଷ୍ଠ ପ୍ରବାହ ବିଲିୟନ କ୍ୟୁବିକ ମିଟର | ଭରଣକ୍ଷମଭୂପୃଷ୍ଠ ଜଳ ବିଲିୟନ କ୍ୟୁବିକ ମିଟର |
|---|---|---|---|---|
| ୧ | ଇଣ୍ଡସ | ୭୩.୩୧ | ୪୬.୦ | ୨୬.୫୦ |
| ୨ | ଗଙ୍ଗା | ୫୨୫.୦୨ | ୨୫୦.୦ | ୧୭୧.୦୦ |
| ୩ | ବ୍ରହ୍ମପୁତ୍ର | ୬୨୯.୦୫ | ୨୪.୦ | ୨୬.୫୫ |
| ୪ | ବରାକ୍ | ୪୮.୩୬ | -------- | ୮.୫୨ |
| ୫ | ଗୋଦାବରୀ | ୧୧୦.୫୪ | ୭୬.୩ | ୪୦.୬୪ |
| ୬ | କ୍ରିଷ୍ଣା | ୬୯.୮୧ | ୫୮.୦ | ୨୬.୪୦ |
| ୭ | କାବେରୀ | ୨୧.୩୬ | ୧୯.୦ | ୧୨.୩୦ |
| ୮ | ସୁବର୍ଣ୍ଣରେଖା | ୧୨.୩୭ | ୬.୮ | ୧.୮୨ |
| ୯ | ବ୍ରାହ୍ମଣୀ,ବୈତରଣୀ | ୨୮.୪୮ | ୧୮.୩ | ୪.୦୫ |
| ୧୦ | ମହାନଦୀ | ୬୬.୮୮ | ୫୦.୦ | ୧୬.୫୦ |
| ୧୧ | ପେନ୍ନାର | ୬.୩୨ | ୬.୯ | ୪.୯୩ |
| ୧୨ | ମଣି | ୧୧.୦୨ | ୩.୧ | ୭.୨୦ |
| ୧୩ | ସାବରମତୀ | ୩.୮୧ | ୧.୯ | --------- |
| ୧୪ | ନର୍ମଦା | ୪୫.୬୪ | ୩୪.୫ | ୧୦.୮୦ |
| ୧୫ | ତାପ୍ତି ଓ ତାଦ୍ରି ମଧ୍ୟରେ ପଶ୍ଚିମାଭିମୁଖୀ ନଦୀ | ୮୭.୪୧ | ୧୧.୯ | ୧୭.୭୦ |
| ୧୬ | ତାଦ୍ରି ରୁ କନ୍ୟାକୁମାରୀ ମଧ୍ୟରେ ପଶ୍ଚିମାଭିମୁଖୀ ନଦୀ | ୧୧୩.୫୩ | ୨୪.୩ | ------- |
| ୧୭ | ମହାନଦୀ ଓ ପେନ୍ନାର ମଧ୍ୟରେ ପୂର୍ବାଭିମୁଖୀ ନଦୀ | ୨୨.୫୨ | ୧୩.୧ | ୧୧.୨୨ |
| ୧୮ | କଚ୍ ଓ ସୌରାଷ୍ଟ୍ରର ପୂର୍ବାଭିମୁଖୀ ନଦୀ ଓ ଲୁଣୀ | ୧୬.୪୬ | ୧୬.୭ | ୧୮.୮୦ |
| ୧୯ | କଚ୍ ଓ ସୌରାଷ୍ଟ୍ରର ପଶ୍ଚିମାଭିମୁଖୀ ନଦୀ ଓ ଲୁଣୀ | ୧୫.୧୦ | ୧୫.୦ | ୦ |
| ୨୦ | ବାଙ୍ଗଲାଦେଶ ଓ ମ୍ୟାନମାରକୁ ବହି ଯାଇଥିବା ଛୋଟ ଛୋଟ ନଦୀ | ୩୧.୦ | ------------- | ୧୮.୧୨ |

**ସ୍ରୋତ:- କେନ୍ଦ୍ରୀୟ ଜଳ ଆୟୋଗ**

**ସାରଣୀ:-୨- ଭାରତରେ ବାର୍ଷିକ ମୁଣ୍ଡ ପିଛା ଉପଲବ୍ଧ ଓ ଉପଯୋଗୀ ଜଳ (୧୯୯୧ରୁ ୨୦୧୫୦)**

| ବର୍ଷ | ଜନସଂଖ୍ୟା (ନିୟୁତରେ) | ଉପଲବ୍ଧ ଜଳ (ଘନ ମିଟରରେ) | ଉପଯୋଗୀ ଜଳ (ଘନ ମିଟରରେ) | ଟିପ୍ପଣୀ |
|---|---|---|---|---|
| ୧୯୯୧ | ୮୫୦ | ୨୮୩୦ | ୧୨୯୦ | ୫୦୦ଘନମିଟର ସମ୍ପୂର୍ଣ୍ଣ ଜଳାଭାବ |
| ୨୦୦୧ | ୧୦୩୦ | ୨୩୧୬ | ୧୦୫୫ | ୧୦୦୦ଘନମିଟର ଜଳାଭାବ |
| ୨୦୧୧ | ୧୨୧୦ | ୧୯୭୦ ୯୧୦ | ୧୭୦୦ | ସ୍ଥାନୀୟ ଜଳାଭାବ |
| ୨୦୨୫ | ୧୩୫୦-୧୪୦୦ (ଆକଳନ) | ୧୭୦୦ | ୭୮୦ | ବିରଳ ଅବସ୍ଥା |
| ୨୦୫୦ | ୧୬୫୦ (ଆକଳନ) | ୧୪୪୫ | ୬୮୦ | ୧୭୦୦ ଘନମିଟରରୁ ବେଶୀ-ପର୍ଯ୍ୟାପ୍ତ |

ଭାରତର ଜଳସମ୍ପଦ ସଂରକ୍ଷଣ ସାମର୍ଥ୍ୟ ଖୁବ୍ କମ୍ ।

ତଥ୍ୟ ଅନୁଯାୟୀ ୨୦୫୦ ମସିହା ବେଳକୁ ଦେଶର ମୋଟ ଜଳସମ୍ପଦ ପରିମାଣ ୨୩୮.୫୦ ଏମ୍.ଏଚ୍.ଏମ୍ ହେଉଥିବା ବେଳେ ଜନସଂଖ୍ୟା ଥିବ ୧୬୫୦ ନିୟୁତ । ସେତେବେଳେ ଭାରତୀୟଙ୍କ ପାଇଁ ବାର୍ଷିକ ମୁଣ୍ଡ ପିଛା ଜଳ ଉପଲବ୍ଧତା ଥିବ ୧୪୫୦ ଘନ ମିଟର ଯାହାକି ବିଶ୍ୱ ବ୍ୟାଙ୍କ /ମିଳିତ ଜାତିସଂଘର ମାନକ ପରିମାଣ ୧୭୦୦ ଘନମିଟର ଠାରୁ କମ୍ । ଏହାର ଅର୍ଥ ହେଉଛି ସେତେବେଳେ ଦେଶରେ ଜଳ କ୍ଲିଷ୍ଟତା ଦେଖାଯିବ । ଅନ୍ୟପକ୍ଷରେ ଯଦି କେବଳ ଉପଯୋଗ ହୋଇପାରୁଥିବା ଜଳ ସମ୍ପଦ (୧୦୮.୬୦ଏମ୍.ଏଚ୍.ଏମ୍ )କୁ ନିଆଯିବ ସେତେବେଳେ ବାର୍ଷିକ ମୁଣ୍ଡପିଛା ଜଳ ଉପଲବ୍ଧତା ଥିବ ୬୮୦ ଘନମିଟର ଯାହା ଅତିଶୟ ଜଳାଭାବ ଅବସ୍ଥାକୁ ସୂଚୀତ କରେ ଏହାର କୁ-ପ୍ରଭାବ ଖାଦ୍ୟ ଉତ୍ପାଦନ ସମେତ ସମଗ୍ର ଅର୍ଥନିତୀ ଉପରେ ମଧ୍ୟ ପଡିବ ।

**ନଦୀ ସଂଯୋଗୀକରଣ** –ଏଭଳି ଏକ ପୃଷ୍ଠଭୂମିରେ ଭାରତ ସରକାର ନଦୀସଂଯୋଗୀକରଣ ଯୋଜନାକୁ ଅବିଳମ୍ବେ କାର୍ଯ୍ୟକ୍ଷମ କରି ସର୍ବମୋଟ ୧୬୫ଗଏଁଗ ନଦୀଜଳକୁ ବ୍ୟବହାର କରିବା ଉଚିତ୍ । ପୂର୍ବଆଲୋଚନା ଅନୁଯାୟୀ ଦେଶରେ ଜଳ ସମ୍ପଦ ଭରପୁର ରହିଛି, କିନ୍ତୁ ଆବଣ୍ଟନରେ ଅସମାନତା ରହିଛି । ସେଥିପାଇଁ ହିଁ ବିଶେଷଭାବେ ଦେଶର ଦକ୍ଷିଣ ଓ ପଶ୍ଚିମାଞ୍ଚଳରେ ଉତ୍କଟ ଜଳାଭାବ ଦେଖାଦିଏ । ନଦୀ ସଂଯୋଗୀକରଣ ଦ୍ୱାରା ସମୁଦ୍ରକୁ ବହି ଯାଉଥିବା ପ୍ରାୟ ୬୫ ପ୍ରତିଶତ ନଦୀଜଳକୁ ବ୍ୟବହାର କରାଯାଇ ପାରିବ । ଦେଶର ଜଳସମସ୍ୟା ସମାଧାନ ପାଇଁ ଭାରତ ସରକାର ୧୯୮୨ ମସିହାରେ ଜାତୀୟ ଜଳ ବିକାଶ କର୍ତ୍ତୃପକ୍ଷ ଗଠନ କରିଛନ୍ତି । ଭାରତ ସରକାରଙ୍କ ଜଳସେଚନ ମନ୍ତ୍ରଣାଳୟ ଅଧିନରେ ଏହି ସଂସ୍ଥା ଏକ ସ୍ୱୟଂ ଶାସିତ ସୋସାଇଟି ଭାବେ କାର୍ଯ୍ୟକରେ । ଏହାର ପ୍ରମୁଖ ଉଦ୍ଦେଶ୍ୟ ହେଉଛି ନିମ୍ନ ଲିଖିତ ତିନୋଟି ନଦୀ ସଂଯୋଗୀକରଣ ପ୍ରକଳ୍ପ ସଂପର୍କରେ ଅନୁଧ୍ୟାନ କରିବା ।

୧- ଗଙ୍ଗା-ବ୍ରହ୍ମପୁତ୍ର-କାବେରୀ ନଦୀ ସଂଯୋଗୀକରଣ ବା ହିମାଳୟ ନଦୀ ବିକାଶ ।

୨- ମହାନଦୀ–ଗୋଦାବରୀ–କ୍ରିଷ୍ଣା-ପେନ୍ନାର,କାବେରୀ, ଭାଇଗଇ ବା

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଭାରତୀୟ ଉପମହାଦ୍ୱୀପ ନଦୀ ବିକାଶ ।

୩- କେରଳ, କର୍ଣ୍ଣାଟକ, ଗୋଆ ଓ ମହାରାଷ୍ଟ୍ରରେ ପଶ୍ଚିମାଭୀମୁଖୀ ନଦୀ ଜଳକୁ ପୂର୍ବଭିମୁଖୀ କରି ତାମିଲନାଡୁ, କର୍ଣ୍ଣାଟକ, ଆନ୍ଧ୍ରପ୍ରଦେଶ ଓ ମହାରାଷ୍ଟ୍ରକୁ ଆଣିବା । ଏହି ତିନୋଟି ଯାକ ପ୍ରକଳ୍ପ କାର୍ଯ୍ୟକାରୀ କରାଯାଇପାରିବ । ତେବେ ଉପରୋକ୍ତ ୨ ଓ ୩ ନମ୍ବରରେ ଥିବା ପ୍ରକଳ୍ପ ଗୁଡିକର ଅନୁଧ୍ୟାନ କରାଯାଇ ସାରିଥିବାରୁ ଏବଂ ଏଥି ପାଇଁ ଆବଶ୍ୟକ ବ୍ୟୟଭାର ଯୁକ୍ତିଯୁକ୍ତ ଥିବା ଦୃଷ୍ଟିରୁ ଏ ଦୁଇଟି ପ୍ରକଳ୍ପକୁ ଯଥା ଶୀଘ୍ର କାର୍ଯ୍ୟକ୍ଷମ କରିବା ଉଚିତ୍ ।

**(କ) ଭାରତୀୟ ଉପମହାଦ୍ୱୀପ ନଦୀ ସଂଯୋଗୀକରଣ** –ଭାରତୀୟ ଜଳ ବିକାଶ କର୍ତ୍ତୃପକ୍ଷ ଉପମହାଦ୍ୱୀପ ନଦୀ ସଂଯୋଗୀକରଣ ପାଇଁ ୧୭ଟି ସଂଯୋଗ ଚିହ୍ନଟ କରିଛନ୍ତି । ସେ ଗୁଡିକର ଅନୁଧ୍ୟାନ ମଧ୍ୟ କରି ସାରିଛନ୍ତି । ଭାରତୀୟ ଉପମହାଦ୍ୱୀପର ମହାନଦୀ ଓ ଗୋଦାବରୀ ନଦୀରେ ପର୍ଯ୍ୟାପ୍ତ ବଳକା ଜଳ ରହିଛି । ତେଣୁ ପୂର୍ବ ଉପକୂଳରେ ଏହି ଦୁଇ ନଦୀ ମଧ୍ୟରେ ସଂଯୋଗ ସ୍ଥାପନକରି ମହାନଦୀ ଜଳକୁ ଗୋଦାବରୀ ନଦୀରେ ପ୍ରବେଶ କରାଇବା ପାଇଁ ପ୍ରସ୍ତାବ ରହିଛି । ଏହା ଦ୍ୱାରା ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁର ମରୁଡି ପ୍ରବଣ ଅଞ୍ଚଳରେ ଚାଷ ପାଇଁ ଜଳ ଯୋଗାଇ ଦିଆଯାଇପାରିବ । ସେହିଭଳି କ୍ରିଷ୍ଣା ଓ ପେନ୍ନାର ନଦୀ ସଂଯୋଗୀକରଣ ଦ୍ୱାରା ସଂଲଗ୍ନ ଅଞ୍ଚଳରେ ଜଳ ସେଚନ ହୋଇପାରିବ ।

ପେନ୍ନାର-କାବେରୀ ନଦୀର ଜଳ ଗ୍ରାଣ୍ଡ ଆନିକଟ୍ ଠାରେ କାବେରୀ ନଦୀରେ ମିଶିବ । ତେବେ ଏହା ପୂର୍ବରୁ ସଂଲଗ୍ନ




Fig.1 .Proposal submitted to the ministry of Water Resources GOI for approval and for central legislation

ଅଞ୍ଚଳର ଜଳସେଚନ ଆବଶ୍ୟକତା ପୂରଣ କଲାପରେ ମଧ୍ୟ ଗ୍ରାଣ୍ଡ ଆନିକଟକୁ ପ୍ରାୟ ୧୮୦ଏମ୍.ଏଚ୍.ଏମ୍ ଜଳ ପ୍ରବେଶ କରିବ । ଏଥିରୁ ୧୦୦ ଏମ୍.ଏଚ୍.ଏମ୍ ଜଳ କାବେରୀ ବେସିନ୍ ଏବଂ ଅବଶିଷ୍ଟ ୮୦ ଏମ୍.ଏଚ୍.ଏମ୍ ଜଳ ଭଇଗାଇ ଓ ଭାଇପାର ବେସିନ୍ ଅଞ୍ଚଳରେ ପ୍ରାୟ ଦୁଇ ନିୟୁତ ଏକର ଚାଷଜମିର ଜଳସେଚନ ଆବଶ୍ୟକତା ପୂରଣ କରିପାରିବ । ୩୭୧୬ କି.ମି ଦୈର୍ଘ୍ୟ ବିଶିଷ୍ଟ ମହାନଦୀ, ଗୋଦାବରୀ,କାବେରୀ ଓ ଭଇଗାଇ ନଦୀ ସଂଯୋଗୀକରଣ ପାଇଁ ଦଶବର୍ଷ ପୂର୍ବେ ୩୦ ହଜାର କୋଟି ଟଙ୍କାର ବ୍ୟୟ ଅଟକଳ କରାଯାଇଥିଲା । ଏହା ଦ୍ୱାରା ପ୍ରାୟ ଏକ ହଜାର ଏମ୍.ଏଚ୍.ଏମ୍ ଜଳ ଅନ୍ୟତ୍ର ନିଆଯାଇପାରିବ ।

କେରଳର ଜଳ ଆବଶ୍ୟକତା ଅନୁଧ୍ୟାନକଲା ପରେ ଏହି ଲେଖକ ଆକଳନ କରିଛି ଯେ ସେଠାରେ ୫୦୦ ଏମ୍.ଏଚ୍.ଏମ୍ ବଳକା ଜଳ ରହିଛି । ଏହି ବଳକା ଜଳକୁ ଅଣାଯାଇ ତାମିଲନାଡୁରେ ୫ ନିୟୁତ ଏକର ଜମିକୁ ପାଣି ଯୋଗାଇ ଦେଇହେବ । ଜାତୀୟ ଜଳ ବିକାଶ କର୍ତ୍ତୃପକ୍ଷଙ୍କ ପ୍ରସ୍ତାବ ଅନୁଯାୟୀ ପଶ୍ଚିମାଭିମୁଖୀ ନଦୀ ପ୍ରବାହକୁ କେରଳରେ ପୂର୍ବାଭିମୁଖୀ କରାଯିବ । ଏହା ଦ୍ୱାରା ପମ୍ବା ଓ ଅଚନକୋଏଲ ନଦୀର ପ୍ରାୟ ୨୫୦ ଏମ୍.ଏଚ୍.ଏମ୍ ଜଳମଧ୍ୟରୁ ୨୨ ଏମ୍.ଏଚ୍.ଏମ୍ ଜଳ ତାମିଲନାଡୁର ତିରୁନେଲ୍‌ଭେଲି, ଟୁଥୁକୁଡି,ବିରୁଧୁନଗର ଆଦି ମରୁଡି ପ୍ରବଣ ଜିଲ୍ଲାରେ ପ୍ରାୟ ୧୪୦୦ କୋଟି ଟଙ୍କା ବିନିଯୋଗରେ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ପ୍ରାୟ ୨.୨୬ ଲକ୍ଷ ଏକର ଜମିକୁ ଜଳସେଚିତ କରାଯାଇ ପାରିବ ।

ତାମିଲନାଡୁର ଅନ୍ୟଏକ ପ୍ରସ୍ତାବିତ ପ୍ରକଳ୍ପ ହେଉଛି ପାଣ୍ଡିଆର ଓ ପୁନମ୍ପୁଜା ଯୋଜନା । ବହୁ ବର୍ଷପୂର୍ବେ ଏହାକୁ ଏକ ଜଳବିଦ୍ୟୁତ୍ ପ୍ରକଳ୍ପ ଭାବେ ପରିକଳ୍ପନା କରାଯାଇଥିଲା । କିନ୍ତୁ ଯେତେବେଳେ ତାମିଲନାଡୁର ଚାଷୀ ଏହାକୁ ଏକ ଜଳବିଦ୍ୟୁତ୍ ତଥା ଜଳସେଚନ ପ୍ରକଳ୍ପ ଭାବେ ନିର୍ମାଣ କରିବାକୁ ଇଚ୍ଛାପ୍ରକାଶ କଲେ ସେତେବେଳେ କେରଳ ସରକାର ଅନୁମତି ଦେଲେ ନାହିଁ । ଯଦି ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଏ ତେବେ ଆରବ ସାଗରକୁ ପ୍ରବାହିତ ହେଉଥିବା ପ୍ରାୟ ୧୦-୧୨ ଏମ୍.ଏଚ୍.ଏମ୍ ଜଳ କୋଇମ୍ବାଟୁର,ତିରୁପୁର ଓ ଇରୋଡ୍ ଭଳି ଶୁଷ୍କ ଜିଲ୍ଲା ଗୁଡିକର ପ୍ରାୟ ୧.୬ ରୁ ୧.୫ ଲକ୍ଷ ଜମିକୁ ଜଳସେଚିତ କରିପାରିବ । ଜାତୀୟ ଜଳ ଆୟୋଗ ଏହି ପ୍ରକଳ୍ପର ଅନୁଧ୍ୟାନ କରି ଏହାକୁ ଉପଯୋଗୀ ଭାବେ ଗ୍ରହଣ କରିଥିବାରୁ ଏ ସଂପର୍କିତ କାର୍ଯ୍ୟ ଅବିଳମ୍ବେ ଆରମ୍ଭ କରାଯିବା ଉଚିତ୍ ।




Fig.1 .Proposal submitted to the ministry of Water Resources GOI for approval and for central legislation

ପଶ୍ଚିମଘାଟ ପର୍ବତମାଳା, କର୍ଣ୍ଣାଟକ ରାଜ୍ୟର ୧୩ ପ୍ରତିଶତ ଅଞ୍ଚଳରେ ପରିବ୍ୟାପ୍ତ ରହିଛି । ସେହି ରାଜ୍ୟର ସମଗ୍ର ଜଳ ସମ୍ପଦର ୬୦ ପ୍ରତିଶତ ଏହି ପର୍ବତମାଳାରୁ ହିଁ ଆସିଥାଏ। କାରଣ ଏଠାରେ ଭଲ ବୃଷ୍ଟିପାତି ହୁଏ । ତେବେ ଏହାର ପ୍ରତ୍ୟେକ ଟି ଜଳବିନ୍ଦୁ ବ୍ୟବହୃତ ନହୋଇ ସମୁଦ୍ରକୁ ଚାଲିଯାଉଛି । ଏହି ରାଜ୍ୟର ଅବଶିଷ୍ଟ ୮୭ ପ୍ରତିଶତ ଅଞ୍ଚଳରେ ରହିଛି କ୍ରିଷ୍ଣା ଓ ଗୋଦାବରୀ ବେସିନ୍ ଯାହାର ଜଳ ସମ୍ପଦ ପରିମାଣ ମାତ୍ର ୪୦ ପ୍ରତିଶତ । ଏତିକି ଜଳ ପାଇଁ ମଧ୍ୟ ଆନ୍ଧ୍ରପ୍ରଦେଶ ଓ ତାମିଲନାଡୁ ସହିତ କର୍ଣ୍ଣାଟକ ଅଦାଲତରେ ଲଢ଼ାଇ ଲଢୁଛି । ଉତ୍ତର ଓ ଦକ୍ଷିଣ କର୍ଣ୍ଣାଟକର ପଶ୍ଚିମାଭିମୁଖୀ ନେତ୍ରାବତୀ, କୁମାରଧାରା, ବରାହୀ ଆଦି ନଦୀର ସମଗ୍ର ବାର୍ଷିକ ଜଳ ପରିମାଣ ୨୦୦୦ ଏମ୍.ଏଚ୍.ଏମ୍ ହୋଇଥିବାବେଳେ କ୍ରିଷ୍ଣା ଓ କାବେରୀ ନଦୀର ଜଳ ପରିମାଣ ହେଉଛି ୧୩୦୦ ଏମ୍.ଏଚ୍.ଏମ୍ । ଏଭଳି ପଶ୍ଚିମାଭିମୁଖୀ ନଦୀ ଜଳ ପ୍ରବାହକୁ ପଶ୍ଚିମଘାଟ ପର୍ବତମାଳା ଦେଇ ପୂର୍ବ ତାମିଲନାଡୁ ଆଡକୁ ନିଆଯାଇପାରିବ । ପମ୍ପ ଜରିଆରେ ଜଳସଂରକ୍ଷଣ ଯୋଜନା ଆଦି ଦ୍ୱାରା ଏହିକାର୍ଯ୍ୟ କମ୍ ଖର୍ଚ୍ଚ ସାପେକ୍ଷ ଓ ସହଜ ମଧ୍ୟ । ଏହାଦ୍ୱାରା କର୍ଣ୍ଣାଟକରେ ଏହି ଜଳ ବ୍ୟବହାର ହୋଇପାରିବା ସହିତ ତାମିଲନାଡୁ ଓ ଆନ୍ଧ୍ରପ୍ରଦେଶରେ ମଧ୍ୟ ବଳକା ଜଳ ବ୍ୟବହାର ହୋଇପାରିବ । ଉପଭୋକ୍ତା ଏହି ପାଞ୍ଚଟି ପ୍ରକଳ୍ପ ଦ୍ୱାରା ଆନ୍ଧ୍ରପ୍ରଦେଶ ,କର୍ଣ୍ଣାଟକ,ତାମିଲନାଡୁ,କେରଳ ଓ ପୁଡୁଚେରୀ ରାଜ୍ୟ ଗୁଡିକର ଜଳ ଓ ବିଦ୍ୟୁତ୍ ସମସ୍ୟାର ସମାଧାନ ହୋଇପାରିବ ।

**(ଖ) ହିମାଳୟ ନଦୀ ବିକାଶ :** ଇତି ମଧ୍ୟରେ ଗଙ୍ଗା ଓ ବ୍ରହ୍ମପୁତ୍ର ନଦୀଜଳକୁ କିପରି ଦାକ୍ଷିଣାତ୍ୟର ନଦୀ ଗୁଡିକ ପର୍ଯ୍ୟନ୍ତ ନିଆଯାଇ ପାରିବ, ସେଥିପାଇଁ ଆବଶ୍ୟକ ଅନୁଧ୍ୟାନ କରିବା ଉଚିତ୍ । ଏହି ପ୍ରକଳ୍ପ ପାଇଁ ୮ରୁ ୧୦ ଲକ୍ଷ କୋଟି ଟଙ୍କା ଖର୍ଚ୍ଚ ହୋଇପାରେ । ତେବେ ଉପକାରୀତା ଦୃଷ୍ଟିରୁ ଏହି ଖର୍ଚ୍ଚ

ମଧ୍ୟ ସେତେ ଅଧିକ ନୁହଁ । ଆବଶ୍ୟ ଏହି ପ୍ରକଳ୍ପ ପାଇଁ ନେପାଳ, ଭୁଟାନ୍ ଓ ବାଂଲାଦେଶ ସହିତ ସହଯୋଗ ଆବଶ୍ୟକ। ତେଣୁ ପ୍ରଥମେ ଭାରତୀୟ ଉପମହାଦ୍ୱୀପ ନଦୀ ସଂଯୋଗକରଣ ଯୋଜନା ଗୁଡିକୁ କାର୍ଯ୍ୟକ୍ଷମ କରାଯିବା ଉଚିତ୍ ।

**ସୁଦକ୍ଷ ଜଳ ପରିଚାଳନା –** ଦେଶର ଜଳାଭାବ ସମସ୍ୟା ସମାଧାନ ପାଇଁ ନିମ୍ନରେ କେତେକ ଜଳ ପରିଚାଳନା ରଣନିତୀ ପ୍ରଦାନ କରାଗଲା ।

୧- ସିଷ୍ଟମ୍ସ୍ ଅଫ ରାଇସ୍ ଇଣ୍ଟେନ୍‌ସିଫିକେସନ୍ (ଏସ୍.ଆର.ଆଇ) ପଦ୍ଧତିରେ ଧାନଚାଷ କରି ପ୍ରାୟ ୪୦ରୁ ୫୦ ପ୍ରତିଶତ ଜଳ ସଂରକ୍ଷଣ କରି ହେବ ଏବଂ ହେକ୍ଟର ପିଛା ୩ରୁ ୪ ଟନ୍ ଅଧିକ ଧାନ ଉତ୍ପାଦନ ହେବ ।

୨- କେନାଲ ଏବଂ ଟ୍ୟାଙ୍କ୍ ସାହାର୍ଯ୍ୟରେ ଜଳସେଚନ କରାଯାଇଥିଲେ ସେଥିପାଇଁ ଜଳ ନିଷ୍କାସନ ବ୍ୟବସ୍ଥା କରିବା ଉଚିତ୍ । ସେହି ନିଷ୍କାସିତ ଜଳକୁ ପୁନଃ ଜଳସେଚନ ପାଇଁ ବ୍ୟବହାର କରିବା ଉଚିତ୍ ।

୩- ଭୂପୃଷ୍ଠ ଓ ଭୂତଳ ଜଳର ଯୁଗ୍ମ ଉପଯୋଗ ।

୪- ଧାନ ଛଡା ଅନ୍ୟ କେତେକ ଫସଲ ପାଇଁ ସ୍ପ୍ରିଙ୍କ୍‌ଲର ପଦ୍ଧତିରେ ଜଳ ସେଚନ କରିବା ଉଚିତ୍ ।

୫- କପା,ଆଖୁ,କଦଳୀ,ନଡିଆ ଓ ପନିପରିବା ଭଳି ଧାଡି ଚାଷ ହେଉଥିବା ଜମିରେ ଡ୍ରିପ୍ ପଦ୍ଧତିରେ ଜଳ ସେଚନ କରିବା ଉଚିତ୍ ।

୬- ସାର ଅନୁପାତରେ ଜଳ ଆବଶ୍ୟକତା ପ୍ରତି ଦୃଷ୍ଟି ଦେବା ଉଚିତ୍ ।

୭- ଜଳ ପରିଚାଳନା ସଂପର୍କିତ ପ୍ରଶିକ୍ଷଣ ।

୮- ଜଳ ସଂରକ୍ଷଣ ଓ ସଦୁପଯୋଗ ପାଇଁ ଗାଁ ସ୍ତରରେ ଚାଷୀ ମାନଙ୍କୁ ସଚେତନ କରାଯିବା ଆବଶ୍ୟକ ।

୯- ଜଳ ସଦୁପଯୋଗ ପାଇଁ ଚାଷୀର ଜମିରେ ବ୍ୟବହାରିକ ପ୍ରଦର୍ଶନ କରିବା ଉଚିତ୍ ।

୧୦- ବ୍ଲକ ସ୍ତରରେ ଜଳ ପରିଚାଳନା ସଂପ୍ରସାରଣ ଅଧିକାରୀ ପଦବୀ ସୃଷ୍ଟି କରାଯିବା ଉଚିତ୍ ।

ଯଦି ବର୍ଷା ଜଳ ଅମଳ, ସଂରକ୍ଷଣ ଓ ପରିଚାଳନା ଠିକ୍ ଭାବରେ କରାଯାଏ ତେବେ ଦେଶରେ ଜଳାଭାବ ରହିବ ନାହିଁ

ଲେଖକ ତାମିଲନାଡ଼ୁ କୃଷି ବିଶ୍ୱବିଦ୍ୟାଳୟ ଅଧିନସ୍ଥ ଜଳ ପ୍ରଯୁକ୍ତି ବିଦ୍ୟା କେନ୍ଦ୍ରର ସଂସ୍ଥାପକ ନିର୍ଦ୍ଦେଶକ।

*****

## ଜନଜାତି କଲ୍ୟାଣ

ଗତ ୨ ବର୍ଷରେ ଆଦିବାସୀ ମନ୍ତ୍ରଣାଳୟ ତରଫରୁ ଜନଜାତିମାନଙ୍କର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ବିଶେଷଧ୍ୟାନ ଦିଆଯାଇଛି ଏବଂ ଏଥିପାଇଁ ବଜେଟ୍‌ରେ ଏକତୃତୀୟାଂଶ ଅର୍ଥ ବରାଦ କରାଯାଇଛି। ରାଜ୍ୟଗୁଡ଼ିକୁ ନିଜନିଜ ଆବଶ୍ୟକତା ଭିତ୍ତିରେ ନୀତି ନିର୍ଦ୍ଧାରଣ କରିବା ପାଇଁ ଅଧିକ ସ୍ୱାଧୀନତା ଦିଆଯାଇଛ। ଏହାପୂର୍ବରୁ ୨୦୧୨-୧୩ ଏବଂ ୨୦୧୩-୧୪ ଆର୍ଥିକ ବର୍ଷରେ ମାତ୍ର ୧୨ଟି ଏକଲବ୍ୟ ମଡେଲ୍ ଆବାସିକ ବିଦ୍ୟାଳୟ ହୋଇଥିବା ସ୍ଥଳେ ୨୦୧୫-୧୬ ଏବଂ ୨୦୧୬-୧୭ ଆର୍ଥିକ ବର୍ଷରେ ୬୩ଟି ନୂତନ ମଡେଲ୍ ଆବାସିକ ବିଦ୍ୟାଳୟ ସ୍ଥାପନ କରାଯାଇଛି। ଉକ୍ତ ଏକଲବ୍ୟ ମଡେଲ୍ ବିଦ୍ୟାଳୟ ଦ୍ୱାରା ଦେଶରେ ୫୦ ହଜାରରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଉପକୃତ ହୋଇଛନ୍ତି ଏବଂ ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କ ପାଇଁ ମୁଣ୍ଡପିଛା ୪୨ ହଜାର ଟଙ୍କା ଖର୍ଚ୍ଚ ହେଉଛି। ସେହିଭଳି ୨୦୧୪-୧୫ ଏବଂ ୨୦୧୫-୧୬ ଆର୍ଥିକ ବର୍ଷରେ ୪୦ ହଜାରଟି ନୂତନ ଛାତ୍ରାବାସ ନିର୍ମାଣ ପାଇଁ ବିଭିନ୍ନ ରାଜ୍ୟ ସରକାରଙ୍କୁ ଅର୍ଥ ମଂଜୁର କରାଯାଇଛି। ଆବାସିକ ବିଦ୍ୟାଳୟଗୁଡ଼ିକରେ ଧନ୍ଦାମୂଳକ ତାଲିମ ବ୍ୟବସ୍ଥା କରାଯାଇ ଛାତ୍ରଛାତ୍ରୀମାନଙ୍କର ଦକ୍ଷତା ବିକାଶ ଲକ୍ଷ୍ୟ ରଖାଯାଇଛି।

# ଉତ୍ତମ ସ୍ୱାସ୍ଥ୍ୟ ପାଇଁ ନିରାପଦ ଜଳ

**ଏସ୍.କେ. ସରକାର**

**୨୦୧୩ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ରିପୋର୍ଟ ଅନୁସାରେ ଦେଶର ବିଭିନ୍ନ ସ୍ଥାନରୁ ସଂଗୃହୀତ ନଦୀଜଳ ନମୁନାରୁ ପ୍ରମାଣ ମିଳୁଛି ଯେ ଅଧିକାଂଶ କ୍ଷେତ୍ରରେ ପାଣିରେ ଆବଶ୍ୟକ ଅମ୍ଳଜାନ ମାତ୍ରାର ଅଭାବ ଏବଂ କ୍ଷତିକାରକ ବୀଜାଣୁ ଓ ଉପାଦାନର ମାତ୍ରା ଅଧିକ ରହିଛି। ସେହିଭଳି ଭୂତଳ ଜଳ କ୍ଷେତ୍ରରେ ଜଳରେ ଲବଣାଂଶ, ଫ୍ଲୋରାଇଡ, ଆରସେନିକ, ଲୌହ, ନାଇଟ୍ରେଟ ଆଦି କ୍ଷତିକାରକ ପ୍ରଦୂଷଣକାରୀ ଉପାଦାନ ଅଧିକ ରହୁଛି। ରାଜସ୍ଥାନ, ଗୁଜରାଟ, ବିହାର, ଆସାମ ଆଦି ରାଜ୍ୟରେ ଏ ଧରଣର ଜଳପ୍ରଦୂଷଣ ଘଟଣା ଅଧିକ।**

ସମଗ୍ର ବିଶ୍ୱର ମୋଟ ଜଳର ମାତ୍ର ୦.୪ ଶତାଂଶ ଆମର ଆବଶ୍ୟକତା ପାଇଁ ଉପଲବ୍ଧ। ସେଥିମଧ୍ୟରୁ ପ୍ରାୟ ୭୦ ଭାଗ କୃଷି ପାଇଁ ବ୍ୟବହୃତ ହେଉଥିବାବେଳେ ଶିଳ୍ପରେ ୨୨% ଏବଂ ଘରୋଇ ବ୍ୟବହାର ନିମନ୍ତେ ୮% ଜଳ ମିଳୁଛି। ଏକ ଆକଳନ ଅନୁସାରେ ୨୦୩୦ ସୁଦ୍ଧା ବିଶ୍ୱରେ ମଧୁରଜଳର ଚାହିଦା ବର୍ତ୍ତମାନ ଅପେକ୍ଷା ୪୦ ଶତାଂଶ ବୃଦ୍ଧି ପାଇବ। ଜଳବାୟୁ ପରିବର୍ତ୍ତନ ଦୃଷ୍ଟିରୁ ଏହି ସମୟ ମଧ୍ୟରେ ବିଭିନ୍ନ ଦେଶରେ ଜଳର ଉପଲବ୍ଧତା ଭିନ୍ନଭିନ୍ନ ହୋଇପାରେ।

ଭାରତରେ ମୁଣ୍ଡ ପିଛା ଜଳ ଆବଶ୍ୟକତାରେ ଏବେ ଅବନତି ଦେଖାଦେଇଛି। ଏହା ଯୋଗୁଁ ନିକଟ ଭବିଷ୍ୟତରେ ଦେଶରେ ଜଳସଂକଟର ଆଶଙ୍କା ରହିଛି। ଗୁରୁତର ଜଳସଂକଟ ଯୋଗୁଁ ଅଧିକରୁ ଅଧିକ ଗୁରୁତର ଜଳବାହିତ ବ୍ୟାଧି, କୃଷି ଓ ଶିଳ୍ପ ଉତ୍ପାଦନ ହ୍ରାସ ଏବଂ ପାନୀୟ ଜଳାଭାବ ପରିସ୍ଥିତି ସୃଷ୍ଟି ହୋଇଥାଏ। ଏବେ ଭାରତରେ ଜଳର ମାନକୁ ଦେଖିଲେ ନିରାଶ ହେବାକୁ ପଡ଼େ। ନିମ୍ନମାନର ଜଳ ଯୋଗୁଁ ନିରାପଦ ଜଳର ଉପଲବ୍ଧତା ମଧ୍ୟ ହ୍ରାସ ପାଉଛି। ଦେଶର ୭୦ ଶତାଂଶ ଭୂପୃଷ୍ଠ ଓ ଭୂତଳ ଜଳ ଏବେ ପ୍ରଦୂଷିତ।

ଜଳର ମାନ ନିର୍ଦ୍ଧାରଣ ପାଇଁ କେତେକ ପରିମାପକ ରହିଛି। ମଧୁରଜଳ କ୍ଷେତ୍ରରେ ଏଥିରେ ଜୈବୀକ ଅମ୍ଳଜାନ (ବିଓଡି) ସ୍ତର, ମୋଟ କୋଲିଫର୍ମ (ବୀଜାଣୁ) ଓ ଫେକାଲ କୋଲିଫର୍ମ (ଏକ ପ୍ରକାରର ବୀଜାଣୁ)ର ସ୍ତରର ଉପସ୍ଥିତିରୁ ଏହା ନିରାପଦ କି ନୁହେଁ ତାହା ଜଣାପଡ଼େ। ସେହିଭଳି ଭୂତଳ ଜଳକ୍ଷେତ୍ରରେ ଏଥିରେ ଥିବା ରସାୟନିକ ପଦାର୍ଥର ଉପସ୍ଥିତି ମାତ୍ରା, ଲବଣାକ୍ତ ହାର ଜଳର ପ୍ରଦୂଷଣ ସ୍ତର ନିର୍ଣ୍ଣୟ କରିଥାଏ। ଏହି ପ୍ରଦୂଷଣକାରୀ ଉପାଦାନ ମଧ୍ୟରେ ଆରସେନିକ (ଶଂଖୁଆ ବିଷ), ଭାରୀ ଧାତୁର ଉପାଦନ ଓ ବିଷାକ୍ତ ରାସାୟନିକ ଦ୍ରବ୍ୟ ଆଦି ଅନ୍ତର୍ଭୁକ୍ତ।

୨୦୧୩ରେ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ଏକ ରିପୋର୍ଟ ଅନୁସାରେ ଦେଶର ବିଭିନ୍ନ ସ୍ଥାନରୁ ସଂଗୃହୀତ ନଦୀଜଳ ନମୁନାରୁ ପ୍ରମାଣ ମିଳୁଛି ଯେ ଅଧିକାଂଶ କ୍ଷେତ୍ରରେ ପାଣିରେ ଆବଶ୍ୟକ ଅମ୍ଳଜାନ ମାତ୍ରାର ଅଭାବ ଏବଂ କ୍ଷତିକାରକ ବୀଜାଣୁ ଓ ଉପାଦାନର ମାତ୍ରା ଅଧିକ ରହିଛି। ସେହିଭଳି ଭୂତଳ ଜଳ କ୍ଷେତ୍ରରେ ଜଳରେ ଲବଣାଂଶ, ଫ୍ଲୋରାଇଡ, ଆରସେନିକ, ଲୌହ, ନାଇଟ୍ରେଟ ଆଦି କ୍ଷତିକାରକ ପ୍ରଦୂଷଣକାରୀ ଉପାଦାନ ଅଧିକ ରହୁଛି। ରାଜସ୍ଥାନ, ଗୁଜରାଟ, ବିହାର, ଆସାମ ଆଦି ରାଜ୍ୟରେ ଏ ଧରଣର ଜଳପ୍ରଦୂଷଣ ଘଟଣା ଅଧିକ।

ନାଳ ନର୍ଦମା ପାଣିକୁ ବିଶୋଧିତ ନ'କରି ସିଧାସଳଖ ନଈକୁ ଛାଡ଼ି

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଦିଆଯିବା ଫଳରେ ନଦୀଜଳ ପ୍ରଦୂଷିତ ହୋଇଥାଏ । ଆହୁରି ମଧ୍ୟ ଯେଉଁ ସବୁ ନର୍ଦ୍ଦମା ଜଳ ବିଶୋଧନ କେନ୍ଦ୍ର ରହିଛି ତାହା ଉପଯୁକ୍ତ ଭାବେ ବିଶୋଧନ କାର୍ଯ୍ୟ ନ' କଲେ ନଦୀ ଜଳ ପ୍ରଦୂଷିତ ହେବାର ସମ୍ଭାବନା ଅଧିକ । ସେହିଭଳି ସହରାଞ୍ଚଳ ଶିଳ୍ପାଞ୍ଚଳର ଆବର୍ଜନାକୁ ସିଧାସଳଖ ନଦୀ ନାଳକୁ ଛାଡ଼ି ଦିଆଯାଉଥିବାରୁ ଏହା ପାଣିକୁ ପ୍ରଦୂଷିତ କରୁଛି । ଏହାଛଡ଼ା ନଦୀରେ ଧାର୍ମିକ କାର୍ଯ୍ୟକଳାପରେ ବ୍ୟବହୃତ ସାମଗ୍ରୀର ଅବିଚାରିତ ନିକ୍ଷେପ, ନଦୀକୂଳରେ ଯାବତୀୟ ସାମଗ୍ରୀ ପ୍ରଚୁର ପରିମାଣରେ ଦୀର୍ଘକାଳ ଗଦା କରି ରଖିବା ଏବଂ କୃଷିକ୍ଷେତ୍ରରେ କୀଟନାଶକ ଓ ସାର ଯୋଗୁଁ ବିଷାକ୍ତ ହୋଇଥିବା ଜଳକୁ ନଦୀକୁ ଛାଡ଼ିବାଦ୍ୱାରା ନଈ ପାଣି ପ୍ରଦୂଷିତ ତଥା ବିଷାକ୍ତ ହେଉଛି । ସେହିପରି ଭୂମିତଳ ଜଳର ମାତ୍ରାଧିକ ଉତ୍ତୋଳନ ଯୋଗୁଁ ଏହାର ଉତ୍ସ ଲବଣାକ୍ତ ହେଉଛି । ଆହୁରି ମଧ୍ୟ ଭୂତଳ ଜଳସ୍ତର ଭଲଭାବେ ପୁନଃକ୍ଷରିତ ହେଉନଥିବାରୁ ଏଥିରେ ବିଭିନ୍ନ କ୍ଷତିକାରକ ଉପାଦାନ ମିଶି ଏହାକୁ ପ୍ରଦୂଷିତ କରୁଛି । ସାରା ଦେଶରେ ହାରାହାରି ୬୧ ଶତାଂଶ ଭୂତଳ ଜଳ ଉତ୍ତୋଳିତ ହେଉଥିବାବେଳେ କେବଳ ପଞ୍ଜାବ ଓ ହରିୟାଣାରେ ଏହି ହାର ଏକଶତ ପ୍ରତିଶତରୁ ଅଧିକ । ବଂଜର ଓ ମରୁଡ଼ିପ୍ରବଣ ଅଞ୍ଚଳରେ ସ୍ୱାଭାବିକ ଭାବେ ଭୂତଳ ଜଳର ଲବଣାଂଶ ହାର ମଧ୍ୟ ଅଧିକ । ଭୂତଳ ଜଳ ଉତ୍ସଗୁଡ଼ିକରେ ୧୦୦ ରୁ ୨୦୦ ମିଟର ତଳେ ଶଂଖୁଆ ବିଷ (ଆରସେନିକ) ସ୍ତରର ଉପସ୍ଥିତି ଯୋଗୁଁ ଭୂତଳ ଜଳ ମଧ୍ୟ ବିଷାକ୍ତ

**ଆମ ଦେଶର ବିଭିନ୍ନ ନଦୀକୂଳରେ ଅବସ୍ଥିତ ସହରାଞ୍ଚଳରୁ ଦୂଷିତ ଜଳକୁ ବିଶୋଧନ ନ'କରି ସିଧାସଳଖ ନଈନାଳକୁ ଛାଡ଼ି ଦେବା ଏକ ନିୟମିତ ପ୍ରକ୍ରିୟା । ଉଦାହରଣ ସ୍ୱରୂପ ବିହାରର ରାଜଧାନୀ ପାଟଣା ସହରର ମୁଖ୍ୟ ନର୍ଦ୍ଦମା ରାଜପୁର ନାଳ ଗଙ୍ଗାନଦୀ ସହିତ ସମାନ୍ତରାଳଭାବେ ଅତି ନିକଟରେ ପ୍ରବାହିତ ହେଉଛି । ଏହା ମାଧ୍ୟମରେ ସମଗ୍ର ସହରର ଦୂଷିତ ଓ ବର୍ଜ୍ୟ ଜଳକୁ ସିଧାସଳଖ ଗଙ୍ଗାକୁ ଛାଡ଼ିଦିଆଯାଉଛି । ‘ଲରେ ପ୍ରଦୂଷିତ ଜଳରେ ଥିବା କ୍ଷତିକାରକ କୋଲି’ର୍ମ ଉପାଦାନ ସିଧା ଗଙ୍ଗା ପାଣିରେ ମିଶି ତାକୁ ପ୍ରଦୂଷିତ କରୁଛି । ସେହିଭଳି ଗୁଡ଼ଗାଓଁ ସହରର ପ୍ରଦୂଷିତ ନର୍ଦ୍ଦମା ପାଣିର ଅଧା ସିଧା ଯମୁନାରେ ମିଶୁଛି । ବାକି ଅଧକକୁ ଖୋଲାଯାଗାକୁ ଛାଡ଼ି ଦିଆଯାଉଛି ।**

ହୋଇଥାଏ । ତେବେ ଅତି ଗଭୀର ଜଳଉତ୍ସରେ ଏ ବିପଦ ନଥାଏ ।

ଆମ ଦେଶର ବିଭିନ୍ନ ନଦୀକୂଳରେ ଅବସ୍ଥିତ ସହରାଞ୍ଚଳରୁ ଦୂଷିତ ଜଳକୁ ବିଶୋଧନ ନ'କରି ସିଧାସଳଖ ନଈନାଳକୁ ଛାଡ଼ି ଦେବା ଏକ ନିୟମିତ ପ୍ରକ୍ରିୟା । ଉଦାହରଣ ସ୍ୱରୂପ ବିହାରର ରାଜଧାନୀ ପାଟଣା ସହରର ମୁଖ୍ୟ ନର୍ଦ୍ଦମା ରାଜପୁର ନାଳ ଗଙ୍ଗାନଦୀ ସହିତ ସମାନ୍ତରାଳଭାବେ ଅତି ନିକଟରେ ପ୍ରବାହିତ ହେଉଛି । ଏହା ମାଧ୍ୟମରେ ସମଗ୍ର ସହରର ଦୂଷିତ ଓ ବର୍ଜ୍ୟ ଜଳକୁ ସିଧାସଳଖ ଗଙ୍ଗାକୁ ଛାଡ଼ିଦିଆଯାଉଛି । ଫଳରେ ପ୍ରଦୂଷିତ ଜଳରେ ଥିବା କ୍ଷତିକାରକ କୋଲିଫର୍ମ ଉପାଦାନ ସିଧା ଗଙ୍ଗା ପାଣିରେ ମିଶି ତାକୁ ପ୍ରଦୂଷିତ କରୁଛି । ସେହିଭଳି ଗୁଡ଼ଗାଓଁ ସହରର ପ୍ରଦୂଷିତ ନର୍ଦ୍ଦମା ପାଣିର ଅଧା ସିଧା ଯମୁନାରେ ମିଶୁଛି । ବାକି ଅଧକକୁ ଖୋଲାଯାଗାକୁ ଛାଡ଼ି ଦିଆଯାଉଛି । ଏହା କ୍ରମଶଃ ସେ ଅଞ୍ଚଳର ଭୂତଳ ଜଳସ୍ତରକୁ ପ୍ରଦୂଷିତ କରି ଶେଷରେ ଯମୁନାରେ ମିଶୁଛି । ପ୍ରଦୂଷିତ ଜଳର ବିଶୋଧନ ପାଇଁ ଆମ ସହରାଞ୍ଚଳ କର୍ତ୍ତୃପକ୍ଷଙ୍କ ନିକଟରେ ସାଧନ, ଉପାୟ ଓ ବିଶେଷ ବୈଷୟିକ ଦକ୍ଷତା ନାହିଁ । ସେମାନଙ୍କୁ ଏ ସମ୍ପର୍କରେ ସକ୍ଷମ ଓ ସଚେତନ କରାଇ ଦୂଷିତ ଜଳକୁ ବିଶୋଧନ କରାଇବାର ଆବଶ୍ୟକତା ରହିଛି । ଏହାଛଡ଼ା କୃଷିକ୍ଷେତ୍ରରୁ ନିର୍ଗତ ରାସାୟନିକ ଓ କୀଟନାଶକ ମିଶ୍ରିତ ବିଷାକ୍ତ ପାଣି ବିଭିନ୍ନ ସ୍ଥାନରେ ସିଧାସଳଖ ନଈରେ ମିଶୁଛି । ଏହାକୁ ରୋକିବାର ବ୍ୟବସ୍ଥା ନାହିଁ । ପିଢ଼ି ପିଢ଼ି ଧରି ଗଦା ହୋଇ ରହିଥିବା ଆବର୍ଜନା, ବିଷାକ୍ତ ଉପାଦାନଗୁଡ଼ିକ କାଳକ୍ରମେ ପ୍ରାକୃତିକ ପ୍ରକ୍ରିୟାରେ ନଦୀରେ ମିଶି ପାଣିକୁ ବିଷାକ୍ତ ଓ ପ୍ରଦୂଷିତ କରୁଥିବାବେଳେ ସେଥିପ୍ରତି କାହାରି ନଜର ନାହିଁ । ଏଥିପାଇଁ ସଂରଚନାଗତ ଓ ଅଣସଂରଚନାଗତ ବ୍ୟବସ୍ଥା ଗ୍ରହଣ କରିବାର ଜରୁରୀ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଆବଶ୍ୟକତା ରହିଛି । ପରିସ୍ଥିତିର ଗୁରୁତ୍ୱକୁ ଉପଲବ୍ଧ କରି ଏହାର ବିଶୋଧନ ଓ ପରିଚାଳନା ଆବଶ୍ୟକ ।

**ଆରସେନିକ ବିପଦ :** ସ୍ୱାସ୍ଥ୍ୟ ସୁରକ୍ଷା ତଥା ଅସୁସ୍ଥତା ଓ ମୃତ୍ୟୁକୁ ରୋକିବା ପାଇଁ ଜନସାଧାରଣଙ୍କୁ ଉତ୍ତମମାନର ଜଳ ଯୋଗାଇ ଦିଆଯିବା ଉଚିତ ଏବଂ ସମସ୍ତେ ଏହା ପାଇବା ଆବଶ୍ୟକ । ପୂର୍ବରୁ କୁହାଯାଇଛି ଯେ ପ୍ରାକୃତିକ କାରଣ ଯୋଗୁଁ ମଧ୍ୟ ଜଳ ପ୍ରଦୂଷିତ ହୋଇଥାଏ । ଏହି ପ୍ରଦୂଷକ ମଧ୍ୟରୁ ଆରସେନିକ କ୍ଲୋରାଇଡ୍ ବା ଶଂଖୁଆ ବିଷ ଅନ୍ୟତମ । ଏହା ସବୁ ପ୍ରାକୃତିକ ବିଷାକ୍ତ ପଦାର୍ଥ ମଧ୍ୟରୁ ଅଧିକ ମାରାତ୍ମକ । ବିଭିନ୍ନ କାରଣରୁ ଏସିଆ ମହାଦେଶ ସବୁଠୁ ଅଧିକ ଆର୍ସେନିକ ପ୍ରବଣ । ପାନୀୟ ଜଳରେ ଆର୍ସେନିକ ଉପାଦାନ ଯୋଗୁଁ ଏହି ଭୂଖଣ୍ଡରେ ୯୦ ଶତାଂଶ ଲୋକ ପ୍ରଭାବିତ ହୋଇଥାନ୍ତି । ଗଙ୍ଗା, ବ୍ରହ୍ମପୁତ୍ର ଓ ମେକଙ୍ଗ ନଦୀର ଅବବାହିକାରେ ଅବସ୍ଥିତ ଭାରତ, ବାଂଲାଦେଶ, ନେପାଳ, ମାୟାଁମାର, ଥାଇଲାଣ୍ଡ, ଲାଗୋସ, କାମ୍ବୋଡ଼ିଆ ଓ ଭିଏତନାମର ଲୋକମାନେ ଆରସେନିକ ଦ୍ୱାରା ବେଶୀ ପ୍ରଭାବିତ ହୋଇଥାନ୍ତି । ଏହାଛଡ଼ା ଚୀନ ଓ ତାଇୱାନରେ ମଧ୍ୟ ଆରସେନିକ ଜନିତ ସ୍ୱାସ୍ଥ୍ୟ ସମସ୍ୟା ବହୁ ଅଧିକ । ବିଶ୍ୱର ଆର୍ସେନିକ ପ୍ରବଣ ଅଞ୍ଚଳରେ ୧୫୦ ନିୟୁତରୁ ଅଧିକ ଲୋକ ବସବାସ କରନ୍ତି ବୋଲି ଏକ ଆକଳନରୁ ଜଣାପଡ଼ିଛି ।

ଦୀର୍ଘକାଳ ଧରି ଆର୍‌ସେନିକ ଯୁକ୍ତ ପାଣି ପିଇଲେ ଯାବତୀୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ । ଏହା ଏକ ପଞ୍ଜିକୃତ ଜହର । ଧଳା ରଙ୍ଗର ଏହି ତରଳ ବିଷାକ୍ତ ପଦାର୍ଥ ଜଳଉତ୍ସରେ ପ୍ରାକୃତିକ ଉପାୟରେ ମିଶିଥାଏ । ଆର୍ସେନିକଯୁକ୍ତ ପାଣି ଦୀର୍ଘକାଳ ପିଇଲେ ଯାବତୀୟ ଚର୍ମ ରୋଗ ସହିତ ଶରୀରର ବର୍ଣ୍ଣ ପରିବର୍ତ୍ତନ, ଚର୍ମ ଓ ଯକୃତ୍ କର୍କଟ ରୋଗ ହୋଇଥାଏ । ଏହାଛଡ଼ା ଆର୍ସେନିକ ପ୍ରବଣ ଅଞ୍ଚଳରେ ଖାଦ୍ୟ ଶୃଂଖଳ ମଧ୍ୟ ବିଷାକ୍ତ ହୋଇ ଜନସମୁଦାୟ ଉପରେ ପ୍ରଭାବ ପକାଏ । ସେ ଅଞ୍ଚଳରେ ବସବାସ କରୁନଥିବା ଲୋକ ମଧ୍ୟ ସେହି ଅଞ୍ଚଳର ଫସଲକୁ ଖାଦ୍ୟ ଭାବେ ଗ୍ରହଣ କରି ବ୍ୟାଧିଗ୍ରସ୍ତ ହେବାର ଆଶଙ୍କା ରହିଛି । ଆର୍ସେନିକ ପ୍ରବଣ ଅଞ୍ଚଳର ଚାଉଳ, ଗହମ ଓ ଅନ୍ୟାନ୍ୟ ଶସ୍ୟ, ଫଳ ଓ ପନିପରିବା ଖାଇବାଦ୍ୱାରା ମଧ୍ୟ ଅନ୍ୟ ଇଲାକାର ଲୋକେ ଅସୁସ୍ଥ ହୋଇଥାନ୍ତି ।

**ଆର୍ସେନିକର ପ୍ରତିରୋଧ :** ଆର୍ସେନିକ ଜନିତ ସମସ୍ୟାର ମୁକାବିଲା ପାଇଁ ପ୍ରଥମେ ଏକ ସମନ୍ୱିତ ନୀତି ପ୍ରସ୍ତୁତ କରାଯିବା ଉଚିତ । ଏହାର ସଂକ୍ରମଣକୁ ରୋକିବା ପାଇଁ ଲୋକଙ୍କୁ ନିରାପଦ ପାନୀୟ ଜଳ ଯୋଗାଇ ଦେବାର ଆବଶ୍ୟକତା ରହିଛି । ଆର୍ସେନିକ ପ୍ରବଣ ଅଞ୍ଚଳରେ ବର୍ଷା ପାଣି, ଭୂପୃଷ୍ଠ ଜଳ କିମ୍ବା ଭୂଗର୍ଭର ଅଳ୍ପ ଗଭୀରତାରେ ଥିବା ଜଳକୁ ଉତ୍ତୋଳନ କରି ଯଥାସମ୍ଭବ ପାନୀୟ ଜଳ ଆକାରରେ ଯୋଗାଇଦେବା ଉଚିତ । ନଦୀ, ପୁଷ୍କରିଣୀ, ହ୍ରଦ ଆଦି ଭୂପୃଷ୍ଠ ଜଳ ଉତ୍ସକୁ ସୁରକ୍ଷିତ ଏବଂ ସଂରକ୍ଷିତ କରି ଲୋକଙ୍କୁ ବ୍ୟବହାର ପାଇଁ ଯୋଗାଇ ଦେଇହେବ । ଏଥିପାଇଁ ନୂଆ ଜ୍ଞାନକୌଶଳର ଉପଯୋଗ ମଧ୍ୟ କରାଯାଇପାରେ । ସେହିପରି ପିଇବା ପାଣି ବା ଏହାର ଉତ୍ସରୁ ଆର୍ସେନିକ୍ ଉପାଦାନକୁ ଅଲଗା କରିବାକୁ ଗୋଷ୍ଠୀଗତ ଏବଂ ଜନସ୍ୱାସ୍ଥ୍ୟ ବିଭାଗ ଜରିଆରେ ଅଥବା ଘରୋଇ-ସରକାରୀ ସହଯୋଗରେ ପ୍ରକଳ୍ପମାନ ସ୍ଥାପନ କରାଯାଇପାରେ । ଏହାଦ୍ୱାରା ଲୋକେ ବିଶୋଧିତ, ଆର୍‌ସେନିକ୍ ମୁକ୍ତ ନିରାପଦ ପାନୀୟଜଳ ପାଇପାରିବେ ।

**ଦୀର୍ଘକାଳ ଧରି ଆର୍‌ସେନିକ ଯୁକ୍ତ ପାଣି ପିଇଲେ ଯାବତୀୟ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ । ଏହା ଏକ ପଞ୍ଜିକୃତ ଜହର । ଧଳା ରଙ୍ଗର ଏହି ତରଳ ବିଷାକ୍ତ ପଦାର୍ଥ ଜଳଉତ୍ସରେ ପ୍ରାକୃତିକ ଉପାୟରେ ମିଶିଥାଏ । ଆର୍ସେନିକଯୁକ୍ତ ପାଣି ଦୀର୍ଘକାଳ ପିଇଲେ ଯାବତୀୟ ଚର୍ମ ରୋଗ ସହିତ ଶରୀରର ବର୍ଣ୍ଣ ପରିବର୍ତ୍ତନ, ଚର୍ମ ଓ ଯକୃତ୍ କର୍କଟ ରୋଗ ହୋଇଥାଏ । ଏହାଛଡ଼ା ଆର୍ସେନିକ ପ୍ରବଣ ଅଞ୍ଚଳରେ ଖାଦ୍ୟ ଶୃଂଖଳ ମଧ୍ୟ ବିଷାକ୍ତ ହୋଇ ଜନସମୁଦାୟ ଉପରେ ପ୍ରଭାବ ପକାଏ । ସେ ଅଞ୍ଚଳରେ ବସବାସ କରୁନଥିବା ଲୋକ ମଧ୍ୟ ସେହି ଅଞ୍ଚଳର ଫସଲକୁ ଖାଦ୍ୟ ଭାବେ ଗ୍ରହଣ କରି ବ୍ୟାଧିଗ୍ରସ୍ତ ହେବାର ଆଶଙ୍କା ରହିଛି ।**

ଦ୍ୱିତୀୟତଃ ଆର୍ସେନିକ୍ ସମସ୍ୟାର ମୁକାବିଲା ପାଇଁ ଉପଯୁକ୍ତ ତଦାରଖ, ନିରୀକ୍ଷଣ ଓ ପରିଚାଳନା ବ୍ୟବସ୍ଥାର ଆବଶ୍ୟକତା ରହିଛି । ପାନୀୟ ଜଳ ଉତ୍ସ ଠାବ ପାଇଁ ସ୍ଥାନ ଚିହ୍ନଟ, କୂପର ଗଭୀରତା, ଜିପିଏସ୍ ବ୍ୟବସ୍ଥାର ଉପଯୋଗ, ଜଳର ମାନ ପରୀକ୍ଷା, ଏଥିରେ ଥିବା ବିଭିନ୍ନ ଉପାଦାନର ମାତ୍ରା ନିର୍ଦ୍ଧାରଣ ଆଦି କରିବାକୁ ପଡ଼ିବ । ଏଥିରେ ସ୍ଥାନୀୟ ଜନତାଙ୍କର ସହଯୋଗ ଲୋଡ଼ା । ତୃତୀୟତଃ ଖାଦ୍ୟ ନିରାପତ୍ତା ପ୍ରତି ବିଶେଷ ଗୁରୁତ୍ୱ ଦେବାକୁ ପଡ଼ିବ । ଖାଦ୍ୟ ଶୃଂଖଳରେ ଆର୍ସେନିକ ଯେପରି ପ୍ରବେଶ ନ'କରେ ସେଥିପ୍ରତି ସତର୍କ ରହିବାକୁ ହେବ । କେଉଁ ଖାଦ୍ୟରେ କି କି ପ୍ରକାର ଧାତୁ ଉପାଦାନ କେତେ ରହିବା ଉଚିତ ଭାରତୀୟ ଖାଦ୍ୟ ନିରାପତ୍ତା ଓ ମାନ ପ୍ରାଧିକରଣର ସୁପାରିସ ଅନୁସାରେ ତାହାକୁ ନିଶ୍ଚିତ କରିବାକୁ ପଡ଼ିବ । ଆର୍ସେନିକ ଯୁକ୍ତ ପାଣି ଖାଦ୍ୟଶସ୍ୟ ଉତ୍ପାଦନ ଏବଂ ଖାଦ୍ୟ ପ୍ରସ୍ତୁତିରେ ଯେପରି ଆଦୌ ବ୍ୟବହୃତ ନ'ହୁଏ ସେଥିପ୍ରତି ତୀକ୍ଷ୍ଣ ନଜର ରଖିବାକୁ ହେବ । ଆର୍ସେନିକ ପ୍ରଭାବିତ ଅଞ୍ଚଳରୁ ଉତ୍ପାଦିତ ଖାଦ୍ୟ ଶସ୍ୟ, ପନିପରିବା ଆଦି ଖାଇଲେ ଅଣ ପ୍ରଭାବିତ ଅଞ୍ଚଳର ଲୋକେ ପ୍ରଭାବିତ ହେବାର ଆଶଙ୍କା ଥିବାରୁ ସେଥିପ୍ରତି ସତର୍କ ରହିବାକୁ ପଡ଼ିବ । ଶିଶୁମାନେ ଆର୍ସେନିକ ଦ୍ୱାରା ଅଧିକ ସଂକ୍ରମିତ ହୋଇଥାନ୍ତି । ତେଣୁ ଏ କ୍ଷେତ୍ରରେ ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟ କର୍ମୀମାନଙ୍କର ଦାୟିତ୍ୱ ଅଧିକ । ନୂଆ ଆର୍ସେନିକ ପ୍ରଭାବିତ ଅଞ୍ଚଳ ଠାବ କରିବା ପାଇଁ ଭୌଗୋଳିକ ସୂଚନା ବ୍ୟବସ୍ଥା ବା ଜିପିଏସ୍ ପଦ୍ଧତିକୁ କାମରେ ଲଗାଇହେବ ।

ଚତୁର୍ଥରେ ଜଳର ମାନ ଓ ନିରାପତ୍ତାକୁ ନିଶ୍ଚିତ କରିବା ପାଇଁ ଉଭୟ ଜାତୀୟ ଓ ପ୍ରାଦେଶିକ ସ୍ତରରେ ପ୍ରଚୁର ଅର୍ଥ ନିବେଶ କରିବାର ଆବଶ୍ୟକତା ରହିଛି । ଆର୍ସେନିକ ଦୂରୀକରଣ ଯୋଜନାରେ ଅସ୍ୱଚ୍ଛଳ ଲୋକଙ୍କୁ ସାମିଲ କରାଯିବା ଉଚିତ । ସର୍ବୋପରି ପ୍ରତ୍ୟେକ କ୍ଷେତ୍ରରେ ଆର୍ସେନିକର ଅପକାରିତା ଓ ଭୟାବହତା ସମ୍ପର୍କରେ ସଚେତନା ସୃଷ୍ଟିର ଆବଶ୍ୟକତା ରହିଛି । ଏଥିପାଇଁ ଏକ ଉଚିତ ସୂଚନା ଯୋଗାଯୋଗ କୌଶଳ ବାହାର କରି ଲୋକଙ୍କୁ ସଚେତନ କରାଇବା ଆବଶ୍ୟକ । ଜନସଚେତନତା ସୃଷ୍ଟି ଏ କ୍ଷେତ୍ରରେ ଅତି ଗୁରୁତ୍ୱପୂର୍ଣ୍ଣ ।

**ଖୋଲା ସ୍ଥାନରେ ମଳତ୍ୟାଗ :** ସାରା ବିଶ୍ୱରେ ଖୋଲାରେ ମଳମୂତ୍ର ତ୍ୟାଗ କରୁଥିବା ଲୋକଙ୍କ ମଧ୍ୟରୁ ୫୦ ଭାଗ ଭାରତରେ ଅଛନ୍ତି । ୨୦୧୫ ସୁଦ୍ଧା ଜାତିସଂଘର ସହସ୍ରାବ୍ଦ ଲକ୍ଷ୍ୟ ଯୋଜନାରେ ଖୋଲା ମଳମୂତ୍ର ତ୍ୟାଗ ବ୍ୟବସ୍ଥାର ଅବସାନ ଘଟାଇବାକୁ ଭାରତ ଯେଉଁ ଲକ୍ଷ୍ୟ ରଖିଥିଲା ତାହା ସଂପୂର୍ଣ୍ଣ କାର୍ଯ୍ୟକାରୀ ହୋଇପାରିନାହିଁ । ୨୦୧୫ରେ ପ୍ରକାଶିତ ମିଳିତ ଜାତିସଂଘର ଏ ସଂକ୍ରାନ୍ତ ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ପାଇଖାନା ବ୍ୟବହାର ନ'କରି ଖୋଲାରେ ମଳମୂତ୍ର ତ୍ୟାଗ କରୁଥିବା ଲୋକଙ୍କ ସଂଖ୍ୟା ୯୬୪ ନିୟୁତ । ସେଥିମଧ୍ୟରୁ ଭାରତରେ ୫୬୪ ନିୟୁତ ଅଛନ୍ତି । ଭାରତର ସହରାଞ୍ଚଳର ବସ୍ତି ଇଲାକା ଏବଂ ଗ୍ରାମାଞ୍ଚଳରେ ଏହା ଏକ ପ୍ରମୁଖ ସମସ୍ୟା । ଭାରତର ପଞ୍ଜିକୃତ ବସ୍ତିଅଞ୍ଚଳର ୧୭ ଶତାଂଶ ଏବଂ ଅଣ ପଞ୍ଜିକୃତ ବସ୍ତି ଅଞ୍ଚଳର ୫୦ ଶତାଂଶ ଲୋକଙ୍କ ପାଖରେ ଉନ୍ନତ ଶୌଚାଳୟ ସୁବିଧା ନାହିଁ । ତେଣୁ ସେମାନେ ଏତେତେଣେ ମଳମୂତ୍ର ତ୍ୟାଗ କରନ୍ତି । ଖୋଲାରେ ମଳର ନିରାପଦ ଅପସାରଣର ସୁଯୋଗ ନାହିଁ । ଏଣୁ ଏହାର ମଣିଷ ସ୍ୱାସ୍ଥ୍ୟ ଉପରେ କୁପ୍ରଭାବ ପଡ଼ିବାର ଆଶଙ୍କା ଅଧିକ । ଏହା ଯୋଗୁଁ ଭୂପୃଷ୍ଠ ଜଳ ସହ ମାଟିତଳ ପାଣି ଉତ୍ସ ସଂକ୍ରମିତ ହୋଇଥାଏ । ମଣିଷର ମଳରେ ଥିବା ଉପାଦାନ ଓ ରୋଗ ଜୀବାଣୁ ମଣିଷର ସ୍ୱାସ୍ଥ୍ୟ ପାଇଁ ଅତି ବିପଜ୍ଜନକ । ଏହା

**୨୦୧୫ରେ ପ୍ରକାଶିତ ମିଳିତ ଜାତିସଂଘର ଏ ସଂକ୍ରାନ୍ତ ରିପୋର୍ଟ ଅନୁସାରେ ସାରା ବିଶ୍ୱରେ ପାଇଖାନା ବ୍ୟବହାର ନ'କରି ଖୋଲାରେ ମଳମୂତ୍ର ତ୍ୟାଗ କରୁଥିବା ଲୋକଙ୍କ ସଂଖ୍ୟା ୯୬୪ ନିୟୁତ । ସେଥିମଧ୍ୟରୁ ଭାରତରେ ୫୬୪ ନିୟୁତ ଅଛନ୍ତି । ଭାରତର ସହରାଞ୍ଚଳର ବସ୍ତି ଇଲାକା ଏବଂ ଗ୍ରାମାଞ୍ଚଳରେ ଏହା ଏକ ପ୍ରମୁଖ ସମସ୍ୟା । ଭାରତର ପଞ୍ଜିକୃତ ବସ୍ତିଅଞ୍ଚଳର ୧୭ ଶତାଂଶ ଏବଂ ଅଣ ପଞ୍ଜିକୃତ ବସ୍ତି ଅଞ୍ଚଳର ୫୦ ଶତାଂଶ ଲୋକଙ୍କ ପାଖରେ ଉନ୍ନତ ଶୌଚାଳୟ ସୁବିଧା ନାହିଁ । ତେଣୁ ସେମାନେ ଏତେତେଣେ ମଳମୂତ୍ର ତ୍ୟାଗ କରନ୍ତି ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଝାଡ଼ାବାନ୍ତି, କୃମି, ଜିଆ ଆଦି ଅନ୍ୟାନ୍ୟ ପେଟରୋଗର ମୁଖ୍ୟ କାରଣ। ଏଥିରେ ପ୍ରତିବର୍ଷ ବିଶ୍ୱବ୍ୟାପୀ ୧୦ ଲକ୍ଷ ଲୋକଙ୍କର ମୃତ୍ୟୁ ଘଟିଥାଏ। ମଣିଷ ମଳର ନିରାପଦ ନିଷ୍କାସନ, ପରିବହନ, ବିଶୋଧନ, ଯଥାସ୍ଥାନରେ ଛାଡ଼ିବା ଉପରେ ଗୁରୁତ୍ୱ ଦିଆଯିବା ଆବଶ୍ୟକ।

**ଛୋଟ ସହରର ସମସ୍ୟା :** ଏକ ଲକ୍ଷରୁ କମ୍ ଲୋକ ସଂଖ୍ୟା ବିଶିଷ୍ଟ ସହରରେ ମୁକ୍ତ ମଳତ୍ୟାଗ ଏକ ବଡ଼ ସମସ୍ୟା। ୨୦୧୧ ଜନଗଣନା ରିପୋର୍ଟ ଅନୁସାରେ ୮୧.୪ ଶତାଂଶ ଗୃହରେ ପାଇଖାନା ବ୍ୟବସ୍ଥା ଅଛି। ସେଥିମଧ୍ୟରୁ ୩୮.୨ ଶତାଂଶ ସେପ୍ଟିକ ପାଇଖାନା, ୮.୮% ଗାତ (ପିଟ୍) ପାଇଖାନା, ୧.୭ ଶତାଂଶ ସଫେଇ ପାଇଖାନା ଓ ୩୨.୭% ସ୍ୱେରେଜ୍ ସଂଯୁକ୍ତ ପାଇଖାନା ।୧୮.୬ ଶତାଂଶ ପରିବାରର ନିଜସ୍ୱ ଶୌଚାଳୟ ନଥିବାରୁ ୬ ଶତାଂଶ ଗୋଷ୍ଠୀ ପାଇଖାନା ବ୍ୟବହାର କରନ୍ତି କିମ୍ବା ସେମାନଙ୍କ ମଧ୍ୟରୁ ୧୨.୬% ଖୋଲାରେ ମଳତ୍ୟାଗ କରିଥାନ୍ତି। ଉତ୍ତମ ସ୍ୱାସ୍ଥ୍ୟ ଏବଂ ନିରନ୍ତର ବିକାଶ ପାଇଁ ପରିଚ୍ଛନ୍ନତା ଓ ନିରାପଦ ଜଳର ଆବଶ୍ୟକତା ଅପରିହାର୍ଯ୍ୟ। ସେ ଦୃଷ୍ଟିରୁ ୨୦୧୯ ସୁଦ୍ଧା ସହରାଞ୍ଚଳର ଖୋଲା ସ୍ଥାନରେ ମଳତ୍ୟାଗ ବନ୍ଦ କରିବାକୁ ଭାରତ ସରକାର ଯେଉଁ ସ୍ୱଚ୍ଛ ଭାରତ ମିଶନ ଆରମ୍ଭ କରିଛନ୍ତି ତାହା ଠିକଣା ଦିଗରେ ଏକ ଉଚିତ ପଦକ୍ଷେପ।

**ପୂର୍ଣ୍ଣାଙ୍ଗ ଆଭିମୁଖ୍ୟର ଆବଶ୍ୟକତା:** ପ୍ରଥମତଃ ପରିଷ୍କାର ପରିଛନ୍ନତା, ଶୁଚିପୂର୍ଣ୍ଣ ପରିବେଶ ଓ ନିରାପଦ ଜଳ ଉତ୍ତମ ସ୍ୱାସ୍ଥ୍ୟ ପାଇଁ ମୌଳିକ ଆବଶ୍ୟକତା। ତେଣୁ ଏ ନେଇ ଆମର ଜାତୀୟ ଓ ପ୍ରାଦେଶିକ ନୀତି ସମୂହ ପୂର୍ଣ୍ଣାଙ୍ଗ ଓ ତ୍ରୁଟିହୀନ ହେବା ଦରକାର। ଏହି ନୀତି ସବୁର କାର୍ଯ୍ୟକାରିତା ପାଇଁ ବିଭିନ୍ନ ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ତଥା ପ୍ରଶାସନିକ ସଂହତି ରହିବା ଆବଶ୍ୟକ।

ଦ୍ୱିତୀୟରେ ଭୂତଳ ଜଳ ଉତ୍ସର ସ୍ଥିତି, ତାହାର ସ୍ୱଚ୍ଛତା ଓ ନିର୍ମଳତା ପ୍ରତି ଉଚିତ ଦୃଷ୍ଟି ଦିଆଯିବା ଆବଶ୍ୟକ। ଦ୍ୱାଦଶ ଯୋଜନା କାଳ ଓ ତା'ପରେ ଭୂତଳ ଜଳ ଉତ୍ସଗୁଡ଼ିକର ଅନୁଧ୍ୟାନ କରି ଏକ ମାନଚିତ୍ର ପ୍ରସ୍ତୁତ କରିବାକୁ ସରକାର ଯେଉଁ ନିଷ୍ପତ୍ତି ଗ୍ରହଣ କରିଥିଲେ ତାହାର ଉପଯୁକ୍ତ କାର୍ଯ୍ୟକାରିତା ଲୋଡ଼ା। ଏଥିରେ ବିଭିନ୍ନ ସଂପୃକ୍ତ ପକ୍ଷଙ୍କୁ ସାମିଲ କରିବାର ଆବଶ୍ୟକତା ରହିଛି। ଏହାଦ୍ୱାରା ଭୂତଳ ଜଳ ଉତ୍ସ ସମୂହର ସ୍ଥିତି ଆକଳନ ଏବଂ ଆବଶ୍ୟକସ୍ଥଳେ ସେଗୁଡ଼ିକର ପୁନଃକ୍ଷରଣ ଓ ଜଳସ୍ତର ବୃଦ୍ଧି ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ। ଏଥିସହିତ ନିଜ ଜମିରୁ ଭୂତଳ ଜଳଉତ୍ତୋଳନ ପାଇଁ ଯେଉଁ ନିୟମ ରହିଛି ତାହାକୁ ସଂଶୋଧନ କରିବାର ଆବଶ୍ୟକତା ରହିଛି। ଏହାକୁ ସଂଶୋଧନ କରି ଜଳ ଉତ୍ତୋଳନକୁ ନିୟନ୍ତ୍ରଣ କରିହେବ।

ତୃତୀୟରେ ନଦୀଉପତ୍ୟକା ସ୍ତରରେ ଜଳ ପରିଚାଳନା ଯୋଜନା କାର୍ଯ୍ୟକାରୀ କରିବାର ଆବଶ୍ୟକତା ଅନୁଭୂତ ହେଉଛି। ଏହାଛଡ଼ା ଭୂତଳ ଜଳ ଓ ଭୂପୃଷ୍ଠ ଜଳ ମଧ୍ୟରେ ଏକ ଉତ୍ତମ ସଂଯୋଜନ ବ୍ୟବସ୍ଥା ଜରୁରୀ। ଏହା ସହିତ ଜଳଉତ୍ସ ସଂକ୍ରମଣର ସମ୍ଭାବ୍ୟ ସ୍ଥଳୀଗୁଡ଼ିକ ଚିହ୍ନଟ କରି ପ୍ରତିକାର ବ୍ୟବସ୍ଥା କରାଯିବା ଉଚିତ। ଅପରିଷ୍କାର ଜଳ, ବିଷାକ୍ତ ରାସାୟନିକ ଓ ଜୈବୀକ ପଦାର୍ଥ ଜଳଉତ୍ସରେ ମିଶି ତାହାକୁ ଯେପରି ପ୍ରଦୂଷିତ ନ'କରେ ସେଥିପାଇଁ ପଦକ୍ଷେପ ଗ୍ରହଣ କରିବାକୁ ପଡ଼ିବ। ଏ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ନମାମି ଗଙ୍ଗେ କାର୍ଯ୍ୟକ୍ରମ ଏକ ଉତ୍ତମ ପଦକ୍ଷେପ। ଅନୁରୂପ ପ୍ରୟାସ ମାଧ୍ୟମରେ ଦେଶର ବିଭିନ୍ନ ନଦୀ ଓ ଜଳ ଉତ୍ସକୁ ପ୍ରଦୂଷଣ ମୁକ୍ତ କରାଯାଇପାରିବ। ଏହା ସହିତ ଜୈବ ବିବିଧତାର ସୁରକ୍ଷା ଓ ବନୀକରଣକୁ ଗୁରୁତ୍ୱ ଦେବାକୁ ହେବ।

ଚତୁର୍ଥରେ କେନ୍ଦ୍ର, ରାଜ୍ୟ ଓ ଅନ୍ୟାନ୍ୟ ସ୍ତରରେ ବିଭିନ୍ନ ସଂପୃକ୍ତ ପକ୍ଷଙ୍କୁ ସାଥିରେ ନେଇ ବଡ଼ ଧରଣର ସଚେତନତା ଅଭିଯାନ ଗଢ଼ି ତୋଳିବାକୁ ପଡ଼ିବ। ଏହି ଅଭିଯାନରେ ନାଗରିକ ସମାଜର ବଡ଼ ଭୂମିକା ରହିଛି। ସେମାନଙ୍କ ସାହାଯ୍ୟ ସହଯୋଗ ସରକାରୀ ପ୍ରୟାସକୁ ଫଳବତୀ କରାଇବାରେ ସହାୟକ ହେବ।

ଲେଖକ ଡକ୍ଟର ସରକାର ନୂଆଦିଲ୍ଲୀସ୍ଥିତ 'ଦି ଏନର୍ଜି ରିସର୍ଚ୍ଚ ଇନଷ୍ଟିଚ୍ୟୁଟ' (ଟେରି)ର ଜଳସଂପଦ ଏବଂ ଜଙ୍ଗଲ ବିଭାଗର ନିର୍ଦ୍ଦେଶକ ତଥା ସଂପୃକ୍ତ ଅନୁଷ୍ଠାନର ଜଣେ ବରିଷ୍ଠ ସଦସ୍ୟ। ସେ ମଧ୍ୟ କେନ୍ଦ୍ର ଜଳ ସଂପଦ ମନ୍ତ୍ରଣାଳୟର ପୂର୍ବତନ ସଚିବ।

*****

# ମହିଳାଙ୍କ ଜଳଯାତନା

**ବନ୍ଦନା ଶିବା**

**ଦେଶରେ ଗୋଟିଏ ବାଲ୍‌ଟି ପାଣି ସଂଗ୍ରହ କରିବାକୁ ଅଧିକାଂଶ ମହିଳାଙ୍କୁ ରୀତିମତ ସଂଗ୍ରାମ କରିବାକୁ ପଡୁଛି। ବସ୍ତୁତଃ ଶୁଖିଯାଇଥିବା ଜଳଉତ୍ସ ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଉକ୍ତ ଜଳାଭାବ ଦେଶର ସାମାଜିକ-ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଛି। ମରୁଡ଼ି ପରିସ୍ଥିତି ଯୋଗୁଁ ଗ୍ରାମାଞ୍ଚଳ ଲୋକ ଜୀବିକା ଉପାର୍ଜନ ଆଶାରେ ସହରକୁ ପଳାଇଯାଉଛନ୍ତି। ଜଳସଂକଟ ମଧ୍ୟରେ ମହିଳା ଓ ଝିଅମାନେ ସେମିତି ଗ୍ରାମାଞ୍ଚଳରେ ଯାତନା ଭୋଗୁଛନ୍ତି। ଗରାଏ ପାଣି ପାଇଁ ସେମାନେ ଯେତେ ସମୟ ନଷ୍ଟ କରୁଛନ୍ତି ସେହି ମୂଲ୍ୟବାନ ସମୟକୁ ଉପାର୍ଜନକ୍ଷମ ବୃତ୍ତିରେ ବିନିଯୋଗ କଲେ ସେମାନଙ୍କର ଓ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରନ୍ତା।**

"ବଡ଼ି ଭୋରୁ ସେ ମୋତେ ପାଣି
ଆଣିବାକୁ ପଠାଏ।
ମୋ ଗରା ଜମା ପୂରେନା,
ହେ ଜେଜେ!
ପାଣି ବହୁତ ତଳେ,
ମୋ ଦୋଉଡ଼ି ସେଠିକି ପାଏନା
ସୂର୍ଯ୍ୟ ଉଇଁ ଅସ୍ତ ଯାଏ,
ମୁଁ ଘରକୁ ଫେରେ।"

**– ଏକ ରାଜସ୍ଥାନୀ ଲୋକ ଗୀତ।**

ଜଳ ଏକବିଂଶ ଶତାବ୍ଦୀର ସବୁଠୁ ଦୁର୍ଲ୍ଲଭ ଦ୍ରବ୍ୟ ପାଲଟି ଯାଇଛି। ଏହା ଆଶ୍ଚର୍ଯ୍ୟଜନକ ଶୁଣାଯାଉଥିଲେ ହେଁ ସତକଥା। ବିଂଶ ଶତାବ୍ଦୀରେ ତେଲର ଗୁରୁତ୍ୱ ଯାହା ଥିଲା ଏବେ ଜଳର ଗୁରୁତ୍ୱ ସେହିଭଳି ହୋଇଛି। ବିଭିନ୍ନ ଜଳଉତ୍ସ ଉପରେ ନାନାବିଧ ଚାପଯୋଗୁଁ ଏବେ ନାନା ସମସ୍ୟା ଉପୁଜିଛି। ଗୋଟିଏ ପଟରେ ପ୍ରଚୁର ଜଳବ୍ୟବହାର ହେଉଥିବା ସବୁଜ ବିପ୍ଳବର ସଂପ୍ରସାରଣ, ଅନ୍ୟ ପଟେ ଜନସଂଖ୍ୟାର ଦ୍ରୁତ ବୃଦ୍ଧି ଓ ଜୀବନଶୈଳୀରେ ପରିବର୍ତ୍ତନ ଯୋଗୁଁ ମଧୁରଜଳର ଆବଶ୍ୟକତା ଯଥେଷ୍ଟ ବଢ଼ିଯାଇଛି। ଚାଷ, ଶିଳ୍ପ ଏବଂ ଘରୋଇ ଆବଶ୍ୟକତା ପୂରଣ ପାଇଁ ଜଳ ବ୍ୟବହାରକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିଯୋଗିତା ଫଳରେ ଭୂତଳ ଜଳଉତ୍ସ ମଧ୍ୟ ପ୍ରଚଣ୍ଡ ଚାପର ସମ୍ମୁଖୀନ। ଚାଷ ଏବଂ ଶିଳ୍ପ ସଂସ୍ଥାରେ ବ୍ୟବହାର ନିମନ୍ତେ ନଦୀଜଳର ମାତ୍ରାଧିକ ବ୍ୟବହାର ଯୋଗୁଁ ନଈନାଳ କ୍ରମଶଃ ଶୁଖିଯାଉଛି। ଯେଉଁ ପାଣି ନଈରେ ବଳକା ରହୁଛି ତାହା ସହରାଞ୍ଚଳ ଓ ଶିଳ୍ପସଂସ୍ଥାର ମଇଳା ଆବର୍ଜନା ଯୋଗୁଁ ପ୍ରଦୂଷିତ ହେଉଛି। ଦେଶର ଜୀବନ ରେଖା ଭାବେ ବିବେଚିତ ଗଙ୍ଗା ଓ ଯମୁନା ଆଦି ନଦୀର ଜଳ ଏବେ ଏହି କାରଣରୁ ବ୍ୟବହାର ଅନୁପଯୁକ୍ତ ହୋଇପଡ଼ିଛି।

ଦେଶରେ ଗୋଟିଏ ବାଲ୍‌ଟି ପାଣି ସଂଗ୍ରହ କରିବାକୁ ଅଧିକାଂଶ ମହିଳାଙ୍କୁ ରୀତିମତ ସଂଗ୍ରାମ କରିବାକୁ ପଡୁଛି। ବସ୍ତୁତଃ ଶୁଖିଯାଇଥିବା ଜଳଉତ୍ସ ଯୋଗୁଁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି। ଉକ୍ତ ଜଳାଭାବ ଦେଶର ସାମାଜିକ-ଆର୍ଥିକ ସ୍ଥିତିକୁ ପ୍ରଭାବିତ କରୁଛି। ମରୁଡ଼ି ପରିସ୍ଥିତି ଯୋଗୁଁ ଗ୍ରାମାଞ୍ଚଳ ଲୋକ ଜୀବିକା ଉପାର୍ଜନ ଆଶାରେ ସହରକୁ ପଳାଇଯାଉଛନ୍ତି। ଜଳସଂକଟ ମଧ୍ୟରେ ମହିଳା ଓ ଝିଅମାନେ ସେମିତି ଗ୍ରାମାଞ୍ଚଳରେ ଯାତନା ଭୋଗୁଛନ୍ତି। ଗରାଏ ପାଣି ପାଇଁ ସେମାନେ ଯେତେ ସମୟ ନଷ୍ଟ କରୁଛନ୍ତି ସେହି ମୂଲ୍ୟବାନ ସମୟକୁ ଉପାର୍ଜନକ୍ଷମ ବୃତ୍ତିରେ ବିନିଯୋଗ କଲେ ସେମାନଙ୍କର ଓ ପରିବାରର ଆର୍ଥିକ ସ୍ଥିତିରେ ଉନ୍ନତି ଆସିପାରନ୍ତା। ଯଦି ପ୍ରଦତ୍ତ ସୁବିଧା ସୁଯୋଗର ମୂଲ୍ୟାୟନ କରାଯାଏ ତା'ହେଲେ ଏହା ପ୍ରମାଣିତ ହୋଇଯିବ ଯେ ଗ୍ରାମାଞ୍ଚଳର ଲୋକମାନେ ପାଣି ପାଇଁ ସହରାଞ୍ଚଳ ଲୋକଙ୍କଠାରୁ ଯଥେଷ୍ଟ ଅଧିକ ମୂଲ୍ୟ ଦେଉଛନ୍ତି। ଏହି ହିସାବରେ ପାଣି

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ସଂଗ୍ରହ ପାଇଁ ଦୈନିକ ଯଦି ୧୫୦ ନିୟୁତ ମହିଳା ନିୟୋଜିତ ହୁଅନ୍ତି ଏବଂ ତାହାକୁ ଯଦି ରୋଜଗାରହୀନତା ଜନିତ ଜାତୀୟ ଆୟର ଏକ କ୍ଷତି ଭାବେ ହିସାବ କରାଯାଏ, ତା'ହେଲେ ବାର୍ଷିକ ଦେଶର କ୍ଷତି ୧୦୦୦କୋଟି ଟଙ୍କା ବୋଲି ହିସାବ କରିବାକୁ ହେବ। ଜଳ ସଂଗ୍ରହ ପାଇଁ ରାଜସ୍ଥାନରେ ଅଧିକାଂଶ ମହିଳା ଓ ଝିଅ ବର୍ଷସାରା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ପ୍ରଚଣ୍ଡ ଗ୍ରୀଷ୍ମରେ ସେମାନେ ଉତ୍ତପ୍ତ କଣ୍ଟକିତ ବିଲ ପାହାଡ଼ ରାସ୍ତାରେ ଖାଲି ପାଦରେ ଘଣ୍ଟା ଘଣ୍ଟା ପାଣି ସନ୍ଧାନରେ ଯାଇଥାନ୍ତି। ଅନେକ ସମୟରେ ସେମାନେ ପରିଷ୍କାର ପାଣି ନ'ପାଇ ଗୋଳିଆ, ଖାରିଆ ପାଣି ସଂଗ୍ରହ କରି ଘରକୁ ଫେରିବାକୁ ବାଧ ହୋଇଥାନ୍ତି। ତଥାପି ଘରେ ଅପେକ୍ଷା କରିଥିବା ତୃଷାର୍ତ୍ତ ପ୍ରିୟଜନଙ୍କ ଦ୍ୱାରା ସେଇ ପାଣିକୁ ସାଦରେ ଗ୍ରହଣ କରାଯାଏ। ଏକ ହିସାବ ଅନୁସାରେ ଜଣେ ଗ୍ରାମାଞ୍ଚଳ ମହିଳାଙ୍କୁ ପିଇବା ପାଣି ସଂଗ୍ରହ କରିବାକୁ ବର୍ଷକୁ ହାରାହାରି ୧୪୦୦୦ କିଲୋମିଟର ଚାଲିବାକୁ ପଡ଼ିଥାଏ। ଅର୍ଥାତ୍ ପାଣି ପାଇଁ ଦୈନିକ ୩୮ କିଲୋମିଟରରୁ ଅଧିକ ଯିବାଆସିବା କରିବାକୁ ହୁଏ। ରାଜସ୍ଥାନରେ ସହରାଞ୍ଚଳର ମହିଳା ସେ ଦୃଷ୍ଟିରୁ ଯଥେଷ୍ଟ ଭାଗ୍ୟବାନ, କାରଣ ସେମାନଙ୍କୁ ଏତେବାଟ ଚାଲିବାକୁ ପଡ଼େନାହିଁ; କିନ୍ତୁ ସେମାନଙ୍କୁ ପାଣି ଟ୍ୟାଙ୍କର ପାଖରେ ଲମ୍ବା ଧାଡ଼ିରେ ଘଣ୍ଟାଘଣ୍ଟା ଅପେକ୍ଷା କରିବାକୁ ପଡ଼ିଥାଏ।

ଗ୍ରାମୀଣ ରାଜସ୍ଥାନର ପ୍ରତ୍ୟେକ ଘରେ ମହିଳା ଓ ଝିଅଙ୍କ ଉପରେ ଜଳସଂଗ୍ରହ, ପରିବହନ, ଭଣ୍ଡାରଣ ଏବଂ ପରିଚାଳନା ଦାୟିତ୍ୱ ନ୍ୟସ୍ତ। ରାଜ୍ୟର ଯେଉଁ ଅଞ୍ଚଳରେ ଚାଷବାସ ପାଇଁ ଜଳଉତ୍ସ ନାହିଁ ସେଠାକାର ପୁରୁଷମାନେ ରୋଜଗାର ପାଇଁ ଗାଁରେ ମହିଳା, ଶିଶୁ ଓ ବୁଢ଼ାବୁଢ଼ିଙ୍କୁ ଛାଡ଼ିଦେଇ ସହରାଞ୍ଚଳକୁ ଚାଲିଯାଆନ୍ତି। ଗାଁର ଏହି ମହିଳା ଓ ଅସହାୟମାନେ ପିଲା ଓ ବୃଦ୍ଧବୃଦ୍ଧାଙ୍କ ଦାୟିତ୍ୱ ବୁଝନ୍ତି ଏବଂ ଜଳକଷ୍ଟ ଭିତରେ ଅତି ଦୁଃଖରେ କାଳାତିପାତ କରନ୍ତି। ମହିଳାମାନଙ୍କର ଅଧିକାଂଶ ସମୟ ପାଣି ସଂଗ୍ରହରେ ବିତେ ଏବଂ ସେମାନେ ଅନ୍ୟ କିଛି ଉତ୍ପାଦନ ଭିତ୍ତିକ କାମ କରିବାକୁ ଯଥେଷ୍ଟ ସମୟ ପାଆନ୍ତି ନାହିଁ। ଏହାର ପ୍ରତ୍ୟକ୍ଷ ପ୍ରଭାବ ଝିଅଙ୍କ ଶିକ୍ଷା ଉପରେ ପଡ଼େ। ଯେଉଁ ଝିଅମାନଙ୍କୁ ପାଣି ଆଣିବାକୁ ଯିବାକୁ ପଡ଼େ ନାହିଁ ସେମାନେ ମାଆଙ୍କ ଅନୁପସ୍ଥିତିରେ ଘର, ଭାଇଭଉଣୀ ଓ ପରିବାରର ବୟସ୍କ ସଦସ୍ୟଙ୍କ ଭଲମନ୍ଦ ବୁଝିବା ଦାୟିତ୍ୱ ତୁଲାନ୍ତି।

ସବୁ ଅପହଞ୍ଚ ଇଲାକାରେ ପାଣି ପହଞ୍ଚାଇବା ଏବଂ ଗ୍ରାମ୍ୟ ଜଳ ଯୋଗାଣ ଯୋଜନାର ସଫଳ ରୂପାୟନ ଉପରେ ସରକାର ଅଗ୍ରାଧିକାର ଦେଉଛନ୍ତି। ଜଳଯୋଗାଣକୁ ସାର୍ବଜନୀନ କରିବା ଲକ୍ଷ୍ୟରେ ସରକାର ନେଇଥିବା ବିଭିନ୍ନ କାର୍ଯ୍ୟକ୍ରମରେ ଏପର୍ଯ୍ୟନ୍ତ ସମଗ୍ର ଦେଶରେ ୩.୫ ନିୟୁତ ହାତପମ୍ପ ଓ ୧୧୬ ହଜାର ପାଇପଜଳ ଯୋଗାଣ ପ୍ରକଳ୍ପର ବ୍ୟବସ୍ଥା କରାଯାଇଛି। ଏହା ସତ୍ତ୍ୱେ ଦେଶର ବିଭିନ୍ନ ଭାଗରେ ଲୋକେ ପ୍ରତିବର୍ଷ ଜଳାଭାବର ସମ୍ମୁଖୀନ ହୁଅନ୍ତି। ଏଥିରୁ ଜଣାପଡ଼ୁଛି ଯେ ବିପୁଳ ଅର୍ଥ ବିନିଯୋଗ ସତ୍ତ୍ୱେ ଆମ ଜଳଯୋଗାଣ ବ୍ୟବସ୍ଥା ଲୋକଙ୍କ ଆବଶ୍ୟକତା ପୂରଣ ପାଇଁ ଯଥେଷ୍ଟ ହେଉନି।

ଭାରତରେ ଏମିତି ଅନେକ ଗାଁ ଅଛି ଯେଉଁଠି ଜଳଯୋଗାଣ ବ୍ୟବସ୍ଥା ଅତି ସ୍ୱଳ୍ପ କିମ୍ବା ଜଳଉତ୍ସ ଆଦୌ ନାହିଁ। ଆଖପାଖର

**ଜଳ ସଂଗ୍ରହ ପାଇଁ ରାଜସ୍ଥାନରେ ଅଧିକାଂଶ ମହିଳା ଓ ଝିଅ ବର୍ଷସାରା ଅସୁବିଧାର ସମ୍ମୁଖୀନ ହୁଅନ୍ତି। ପ୍ରଚଣ୍ଡ ଗ୍ରୀଷ୍ମରେ ସେମାନେ ଉତ୍ତପ୍ତ କଣ୍ଟକିତ ବିଲ ପାହାଡ଼ ରାସ୍ତାରେ ଖାଲି ପାଦରେ ଘଣ୍ଟା ଘଣ୍ଟା ପାଣି ସନ୍ଧାନରେ ଯାଇଥାନ୍ତି। ଅନେକ ସମୟରେ ସେମାନେ ପରିଷ୍କାର ପାଣି ନ'ପାଇ ଗୋଳିଆ, ଖାରିଆ ପାଣି ସଂଗ୍ରହ କରି ଘରକୁ ଫେରିବାକୁ ବାଧ ହୋଇଥାନ୍ତି। ତଥାପି ଘରେ ଅପେକ୍ଷା କରିଥିବା ତୃଷାର୍ତ୍ତ ପ୍ରିୟଜନଙ୍କ ଦ୍ୱାରା ସେଇ ପାଣିକୁ ସାଦରେ ଗ୍ରହଣ କରାଯାଏ। ଏକ ହିସାବ ଅନୁସାରେ ଜଣେ ଗ୍ରାମାଞ୍ଚଳ ମହିଳାଙ୍କୁ ପିଇବା ପାଣି ସଂଗ୍ରହ କରିବାକୁ ବର୍ଷକୁ ହାରାହାରି ୧୪୦୦୦ କିଲୋମିଟର ଚାଲିବାକୁ ପଡ଼ିଥାଏ। ଅର୍ଥାତ୍ ପାଣି ପାଇଁ ଦୈନିକ ୩୮ କିଲୋମିଟରରୁ ଅଧିକ ଯିବାଆସିବା କରିବାକୁ ହୁଏ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

**ମହାରାଷ୍ଟ୍ରରେ ମଧ୍ୟ ଜଳକଷ୍ଟ ଉଦ୍‌ବେଗଜନକ ହୋଇଛି । ରାଜ୍ୟର ଅନେକ ଗ୍ରାମରେ ସରକାରୀ ଜଳଭଣ୍ଡାରରୁ ଦୁଇ ପିମ୍ପା ଜଳ ବେଆଇନ ଭାବେ ସଂଗ୍ରହ କରିବା ପାଇଁ ଲୋକଙ୍କୁ ଅତିକମ୍‌ରେ ଦୈନିକ ୩ କିଲୋମିଟର ଯିବାକୁ ପଡୁଛି । ଆବଶ୍ୟକତା ପୂରଣ ପାଇଁ ଲୋକେ ଦିନକୁ ତିନିଥର ଜଳଭଣ୍ଡାରରୁ ପାଣି ଚୋରି କରିବାକୁ ବାଧ୍ୟ ହେଉଛନ୍ତି । ସରକାରୀ ଅନୁମତି ବିନା ଜଳଭଣ୍ଡାରରୁ ପାଣି ସଂଗ୍ରହକୁ ମହାରାଷ୍ଟ୍ର ସରକାର ନିଷିଦ୍ଧ କରିଛନ୍ତି । ଗ୍ରାମାଞ୍ଚଳକୁ ସରକାରୀ ପାନୀୟ ଜଳ ଟ୍ୟାଙ୍କର ପଠାଯାଉନାହିଁ । କେତେକ ସ୍ଥାନରେ ଦୁଇ ପିମ୍ପା ପାଣି ସଂଗ୍ରହ ପାଇଁ ମହିଳାଙ୍କୁ ପାଞ୍ଚ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ମୁଣ୍ଡରେ ପାଣି ମାଠିଆ ମୁଣ୍ଡାଇ ଦୀର୍ଘ ପଥ ଯାତ୍ରା କରିବା ଏବେ ମହାରାଷ୍ଟ୍ରରେ ସାଧାରଣ ଦୃଶ୍ୟ ପାଲଟିଛି ।**

ଅଢ଼େଇ କିଲୋମିଟର ଦୂରରେ ପାନୀୟ ଜଳଉତ୍ସ ନଥିବା ଗାଁଗୁଡ଼ିକୁ ଜଳ ସମସ୍ୟା ଥିବା ଗାଁ (ଜଳକ୍ଲିଷ୍ଟ ଗ୍ରାମ) ଭାବେ ବିବେଚନା କରାଯାଏ । ଏବେ ମଧ୍ୟ ଅନେକ ଗ୍ରାମୀଣ ଅଞ୍ଚଳରେ ପିଇବା ପାଣି ଉତ୍ସ ନିକଟରେ ପହଞ୍ଚିବାକୁ ମହିଳାଙ୍କୁ ଦୈନିକ ସର୍ବନିମ୍ନ ଅଢ଼େଇ କିଲୋମିଟର ଚାଲିବାକୁ ପଡ଼ିଥାଏ । ସେଠାରୁ ଓଜନିଆ ପାଣି ଭର୍ତ୍ତି ପାତ୍ର ମୁଣ୍ଡାଇ ଘରକୁ ଫେରିବା ପରେ ମହିଳାଙ୍କୁ ବିଶ୍ରାମ ମିଳିନଥାଏ । ସେମାନଙ୍କୁ ରୋଷେଇବାସ ଓ ଘରର ଅନ୍ୟାନ୍ୟ ଯାବତୀୟ ପାଇଟି କରିବାକୁ ପଡ଼ିଥାଏ । ପୁଣି ସଂଧ୍ୟାରେ ସେମାନଙ୍କୁ ପାଣି ସଂଗ୍ରହ କରିବାକୁ ହୁଏ । ଅତଏବ ଗ୍ରାମାଞ୍ଚଳର ମହିଳାଙ୍କ ଜୀବନ ଅତ୍ୟନ୍ତ ଜଂଜାଳମୟ ।

କେରଳର ପ୍ଲାଚିମାଡ଼ା, ଉତ୍ତରପ୍ରଦେଶର ରାଜାତଲାବ ଓ ରାଜସ୍ଥାନର କାଲାଡେରାରେ କେତେକ ବହୁଦେଶୀୟ କମ୍ପାନୀ ଦୈନିକ ନିୟୁତ ନିୟୁତ ଲିଟର ଭୂତଳ ଜଳ ଉତ୍ତୋଳନ କରୁଛନ୍ତି । ଏହାଦ୍ୱାରା ଆଖପାଖ ଅଞ୍ଚଳରେ ଭୂତଳଜଳ ଉତ୍ସ ନିଃଶେଷ ହୋଇ ଜଳ ଦୁର୍ଭିକ୍ଷ ଅବସ୍ଥା ସୃଷ୍ଟି ହୋଇଛି । କେରଳର ଅନ୍ୟ କେତେକ ଜିଲାରେ ମଧ୍ୟ ଜଳାଭାବ ସ୍ଥିତି ଉତ୍କଟ ଆକାର ଧାରଣ କରିଛି । କୋଟାୟାମ ଜିଲାର କେତେକ ଅଞ୍ଚଳରେ ଜଳସଂକଟ ଏତେ ଖରାପ ଯେ ସେଠାରେ ଲୋକେ ଆଗନ୍ତୁକଙ୍କୁ ପାଣି ଗିଲାସେ ଦେବାକୁ କୁଣ୍ଠିତ ହେଉଛନ୍ତି । ଏହି ଜିଲାର ଉପର କୁଟାଣ୍ଡୁ ଇଲାକାରେ ଖରାଦିନେ ଲୋକଙ୍କୁ ପିଇବା ପାଣି ସଂଗ୍ରହ ପାଇଁ ୩-୪ କିଲୋମିଟର ଦୂର ଯିବାକୁ ପଡୁଛି । ଜଳଯୋଗାଣ ବ୍ୟବସ୍ଥାରେ ଯାବତୀୟ ଅନିୟମିତତା ପରିସ୍ଥିତିକୁ ଉତ୍କଟ କରିଛି । ଟ୍ୟାପ ପାଖରେ ଘଣ୍ଟାଏକାଳ ଲମ୍ବାଧାଡ଼ିରେ ଛିଡ଼ା ହେବା ପରେ ମଧ୍ୟ ବାଲଟିଏ ପାଣି ମିଳିବା କଷ୍ଟ ।

ମହାରାଷ୍ଟ୍ରରେ ମଧ୍ୟ ଜଳକଷ୍ଟ ଉଦ୍‌ବେଗଜନକ ହୋଇଛି । ରାଜ୍ୟର ଅନେକ ଗ୍ରାମରେ ସରକାରୀ ଜଳଭଣ୍ଡାରରୁ ଦୁଇ ପିମ୍ପା ଜଳ ବେଆଇନ ଭାବେ ସଂଗ୍ରହ କରିବା ପାଇଁ ଲୋକଙ୍କୁ ଅତିକମ୍‌ରେ ଦୈନିକ ୩ କିଲୋମିଟର ଯିବାକୁ ପଡୁଛି । ଆବଶ୍ୟକତା ପୂରଣ ପାଇଁ ଲୋକେ ଦିନକୁ ତିନିଥର ଜଳଭଣ୍ଡାରରୁ ପାଣି ଚୋରି କରିବାକୁ ବାଧ୍ୟ ହେଉଛନ୍ତି । ସରକାରୀ ଅନୁମତି ବିନା ଜଳଭଣ୍ଡାରରୁ ପାଣି ସଂଗ୍ରହକୁ ମହାରାଷ୍ଟ୍ର ସରକାର ନିଷିଦ୍ଧ କରିଛନ୍ତି । ଗ୍ରାମାଞ୍ଚଳକୁ ସରକାରୀ ପାନୀୟ ଜଳ ଟ୍ୟାଙ୍କର ପଠାଯାଉନାହିଁ । କେତେକ ସ୍ଥାନରେ ଦୁଇ ପିମ୍ପା ପାଣି ସଂଗ୍ରହ ପାଇଁ ମହିଳାଙ୍କୁ ପାଞ୍ଚ ଟଙ୍କା ଖର୍ଚ୍ଚ କରିବାକୁ ପଡୁଛି । ମୁଣ୍ଡରେ ପାଣି ମାଠିଆ ମୁଣ୍ଡାଇ ଦୀର୍ଘ ପଥ ଯାତ୍ରା କରିବା ଏବେ ମହାରାଷ୍ଟ୍ରରେ ସାଧାରଣ ଦୃଶ୍ୟ ପାଲଟିଛି । ମହାରାଷ୍ଟ୍ରରେ ଉଭୟ ଜଳାଭାବ ଓ ଜଳବହୁଳତା ଜନିତ ସମସ୍ୟାର ବୋଝ ମହିଳାମାନେ ହିଁ ବହନ କରିଥାନ୍ତି ।

ଡ୍ୟାମ୍ ନିର୍ମାଣ ଓ ଜଳସେଚନ ପ୍ରକଳ୍ପ ଫଳରେ କିଛି ଇଲାକା ଉପକୃତ ହୋଇଥିବାବେଳେ ଆଉ କେତେକ ଅଞ୍ଚଳରେ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହୋଇଛନ୍ତି । ପ୍ରକଳ୍ପ ଯୋଗୁଁ ଭିଟାମାଟି ହରାଇ ପୁନଃ ଥଇଥାନ ହୋଇଥିବା ଲୋକଙ୍କ ପାଇଁ ଜଳ ଏକ ସ୍ୱପ୍ନ ପାଲଟି ଯାଇଛି । ଏହାର ସବୁଠୁ ଅଧିକ ପ୍ରଭାବ ପଡ଼ିଛି ମହିଳାଙ୍କ ଉପରେ । ଉତ୍ତର ମହାରାଷ୍ଟ୍ରର ନନ୍ଦୁରବାର ଜିଲାର ମହିଳା କହନ୍ତି ପାଣି ସଂଗ୍ରହ କଥା ଛାଡ଼ନ୍ତୁ ଆମେ ଶୋଷ ମେଣ୍ଟାଇବା ପାଇଁ ଝରଣା ଓ ଜଳଧାରଟିଏ ଖୋଜିବାରେ ସାରାଦିନ ବିତିଯାଉଛି । ବୋହୂ ହୋଇ ଆସିଥିବା ଅନେକ ମହିଳାଙ୍କ ବାଳ ଏବେ ପାଚିଗଲାଣି ; ତଥାପି ଏପର୍ଯ୍ୟନ୍ତ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ସେମାନଙ୍କ ଜଳ ଅନ୍ୱେଷଣ ଶେଷ ହୋଇନାହିଁ। ମାଟି ଓ ପ୍ରକୃତିର ସୁରକ୍ଷା ନେଇ ଆମେ ଆମର କର୍ତ୍ତବ୍ୟର ଉଲ୍ଲଙ୍ଘନ କରିଛୁ। ପ୍ରକୃତି ଉପରେ ହୋଇଥିବା ଅତ୍ୟାଚାରର ପ୍ରଭାବ ଏବେ ମଣିଷ ପାଇଁ ଏକ ଆପତକାଳୀନ ସ୍ଥିତିକୁ ରୂପାନ୍ତରିତ ହୋଇଛି। ମହାରାଷ୍ଟ୍ରର ମରାଠାୱାଡ଼ା ଅଞ୍ଚଳରେ ଏହାର ଜ୍ୱଳନ୍ତ ପରିପ୍ରକାଶ ଘଟିଛି। ଏଥର ନାସିକରେ ଗୋଦାବରୀ ନଦୀ ଶୁଖିଗଲା। କୁମ୍ଭମେଳା ଅବସରରେ ବୁଡ଼ ପକାଇବାକୁ ଆସୁଥିବା ଅଗଣିତ ଶ୍ରଦ୍ଧାଳୁଙ୍କ ପାଇଁ ଉଦ୍ଦିଷ୍ଟ ରାମକୁଣ୍ଡରେ ପାଣି ନଥିଲା। ଲାଟୁରରେ ଜଳସଂକଟ ଏତେ ଉତ୍କଟ ହେଲା ଯେ ସହରରେ ଜିଲାପାଳଙ୍କୁ ୧୪୪ ଧାରା ଜାରି କରିବାକୁ ପଡ଼ିଲା। ଜଳଉତ୍ସ, ପାଣି ଟାଙ୍କି ଓ ପାଣିକଳ ପାଖରେ ୧୦ରୁ ଅଧିକ ଲୋକଙ୍କ ଉପସ୍ଥିତିକୁ ବେଆଇନ୍ ଘୋଷଣା କରିବାକୁ ପଡ଼ିଲା। ଆଇନ ଶୃଙ୍ଖଳା ବିପନ୍ନ ହେବାର ସମ୍ଭାବନା ଦେଖାଦେବାରୁ ଜିଲାପ୍ରଶାସନ ସହରରେ ୧୫୦ କୂପ ଓ ନଳକୂପର ଦାୟିତ୍ୱ ନିଜ ହାତକୁ ନେଇଥିଲେ। ଲାଟୁର ସହରର ଜନସଂଖ୍ୟା ୪.୫ ଲକ୍ଷ। ଯେଉଁ ଜଳଭଣ୍ଡାରରୁ ସହରକୁ ପାଣି ଯୋଗାଇ ଦିଆଯାଉଥିଲା ତାହା ୨୦୧୬ ମାର୍ଚ୍ଚରେ ସମ୍ପୂର୍ଣ୍ଣ ଶୁଖିଯିବାରୁ ଏଭଳି ଅବସ୍ଥା ସୃଷ୍ଟି ହୋଇଛି।

ବୁନ୍ଦେଲଖଣ୍ଡ ଅଞ୍ଚଳରେ ମୁଣ୍ଡରେ ପାଣି ସଂଗ୍ରହ ମହିଳାମାନଙ୍କର ସାରା ଦିନର ମୁଖ୍ୟ କାମ। ଏହି ଅଞ୍ଚଳରେ ଏକ ଲୋକ କଥା ଅଛି ଯାହାର ଅନୁବାଦ ମୋଟାମୋଟି ଏହିଭଳି - "ସ୍ୱାମୀ ପଛେ ମରୁ, ପାଣି ମାଠିଆ ନ'ଭାଙ୍ଗୁ।" ଏଥିରୁ ସେ ଅଞ୍ଚଳର ଜଳକଷ୍ଟର ଭୟାବହତା ସହଜେ ଅନୁମେୟ। ଚିତ୍ରକୂଟ ଜିଲାର ପଠାରେ ଜଳସମସ୍ୟା ଅତି ଉତ୍କଟ। ଏଠାରେ ପାନୀୟଜଳ ସଂଗ୍ରହରେ ମହିଳାଙ୍କ ଅଧା ସମୟ ବିତେ। ଏହା ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ପିଲାପିଲିଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ଜଳ ସମସ୍ୟାର ମୁକାବିଲା କରୁକରୁ ଅଧିକାଂଶ ସମୟ କଟୁଥିବାରୁ ଘରର ଅନ୍ୟାନ୍ୟ ଧନ୍ଦା ପାଇଟି ପାଇଁ ମହିଳାଙ୍କୁ ବେଳ ମିଳୁନାହିଁ।

ସଂକ୍ଷେପରେ ପ୍ରାୟ ୧୫୦ ନିୟୁତ ମହିଳା ଶ୍ରମ ଦିବସ ଏବଂ ୧୦୦୦କୋଟି ଟଙ୍କା କେବଳ ଜଳ ସଂଗ୍ରହରେ ବ୍ୟୟ ହେଉଛି।

ପରିସର ଓ ମାତ୍ରା ଅନୁସାରେ ଭାରତ ପାଇଁ ଏବେ ଜଳ ସବୁଠୁ ବଡ଼ ସଂକଟ। ପ୍ରତ୍ୟେକ ତିନିଜଣରେ ଜଣେ ଏବେ ଜଳାଭାବର ସମ୍ମୁଖୀନ। ୨୦୧୬ ମରୁଡ଼ି ଯୋଗୁଁ ୩୩କୋଟି ଭାରତୀୟ ପ୍ରଭାବିତ ହୋଇଛନ୍ତି। ଏପରିକି ଚେନ୍ନଇ, ବେଙ୍ଗାଲୁରୁ, ଶିମଳା ଓ ଦିଲ୍ଲୀରେ ପାଣି ଯୋଗାଣରେ କଟକଣା ଲଗାଯାଇ ସୀମିତ ପରିମାଣରେ (ରାଶନିଂ) ଲୋକଙ୍କୁ ଯୋଗାଇ ଦିଆଯାଉଛି। ଜଳାଭାବ ଯୋଗୁଁ ଭାରତର ଖାଦ୍ୟ ନିରାପତ୍ତା ପ୍ରତି ବିପଦ ଦେଖାଦେଇଛି। କୋଟି କୋଟି ଲୋକଙ୍କ ଜୀବନଜୀବିକା ଏବେ ବିପନ୍ନ। ସମଗ୍ର ସହର ଭାରତ ଜଳ ପାଇଁ ଚିତ୍କାର କରୁଛି। ଦୂରଦୂରାନ୍ତରୁ ଟ୍ରେନ୍‌ରେ ୱାଗନ ୱାଗନ ଜଳ ସଂଗ୍ରହ କରାଯାଇ ସହରାଞ୍ଚଳକୁ ପଠାଯାଉଛି। ସାମୟିକ ଭାବେ ଏହି ବ୍ୟବସ୍ଥା ଦ୍ୱାରା କେବଳ ପାନୀୟ ଜଳ ସଂକଟ ସ୍ଥିତିକୁ କେତେକ ସ୍ଥାନରେ ଟାଳି ହେବ ସିନା ଜଳ ସଂକଟର ସ୍ଥାୟୀ ସମାଧାନରେ ଏହା ସାହାଯ୍ୟ କରିବ ନାହିଁ। ଜଳ ଉପଲବ୍ଧତା ବୃଦ୍ଧି ପାଇଁ ଭୂପୃଷ୍ଠ ଜଳର ସଂରକ୍ଷଣ ଓ ଭୂତଳ ଜଳଉତ୍ସର ପୁନଃ ଭରଣା କରାଯିବା ଆବଶ୍ୟକ। ସବୁଠୁ ବଡ଼ କଥା ହେଲା ସର୍ବାଧିକ ଜଳ ବ୍ୟବହୃତ ହେଉଥିବା କୃଷି କ୍ଷେତ୍ରରେ ଚାଷ ପ୍ରଣାଳୀର ପରିବର୍ତ୍ତନ କରିବା। ୧୯୮୦

**ବୁନ୍ଦେଲଖଣ୍ଡ ଅଞ୍ଚଳରେ ମୁଣ୍ଡରେ ପାଣି ସଂଗ୍ରହ ମହିଳାମାନଙ୍କର ସାରା ଦିନର ମୁଖ୍ୟ କାମ। ଏହି ଅଞ୍ଚଳରେ ଏକ ଲୋକ କଥା ଅଛି ଯାହାର ଅନୁବାଦ ମୋଟାମୋଟି ଏହିଭଳି - "ସ୍ୱାମୀ ପଛେ ମରୁ, ପାଣି ମାଠିଆ ନ'ଭାଙ୍ଗୁ।" ଏଥିରୁ ସେ ଅଞ୍ଚଳର ଜଳକଷ୍ଟର ଭୟାବହତା ସହଜେ ଅନୁମେୟ। ଚିତ୍ରକୂଟ ଜିଲାର ପଠାରେ ଜଳସମସ୍ୟା ଅତି ଉତ୍କଟ। ଏଠାରେ ପାନୀୟଜଳ ସଂଗ୍ରହରେ ମହିଳାଙ୍କ ଅଧା ସମୟ ବିତେ। ଏହା ଫଳରେ ସେମାନଙ୍କ ସ୍ୱାସ୍ଥ୍ୟ ଓ ପିଲାପିଲିଙ୍କ ସ୍ୱାସ୍ଥ୍ୟ ପ୍ରଭାବିତ ହେଉଛି। ଜଳ ସମସ୍ୟାର ମୁକାବିଲା କରୁକରୁ ଅଧିକାଂଶ ସମୟ କଟୁଥିବାରୁ ଘରର ଅନ୍ୟାନ୍ୟ ଧନ୍ଦା ପାଇଟି ପାଇଁ ମହିଳାଙ୍କୁ ବେଳ ମିଳୁନାହିଁ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଦଶକରେ ମୁଁ ଯୋଜନା ଆୟୋଗଙ୍କୁ ମହାରାଷ୍ଟ୍ରର ପାନୀୟଜଳ ସଂକଟ ନେଇ ଏକ ପ୍ରଶ୍ନ ପଚାରିଥିଲି । ପ୍ରଶ୍ନଟି ଥିଲା ମହାରାଷ୍ଟ୍ର ସରକାର ପାନୀୟ ଜଳ ପାଇଁ ବଜେଟ ବ୍ୟବସ୍ଥା ବୃଦ୍ଧି କରିବାକୁ ଯେଉଁ ଅନୁରୋଧ ବାରମ୍ବାର କରୁଛନ୍ତି ତାହା ପୂରଣ ହେବା ସତ୍ତ୍ୱେ ରାଜ୍ୟର ଜଳସଂକଟର ସମାଧାନ କାହିଁକି ହେଉନାହିଁ ? ମୋ ଗବେଷଣାରୁ ମିଳିଥିବା ତଥ୍ୟ ଅନୁସାରେ ୧୯୭୨ର ମରୁଡ଼ି ସ୍ଥିତିକୁ ଅନୁଧ୍ୟାନ କରି ବିଶ୍ୱବ୍ୟାଙ୍କ ମହାରାଷ୍ଟ୍ରରେ ଆଖୁ ଚାଷ କରିବାକୁ ପ୍ରୋତ୍ସାହିତ କରିଥିଲା । ଏହା ଫଳରେ ପ୍ରଚୁର ପାଣି ଲୋଡୁଥିବା ଏହି ଆଖୁଚାଷ ପାଇଁ ରାଜ୍ୟରେ ସଘନ ସେଚ ବ୍ୟବସ୍ଥାରେ ଅସଂଖ୍ୟ ନଳକୂପ ଓ ଗଭୀର ନଳକୂପ ବସାଯାଇଥିଲା । ୧୯୬୫ର ମରୁଡ଼ି ପରେ ସବୁଜ ବିପ୍ଳବ ପାଇଁ ଦେଶର ଉତ୍ତରାଞ୍ଚଳରେ ଠିକ୍ ଏହି ଢଙ୍ଗରେ ଭୂତଳଜଳର ମନଇଚ୍ଛା ବ୍ୟବହାର ହୋଇଥିଲା ।

ମରାଠାୱାଡ଼ା ପଶ୍ଚିମଘାଟର ବୃଷ୍ଟିଛାୟା ପାର୍ଶ୍ୱରେ ଅବସ୍ଥିତ । ଏହି ଅଞ୍ଚଳରେ ହାରାହାରି ବାର୍ଷିକ ବୃଷ୍ଟିପାତ ପରିମାଣ ୬୦୦ ରୁ ୭୦୦ ମିଲିମିଟର । ପଶ୍ଚିମଘାଟ ପାଦଦେଶର କଠିନ ପଥର ଶଯ୍ୟା ଭେଦ କରି ଏହି ବର୍ଷା ପାଣି ମଧ୍ୟରୁ ମାତ୍ର ୧୦ ଶତାଂଶ ଭୂତଳକୁ ପ୍ରବେଶ କରିଥାଏ । ଅବଶିଷ୍ଟ ବୋହିଯାଇଥାଏ । ଆଖୁ ୧୨୦୦ ମିଲିମିଟର ବର୍ଷା ଆବଶ୍ୟକ କରେ । ବାର୍ଷିକ ଭୂତଳ ଜଳଉତ୍ସ ପୁନଃ ଭରଣା ହେବା ପରିମାଣର ଏହା ୨୦ ଗୁଣ ଅଧିକ । ଅତଏବ ସ୍ୱାଭାବିକ ବର୍ଷା ସତ୍ତ୍ୱେ ଭୂତଳରୁ ଯେତେବେଳେ ତାହାର କ୍ଷମତାଠାରୁ ୨୦ଗୁଣ ଅଧିକ ଜଳ ଉତ୍ତୋଳିତ ହୁଏ ସେତେବେଳେ ଜଳ ଦୁର୍ଭିକ୍ଷ ଅପରିହାର୍ଯ୍ୟ ହୋଇପଡ଼େ ।

୧୯୯୫ ରୁ ୩ ଲକ୍ଷରୁ ଅଧିକ ଚାଷୀ ଆତ୍ମହତ୍ୟା କରିଛନ୍ତି । ସେଥିମଧ୍ୟରୁ ଅଧିକାଂଶ ବିଟି କଟନ (ତୂଳା) ଚାଷ ହେଉଥିବା ଇଲାକାର ଚାଷୀ । ୨୦୧୫ ଜାନୁୟାରୀରୁ ଡିସେମ୍ବର ମଧ୍ୟରେ ମହାରାଷ୍ଟ୍ରରେ ୩୨୨୮ ଚାଷୀ ଆତ୍ମହତ୍ୟା କରିଛନ୍ତି । ସେଥିମଧ୍ୟରୁ ବିଦର୍ଭରେ ୧୫୩୬, ମରାଠାୱାଡ଼ାରେ ୧୫୫୪ । ୨୦୦୧-୦୨ରେ ଯେତେବେଳେ ବ୍ୟବସାୟିକ ବିଟି କଟନ ଚାଷ ଅନୁମୋଦିତ ହୋଇ ନଥିଲା ସେତେବେଳ ମହାରାଷ୍ଟ୍ରରେ ମୋଟ ୦.୮୯ ହେକ୍ଟର ଜମିରେ କପା ଚାଷ କରାଯାଉଥିଲା । ବର୍ଷକ ମଧ୍ୟରେ, ୨୦୦୩-୦୪ ଓ ୨୦୦୪-୦୫ରେ ମରାଠାୱାଡ଼ାରେ ବିଟି କଟନ୍ ଚାଷ ପରିମାଣ ଏଗାରଗୁଣ ବୃଦ୍ଧି ପାଇ ୧୦ଲକ୍ଷ ହେକ୍ଟରରେ ପହଞ୍ଚିଲା । ପରବର୍ତ୍ତୀ ଦଶକରେ ଏହି ଚାଷ ପରିମାଣ ୧୮.୩୮୬ ଲକ୍ଷ ହେକ୍ଟରକୁ ବୃଦ୍ଧିପାଇଲା ।

ହାଇବ୍ରିଡ୍ ବିଟି କଟନ୍ ଚାଷ ବିଦର୍ଭ ଓ ମରାଠାୱାଡ଼ା ଅଞ୍ଚଳ ପାଇଁ ଅନୁକୂଳ ନୁହେଁ । ଏହା ଅଧିକ ପାଣି ଲୋଡୁଥିବାରୁ ନିଶ୍ଚିତ ସେଚ ବ୍ୟବସ୍ଥାର ଅଭାବରେ ଚାଷ କ୍ଷତିଗ୍ରସ୍ତ ହୋଇଥାଏ । ଏକଥା ଏହି କପା ମଂଜି ପ୍ରସ୍ତୁତି ଓ ବିପଣନ କରୁଥିବା ମସାଣ୍ଟୋ କମ୍ପାନୀ ଚାଷୀଙ୍କୁ ଜଣାଏ ନାହିଁ । ଏହି କପାର ଆଉ ଏକ ଖରାପଗୁଣ ହେଲା ଏହା ଜମିର ଉପକାରୀ ତତ୍ତ୍ୱକୁ ନଷ୍ଟ କରିବା ସହ ଅସାର କରିଦିଏ । ଫଳରେ ମାଟି ବନ୍ଧ୍ୟା ପାଲଟେ । ବିଟି କଟନ ଚାଷ ଯୋଗୁଁ ମାଟିରେ ମିଶୁଥିବା ବିଷାକ୍ତ ଉପାଦାନ ଦ୍ୱାରା ୫୦ ଶତାଂଶ ଚାଷ ଜମି ଅନୁର୍ବର ହେଉଥିବା ଆମ ଗବେଷଣାରୁ ଜଣାପଡ଼ିଛି । ଅପର ପକ୍ଷରେ ଜୱାର ଭଳି ଫସଲ ଚାଷ ଫଳରେ ମାଟିର ଉର୍ବରତା ବୃଦ୍ଧି ପାଇଥାଏ ।

ବିଟି କଟନ ଚାଷ ଯୋଗୁଁ ଜୱାର ଚାଷର ପରିମାଣ କମିଛି ଏବଂ ଏହା ଶେଷରେ ମହାରାଷ୍ଟ୍ରର ବ୍ୟାପକ ଅଞ୍ଚଳରେ ମରୁଡ଼ିର କାରଣ ପାଲଟିଛି । ଜୱାର ମାତ୍ର ୨୫୦ ମିଲିମିଟର ଜଳ ଆବଶ୍ୟକ କରେ ଏବଂ ମରୁଡ଼ି ମୁକାବିଲା ପାଇଁ ଏହି ଚାଷ ସର୍ବୋତ୍କୃଷ୍ଟ । ଏହା ମଧ୍ୟ ଚାଷୀଙ୍କୁ ଖାଦ୍ୟ ଯୋଗାଇଥାଏ । ଚାଷରେ ଏହି ପରିବର୍ତ୍ତନ ମହାରାଷ୍ଟ୍ରର ଦୁଃଖ ପାଲଟିଛି । ପୂର୍ବରୁ ଚାଷୀ ଜୱାର ସହିତ ଗହମ, ବିଭିନ୍ନ ଡାଲିଜାତୀୟ ଫସଲ ଚାଷ କରି ନିଜର ଗୁଜୁରାଣ ମେଣ୍ଟାଉଥିଲେ । ମାତ୍ର ବ୍ୟାପକ ବିଟି କଟନ ଚାଷ ମହାରାଷ୍ଟ୍ରର କୃଷି ବ୍ୟବସ୍ଥାକୁ ବିପର୍ଯ୍ୟସ୍ତ କରିଦେଇଛି । ୧୯୮୪ର ମରୁଡ଼ି ବେଳେ ଉତ୍ତର କର୍ଣ୍ଣାଟକର ଜଣେ ଚାଷୀ ମୋତେ ଥରେ କହିଥିଲେ "ମୋତେ ପୁରୁଣା ଜୱାର ବିହନ ଦିଅ, ମୁଁ ମରୁଡ଼ିକୁ ହଟାଇଦେବି" ।

ଜୱାର ଭଳି ପାରମ୍ପରିକ ଫସଲ ଚାଷ ଫଳରେ ମାଟିରି ବତର ଅଧିକ ରହେ ଓ ଜମିର ଜଳଧାରଣ ଶକ୍ତି ବଢ଼େ । ଜଳବାୟୁ ପରିବର୍ତ୍ତନ ଓ ବର୍ଷାଭାବ ଭଳି ପରିସ୍ଥିତିରେ ଦୈନିକ ସାର, ଖତର ବ୍ୟବହାର ଓ ଦେଶୀ ପାରମ୍ପରିକ ବିହନର ବ୍ୟବହାର ପରିସ୍ଥିତିର ମୁକାବିଲା ପାଇଁ ଏକମାତ୍ର ଗ୍ରହଣଯୋଗ୍ୟ ପନ୍ଥା । ଏହାଦ୍ୱାରା କ୍ଷୁଧା ଓ ଅପପୁଷ୍ଟିକୁ ରୋକାଯାଇପାରିବ ।

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଅତଏବ ଯେଉଁ ଫସଲ ଓ ଚାଷ ଆମ ଜମି, ଜଳ, ପରିବେଶ ଓ ଚାଷୀଙ୍କୁ ହତ୍ୟା କରୁଛି ସେଭଳି ଚାଷଠାରୁ ଦୂରେଇ ରହିବା ଆବଶ୍ୟକ। ଏହି କ୍ଷତିକାରୀ ଚାଷ ଏକ ଜରୁରୀକାଳୀନ ସ୍ଥିତି ସୃଷ୍ଟି କରିଛି। ଏହାର ନିରାକରଣ ଲୋଡ଼ା।

ମହିଳାମାନଙ୍କ ଉପରେ ଜଳାଭାବର ବୋଝ ସର୍ବାଧିକ ପଡୁଥିବା ବେଳେ ଜଳର ଉପଯୋଗ ଓ ପରିଚାଳନା ସଂକ୍ରାନ୍ତ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିରୁ ସେମାନଙ୍କୁ ବାଦ ଦିଆଯାଉଛି। ଆନ୍ତର୍ଜାତିକ ବାଣିଜ୍ୟ ପ୍ରତିଷ୍ଠାନ ଓ ବହୁରାଷ୍ଟ୍ରୀୟ ସଂସ୍ଥାମାନେ ଏ କ୍ଷେତ୍ରରେ ମହିଳାମାନଙ୍କ ପ୍ରତି ଅଧିକ ବାଛବିଚାର କରୁଛନ୍ତି। ବୃହତ୍ ଜଳ ପ୍ରକଳ୍ପଗୁଡ଼ିକ ଅଧିକାଂଶ ସ୍ଥଳରେ କ୍ଷମତାଶାଳୀଙ୍କ କାମରେ ଲାଗୁଛି ଓ ତାହାର ନିର୍ମାଣ ପାଇଁ ଗରିବ ଲୋକଙ୍କୁ ବାସଚ୍ୟୁତ କରାଯାଉଛି। ସରକାରୀ ଅର୍ଥରେ ନିର୍ମିତ ହେଉଥିବା ଏହି ସବୁ ଡ୍ୟାମ ପ୍ରକଳ୍ପଦ୍ୱାରା ମୁଖ୍ୟତଃ ନିର୍ମାଣକାରୀ କମ୍ପାନୀ, ଶିଳ୍ପ ସଂସ୍ଥା ଓ ବ୍ୟାବସାୟିକ ଭିତ୍ତିରେ ଚାଷ କରୁଥିବା ଧନୀ ଚାଷୀ ଉପକୃତ ହେଉଛନ୍ତି। ଜଳ ନୀତି ନିର୍ଦ୍ଧାରଣରେ ରାଷ୍ଟ୍ରର ହସ୍ତକ୍ଷେପ ବୃଦ୍ଧି ପାଉଥିବାବେଳେ ସାଧାରଣ ଲୋକଙ୍କ ସ୍ୱାର୍ଥକୁ ଗୁରୁତ୍ୱ ଦିଆଯାଉନାହିଁ। ଜଳ ସମ୍ପଦ ଉପରୁ ଗୋଷ୍ଠୀ ବା ଜନସମୁଦାୟର ନିୟନ୍ତ୍ରଣ କ୍ରମଶଃ ହ୍ରାସ ପାଉଛି। ଜଳଯୋଗାଣକାରୀ ଶବ୍ଦ ଯାହା ମହିଳାଙ୍କ ପ୍ରତି ପ୍ରଯୁଜ୍ୟ ହେବା କଥା ତାହା ଏବେ ପ୍ରଭାବଶାଳୀଙ୍କ ପ୍ରତି ପ୍ରଯୁଜ୍ୟ ହୋଇଛି। ସେମାନେ ଲୋକଙ୍କ ଜଳଉତ୍ସକୁ ନିଜ ନିୟନ୍ତ୍ରଣକୁ ନେଇ ଲୋକଙ୍କୁ ତାହା ବିକ୍ରି କରୁଛନ୍ତି। ଜଳଦାତା ସାଜିଥିବା ଏହି ପ୍ରଭାବଶାଳୀ ଓ ସମ୍ବଳବାନମାନେ ଏବେ ଜଳବେପାରି ଓ ଲାଭକାରୀ। ଏଭଳି ବ୍ୟବସ୍ଥାରେ ମହିଳାଙ୍କ ଜଳଦୁଃଖ ଯଥେଷ୍ଟ ବଢ଼ିଯାଇଛି।

ମହିଳାଙ୍କ ଜଳଜାତନାର ଅବସାନ ପାଇଁ ନିମ୍ନ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ସେସବୁ ହେଲା ଜଳସଂରକ୍ଷଣ କ୍ଷେତ୍ରରେ ପାରମ୍ପରିକ ବ୍ୟବସ୍ଥାର ପୁନରୁଦ୍ଧାର, ବର୍ଷା ଜଳ ଅମଳ ବ୍ୟବସ୍ଥା, ଚାଷ ଓ ଫସଲ ପ୍ରଣାଳୀରେ ପରିବର୍ତ୍ତନ, ସହରାଞ୍ଚଳରେ ଜଳସଂକଟର ମୁକାବିଲା ପାଇଁ ସରକାରୀ-ବେସରକାରୀ ଅଂଶୀଦାର ବ୍ୟବସ୍ଥା, ଜଳ ଘରୋଇକରଣର ଅବସାନ, ଉଚିତ ଜଳସଂରକ୍ଷଣ ବ୍ୟବସ୍ଥା ଗ୍ରହଣ, ଜଳ ପରିଚାଳନାରେ ସରକାରୀ ଓ ବେସରକାରୀ ସଂଗଠନକୁ ସାମିଲ କରିବା, ଗୋଷ୍ଠୀ ଜଳଉତ୍ସ ଉପରେ ମହିଳାଙ୍କୁ ନିୟନ୍ତ୍ରଣ ଅଧିକାର ଏବଂ ମହିଳାଙ୍କୁ ସର୍ବାଗ୍ରେ ରଖି ଭବିଷ୍ୟତର ସମସ୍ତ ଜଳ ନୀତି ପ୍ରସ୍ତୁତ କରିବା।

ଜଳ ସମ୍ପଦର ଘରୋଇକରଣ ଓ ଜଗତୀକରଣ ନୀତି ତଥା ଜଳଉତ୍ତୋଳନରେ ଆଧୁନିକ ଯନ୍ତ୍ରପାତିର ଉପଯୋଗ ଫଳରେ ଜଳଉପରେ ସାଧାରଣ ଲୋକଙ୍କ ଅଧିକାର ସଂକୁଚିତ ହୋଇଛି। ଏହା ଏକ ଗୁରୁତର ପ୍ରସଙ୍ଗ। ଜଳ ଉପରେ ସାଧାରଣ ମଣିଷ ଓ ଜନଗୋଷ୍ଠୀର ଅଧିକାର ପ୍ରଥମ ଏବଂ ଅଲଂଘନୀୟ। ସେମାନଙ୍କୁ ବଞ୍ଚିତ କରି ଜଳକୁ ଅନ୍ୟମାନେ ମନଇଚ୍ଛା ନେଇପାରିବେ ନାହିଁ। ଜଳ ଗଣତନ୍ତ୍ର ନ'ଟି ବିଷୟ ଉପରେ ଗୁରୁତ୍ୱ ଦିଏ। ସେଗୁଡ଼ିକ ହେଲା ୧) ଜଳ ପ୍ରକୃତିର ଦାନ। ପ୍ରକୃତି ଏହା ଆମକୁ ମାଗଣାରେ ଯୋଗାଉଥିବାରୁ ଆମେ ଏହାକୁ ଆମର ଆବଶ୍ୟକତା ଅନୁସାରେ ବ୍ୟବହାର କରିବା ଏବଂ ଅପଚୟ କରିବା ନାହିଁ। ୨) ଜୀବନ ପାଇଁ ଜଳ ଅପରିହାର୍ଯ୍ୟ। ତେଣୁ ପୃଥିବୀର ଜୀବଜଗତ ଓ ବୃକ୍ଷଲତା ସମସ୍ତଙ୍କର ପାଣି ଉପରେ ସମାନ ଅଧିକାର ରହିବା ଆବଶ୍ୟକ। ୩) ଜୀବନ ଜଳଦ୍ୱାରା ଆନ୍ତଃସଂଯୁକ୍ତ। ତେଣୁ ଏହି ସଂଯୋଗ

**ମହିଳାଙ୍କ ଜଳଜାତନାର ଅବସାନ ପାଇଁ ନିମ୍ନ ପ୍ରସ୍ତାବଗୁଡ଼ିକୁ କାର୍ଯ୍ୟକାରୀ କରାଯିବା ଆବଶ୍ୟକ। ସେସବୁ ହେଲା ଜଳସଂରକ୍ଷଣ କ୍ଷେତ୍ରରେ ପାରମ୍ପରିକ ବ୍ୟବସ୍ଥାର ପୁନରୁଦ୍ଧାର, ବର୍ଷା ଜଳ ଅମଳ ବ୍ୟବସ୍ଥା, ଚାଷ ଓ ଫସଲ ପ୍ରଣାଳୀରେ ପରିବର୍ତ୍ତନ, ସହରାଞ୍ଚଳରେ ଜଳସଂକଟର ମୁକାବିଲା ପାଇଁ ସରକାରୀ-ବେସରକାରୀ ଅଂଶୀଦାର ବ୍ୟବସ୍ଥା, ଜଳ ଘରୋଇକରଣର ଅବସାନ, ଉଚିତ ଜଳସଂରକ୍ଷଣ ବ୍ୟବସ୍ଥା ଗ୍ରହଣ, ଜଳ ପରିଚାଳନାରେ ସରକାରୀ ଓ ବେସରକାରୀ ସଂଗଠନକୁ ସାମିଲ କରିବା, ଗୋଷ୍ଠୀ ଜଳଉତ୍ସ ଉପରେ ମହିଳାଙ୍କୁ ନିୟନ୍ତ୍ରଣ ଅଧିକାର ଏବଂ ମହିଳାଙ୍କୁ ସର୍ବାଗ୍ରେ ରଖି ଭବିଷ୍ୟତର ସମସ୍ତ ଜଳ ନୀତି ପ୍ରସ୍ତୁତ କରିବା।**

ଯେପରି ଛିନ୍ନ ବା ବ୍ୟାହତ ନହୁଏ ସେଥିପ୍ରତି ଦୃଷ୍ଟି ଦେବାକୁ ପଡ଼ିବ । ୪) ଜଳ ବିକ୍ରି ପାଇଁ ନୁହେଁ । ଏହା ପ୍ରକୃତିର ଦାନ ହୋଇଥିବାରୁ ଏହାର କ୍ରୟବିକ୍ରୟ ଏବଂ ବ୍ୟକ୍ତିଗତ ଲାଭ ପାଇଁ ଉପଯୋଗ ଅନୁଚିତ । ଜଳ ଉପରେ ଅଧିକାରର ଉଲ୍ଲଙ୍ଘନ ମାନବାଧିକାର ଉଲ୍ଲଙ୍ଘନ । ୫) ଜଳ ସୀମିତ ଓ ସୁରକ୍ଷା ଲୋଡ଼େ । ଜଳ ସୀମିତ ହୋଇଥିବାରୁ ଏହାର ଅପବ୍ୟବହାର ଓ ଅପଚୟ ଗ୍ରହଣୀୟ ନୁହେଁ । ଦୁରୁପଯୋଗ ଦ୍ୱାରା ଏହା ନିଃଶେଷ ହୋଇଯାଇପାରେ । ୬) ଜଳ ସଂରକ୍ଷଣ ଅପରିହାର୍ଯ୍ୟ । ଜଳ ସୀମିତ ଓ ମୂଲ୍ୟବାନ ହୋଇଥିବାରୁ ଏହାର ସଂରକ୍ଷଣ ଏବଂ ସୁରକ୍ଷା ଲୋଡ଼ା । ୭) ଜଳ ସର୍ବସାଧାରଣ ସମ୍ପତ୍ତି । ଜଳକୁ ମଣିଷ ତିଆରି କରିନାହିଁ । ଏହାର ସୀମା ସରହଦ୍ ନାହିଁ । ଏହାକୁ କେହି ନିଜ ନିୟନ୍ତ୍ରଣରେ ରଖିପାରିବେ ନାହିଁ କିମ୍ବା ଘରୋଇ ସମ୍ପତ୍ତି ଭାବରେ ଏହା ଉପରେ କେହି ମାଲିକାନା ଜାହିର କରିପାରିବେ ନାହିଁ । ୮) ଏହାକୁ କେହି ଧ୍ୱଂସ ବା ଶେଷ କରିପାରିବେ ନାହିଁ । ଜଳର ଅପଚୟ, ମାତ୍ରାଧିକ ବ୍ୟବହାର, ପ୍ରଦୂଷଣ ଆଦିର ଅଧିକାର କାହାରିନାହିଁ । ଜୀବନ ପାଇଁ ଜଳକୁ ବୁଝିବିଚାରି କାମରେ ଲଗାଇବାକୁ ପଡ଼ିବ । ୯) ଜଳର ବିକଳ୍ପ ନାହିଁ । ଜଳ ଅନ୍ୟ ସମ୍ବଳ ବା ଦ୍ରବ୍ୟଠାରୁ ଭିନ୍ନ । ଏହାକୁ ଦ୍ରବ୍ୟ ଭାବେ ବିବେଚନା କରାଯାଇପାରିବ ନାହିଁ । ଜୀବଜଗତ ଓ ପୃଥିବୀର ଭବିଷ୍ୟତ ପାଇଁ ଜଳର ଭୂମିକା ଅପରିହାର୍ଯ୍ୟ ହୋଇଥିବାରୁ ଏହାର ସୁରକ୍ଷା ଓ ସୁବିନିଯୋଗ ପାଇଁ ଆମ ଆଗରେ ସ୍ପଷ୍ଟ ଲକ୍ଷ୍ୟ ରହିବା ଅପରିହାର୍ଯ୍ୟ । ଆମେ ବସୁଧୈବ କୁଟୁମ୍ବକମ୍ ଧର୍ମରେ ବଞ୍ଚିବା ସହ ଜଳର ସୁରକ୍ଷା, ସୁବିନିଯୋଗ ଓ ସୁପରିଚାଳନା ଦିଗରେ କାମ କରିବାକୁ ପଡ଼ିବ ଏବଂ ଏହା ଉପରେ ଲୋଲୁପ ଦୃଷ୍ଟି ପକାଉଥିବା ଶକ୍ତିଙ୍କ ପ୍ରତି ସତର୍କ ରହିବାକୁ ହେବ ।

ବିଜ୍ଞାନ ପ୍ରଯୁକ୍ତିବିଦ୍ୟା ଏବଂ ପରିବେଶ ସଂପର୍କିତ ଏକ ଗବେଷଣା ପ୍ରତିଷ୍ଠାନର ସଂସ୍ଥାପିକା ।

## ଓଡ଼ିଶାରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନା

ସ୍ୱାଧୀନତାରୁ ଆଜି ପର୍ଯ୍ୟନ୍ତ ଓଡ଼ିଶାରେ ଯେତିକି ଗ୍ୟାସ୍ ସଂଯୋଗ ଥିଲା ଆଗାମୀ ତିନିବର୍ଷରେ ତା'ଠାରୁ ଅଧିକ ଏଲପିଜି ସଂଯୋଗ ଯୋଗାଇ ଦିଆଯିବାର ବିଧିବଦ୍ଧ ଯୋଜନା ପ୍ରସ୍ତୁତ ହୋଇଛି ବୋଲି କେନ୍ଦ୍ର ପେଟ୍ରୋଲିୟମ୍ ଓ ପ୍ରାକୃତିକ ଗ୍ୟାସ୍ ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଛନ୍ତି । ଜୁନ୍ ୨୦ ତାରିଖ ଦିନ ସମ୍ବଲପୁର ପିଏଚ୍‌ଡି ପଡ଼ିଆରେ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ରାଜ୍ୟସ୍ତରୀୟ ଲୋକାର୍ପଣ ଅବସରରେ ଶ୍ରୀ ପ୍ରଧାନ କହିଛନ୍ତି ଯେ ଆଗାମୀ ତିନିବର୍ଷ ମଧ୍ୟରେ ୩୦ଲକ୍ଷ ବିପିଏଲ୍ ପରିବାରଙ୍କୁ ଏଲ୍‌ପିଜି କନେକ୍‌ସନ୍ ସମେତ ମୋଟ୍ ୪୦ଲକ୍ଷ ନୂଆ ଏଲ୍‌ପିଜି ସଂଯୋଗ ଦିଆଯିବ । କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ୍ ଓରାମ ଏହି ରାଜ୍ୟସ୍ତରୀୟ ପ୍ରଧାନମନ୍ତ୍ରୀ ଉଜ୍ଜ୍ୱଳା ଯୋଜନାର ଲୋକାର୍ପଣ କରିଥିଲେ । ସେ କହିଛନ୍ତି ଯେ ବିପିଏଲ୍ ବର୍ଗର ମହିଳାମାନଙ୍କୁ ବିନା ମୂଲ୍ୟରେ ଏଲ୍‌ପିଜି କନେକ୍‌ସନ୍ ଦେବା ପାଇଁ ଗାଁ ଗାଁରେ ମେଳା କରାଯାଇ ଦରଖାସ୍ତ ସଂଗ୍ରହ କରାଯିବ । ଆଧାର କାର୍ଡ, ବ୍ୟାଙ୍କ ଆକାଉଣ୍ଟ୍ ଦେବାକୁ ପଡ଼ିବ । ଯଦି ଘରେ ଆଉ କାହା ନାଁରେ ଗ୍ୟାସ୍ ସଂଯୋଗ ଅଛି ତା' ହେଲେ ନୂଆ ଗ୍ୟାସ୍ ସଂଯୋଗ ମିଳିବ ନାହିଁ । ଦରଖାସ୍ତ ସହ ଆବଶ୍ୟକ କାଗଜପତ୍ର ଦେଇ ଗ୍ୟାସ୍ ସଂଯୋଗ ନିଆଯାଇ ପାରିବ । ୨୦୧୧ ମସିହାର ସାମାଜିକ ଆର୍ଥିକ ଓ ଜାତିଗତ ଜନଗଣନା ଆଧାରରେ ପ୍ରସ୍ତୁତି ତାଲିକା ଅନୁସାରେ ଏହି ସଂଯୋଗ ଦିଆଯିବ । ଗାଁରେ ଖୋଲା ଆକାଶ ତଳେ ସର୍ବ ସମ୍ମୁଖରେ ତାଲିକା ପ୍ରସ୍ତୁତ କରାଯିବ । ଏଥିପାଇଁ କାହାର ଚାପ, ସୁପାରିଶ୍‌ର ଆବଶ୍ୟକତା ରହିବ ନାହିଁ । ଗ୍ୟାସ୍ ସଂଯୋଗ ପାଇବା ପାଇଁ ପ୍ରତ୍ୟେକ ଓଡ଼ିଆ ହକ୍‌ଦାର ବୋଲି ଶ୍ରୀ ପ୍ରଧାନ କହିଛନ୍ତି । କହିଛନ୍ତି ଯେ ଗ୍ୟାସ୍ ଆବଶ୍ୟକତାକୁ ପୂରଣ କରିବା ପାଇଁ ସାରା ରାଜ୍ୟରେ ଗ୍ୟାସ୍ ବଟଲିଙ୍ଗ୍ ପ୍ଲାଣ୍ଟ୍ ଗୁଡ଼ିକର କ୍ଷମତା ବୃଦ୍ଧି କରାଯିବ । ଗ୍ରାମାଞ୍ଚଳରେ ଗ୍ୟାସ୍ ବିତରକ ସଂଖ୍ୟାକୁ ବୃଦ୍ଧି କରାଯାଇ ଗ୍ୟାସ୍ ବିତରଣ ବ୍ୟବସ୍ଥାକୁ ଘର ପାଖରେ ପହଞ୍ଚାଯିବ । କାଠଚୁଲି ଓ ଘସି ଧୂଆଁରେ ଆଉ ଓଡ଼ିଆ ମା' ଭଉଣୀ ଆଖିରୁ ଲୁହ ଗଡ଼ିବ ନାହିଁ । କାରଣ ଗରୀବୀକୁ ଅଙ୍ଗେ ନିଭେଇଥିବା ମୋଦି ହିଁ ସାଧାରଣ ଲୋକଙ୍କ ଦୁଃଖ ବୁଝି ପାରନ୍ତି ବୋଲି ସେ କହିଛନ୍ତି । ଓଡ଼ିଆ ମା' ଭଉଣୀମାନଙ୍କର ଆଶୀର୍ବାଦ ନରେନ୍ଦ୍ର ମୋଦିଙ୍କୁ ଆହୁରି ଉତ୍ସାହର ସହିତ କାମ କରିବାକୁ ପ୍ରେରଣା ଦେବ ।

# ଜଳ ପ୍ରଦୂଷଣ ଓ ତାର ନିରାକରଣ

**ଡକ୍ଟର ଚିତ୍ତରଞ୍ଜନ ଦାସ**

**ପାଣି ସାଧାରଣତଃ ନଈ, ପୋଖରୀ, ହ୍ରଦ, କୂଅ ପରି ଜାଗାରୁ ମିଳେ । ଯଦି ସେସବୁ ଜାଗା ପ୍ରଦୂଷିତ ହୋଇଯିବ, ତେବେ ସେଥିରୁ ପାଣି ଆଣିଲେ, ଦୂଷିତ ପାଣି ହିଁ ମିଳିବ । ବର୍ତ୍ତମାନ ସମସ୍ୟା ହେଲା, ଯଦି ସେ ଦୂଷିତ ପାଣି, ଭଲଭାବରେ ପରିଷ୍କାର କରା ନ ଯିବ, ତେବେ ଯେଉଁ ପାଣି ପିଇବାପାଇଁ କି ଅନ୍ୟାନ୍ୟ କାମପାଇଁ ବ୍ୟବହାର କରାଯିବ, ତେବେ ତାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେବ । ଆମ ଦେଶରେ ମିନେରାଲ୍ ପାଣି, ପ୍ଲାଷ୍ଟିକ୍ ବୋତଲରେ ବହୁଳ ଭାବରେ ବ୍ୟବହାର ହେଉଛି । ତା'ଛଡ଼ା ପ୍ରତ୍ୟେକ ଘରେ ଆକୁଆ ଗାର୍ଡ଼ ପରି ବିଭିନ୍ନ ପାଣିଛଣା ଉପକରଣମାନ ମିଳୁଛି । କଥା ହେଲା, ଗିଲାସେ ଭଲ ପାଣି ପିଇବା ଉଚିତ ।**

କଥାରେ ଅଛି, ଜଳ ହିଁ ଜୀବନ । ଜଳ ବିହୁନେ ସୃଷ୍ଟି ନାଶ । ପ୍ରକୃତରେ ଜଳ ହେଉଛି ପ୍ରକୃତିର ଅନବଦ୍ୟ ଦାନ । କେଉଁ ଆଦିମ କାଳରୁ, ଆଦିମ ଅଧିବାସୀମାନେ ଟିକିଏ ଜଳ ପାଇବାପାଇଁ ଖୋଜି ଖୋଜି ଜଳର ଧାର ଥିବା ପାଖରେ ବସବାସ କରି ରହିବାକୁ ଇଚ୍ଛା ପ୍ରକାଶ କରନ୍ତି ଏବଂ ରହିଥାନ୍ତି – ଏବେ ମଧ୍ୟ ଟିକିଏ ବିଶୁଦ୍ଧ ଜଳ ପାଇବାପାଇଁ ଲୋକମାନେ ମାଇଲ୍ ମାଇଲ୍ ଧରି ଚାଲି ଚାଲି ଯାଇଥାନ୍ତି । ତା'ର କାରଣ ହେଲା, ଜଳ ବିନା ଜୀବନ ଧାରଣ ଅସମ୍ଭବ । ଯେପରି ପବନ ବିନା ବଞ୍ଚିରହିବା ସମ୍ଭବ ନୁହେଁ । କାରଣ ମଣିଷ, ଜୀବଜନ୍ତୁ, ବିଭିନ୍ନ ବୃକ୍ଷଲତା ସମସ୍ତେ ବାୟୁରୁ ଅମ୍ଳଜାନ ଗ୍ରହଣ କରି ବଞ୍ଚନ୍ତି – ବିନା ଅମ୍ଳଜାନରେ ଜୀବନ ରହିବ ନାହିଁ – ହଠାତ୍ ବେମାରୀ ହେଲେ ପ୍ରଥମେ ଦରକାର ଅମ୍ଳଜାନ – ଯଦି ବାୟୁ ଦୂଷିତ ହୁଏ, ତେବେ ମଣିଷ, ଜୀବଜନ୍ତୁ, ଗଛ ଇତ୍ୟାଦିର ତିଷ୍ଠିବା କଷ୍ଟ ହୋଇଯାଏ – ତେଣୁ ବର୍ତ୍ତମାନ ବୈଜ୍ଞାନିକମାନେ ଟିକିଏ ଭଲ ପବନ ପାଇବାପାଇଁ ଅମ୍ଳଜାନ ପୁରିଥିବା ପବନକୁ ପ୍ଲାଷ୍ଟିକ୍ ବ୍ୟାଗ୍‌ରେ ବିକୁଛନ୍ତି ଜାପାନ ପରି ଦେଶରେ –

ସମୟର ପରିବର୍ତ୍ତନ ଅନୁସାରେ, ଲୋକସଂଖ୍ୟା ବହୁଳ ଭାବରେ ବଢ଼ିଯିବାରୁ ବାୟୁ, ଜଳ ଓ ମାଟି ପ୍ରଦୂଷିତ ହୋଇଗଲାଣି – ବାୟୁ ଦୂଷିତ ହେଲେ, ବର୍ଷାପାଣିରେ ସେଥିରେ ଥିବା ବିଭିନ୍ନ ପ୍ରକାରର ପ୍ରଦୂଷଣକାରୀ ବାଷ୍ପ ଯଥା – ଅକ୍ସାଇଡ଼୍‌ସ (ନାଇଟ୍ରୋଜେନ୍, ସଲ୍‌ଫର୍ ଓ କାର୍ବନ୍) ସବୁ ବର୍ଷା ପାଣିରେ ମିଶି ମାଟିରେ ପଡ଼ିଯାଏ । ତା' ଫଳରେ ମାଟି ଦୂଷିତ ହୋଇଯାଏ । ମାଟି ଦୂଷିତ ହେବା ଯଦିଓ ଏହା ଗୋଟିଏ କାରଣ ନୁହେଁ, ବାୟୁ ଓ ମାଟି ଅନ୍ୟାନ୍ୟ ବହୁ କାରଣରୁ ମଧ୍ୟ ଦୂଷିତ ହୁଏ । ଯଥା – ବହୁ ପରିମାଣରେ ଯାନବାହନ ଯିବାଦ୍ୱାରା ବହୁଳ ପରିମାଣରେ ଅଙ୍ଗାରକାମ୍ଳ ବାଷ୍ପ, ଅନ୍ୟାନ୍ୟ କ୍ଷତିକାରକ ବାଷ୍ପ, ବିଭିନ୍ନ ଅକ୍ସାଇଡ଼୍ (ନାଇଟ୍ରୋଜେନ୍, ସଲ୍‌ଫର୍) ବାୟୁରେ ମିଶେ, ଗାଡ଼ିରୁ ଡିଜେଲ୍ ମାଟିରେ ମିଶେ । ମାଟିରେ ବିଭିନ୍ନ ପ୍ରକାରର କୀଟନାଶକ ଔଷଧ ମିଶିଲେ ମାଟି ଦୂଷିତ ହୋଇଯାଏ । ମାଟିକୁ ଦୂଷିତ କରୁଥିବା ବିଷାକ୍ତ ପଦାର୍ଥ ମାଟି ତଳକୁ ଯାଇ ଭୂତଳ ପାଣିକୁ ଦୂଷିତ କରିପକାଏ । ତା'ଛଡ଼ା ଏବେ ପ୍ଲାଷ୍ଟିକ୍‌ର ବ୍ୟବହାର ବହୁଳ ପରିମାଣରେ ବଢ଼ିଛି । ପ୍ଲାଷ୍ଟିକ୍‌ସବୁ ମାଟିରେ ପଡ଼ି ସହଜରେ ମିଶେ ନାହିଁ । କିନ୍ତୁ ସେସବୁ ନାଳ, ନର୍ଦ୍ଦମାରେ ପଡ଼ି ପାଣିସବୁ ବିଷାକ୍ତ ହୋଇଯାଏ ।

ପାଣି ସାଧାରଣତଃ ନଈ, ପୋଖରୀ, ହ୍ରଦ, କୂଅ ପରି ଜାଗାରୁ ମିଳେ । ଯଦି ସେସବୁ ଜାଗା ପ୍ରଦୂଷିତ

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ହୋଇଯିବ, ତେବେ ସେଥିରୁ ପାଣି ଆଣିଲେ, ଦୂଷିତ ପାଣି ହିଁ ମିଳିବ । ବର୍ତ୍ତମାନ ସମସ୍ୟା ହେଲା, ଯଦି ସେ ଦୂଷିତ ପାଣି, ଭଲଭାବରେ ପରିଷ୍କାର କରା ନ ଯିବ, ତେବେ ଯେଉଁ ପାଣି ପିଇବାପାଇଁ କି ଅନ୍ୟାନ୍ୟ କାମପାଇଁ ବ୍ୟବହାର କରାଯିବ, ତେବେ ତାହା ସ୍ୱାସ୍ଥ୍ୟ ପ୍ରତି ହାନିକାରକ ହେବ । ଆମ ଦେଶରେ ମିନେରାଲ୍ ପାଣି, ପ୍ଲାଷ୍ଟିକ୍ ବୋତଲରେ ବହୁଳ ଭାବରେ ବ୍ୟବହାର ହେଉଛି । ତା'ଛଡ଼ା ପ୍ରତ୍ୟେକ ଘରେ ଆକୁଆଗାର୍ଡ଼ ପରି ବିଭିନ୍ନ ପାଣିଛଣା ଉପକରଣମାନ ମିଳୁଛି । କଥା ହେଲା, ଗିଲାସେ ଭଲ ପାଣି ପିଇବା ଉଚିତ । କିନ୍ତୁ ଖାଲି ଗିଲାସେ ଭଲ ପାଣି ପିଇଦେଲେ ଦେହ ଯେ ସୁସ୍ଥ ରହିବ, ତାହା ଠିକ୍ ନୁହେଁ । କାରଣ ଆମେ ପ୍ରତିଦିନ ବିଭିନ୍ନ କାମ ପାଇଁ ଯଥା ବାସନ ଧୋଇବାପାଇଁ, ଗାଧୋଇବା ପାଇଁ ଲୁଗା ସଫା କରିବାପାଇଁ, ଅନ୍ୟାନ୍ୟ ଅନେକ ଦୈନନ୍ଦିନ କାମ ପାଇଁ ବହୁ ପାଣି ବ୍ୟବହାର କରୁ । ପାଣିକୁ ଛାଣି ଏତେ ପରିମାଣରେ ପାଣି ଆମେ ପ୍ରତିଦିନ ବ୍ୟବହାର କରିବା ସମ୍ଭବ ନୁହେଁ । ଦୂଷିତ ପାଣି ଯାହା ଘରକୁ ପ୍ରତିଦିନ ଆସେ, ସେସବୁକୁ ବ୍ୟବହାର କଲେ, ବିଭିନ୍ନ ପ୍ରକାରର ଜୀବାଣୁ ମିଶି ଦେହରେ ପ୍ରବେଶ କରିବ । ତେଣୁ ପ୍ରଥମ କଥା ହେଲା, ଯେଉଁ ପାଣିକୁ ବିଭିନ୍ନ କଳ ସାହାଯ୍ୟରେ ଦିଆଯାଉଛି, ସେ ପାଣିକୁ ବିଭିନ୍ନ ବୈଜ୍ଞାନିକ ଉପାୟରେ ପରିଷ୍କାର କରିବା । ସରକାର ନଈ, ପୋଖରୀରୁ ପାଣି ଆଣି ତାକୁ ଆଲମ୍, ଓ ବ୍ଲିଚିଙ୍ଗ୍ ପାଉଡ଼ର ଇତ୍ୟାଦି ପକାଇ ସଫା କରି ତାକୁ ବଡ଼ ବଡ଼ ନଳା ସାହାଯ୍ୟରେ ବିଭିନ୍ନ ଜାଗାକୁ ପଠାଇଥା'ନ୍ତି । କିନ୍ତୁ ଦେଖାଯାଉଛି ଯେ, ସେ ବଡ଼ ବଡ଼ ନଳା ସବୁ ଫାଟି, ସେବାଟେ ଦୂଷିତ ମାଟି ସବୁ ପଶି ପୁଣି ଛଡ଼ା ଯାଉଥିବା ପାଣିକୁ ଦୂଷିତ କରି ପକାଉଛି । ଯାହାଫଳରେ ବିଭିନ୍ନ ଘରେ ଯେଉଁ ପାଣି ପହଞ୍ଚୁଛି, ସେସବୁ ଦୂଷିତ ପାଣି । ତାହା ବ୍ୟବହାର କରିବା ସ୍ୱାସ୍ଥ୍ୟ ପକ୍ଷରେ କ୍ଷତିକାରକ । ତେଣୁ ଯେଉଁ ବଡ଼ ବଡ଼ ନଳୀ ସାହାଯ୍ୟରେ ପାଣି ଯାଉଛି, ସେସବୁକୁ ବାରମ୍ବାର ପରୀକ୍ଷା କରି ତାକୁ ସୁଧାରିବା ଦରକାର ।

ତା'ଛଡ଼ା ବିଭିନ୍ନ ନାଳ ନର୍ଦ୍ଦମା କଥା - ବିଭିନ୍ନ ଘରୁ ଯେଉଁ ପାଣି ବ୍ୟବହାର ପରେ ନାଳ, ନର୍ଦ୍ଦମାକୁ ଛଡ଼ାଯାଏ, ସେସବୁ ଅତି ଦୂଷିତ ପାଣି । ଉଦାହରଣସ୍ୱରୂପ, ଓଡ଼ିଶାର ରାଜଧାନୀ ଭୁବନେଶ୍ୱରର କଥା ନିଆଯାଉ । ଭୁବନେଶ୍ୱର ସହର ମଧ୍ୟରେ ବିଭିନ୍ନ ନାଳ ନର୍ଦ୍ଦମା ଯାଇ ବଡ଼ ଗଙ୍ଗୁଆ ନଳାରେ ପଡ଼ିଛି । ସବୁଯାକ ଦୂଷିତ ପାଣି ଗଙ୍ଗୁଆ ନଳାରେ ପଡ଼ି, ସେସବୁ ଯାଇ ଦୟାନଦୀର ପାଣି ଦୂଷିତ କରେ । ସେ ପାଣି ଯାଇ ଚିଲିକା ହ୍ରଦରେ ପଡ଼ି ହ୍ରଦ ପାଣି ବି ଦୂଷିତ ହୁଏ । ଚିଲିକା ହ୍ରଦ ଜଳର ଭଣ୍ଡାର । ଏସିଆ ମହାଦେଶର ବୃହତ୍ତମ ହ୍ରଦ । ଏହା ପ୍ରଥମ RAMSAR Site । ତା'ର କାରଣ ହେଲା, ଏହା ଏକ ଲୁଣିଆ ପାଣିର ହ୍ରଦ । ଦୟା, ଭାର୍ଗବୀ ପରି ନଈ ପାଣି ଚିଲିକାରେ ପଡ଼େ । ତା'ଛଡ଼ା ସମୁଦ୍ର ପାଣି ଚିଲିକାର ବାହାରେ ଥିବା ଏକ ଲମ୍ବା (୨୫ କି.ମି. ଲମ୍ବ) ଅରଖକୁଜୀ ମୁହାଁଣ ବାଟେ ଚିଲିକାରେ ପଶେ । ତା' ଫଳରେ ଚିଲିକା ପାଣି ଲୁଣିଆ ହୁଏ । ତେଣୁ ଚିଲିକାର ଜୈବ ବିଭିଧତା ଅତି ବିରଳ । ଚିଲିକାର ମାଛ ପ୍ରାୟ ୫୧ ପ୍ରକାରର, ଚିଲିକାକୁ ୧୨୧ ପ୍ରଜାତିର ପକ୍ଷୀ ଦେଶ ବିଦେଶରୁ ଆସନ୍ତି । ଚିଲିକାରେ ଉଦ୍ଭିଦ ଜାତୀୟ ବିଭିନ୍ନ ପ୍ରକାରର ଦଳ ଅଛି । ଚିଲିକାରେ ୪/୫ ପ୍ରକାରର କଙ୍କଡ଼ା ମିଳେ । ଚିଲିକା ପାଣି ଲୁଣିଆ ହୋଇଥିବାରୁ ତାହା ଦୈନନ୍ଦିନ ବ୍ୟବହାର ପାଇଁ ଉପଯୁକ୍ତ ନୁହେଁ । କିନ୍ତୁ ଆଶ୍ଚର୍ଯ୍ୟର କଥା, ଚିଲିକା କୂଳରେ ଥିବା ଗାଁରେ ଭୂତଳ ଜଳ ବ୍ୟବହାର ହୋଇପାରେ । ବୈଜ୍ଞାନିକ ଅନୁସନ୍ଧାନରୁ ଜଣାଯାଏ ଯେ, ତା'ର କାରଣ ହେଲା, ଚିଲିକାରୁ ତା'ର ପାର୍ଶ୍ୱବର୍ତ୍ତୀ ସ୍ଥାନଠାରୁ ଭୂତଳରେ ଏକ କ୍ୟାଲ୍‌ସିୟମ୍‌ର ଗୋଟାଏ ବଡ଼ ଆସ୍ତରଣ ରହିଛି । ଏହିକଥା ଠିକ୍ ପୁରୀର ସମୁଦ୍ର ବେଳାଭୂମିଠାରୁ ପୁରୀ ସହରର ପାଣିର ସ୍ଥିତି ପାଇଁ ମଧ୍ୟ ଦାୟୀ । ସମୁଦ୍ରର ପାଣି ଲୁଣିଆ, କିନ୍ତୁ ପୁରୀ ସହରର ପାଣି ବ୍ୟବହାର ଯୋଗ୍ୟ ଅଟେ । ତା' ମାନେ ପ୍ରକୃତିର ଅବଦାନ ହେଲା, ବିଶୁଦ୍ଧ ଜଳ ଦେବା । ଯଥା - ବର୍ଷାଜଳ, ନଦୀର ଜଳ, କୂଅ, ପୋଖରୀ ଜଳ ଆମ୍ଭେମାନେ ହିଁ ଏସବୁ ପରିଷ୍କାର ପାଣିକୁ ପ୍ରଦୂଷିତ କରୁଛୁ । ଆମର ବିଭିନ୍ନ ପ୍ରକାରର ବ୍ୟବହାର ଶୈଳୀରେ ମାଟି, ପବନ ଓ ପାଣିକୁ ଦୂଷିତ କରୁଛୁ । ଚିଲିକାର ପାଣି ଦୂଷିତ ହେବାର ମୁଖ୍ୟ କାରଣ ହେଲା, ଚିଲିକା

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଚାରିପଟେ ଥିବା ଚାଷ ଜମିରେ ବହୁଳ ପରିମାଣରେ ଏନ୍, ପି, କେ, ସାର ଦେବା । ଅଧିକା ସାର, ବର୍ଷାଦିନେ, ବର୍ଷାପାଣିରେ ମିଶି ଚିଲିକା ପାଣିରେ ନାଇଟ୍ରୋଜେନ୍ ଓ ଫସ୍‌ଫରସ୍ ପରିମାଣ ବହୁତ ବଢ଼େଇ ଦିଅନ୍ତି । ତାକୁ Eutrophication କୁହାଯାଏ । ତାହାହେଲେ ପାଣିର ଗୁଣ ନଷ୍ଟ ହୋଇଯାଏ । ଯାହାଫଳରେ ବହୁତ ଦଳ ବଢ଼ିଯାଏ । ଏଥିପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଗୋଟିଏ ସମନ୍ୱିତ ଧାରଣକ୍ଷମ ପରିବେଷ ପରିଚାଳନା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଇ ପରିସ୍ଥିତି ମଧ୍ୟ ପୋଖରୀ, କୂଅ ଓ ବିଭିନ୍ନ ଜଳର ଉତ୍ସରେ ଘଟିଥାଏ । ତେଣୁ ପରିବେଶ ଜନିତ କାରଣରୁ ମଧ୍ୟ ଜଳ ଦୂଷିତ ହୋଇଥାଏ । ସେପରି ଅପବ୍ୟବହାରକୁ ରୋକାଯାଇପାରିଲେ ବିଭିନ୍ନ ଜାଗାରୁ ମିଳୁଥିବା ଜଳ ପ୍ରଦୂଷିତ ହେବ ନାହିଁ ।

ଗାଁରେ ପୋଖରୀଟିଏ ଖୋଳାହେଲେ, ପ୍ରଥମେ ପ୍ରଥମେ ତା'ର ଜଳ ପରିଷ୍କାର ଥାଏ । କିନ୍ତୁ ଆସ୍ତେ ଆସ୍ତେ ଆମମାନଙ୍କର ବ୍ୟବହାର ଫଳରେ ଯଥା - ବିଭିନ୍ନ ସାବୁନ୍‌ରେ ଲୁଗା ସଫା କରିବା, ଗାଧୋଇବା, ଗାଈ, ଗୋରୁଙ୍କୁ ସେଇ ପାଣିରେ ଗାଧୋଇବାଦ୍ୱାରା ପୋଖରୀ ପାଣି ଗୋଳିଆ ହୋଇ ଦୂଷିତ ହୋଇଯାଏ । ଥରେ ପୋଖରୀ ପାଣି ଦୂଷିତ ହେଲେ ତା' ପାଖରେ ଗୋଟିଏ କୂଅ ଖୋଳିଲେ ସେ ଭୂତଳ ଜଳ ପ୍ରଦୂଷିତ ହୋଇଥିବାରୁ କୂଅ ପାଣି ମଧ୍ୟ ଦୂଷିତ ହୋଇଥାଏ । ସେଥିପାଇଁ ଅଲଗା ପାଣିର ବନ୍ଦୋବସ୍ତ କରିବାକୁ ହେବ । କୂଅ ପାଖରେ କୌଣସି ପାଇଖାନା ଇତ୍ୟାଦି ରହିବା କଥା ନୁହେଁ କି ପୋଖରୀ ପାଖରେ ଖୋଲାଜାଗାରେ ମଳ, ମୂତ୍ର ତ୍ୟାଗ କରିବା ଉଚିତ ନୁହେଁ । ସେଥିପାଇଁ ଅଲଗା ପାଇଖାନା ତିଆରି କରି, ତାକୁ ବ୍ୟବହାର କରିବା ଦରକାର । ତାହାହେଲେ ପରିଷ୍କାର ଜଳ ନିଜର ଦୈନନ୍ଦିନ ବ୍ୟବହାର ପାଇଁ ମିଳିବ ।

ନାଳ ନର୍ଦ୍ଦମାର ପାଣିରେ ନାଇଟ୍ରୋଜେନ୍, ଫସ୍‌ଫରସ୍ ନାମକ ଦୁଇଟି ପଦାର୍ଥ ରହି ତାକୁ ଇଉଟ୍ରୋଫିକ୍ କରିଦେଉଛନ୍ତି । ଯାହାଫଳରେ ପାଣି ବହୁତ ପରିମାଣରେ ଦୂଷିତ ହୋଇଯାଇ ସେଥିରେ ବହୁ ପରିମାଣରେ ଦଳ ଓ ଅନ୍ୟାନ୍ୟ ଉଦ୍ଭିଦ ଜାତୀୟ ପଦାର୍ଥ ବଢ଼ିଯାଉଛି । ଜଳ ଦୂଷିତ ହେଲେ, ତା' ତଳ ମାଟି ବି ଦୂଷିତ ହେଉଛି । ନାଳ, ନର୍ଦ୍ଦମାରୁ ଦୁର୍ଗନ୍ଧ ବାହାରି ପରିବେଶକୁ ନଷ୍ଟ କରୁଛି । ବାୟୁକୁ ଦୂଷିତ କରୁଛି । ମାଟି ଦୂଷିତ ହେଲେ, ତାହା ଭୂତଳ ଜଳକୁ ଦୂଷିତ କରି ତଳ ସ୍ତରର ପାଣି ଝରକୁ ଦୂଷିତ କରେ । ତେଣୁ ଗଭୀର ନଳକୂପରୁ ବାହାରୁଥିବା ପାଣି ମଧ୍ୟ ଦୂଷିତ ହୁଏ, ଯାହାଫଳରେ ନଳକୂଅ ବାଟେ ଯେଉଁ ପାଣି ବାହାରେ, ସେଇଟା ବି ଦୂଷିତ ପାଣି । ଏଥିରୁ ସ୍ପଷ୍ଟ ହେଉଛି ଯେ, ଟିକିଏ ବିଶୁଦ୍ଧ ପାଣି ବ୍ୟବହାର ପାଇଁ ପାଇବାକୁ ହେଲେ ମାଟି, ପବନ ସବୁକୁ ପ୍ରଦୂଷଣମୁକ୍ତ ରଖିବାକୁ ହେବ । ବର୍ତ୍ତମାନ ସରକାର ପ୍ରଦୂଷଣମୁକ୍ତ କରିବାପାଇଁ ବହୁ ପଦକ୍ଷେପ ନେଲେଣି ।

ନାଳ, ନର୍ଦ୍ଦମାର ପାଣିକୁ ସଫା କରିବାପାଇଁ ନୂଆ ନୂଆ ବୈଜ୍ଞାନିକ କୌଶଳମାନ ଯଥା - Phytorcid Technology, ଯାହାକି ଭାରତ ସରକାରଙ୍କର NEERI (Nagpur) ଅନୁଷ୍ଠାନଦ୍ୱାରା ବାହାର କରାଯାଇଅଛି ।

> **ଅଧିକା ସାର, ବର୍ଷାଦିନେ, ବର୍ଷାପାଣିରେ ମିଶି ଚିଲିକା ପାଣିରେ ନାଇଟ୍ରୋଜେନ୍ ଓ ଫସ୍‌ଫରସ୍ ପରିମାଣ ବହୁତ ବଢ଼େଇ ଦିଅନ୍ତି । ତାକୁ Eutrophication କୁହାଯାଏ । ତାହାହେଲେ ପାଣିର ଗୁଣ ନଷ୍ଟ ହୋଇଯାଏ । ଯାହାଫଳରେ ବହୁତ ଦଳ ବଢ଼ିଯାଏ । ଏଥିପାଇଁ ଚିଲିକା ଉନ୍ନୟନ କର୍ତ୍ତୃପକ୍ଷ ଗୋଟିଏ ସମନ୍ୱିତ ଧାରଣ କ୍ଷମ ପରିବେଷ ପରିଚାଳନା ଯୋଜନା କାର୍ଯ୍ୟକାରୀ କରୁଛନ୍ତି । ଏଇ ପରିସ୍ଥିତି ମଧ୍ୟ ପୋଖରୀ, କୂଅ ଓ ବିଭିନ୍ନ ଜଳର ଉତ୍ସରେ ଘଟିଥାଏ । ତେଣୁ ପରିବେଶ ଜନିତ କାରଣରୁ ମଧ୍ୟ ଜଳ ଦୂଷିତ ହୋଇଥାଏ । ସେପରି ଅପବ୍ୟବହାରକୁ ରୋକାଯାଇପାରିଲେ ବିଭିନ୍ନ ଜାଗାରୁ ମିଳୁଥିବା ଜଳ ପ୍ରଦୂଷିତ ହେବ ନାହିଁ ।**

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ତେଣୁ NEERI ସହିତ ସରକାର ସହବନ୍ଧନ କରିସାରିଛନ୍ତି । Phytorcid Technology C.S.A.R.ର ପେଟେଣ୍ଟେଡ୍ ଟେକ୍ନୋଲୋଜି - ସେଇଟା ଗୋଟିଏ ଜୈବ ପ୍ରଯୁକ୍ତି ବିଦ୍ୟା ପ୍ରକ୍ରିୟା ଏବଂ ପରିବେଶ ଅନୁକୂଳ ମଧ୍ୟ। ସେହିପରି ମଇଳାପାଣି ବିଶୋଧନ ପ୍ରକଳ୍ପ ବା STPର ପରିଚାଳନା ଖର୍ଚ୍ଚ ଅତି ନଗଣ୍ୟ ଏବଂ ପରିଚାଳନା ଅତି ସହଜ । ତା'ଛଡ଼ା ସେପରି ପ୍ରକଳ୍ପ ଉପରେ ଗୋଟିଏ ଭଲ ଉଦ୍ୟାନ ହୋଇପାରିବ ଏବଂ ସେଠାରେ ବିଭିନ୍ନ ପ୍ରକାରର ବିନୋଦନ କେନ୍ଦ୍ର କରାଯାଇପାରିବ । ଏହା ଉପରେ ସବୁଜ ବଳୟ ମଧ୍ୟ ସୃଷ୍ଟି କରାଯାଇପାରିବ । ଏଭଳି ପ୍ରକଳ୍ପମାନ ସ୍ଥାପନ କରି ସବୁ ନାଳ ନର୍ଦ୍ଦମା ପାଣିକୁ ପିଇବା ଛଡ଼ା ଅନ୍ୟ ବ୍ୟବହାର ଉପଯୋଗୀ କରି ପରିବେଶ ପ୍ରଦୂଷଣକୁ ରୋକାଯାଇପାରିବ । ପ୍ରଥମେ ସେସବୁ ଭୁବନେଶ୍ୱର, ପୁରୀ ଓ ଅନ୍ୟାନ୍ୟ AMRIT ସହରରେ ମଧ୍ୟ ତିଆରି ହେବ । ଯଥା - ଭଦ୍ରକ, ବାଲେଶ୍ୱର, ବାରିପଦା, ରାଉରକେଲା, ସମ୍ବଲପୁର ଇତ୍ୟାଦିରେ ମଧ୍ୟ ଆରମ୍ଭ ହେବ । ତା' ସଙ୍ଗେ ସଙ୍ଗେ ପ୍ରତ୍ୟେକ ଘରେ ଏବେ ହେଉଥିବା ସେପ୍ଟିକ୍ ଟ୍ୟାଙ୍କ ଓ ସୋକ୍‌ପିଟ ଗୁଡ଼ିକ ମଧ୍ୟ ଭୂତଳ ଜଳକୁ ଦୂଷିତ କରୁଥିବାରୁ ଗୋଟାଏ ବୃହତ୍ ସେପ୍ଟେଜ୍ ପରିଚାଳନା ଯୋଜନା ତିଆରି ହୋଇସାରିଲାଣି । ସେଇଟା ଶୀଘ୍ର ସବୁ ସହରରେ କାର୍ଯ୍ୟକାରୀ ହୋଇଯିବ । ଯଥା - ପୁରୀର ମୂଷାନଈ ଓ ନରେନ୍ଦ୍ର ପୋଖରୀକୁ କିପରି ପ୍ରଦୂଷଣମୁକ୍ତ ରଖାଯାଇପାରିବ, ସେଥିପାଇଁ ଓଡ଼ିଶା ସରକାରଙ୍କ ତରଫରୁ ଗୃହ ଓ ନଗର ଉନ୍ନୟନ ବିଭାଗର ଉଦ୍ୟମରେ ପ୍ରକଳ୍ପକାମ ହାତକୁ ଖୁବ୍ ଶୀଘ୍ର ନିଆଯିବ ।

କିନ୍ତୁ ଏ ସମସ୍ତ କାମ ଲୋକମାନଙ୍କ ସାହାଯ୍ୟ ଓ ସହାୟତାରେ କରିବାକୁ ହେବ । ସେଥିପାଇଁ ସ୍ଥାନୀୟ ଲୋକଙ୍କୁ ପରିବେଶ ସଚେତନତା କାର୍ଯ୍ୟ ମାଧ୍ୟମରେ ତାଲିମ ଦେଇ କିପରି ନାଳ, ନର୍ଦ୍ଦମା ସଫା ରଖିବାକୁ ହେବ, ନିଜର ଦୈନନ୍ଦିନ ବ୍ୟବହାରରେ କିପରି ପାଣିର ଅପବ୍ୟବହାର ନ କରି, ଜଳ ସଂରକ୍ଷଣ କରିବାକୁ ହେବ, ପ୍ଲାଷ୍ଟିକ୍ ଓ ଅନ୍ୟାନ୍ୟ ବର୍ଜ୍ୟବସ୍ତୁକୁ କିପରି ପରିଚାଳନା କରିବାକୁ ହେବ, ସେ ବିଷୟରେ ସଚେତନ କରିବା ଦରକାର । କାରଣ ଲୋକମାନେ ନ ଚାହିଁଲେ କୌଣସି ଜନହିତକର କାର୍ଯ୍ୟକ୍ରମ ସଫଳ ହୁଏ ନାହିଁ କି ତା'ର ସୁଫଳ ମିଳେ ନାହିଁ ।

ଓଡ଼ିଶାସରକାରଙ୍କ ସିୱରେଜ୍‌ବୋର୍ଡ଼ ଏବଂ ଭୁବନେଶ୍ୱର ବିକାଶ କର୍ତ୍ତୃପକ୍ଷଙ୍କ ପରାମର୍ଶଦାତା

*****



# ଓଡ଼ିଶାରେ ବନ୍ୟା ସମସ୍ୟା ଓ ନଦୀ ସଂଯୋଗିକରଣ ଯୋଜନା

**ପ୍ରଦୋଷ ପଟ୍ଟନାୟକ**

**ପ୍ରତି ପାଞ୍ଚବର୍ଷରେ ଥରେ ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଥିବାର ଏକାଧିକ ଦୃଷ୍ଟାନ୍ତ ରହିଛି। ବନ୍ୟା ଯୋଗୁଁ ରାଜ୍ୟର ଅର୍ଥନୀତି ବହୁ ସମୟରେ ଦୋହଲି ଯାଉଥିବାର ପରିଲକ୍ଷିତ ହୋଇଛି। ଓଡ଼ିଶା ଗୋଟିଏ ନଦୀମାତୃକା ରାଜ୍ୟ ରୂପେ ସାରା ଦେଶରେ ଅଗ୍ରଣୀ ସ୍ଥାନ ଅଧିକାର କରିଛି । ଏଠାରେ ଛୋଟବଡ଼ ଅସଂଖ୍ୟ ନଦୀ ପ୍ରବାହିତ ହେଉଛି । ତେବେ ସେଥିମଧ୍ୟରୁ ୬/୭ଟି ପ୍ରମୁଖ ନଦୀରେ ବିପୁଳ ପରିମାଣର ଜଳରାଶି ପ୍ରବାହିତ ହୋଇ ବଡ଼ଧରଣର ବନ୍ୟା ସୃଷ୍ଟି ହେଉଥିବାର ଦୀର୍ଘବର୍ଷର ଅଭିଜ୍ଞତାରୁ ଦେଖାଯାଇଛି। ଏହି ପ୍ରମୁଖ ନଦୀଗୁଡ଼ିକ ମଧ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୂଲ୍ୟା ଓ ବଂଶଧାରା ଅନ୍ତର୍ଭୁକ୍ତ ।**

ପ୍ରାକୃତିକ ବିପର୍ଯ୍ୟୟ ଓଡ଼ିଶାର ଚିର ସହଚର । ବିଗତ ଏକଶହ ବର୍ଷର ଇତିହାସକୁ ଦୃଷ୍ଟିପାତ କଲେ ଦେଖାଯାଏ ଯେ ହାରାହାରି ପ୍ରତି ଦୁଇତିନିବର୍ଷ ବ୍ୟବଧାନରେ ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପର୍ଯ୍ୟୟ ରାଜ୍ୟକୁ କବଳିତ କରି ଆସିଛି । ସେଥିମଧ୍ୟରୁ ବନ୍ୟା ବିପ୍ରାତ ହିଁ ସର୍ବାଧିକ ବର୍ଷ ରାଜ୍ୟର ଜନଜୀବନକୁ ଅସ୍ତବ୍ୟସ୍ତ କରିଛି । ପ୍ରତି ପାଞ୍ଚବର୍ଷରେ ଥରେ ରାଜ୍ୟରେ ପ୍ରଳୟଙ୍କରୀ ବନ୍ୟା ବ୍ୟାପକ କ୍ଷୟକ୍ଷତି ଘଟାଇଥିବାର ଏକାଧିକ ଦୃଷ୍ଟାନ୍ତ ରହିଛି। ବନ୍ୟା ଯୋଗୁଁ ରାଜ୍ୟର ଅର୍ଥନୀତି ବହୁ ସମୟରେ ଦୋହଲି ଯାଉଥିବାର ପରିଲକ୍ଷିତ ହୋଇଛି। ଓଡ଼ିଶା ଗୋଟିଏ ନଦୀମାତୃକା ରାଜ୍ୟ ରୂପେ ସାରା ଦେଶରେ ଅଗ୍ରଣୀ ସ୍ଥାନ ଅଧିକାର କରିଛି । ଏଠାରେ ଛୋଟବଡ଼ ଅସଂଖ୍ୟ ନଦୀ ପ୍ରବାହିତ ହେଉଛି । ତେବେ ସେଥିମଧ୍ୟରୁ ୬/୭ଟି ପ୍ରମୁଖ ନଦୀରେ ବିପୁଳ ପରିମାଣର ଜଳରାଶି ପ୍ରବାହିତ ହୋଇ ବଡ଼ଧରଣର ବନ୍ୟା ସୃଷ୍ଟି ହେଉଥିବାର ଦୀର୍ଘବର୍ଷର ଅଭିଜ୍ଞତାରୁ ଦେଖା ଯାଇଛି। ଏହି ପ୍ରମୁଖ ନଦୀଗୁଡ଼ିକ ମଧ୍ୟରେ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ବୁଢ଼ାବଳଙ୍ଗ, ଋଷିକୂଲ୍ୟା ଓ ବଂଶଧାରା ଅନ୍ତର୍ଭୁକ୍ତ । ରାଜ୍ୟର ଦୀର୍ଘତମ ନଦୀ ମହାନଦୀ ଛତିଶଗଡ଼ ରାଜ୍ୟର ରାୟପୁର ଅଞ୍ଚଳରୁ ବାହାରି ପଶ୍ଚିମ ଓଡ଼ିଶା ମଧ୍ୟ ଦେଇ ପ୍ରବାହିତ ହେବା ପରେ ଉପକୂଳ ଓଡ଼ିଶାରେ ପ୍ରବେଶ କରିଛି । ଉପକୂଳ ଓଡ଼ିଶାରେ ଏହା ଏକାଧିକ ଶାଖା ପ୍ରଶାଖା ସୃଷ୍ଟି କରି ବିସ୍ତୃତ ଅଞ୍ଚଳରେ ଜଳର ମୁଖ୍ୟ ଉତ୍ସ ରୂପେ ଗଣ୍ୟ ହେଉଛି । ରାଜ୍ୟର ଉପକୂଳବର୍ତ୍ତୀ ଅବିଭକ୍ତ କଟକ ଓ ପୁରୀ ଜିଲ୍ଲାକୁ ମହାନଦୀ ଡେଲ୍‌ଟା ବା ତ୍ରିକୋଣଭୂମି ଅଞ୍ଚଳ ରୂପେ ବିବେଚନା କରାଯାଏ । ଏହିସବୁ ଅଞ୍ଚଳକୁ ଶସ୍ୟ ଶ୍ୟାମଳା କରିବାରେ ମହାନଦୀ ତଥା ଏହାର ଶାଖାନଦୀଗୁଡ଼ିକର ଯେତିକି ଅବଦାନ ରହିଛି, ପ୍ରଳୟଙ୍କରୀ ବନ୍ୟା ବିଭୀଷିକା ଘଟାଇ ଜନଜୀବନକୁ ବିପର୍ଯ୍ୟସ୍ତ କରିବାରେ ମଧ୍ୟ ସେତିକି ଭୂମିକା ଗ୍ରହଣ କରି ଆସିଛି । ସାଧାରଣତଃ ମହାନଦୀରେ ବଡ଼ଧରଣର ବନ୍ୟା ପରିସ୍ଥିତି ଦେଖାଦେଲେ ରାଜ୍ୟର ପଶ୍ଚିମାଞ୍ଚଳରୁ ଆରମ୍ଭ କରି ଉପକୂଳବର୍ତ୍ତୀ ଜିଲ୍ଲାଗୁଡ଼ିକର ଏକ ବିସ୍ତୃତ ଅଞ୍ଚଳ ଜଳମଗ୍ନ ହେବା ସହିତ ଧନଜୀବନର ବ୍ୟାପକ କ୍ଷୟକ୍ଷତି ଘଟିଥାଏ। ମହାନଦୀର ଶାଖାନଦୀ ଗୁଡ଼ିକ ମଧ୍ୟରୁ କାଠଯୋଡ଼ି, କୁଆଖାଇ, ଦୟା, ଭାର୍ଗବୀ, କୁଶଭଦ୍ରା, ବିରୂପା, ଲୁଣା, ପାଇକା, ଚିତ୍ରୋତ୍ପଳା ଆଦି ନଦୀର ବନ୍ୟା ଯୋଗୁଁ ତ୍ରିକୋଣଭୂମି ଅଞ୍ଚଳ ଛାରଖାର ହୋଇଥାଏ । ସେହିପରି ବ୍ରାହ୍ମଣୀ ନଦୀର ବନ୍ୟା

# ଜଳ : ଏକ ବହୁ ମୂଲ୍ୟ ସମ୍ପଦ

ଯୋଗୁଁ ଯାଜପୁର ଓ କେନ୍ଦ୍ରାପଡ଼ା ଜିଲ୍ଲାର ଅନେକ ଅଞ୍ଚଳ କ୍ଷତିଗ୍ରସ୍ତ ହେଉଥିବା ବେଳେ ବୈତରଣୀର ବନ୍ୟା କେନ୍ଦୁଝର, ଯାଜପୁର ଓ ଭଦ୍ରକ ଜିଲ୍ଲାର ବିସ୍ତୃତ ଅଞ୍ଚଳରେ ବିଭୀଷିକା ଘଟାଇଥାଏ । ସୁବର୍ଣ୍ଣରେଖାର ବନ୍ୟା ମୁଖ୍ୟତଃ ଉତ୍ତର ବାଲେଶ୍ୱର ଅଞ୍ଚଳରେ ଧ୍ୱଂସର ତାଣ୍ଡବ ରଚନା କରୁଥିବା ବେଳେ ବୁଢ଼ାବଳଙ୍ଗ ନଦୀର ବନ୍ୟା ମୟୂରଭଞ୍ଜ ଓ ବାଲେଶ୍ୱର ଜିଲ୍ଲାର ଅନେକ ଅଞ୍ଚଳକୁ ଜଳ ପ୍ଲାବିତ କରେ । ଋଷିକୂଲ୍ୟା ଓ ବଡ଼ନଦୀର ବନ୍ୟା ଯୋଗୁଁ ଗଞ୍ଜାମ ଜିଲ୍ଲାର ଅନେକ ଅଞ୍ଚଳରେ ଖରିଫ୍ ଫସଲ ବିଶେଷ ଭାବରେ କ୍ଷତିଗ୍ରସ୍ତ ହୋଇଥାଏ । ବଂଶଧାରା ନଦୀର ବନ୍ୟା ମୁଖ୍ୟତଃ ଅବିଭକ୍ତ କୋରାପୁଟ ଓ ଗଜପତି ଜିଲ୍ଲାରେ ବିସ୍ତୃତ ଅଞ୍ଚଳକୁ କ୍ଷତି ପହଞ୍ଚାଇଥାଏ । ଏହାବ୍ୟତୀତ ବାଲେଶ୍ୱରରେ ଜଳକା, କାଂଶବାଂଶ, ଭଦ୍ରକରେ ସାଳନ୍ଦୀ, କଟକରେ ସାପୁଆ, କନ୍ଦଳ, ପୁରୀ ଜିଲ୍ଲାରେ ଧନୁଆ, ପ୍ରାଚୀ, ଖୋର୍ଦ୍ଧାରେ ରାଜୁଆ, ମଲାଗୁଣୀ ଓ ରଣ, ନୟାଗଡ଼ରେ କୁସୁମୀ, କଳାହାଣ୍ଡିରେ ହାତୀ ଆଦି ଛୋଟଛୋଟ ନଦୀ ମଧ୍ୟ ବହୁ ସମୟରେ ଫୁଲିଉଠି ଜନବସତି ଓ ଖରିଫ୍ ଫସଲର ବ୍ୟାପକ କ୍ଷତି ଘଟାଇଥାନ୍ତି ।

ବିଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ ୧୯୧୧ ଓ ୧୯୩୭ ମସିହାରେ ମହାନଦୀ ଓ ଏହାର ଶାଖା ନଦୀଗୁଡ଼ିକରେ ଦୁଇଟି ଭୟଙ୍କର ବନ୍ୟା ବିଭୀଷିକା ଦେଖାଦେବା ପରେ ମହାନଦୀର ବନ୍ୟାକୁ ନିୟନ୍ତ୍ରଣ କରିବା ପାଇଁ ଏକ ସ୍ଥାୟୀ ଯୋଜନା କାର୍ଯ୍ୟକାରୀ କରିବାକୁ ଚିନ୍ତା କରାଯାଇଥିଲା । ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶର ନୂତନ ସରକାର ଏଥିପାଇଁ ବିଶ୍ୱବିଖ୍ୟାତ ଇଂଜିନିୟର ଭାରତରତ୍ନ ଏମ୍. ବିଶ୍ୱେଶ୍ୱରାୟାଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରିଥିଲେ । ରାଜ୍ୟର ତ୍ରିକୋଣଭୂମି ଅଞ୍ଚଳକୁ ବନ୍ୟା ବିପ୍ରାତରୁ ରକ୍ଷା କରିବାକୁ ହେଲେ ସମ୍ବଲପୁରର ଉପରମୁଣ୍ଡ ଅଞ୍ଚଳ ହୀରାକୁଦ ଠାରେ ଏକ ଜଳଭଣ୍ଡାର ନିର୍ମାଣ କରିବାକୁ ବିଶ୍ୱେଶ୍ୱରାୟା ପରାମର୍ଶ ଦେଇଥିଲେ । ଏହାଫଳରେ ଉପରମୁଣ୍ଡ ଛତିଶଗଡ଼ ଅଞ୍ଚଳରୁ ଆସୁଥିବା ବିପୁଳ ଜଳରାଶିକୁ ହୀରାକୁଦ ଜଳଭଣ୍ଡାରରେ ଅଟକାଯାଇ ନିୟନ୍ତ୍ରିତ ଭାବରେ ତଳମୁଣ୍ଡକୁ ଛାଡ଼ିବା ପାଇଁ ପ୍ରସ୍ତାବ ରହିଥିଲା । ଏହା ଦ୍ୱାରା କେବଳ ବନ୍ୟା ନିୟନ୍ତ୍ରଣ ନୁହେଁ, ଜଳସେଚନ ଓ ବିଦ୍ୟୁତ୍ ଉତ୍ପାଦନ ଆଦି ବହୁମୁଖୀ ଲକ୍ଷ୍ୟ ସାଧିତ ହୋଇପାରିବ ବୋଲି ଲକ୍ଷ୍ୟ ଧାର୍ଯ୍ୟ ହୋଇଥିଲା । ବିଶେଷଜ୍ଞମାନଙ୍କର ପରାମର୍ଶକୁ ଗ୍ରହଣ କରି ସରକାର ୧୯୪୮ ଅପ୍ରେଲ୍ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦ୍ୱାରା ଭାରତର ଦୀର୍ଘତମ ନଦୀବନ୍ଧ ଯୋଜନା ହୀରାକୁଦ ଜଳଭଣ୍ଡାରର ଶିଳାନ୍ୟାସ କରାଇଥିଲେ । ଏହି ଯୋଜନା ଦ୍ୱାରା ବହୁ ସଂଖ୍ୟକ ଗ୍ରାମ ଓ ଜନବସତି ଜଳମଗ୍ନ ହେଉଥିବାରୁ ପ୍ରଥମ ଅବସ୍ଥାରେ । ସ୍ଥାନୀୟ ଜନସାଧାରଣ ବନ୍ଧ ନିର୍ମାଣକୁ ପ୍ରବଳ ପ୍ରତିରୋଧ କରିଥିଲେ । ତେବେ ସରକାରଙ୍କ ତତ୍ପରତା ଓ ପଦକ୍ଷେପ ଯୋଗୁଁ ବନ୍ଧ ନିର୍ମାଣ କାର୍ଯ୍ୟ ଆଗେଇ ଚାଲି ୧୯୫୭ ମସିହାରେ ସଂପୂର୍ଣ୍ଣ ହୋଇଥିଲା ଏବଂ ପ୍ରଧାନମନ୍ତ୍ରୀ ନେହେରୁ ସେହିବର୍ଷ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ । ହୀରାକୁଦ ବନ୍ଧ ନିର୍ମାଣ କରାଯିବା ଦ୍ୱାରା ମହାନଦୀରେ ବନ୍ୟା ପ୍ରକୋପ ହ୍ରାସ ପାଇବ ବୋଲି ଆଶା

**ବିଶେଷଜ୍ଞମାନଙ୍କର ପରାମର୍ଶକୁ ଗ୍ରହଣ କରି ସରକାର ୧୯୪୮ ଅପ୍ରେଲ୍ ମାସରେ ତତ୍କାଳୀନ ପ୍ରଧାନମନ୍ତ୍ରୀ ପଣ୍ଡିତ ଜବାହରଲାଲ ନେହେରୁଙ୍କ ଦ୍ୱାରା ଭାରତର ଦୀର୍ଘତମ ନଦୀବନ୍ଧ ଯୋଜନା ହୀରାକୁଦ ଜଳଭଣ୍ଡାରର ଶିଳାନ୍ୟାସ କରାଇଥିଲେ । ଏହି ଯୋଜନା ଦ୍ୱାରା ବହୁ ସଂଖ୍ୟକ ଗ୍ରାମ ଓ ଜନବସତି ଜଳମଗ୍ନ ହେଉଥିବାରୁ ପ୍ରଥମ ଅବସ୍ଥାରେ । ସ୍ଥାନୀୟ ଜନସାଧାରଣ ବନ୍ଧ ନିର୍ମାଣକୁ ପ୍ରବଳ ପ୍ରତିରୋଧ କରିଥିଲେ । ତେବେ ସରକାରଙ୍କ ତତ୍ପରତା ଓ ପଦକ୍ଷେପ ଯୋଗୁଁ ବନ୍ଧ ନିର୍ମାଣ କାର୍ଯ୍ୟ ଆଗେଇ ଚାଲି ୧୯୫୭ ମସିହାରେ ସଂପୂର୍ଣ୍ଣ ହୋଇଥିଲା ଏବଂ ପ୍ରଧାନମନ୍ତ୍ରୀ ନେହେରୁ ସେହିବର୍ଷ ଏହାକୁ ଆନୁଷ୍ଠାନିକ ଭାବରେ ଉଦ୍‌ଘାଟନ କରିଥିଲେ ।**

**YOJANA (Odia) : Monthly** **July 2016** **RNI No. 57203/93**
ISSN 0971-8346
Total Number of Pages (56)

# କେନ୍ଦ୍ରୀୟ ତଥା ରାଜ୍ୟ ସିଭିଲ ସର୍ଭିସ ଆଶାୟୀ ପ୍ରତିଯୋଗୀମାନଙ୍କୁ ଏକ ଆହ୍ୱାନ

ସମ୍ମାନଜନକ ସିଭିଲ ସର୍ଭିସ ଓ ଅନ୍ୟାନ୍ୟ ନିଯୁକ୍ତି ସଂକ୍ରାନ୍ତ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ନିଜ ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢିତୋଳନ୍ତୁ ।

## ଯୋଜନା ପଢନ୍ତୁ ଏବଂ ଜ୍ଞାନ ପରିସର ପରିବ୍ୟାପ୍ତ କରନ୍ତୁ ।

ଯୋଜନା, ଦେଶର ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟକ୍ରମ ପ୍ରତି ସମର୍ପିତ, ଜାତୀୟ ତଥା ସାଂପ୍ରତିକ ଜ୍ୱଳନ୍ତ ସମସ୍ୟାବଳୀ, ଅର୍ଥନୈତିକ ଓ ସାମାଜିକ ବିକାଶ, କୃଷି, ଶିଳ୍ପ, ବାଣିଜ୍ୟ, ପରିବହନ, ଯୋଗାଯୋଗ, ଖାଉଟୀସୁରକ୍ଷା, ପରିବେଶ ସଂରକ୍ଷଣ, ପଞ୍ଚାୟତିରାଜ ଏବଂ ଗ୍ରାମ୍ୟ ଉନ୍ନୟନ ବିଷୟ ସାଙ୍ଗକୁ ସାଂସ୍କୃତିକ ତଥା ମହିଳା, ଯୁବ ଓ ଶିଶୁ ବିକାଶ ଇତ୍ୟାଦି ବିଷୟରେ ସୁପ୍ରତିଷ୍ଠିତ ଗବେଷକ ତଥା ବିଶେଷଜ୍ଞମାନଙ୍କ ଦ୍ୱାରା ଲିଖିତ ବିଶ୍ଳେଷଣାତ୍ମକ ପ୍ରବନ୍ଧମାନ ପ୍ରକାଶ କରିଥାଏ । ଯୋଜନା ନିୟମିତ ପଠନ ଦ୍ୱାରା ବିଭିନ୍ନ ପ୍ରତିଯୋଗିତାମୂଳକ ପରୀକ୍ଷାର୍ଥୀ, ମହାବିଦ୍ୟାଳୟ ତଥା ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀ, ଅଧ୍ୟାପକ, ଗବେଷକ, ବୁଦ୍ଧିଜୀବୀ ତଥା ଜ୍ଞାନପିପାସୁ ସାଧାରଣ ପାଠକ ପାଠିକା ଉପକୃତ ହେଉଛନ୍ତି ।

### ଆପଣ ମଧ୍ୟ କାହିଁକି ଉପକୃତ ହେବେ ନାହିଁ ?

ଯୋଜନାର ଗ୍ରାହକ ହୁଅନ୍ତୁ ଏବଂ ନିଯୁକ୍ତି କ୍ଷେତ୍ର ଲାଗି ନିଜକୁ ଉପଯୁକ୍ତ ପ୍ରତିଯୋଗୀ ରୂପେ ଗଢି ତୋଳନ୍ତୁ ।

### ଓଡିଶାରେ ଯୋଜନା ପତ୍ରିକାର ମୁଖ୍ୟ ଏଜେଣ୍ଟ

* ଅକ୍ଷୟ କୁମାର ନାୟକ, ବସଷ୍ଟାଣ୍ଡ ବୁକ୍ ଷ୍ଟଲ, ଭୁବନେଶ୍ୱର -୯ * ମାଧବ ବୁକ୍ ଷ୍ଟୋର, ବାଦାମବାଡି, କଟକ -୯ * ମୂର୍ତ୍ତି ନ୍ୟୁଜ୍ ଏଜେନସୀ, ଓଲ୍ଡ ବସ୍ ଷ୍ଟାଣ୍ଡ, ବ୍ରହ୍ମପୁର, ଗଞ୍ଜାମ * ଶିବ ଶକ୍ତି, ପୁସ୍ତକାଳୟ ସେକ୍ଟର-୨, ବସ୍ଷ୍ଟାଣ୍ଡ, ରାଉରକେଲା । *ଗାୟତ୍ରୀ ଭଣ୍ଡାର, ବସନ୍ତ ବିହାର, ଯୁବଲୀଟାଉନ, ଭାପୁର-ଶଙ୍କରପୁର ରୋଡ, ଢେଙ୍କାନାଳ ଏବଂ ସମସ୍ତ **Employment News** ବିକ୍ରେତା ।

### "ଯୋଜନା"ର ଗ୍ରାହକ ଦେୟ

*ପ୍ରତି ଖଣ୍ଡ -୨୨/-ଟଙ୍କା, ବାର୍ଷିକ -୨୩୦/-ଟଙ୍କା, ଦ୍ୱିବାର୍ଷିକ -୪୩୦/- ଟଙ୍କା, ତ୍ରୈବାର୍ଷିକ -୬୧୦/-ଟଙ୍କା, ବିଶେଷାଙ୍କ - ୩୦/- ଟଙ୍କା

### ଗ୍ରାହକ ଦେୟ ପଠାଇବା ଠିକଣା :

**Advertisement & Circulation Manager, YOJANA**
**Publications Division, Min. of I & B,**
**Soochna Bhawan, Room 48-53, CGO Complex, Lodi Road, New Delhi - 110003**
**The subscription may be sent through IPO/MO or Bank Draft in favour of the**
**"Director, Publications Division, Ministry of Information & Broadcasting, New Delhi**

Printed and Published by Dr. (Ms) Sadhana Rout, Director General & Head on behalf of Publications Division, Ministry of I & B, Govt. of India, Published from Soochna Bhavan, CGO Complex, Lodhi Road, New Delhi-110003 and Printed at : Print-Tech Offset Pvt. Ltd., Plot No. F66/1 & F66/2, Chandaka Industrial Area, Bhubaneswar - 24
Editor : Dr. Girish Chandra Dash